


ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17




Vol. 34 | ISSUE 82 | ଭାଗ ୩୪ | ସଂଖ୍ୟା ୮୨ Bhubaneswar | Saturday 14 June 2025 | Page 8 Rs. 4.00 ● ଭୁବନେଶ୍ୱର ଶନିବାର ୧୪ ଜୁନ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

**ଅହମ୍ମଦାବାଦ ହରର୍**

# ମୃତ୍ୟୁସଂଖ୍ୟା ମୋତେ ନିର୍ବାକ୍ କରିଦେଇଛି





**ଅହମ୍ମଦାବାଦ,୧୩।୬:** ଗତକାଲି ଅହମ୍ମଦାବାଦରେ ଘଟିଥିବା ଭୟାବହ ବିମାନ ଦୁର୍ଘଟଣା ସମଗ୍ର ବିଶ୍ୱକୁ ସ୍ତବ୍ଧ କରିଦେଇଥିବା ବେଳେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘଟଣାସ୍ଥଳରେ ପହଞ୍ଚିଛନ୍ତି। ତେବେ ସେଠାକାର ଦୃଶ୍ୟ ଦେଖି ସେ ଭାବବିହ୍ୱଳ ହେବା ସହ ଏତେ ଅଧିକ ସଂଖ୍ୟକ ଲୋକଙ୍କ ମୃତ୍ୟୁ ତାଙ୍କୁ ଏକରକମ ନିର୍ବାକ୍ କରିଦେଇଛି ବୋଲି କହିଛନ୍ତି। ପ୍ରଧାନମନ୍ତ୍ରୀ ଦୁର୍ଘଟଣାସ୍ଥଳ ବୁଲି କରି ଦେଖିବା ସହ ଏହି ଘଟଣାରେ ଶୋକ ପ୍ରକାଶ କରି 'ସ୍ତବ୍ଧ ଏବଂ ଦୁଃଖିତ' ବୋଲି କହିବା ସହ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିବା ଟିମ୍‌ର ସଦସ୍ୟମାନଙ୍କୁ ଭେଟି ସେମାନଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଶୋକସନ୍ତପ୍ତ

**ଆହତ ଓ ପ୍ରଭାବିତ ପରିବାରଙ୍କୁ ଭେଟିଲେ**

**ବିଶ୍ୱାସଙ୍କଠୁ ଶୁଣିଲେ ରୋମାଞ୍ଚଭରା ସତ୍ୟ**

**ଜରୁରୀ ବୈଠକରେ କଲେ ସମୀକ୍ଷା**

**ରୂପାନୀଙ୍କ ପରିବାରକୁ ଭେଟିଲେ**

ପରିବାରବର୍ଗ ଯେଉଁ ଅପାର ଯନ୍ତ୍ରଣା ଏବଂ କ୍ଷତି ସହୁଛନ୍ତି ତାହା ସ୍ୱୀକାର କରି ପ୍ରଧାନମନ୍ତ୍ରୀ ସେମାନଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଆଜି ସକାଳେ ମୋଦି ଅହମ୍ମଦାବାଦର ଦୁର୍ଘଟଣାସ୍ଥଳ ପରିଦର୍ଶନ କରି ପରିସ୍ଥିତିର ପ୍ରତ୍ୟକ୍ଷ ଆକଳନ କରିଥିଲେ। ମୋଦି ତାଙ୍କ ସୋସିଆଲ ମିଡିଆ 'ଏକ୍ସ'ରେ ଭିନ୍ନ ଭିନ୍ନ ପୋଷ୍ଟରେ କହିଛନ୍ତି, ଅହମ୍ମଦାବାଦରେ ହୋଇଥିବା ବିମାନ ଦୁର୍ଘଟଣାରେ ଆମେ ସମସ୍ତେ ମର୍ମାହତ। ଅକସ୍ମାତ ଘଟିଥିବା ଏହି ହୃଦୟ ବିଦାରକ ଦୁର୍ଘଟଣାରେ ଏତେ ଲୋକଙ୍କ ଜୀବନ ହାନି ଘଟିବାକୁ ଶବ୍ଦରେ ବର୍ଣ୍ଣନା କରିହେବ ନାହିଁ। ସମସ୍ତ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା। ଆମେ ସେମାନଙ୍କର ➪ପୃଷ୍ଠା-୬

## ୨୪ ଘଣ୍ଟାରେ ମିଳିଲା ବ୍ଲାକ୍‌ବକ୍ସ




ଭାରତର ବିମାନ ସେବା କ୍ଷେତ୍ରରେ ଘଟିଛି ଭୟଙ୍କର ଦୁର୍ଘଟଣା। ଅହମଦାବାଦରୁ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆ ବିମାନ ମେଡିକାଲ କଲେଜ ହଷ୍ଟେଲ ଉପରେ ଖସିପଡ଼ି ଜଳିଯାଇଛି। ଆଜି ଦୁର୍ଘଟଣାସ୍ଥଳରୁ ମିଳିଛି ବିମାନର ଗୋଟିଏ ବ୍ଲାକବକ୍ସ। ଦ୍ୱିତୀୟ ବ୍ଲାକ ବାକ୍ସ ଖୋଜା ଚାଲିଛି। ଏହି ବ୍ଲାକ ବାକ୍ସରୁ ଜଣାପଡିବ ଉଡ଼ାଣ ଭରିବା ପରେ ଏତେ ବଡ଼ ଦୁର୍ଘଟଣା କିପରି ଘଟିଲା। ଅହମ୍ମଦାବାଦରେ ଦୁର୍ଘଟଣାଗ୍ରସ୍ତ ବିମାନର ଡାଟା ରେକର୍ଡର ଏବଂ କକପିଟ ଭଏସ ରେକର୍ଡର ଉଭୟ ମିଳିଛି। ଏଥିରୁ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର କାରଣ ଖୁବ ଶୀଘ୍ର ଜଣାପଡିବ। ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆ ବିମାନ ➪ପୃଷ୍ଠା-୬

## ତଦନ୍ତ ଆରମ୍ଭ କଲା ଏଏଆଇବି

ଅହମ୍ମଦାବାଦ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ତଦନ୍ତ କରିବେ ଏକାଧିକ ଏଜେନ୍ସି। ଏହି ବିମାନଟି ଖସିପଡ଼ିବା ରହସ୍ୟ ଲୁଚି ରହିଥିବାରୁ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ ଏଏଆଇବି ଏହି ଦୁର୍ଘଟଣାର ତଦନ୍ତ କରିବ। ଏଥିରେ ୨୪୧ ଜଣ ଯାତ୍ରୀ ଏବଂ ଅନେକ ଲୋକଙ୍କ ମୃତ୍ୟୁ ଘଟିଛି। ରିପୋର୍ଟ ଅନୁଯାୟୀ, ଦୁର୍ଘଟଣା ପରେ ଅନ୍ତର୍ଜାତୀୟ ବେସାମରିକ ବିମାନ ଚଳାଚଳ ସଂଗଠନ ଆଇସିଏଓ ଦ୍ୱାରା ସ୍ଥିର କରାଯାଇଥିବା ଅନ୍ତର୍ଜାତୀୟ ପ୍ରୋଟୋକଲ ଅନୁଯାୟୀ ଏଏଆଇବି ଦ୍ୱାରା ଏକ ଆନୁଷ୍ଠାନିକ ତଦନ୍ତ ଆରମ୍ଭ କରାଯାଇଛି। ଏହା ବ୍ୟତୀତ ସରକାର ଏହି ମାମଲାକୁ ବିସ୍ତୃତ ଭାବରେ ଯାଞ୍ଚ କରିବା ପାଇଁ ବିଭିନ୍ନ ବିଭାଗର ବିଶେଷଜ୍ଞଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ ଏକ ବିବୃତ୍ତିରେ କହିଛନ୍ତି ଏହି କମିଟି ବିମାନ ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ଭବିଷ୍ୟତରେ ଏପରି ଦୁର୍ଘଟଣା ରୋକିବା ପାଇଁ କାର୍ଯ୍ୟ କରିବ। ଏୟାର ଇଣ୍ଡିଆ ବିମାନ ଏଆଇ ୧୭୧ ଦୁର୍ଘଟଣା ସମ୍ପର୍କରେ ଏକ ବିବୃତ୍ତିରେ ଆମେରିକୀୟ ବିମାନ ନିୟାମକ ଫେଡେରାଲ ଏଭିଏସନ୍ ଆଡମିନିଷ୍ଟ୍ରେସନ୍ ଏଫଏଏ କହିଛି ଯେ ଏହା ଜାତୀୟ ପରିବହନ ସୁରକ୍ଷା ବୋର୍ଡ ଏନଟିଏସବି ସହିତ ଯୋଗାଯୋଗରେ ଅଛି। ଯେତେବେଳେ କୌଣସି ଅନ୍ତର୍ଜାତୀୟ ଘଟଣା ଘଟେ, ସେହି ସରକାର ତଦନ୍ତର ନେତୃତ୍ୱ ନିଅନ୍ତି। ସହାୟତା ଅନୁରୋଧ କରାଯିବା କ୍ଷେତ୍ରରେ ଏନଟିଏସବି ହେଉଛି ସରକାରୀ ➪ପୃଷ୍ଠା-୬

**ଡିଜିସିଏଙ୍କ କଡ଼ା ନିର୍ଦ୍ଦେଶ**

## ସବୁ ବୋଇଂ ୮୭୮ ବିମାନର ସୁରକ୍ଷା ଯାଞ୍ଚ ଜରୁରୀ

**ଅହମ୍ମଦାବାଦ, ୧୩।୬:** ଗୁଜରାଟର ଅହମ୍ମଦାବାଦରେ ଘଟିଥିବା ଭୟଙ୍କର ବିମାନ ଦୁର୍ଘଟଣା ପରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ବୋଇଂ ୭୮୭-୮/୯ ବିମାନର ସୁରକ୍ଷା ଯାଞ୍ଚ ବୃଦ୍ଧି କରିବାକୁ ନିର୍ଦ୍ଦେଶ ଜାରି କରିଛି। ଏହି ନୂତନ ନିର୍ଦ୍ଦେଶ ଜୁନ୍ ୧୫ ତାରିଖ ରାତି ୧୨ଟାରୁ କାର୍ଯ୍ୟକାରୀ ହେବ। ଉଡ଼ାଣ ପୂର୍ବରୁ ଅନେକ ଗୁରୁତ୍ୱପୂର୍ଣ୍ଣ ବୈଷୟିକ ଯାଞ୍ଚ ପାଇଁ ଡିଜିସିଏ ନିର୍ଦ୍ଦେଶ ଦେଇଛି। ଡିଜିସିଏ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ, ଉଡ଼ାଣ ପୂର୍ବରୁ ଇନ୍ଧନ ପାରାମିଟର ମନିଟରିଂ ଏବଂ ସମ୍ବନ୍ଧିତ ସିଷ୍ଟମ ଯାଞ୍ଚ କରାଯିବ। ଏହା ବ୍ୟତୀତ କ୍ୟାବିନ ଏୟାର କମ୍ପ୍ରେସର, ଇଲେକ୍ଟ୍ରୋନିକ୍ ଇଞ୍ଜିନ୍ କଣ୍ଟ୍ରୋଲ ସିଷ୍ଟମ, ଇଞ୍ଜିନ୍ ଫୁଏଲ ଡ୍ରିଭେନ ଆକ୍ଟୁଏଟର, ହାଇଡ୍ରୋଲିକ୍ ସିଷ୍ଟମର ସେବାଯୋଗ୍ୟତା ଏବଂ ଉଡ଼ାଣ ପାରାମିଟରଗୁଡ଼ିକର କାର୍ଯ୍ୟକ୍ଷମତା ପରୀକ୍ଷା ଓ ସମୀକ୍ଷା କରାଯିବ। ଡିଜିସିଏ କହିଛି ଯେ ଏବେ ଟ୍ରାଞ୍ଜିଟ୍ ➪ପୃଷ୍ଠା-୬



## ଦୁଇ ହାର୍ଡକୋର୍ ମାଓବାଦୀ ଗିରଫ

**ମୁଣ୍ଡରେ ଥିଲା ୧୦ ଲକ୍ଷର ପୁରସ୍କାର**

**ଭୁବନେଶ୍ୱର,୧୩।୬(ସଂଚାର ବ୍ୟୁରୋ):** ମାଓବାଦୀ ଅଭିଯାନ କ୍ଷେତ୍ରରେ ମାଲକାନଗିରି ପୁଲିସକୁ ବଡ଼ ସଫଳତା। ଦୁଇ ଦୁର୍ଦ୍ଦାନ୍ତ ମାଓବାଦୀ ଗିରଫ। ଗିରଫ ହୋଇଥିବା ଦୁଇ ମାଓବାଦୀ ହେଉଛନ୍ତି କେସା କୱାସି ଓ ରାକେଶ ଓରଫ ସାନୁ କୁଞ୍ଜମ। ଉଭୟେ ଏସିଏମ୍ ର୍‍ୟାଙ୍କର ହୋଇଥିବା ବେଳେ ସେମାନଙ୍କୁ ଧରାଇଦେବା ସକାଶେ ୫ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ଘୋଷଣା କରିଥିଲା। ଏହି ମାଓବାଦୀମାନେ ଓଡ଼ିଶା ସହ ପଡ଼ୋଶୀ ଛତିଶଗଡ଼ ଓ ତେଲେଙ୍ଗାନାରେ ସଂଘଟିତ ବିଭିନ୍ନ ହିଂସାକାଣ୍ଡ ସହ ଜଡ଼ିତ ଥିଲେ। ସେମାନଙ୍କ ନିକଟରୁ ଗୋଟିଏ ପିସ୍ତଲ, ୬ ରାଉଣ୍ଡ ଗୁଳି, ଇଲେକ୍ଟ୍ରିକ୍ ଡିଟୋନେଟର୍, କୋଡେକ୍ସ ତାର, ଗନ୍ ପାଉଡର୍, ୱାକିଟକି, ବ୍ୟାଟେରୀ, ମାଓବାଦୀ ପୁସ୍ତିକା ସମେତ ଅନ୍ୟାନ୍ୟ ଅପରାଧିକ ସାମଗ୍ରୀ ଜବତ କରାଯାଇଛି। କେସା କୱାସିର ଘର ଛତିଶଗଡ଼ର ବସ୍ତର ଜିଲ୍ଲା ଦରବା ଥାନା ଅଞ୍ଚଳରେ ହୋଇଥିବା ବେଳେ ସାନୁ କୁଞ୍ଜମ ଓରଫ ରାକେଶର ଘର ଛତିଶଗଡ଼ର ବିଜାପୁର ଜିଲ୍ଲା ଗାଙ୍ଗଲୁର ଥାନା ଅଞ୍ଚଳରେ। ସୂଚନାନୁଯାୟୀ, ଗତ ଜୁନ ୧୨ ତାରିଖ ବିଳମ୍ବିତ ରାତି ସମୟରେ ମାଥିଲି ଥାନା ଅଧୀନ ସୋଡିଗୁଡ଼ା ଏବଂ ତେନ୍ତୁଲିଗୁଡ଼ା ଗ୍ରାମ ନିକଟସ୍ଥ ଜଙ୍ଗଲରେ କିଛି ମାଓବାଦୀଙ୍କ ଗତିବିଧି ସମ୍ପର୍କରେ ଗୁଇନ୍ଦା ସୂଚନା ମିଳିଥିଲା। ଏହାକୁ ଆଧାର କରି ପୁଲିସ ପକ୍ଷରୁ ➪ପୃଷ୍ଠା-୬

## ଯାଜପୁର ଓ ଭଦ୍ରକରେ ହଇଜା ଆତଙ୍କ

**ଭୁବନେଶ୍ୱର,୧୩।୬(ସଂଚାର ବ୍ୟୁରୋ):** ଯାଜପୁର ଓ ଭଦ୍ରକର କିଛି ଅଞ୍ଚଳରେ ବ୍ୟାପିଛି ହଇଜା। ଏହି ଦୁଇ ଜିଲ୍ଲାର କିଛି ସଂକ୍ରମିତ ଅଞ୍ଚଳରୁ ସଂଗ୍ରହ ହୋଇଥିବା ୪୧ଟି ଝାଡା ନମୁନା ମଧ୍ୟରୁ ୮ଟିରେ କଲେରା ବା ହଇଜା ପଜିଟିଭ ଭୂତାଣୁ ଥିବା ସଙ୍କେତ ମିଳିଛି। ମୁଖ୍ୟ ଶାସନ ସଚିବଙ୍କୁ ଆଜି ଏନେଇ ଅବଗତ କରିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ। ୧୦ ଦିନ ମଧ୍ୟରେ ବିଶୋଧନ କାର୍ଯ୍ୟ ସାରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ।

ଯାଜପୁରରେ ସୋମବାର ରାତିରୁ ଆରମ୍ଭ ହୋଇଥିବା ଝାଡ଼ାବାନ୍ତି ଅଣାୟତ୍ତ ହେବାରେ ଲାଗିଛି। ଆଉ ୨ ଜଣଙ୍କ ମୃତ୍ୟୁ ସହ ମୋଟ୍ ମୃତ୍ୟୁସଂଖ୍ୟା ୬ ରେ ପହଞ୍ଚିଛି। ସେପଟେ ଜିଲ୍ଲାରେ ➪ପୃଷ୍ଠା-୬



- ୪୧ନମୂନାରୁ ୮କଲେରା ପଜିଟିଭ
- ମୁଖ୍ୟ ସଚିବଙ୍କୁ ଅବଗତ କଲେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ
- ୧୦ ଦିନରେ ବିଶୋଧନ କାମ ସରିବାକୁ ନିର୍ଦ୍ଦେଶ

**ଯାଜପୁର ଜିଲ୍ଲାରେ କର୍ମଚାରୀଙ୍କ ଛୁଟି ବାତିଲ**

ଯାଜପୁର ଜିଲ୍ଲାରେ ଝାଡ଼ାବାନ୍ତି ଆତଙ୍କୁ ନେଇ ଜିଲାରେ ଛୁଟି ବାତିଲ କରିଯାଇଛି। ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ୧୪ ତାରିଖରୁ ୧୬ ତାରିଖ ଯାଏଁ ଛୁଟି ବାତିଲ ହୋଇଛି। ସ୍ଥିତିକୁ ଦୃଷ୍ଟିରେ ରଖି ସ୍ଥାନୀୟ ଜିଲ୍ଲାପାଳ ଏପରି ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଦିଆଯାଇଥିବା ଛୁଟିକୁ ମଧ ବାତିଲ କରିଦିଆଯାଇଛି। ଏଥିସହ ଅନ୍ୟାଦେଶ ପର୍ଯ୍ୟନ୍ତ ସମସ୍ତ ସରକାରୀ ଅଫିସ ଖୋଲା ରହିବ ବୋଲି ମଧ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି।

**କଟକରେ ରାଜ୍ୟସ୍ତରୀୟ ନାରୀ ଶକ୍ତି ସମାବେଶ**

## ବଳିଷ୍ଠ ସଂକଳ୍ପର ଉଦାହରଣ 'ସୁଭଦ୍ରା': ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୩।୬(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ଅବସରରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଦ୍ୱାରା କଟକର ବାଲିଯାତ୍ରା ପଡ଼ିଆ ଠାରେ ଆଜି ରାଜ୍ୟସ୍ତରୀୟ ନାରୀ

**ନାରୀଙ୍କୁ ସମ୍ମାନ ଆମ ରାଜନୈତିକ ପ୍ରଶିକ୍ଷଣର ପ୍ରଥମ ଶିକ୍ଷା**

ଶକ୍ତି ସମାବେଶ ଆୟୋଜିତ ହୋଇଯାଇଛି। ଏହି ରାଜ୍ୟସ୍ତରୀୟ ସମାବେଶରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ନାରୀଙ୍କୁ ସମ୍ମାନ ପ୍ରଦାନ କରିବା ଆମ ରାଜନୈତିକ ପ୍ରଶିକ୍ଷଣର ପ୍ରଥମ ଶିକ୍ଷା ବୋଲି କହିଛନ୍ତି। ସମାବେଶର ଏକମାତ୍ର ଉଦ୍ଦେଶ୍ୟ



ଓଡ଼ିଶାର ନାରୀ ଶକ୍ତିକୁ ଆମର ସବୁଠାରୁ ଶ୍ରେଷ୍ଠ ଶକ୍ତି କରି ଗଢି ତୋଳିବା ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ସରକାର ଏକ ବର୍ଷ ପୂରଣ ପରେ ଦ୍ୱିତୀୟ ବର୍ଷର ପ୍ରଥମ କାର୍ଯ୍ୟକ୍ରମ ଏହି ନାରୀ ଶକ୍ତି ସମାବେଶ ବୋଲି ମତ ଦେଇଛନ୍ତି। ସେ କହିଛନ୍ତି ଯେ ଆମେ ବିଶ୍ୱାସ କରୁ ଯେ ଯେତେ ପର୍ଯ୍ୟନ୍ତ ରାଜ୍ୟର ଅଧା ଜନସଂଖ୍ୟାର ବିକାଶ ହୋଇ ନାହିଁ, ରାଜ୍ୟ କେବେ ବି ବିକଶିତ ହୋଇ ପାରିବ ନାହିଁ। ଐତିହାସିକ ସହର କଟକ ଠାରେ ଏହିକାର୍ଯ୍ୟକ୍ରମର ଶୁଭାରମ୍ଭ ଓଡିଶାର ମାଆ ଓ ଭଉଣୀ ମାନଙ୍କ ପାଇଁ ଏକ ସୁବର୍ଣ୍ଣ ଯୁଗ ଆଣିବ ବୋଲି ମୁଁ ଦୃଢ ➪ପୃଷ୍ଠା-୬

## ଆଉ ୧୭ ପ୍ରକଳ୍ପକୁ ସିଙ୍ଗଲ ୱିଣ୍ଡୋ ମଞ୍ଜୁରୀ

**ଭୁବନେଶ୍ୱର,୧୩।୬(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ସହ ତାଳ ଦେଇ ଆଗେଇ ଚାଲିଛି ରାଜ୍ୟରେ ଶିଳାନ୍ୟାସ ପ୍ରକ୍ରିୟା। ଆଜି ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୩୭ତମ ସିଙ୍ଗଲଓ୍ୱିଣ୍ଡୋ କ୍ଲିୟରାନ୍ସ ଅଥୋରିଟି ବୈଠକରେ

**୩୮୭୮ କୋଟିର ପୁଞ୍ଜିନିବେଶ ଲକ୍ଷ୍ୟ**

**୧୧ ଜିଲ୍ଲାରେ ୧୦୫୮୪ ନିଯୁକ୍ତି ସୁଯୋଗ**

୧୭ଟି ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ରାଜ୍ୟର ୧୧ଟି ଜିଲ୍ଲାରେ ପ୍ରତିଷ୍ଠା ହେବାକୁ ଥିବା ଏହିସବୁ ପ୍ରକଳ୍ପରେ ୩ହଜାର ୮୭୮ କୋଟି ୮୬ ଲକ୍ଷ ଟଙ୍କା ପୁଞ୍ଜିନିବେଶ ସହ ୧୦ ହଜାର ୫୮୪ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଲକ୍ଷ୍ୟ ରଖାଯାଇଛି। ଆଜି ଅନୁମୋଦନ ପାଇଥିବା ପ୍ରକଳ୍ପଗୁଡିକ ମୁଖ୍ୟ ପ୍ଲାଷ୍ଟିକ, ବୈଷୟିକ ବୟନ, ବୟନ ଓ ପୋଷାକ ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ, ଶକ୍ତି, ଅକ୍ଷୟ ଶକ୍ତି, ପର୍ଯ୍ୟଟନ, ଭିତ୍ତିଭୂମି ବିକାଶ, ରସାୟନ ଓ ଇସ୍ପାତ ଶିଳ୍ପ ସମ୍ପର୍କିତ। ରାଜ୍ୟରେ ପୁଞ୍ଜିନିବେଶ ପାଇଁ ଶିଳ୍ପପତିଙ୍କ ଏହି ଆଗ୍ରହ ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନକୁ ➪ପୃଷ୍ଠା-୬

## ସୁଭଦ୍ରାଙ୍କ ପାଇଁ ବିଜେପି-ବିଜେଡି ବଳ କଷାକଷି

**କୋଟିଏ ସୁଭଦ୍ରାଙ୍କ ଉପରେ ଉଭୟଙ୍କ ନଜର**

**ନିର୍ବାଚନ ପରେ ସୁଭଦ୍ରା ପଦ୍ମମୁହାଁ**





**ଭୁବନେଶ୍ୱର, ୧୩।୬(ସଂଚାର ବ୍ୟୁରୋ):** ସୁଭଦ୍ରାଙ୍କୁ ନିଜ ପଟକୁ ଆଣିବାକୁ ରାଜ୍ୟର ଶାସକ ବିଜେପି ଓ ମୁଖ୍ୟ ବିରୋଧିଦଳ ବିଜେଡି ମଧ୍ୟରେ ଆରମ୍ଭ ହୋଇଛି ବଳ କଷାକଷି । ଦୁଇଟି ଯାକ ଦଳ ଗୋଟିଏ ଦିନରେ ପାଖପାଖି ଜିଲ୍ଲାରେ ମହିଳାଙ୍କୁ ନେଇ ନିଜର ଶକ୍ତି ପ୍ରଦର୍ଶନ କରିବାପରେ ଏହା ସ୍ପଷ୍ଟ ହେବାରେ ଲାଗିଛି।

ବିଜେପି ତାହାର ବର୍ଷପୂର୍ତ୍ତି ଅବସରରେ ଆଜି କଟକ ବାଲିଯାତ୍ରା ପଡିଆରେ କରିଛି ନାରୀ ଶକ୍ତି ସମାବେଶ। ଏହି ସମାବେଶରେ ହଜାର ହଜାର ମହିଳା ଯୋଗ ଦେଇଛନ୍ତି। ସମାବେଶ ପଛର ମୁଖ୍ୟ କାରଣ ହେଲା ସୁଭଦ୍ରା ଯୋଜନାର ହିତାଧିକାରୀମାନଙ୍କୁ ଏକାଠି କରି ନିଜ ପାଖରେ ରଖିବା। ସେମାନଙ୍କୁ ନେଇ ଆଗାମୀ ଦିନରେ କେଉଁଭଳି ନୂଆ ଯୋଜନା କରିହେବ ତାହାର ଖସଡା ପ୍ରସ୍ତୁତ କରିବା। ଏହି ସମାବେଶକୁ ସଫଳ କରିବାପାଇଁ ବିଜେପି ସବୁ ପ୍ରକାର ବନ୍ଦୋବସ୍ତ କରିଥିଲା। ମହିଳାମାନେ ବି ନୂଆ ସରକାରର ନୂଆ ଯୋଜନା ପ୍ରତି ଆକୃଷ୍ଟ ହୋଇଆସିଥିଲେ। ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ସମସ୍ତେ ସେମାନଙ୍କ ସହିତ ଛିଡା ହୋଇଥିଲେ। ସେହିଭଳି ବିଜେପି ମହିଳା ସମାବେଶକୁ କାଉଣ୍ଟର କରିବାକୁ ବିଜେଡି ଯାଜପୁରରେ ଆଜି ଆୟୋଜିତ କରିଥିଲା ଜନଜାଗରଣ ମହିଳା ସମାବେଶ। ଏଥିରେ ବି ବିଜେଡି ଲାଇନ୍‌ରେ ଥିବା ସୁଭଦ୍ରାମାନେ ଏକାଠି ହୋଇଥିଲେ। ତେବେ ସରକାରୀ ସମାବେଶ ତୁଳନାରେ ଏହା ଟିକେ ପଛରେ ପଡିଥିଲା। କାରଣ ବିଜେଡିର ମହିଳା ସମାବେଶରେ ➪ପୃଷ୍ଠା-୬

## ଗୃହରକ୍ଷୀ ଓ ସିଡିଭିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରଜ ଭେଟି



- ଦୈନିକ ଡ୍ୟୁଟି କଲ-ଅପ ଭତ୍ତା ହେଲା ୬୨୩ ଟଙ୍କା
- ପିଛିଲା ଭାବେ ଲାଗୁହେବ
- ୫ ଗୁଣା ହେଲା ସିଡିଭିଙ୍କ ଦୈନିକ ଭତ୍ତା

**ଭୁବନେଶ୍ୱର,୧୩।୬(ସଂଚାର ବ୍ୟୁରୋ):** ରଜର ଦିନକ ପୂର୍ବରୁ ରାଜ୍ୟର ଗୃହରକ୍ଷୀ ଓ ସିଭିଲ୍ ଡିଫେନ୍ସ ଭଲ୍ୟୁଣ୍ଟର୍ସ (ସିଡିଭି)ମାନଙ୍କୁ ସ୍ୱତନ୍ତ୍ର ଭେଟି ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। କାରଣ ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଭୟଙ୍କ ଦୈନିକ ଭତ୍ତା ପରିମାଣକୁ ବୃଦ୍ଧି କରିଛନ୍ତି। ଗୋଟିଏ ପଟେ ଗୃହରକ୍ଷୀମାନଙ୍କ ଦୈନିକ ଡ୍ୟୁଟି କଲ-ଅପ ଭତ୍ତା ୬୧୨ ଟଙ୍କାରୁ ୬୨୩ ଟଙ୍କାକୁ ବୃଦ୍ଧି ପାଇଛି। ଏମାନଙ୍କୁ ଗତ ଜାନୁଆରୀ ପହିଲାରୁ ପିଛିଲା ଭାବେ ଏହି ବର୍ଦ୍ଧିତ ଭତ୍ତା ମିଳିବ ବୋଲି କୁହାଯାଇଛି। ସେହିପରି ମୁଖ୍ୟମନ୍ତ୍ରୀ ସିଡିଭିମାନଙ୍କ ଦୈନିକ ଡ୍ୟୁଟି ଭତ୍ତାରେ ଉଲ୍ଲେଖନୀୟ ବୃଦ୍ଧି କରିଛନ୍ତି। ଏହି ଭତ୍ତା ପରିମାଣକୁ ମୁଖ୍ୟମନ୍ତ୍ରୀ ପାଖାପାଖି ୫ ଗୁଣା ବଢ଼ାଇଦେଇଛନ୍ତି। ➪ପୃଷ୍ଠା-୬

# ରାଏତୁଣ୍ଡି ଆଦର୍ଶ ଗ୍ରାମରେ ପାନୀୟଜଳ ସଙ୍କଟ



**ଡେରାବିଶ,୧୩।୬ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ପ୍ରତ୍ୟେକ ଗ୍ରାମକୁ ପାଇପ ଯୋଗେ ଜଳ ଯୋଗାଇବା ପାଇଁ ଘୋଷଣା କରି ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ମାତ୍ର ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ଏହି ପ୍ରକଳ୍ପର ଅସଲ ଉଦେଶ୍ୟ ସାଧିତ ହୋଇପାରୁ ନାହିଁ। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ଡେରାବିଶ ବ୍ଲକ ଅଞ୍ଚଳରେ। ଏହି ବ୍ଲକ ଅଧାନ ବେଣୀପୁର ପଞ୍ଚାୟତ ରାଏତୁଣ୍ଡି ଗ୍ରାମର ଅଧିବାସୀ ଦୁଇବର୍ଷ ହେବ ଜଳ କ୍ଲଷ୍ଟରେ ଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହେଉଛି।

ଅଭିଯୋଗ ଅନୁସାରେ,ଏହି ଗ୍ରାମର ଅଧିକାଂଶ ଜନସାଧାରଣ ଚାଷ କାର୍ଯ୍ୟକରି ଜୀବିକା ନିର୍ବାହ କରନ୍ତି । ଗ୍ରାମ ପରିସ୍ଥିତିକୁ ଦେଖି ଏହାକୁ ସରକାରଙ୍କ ପକ୍ଷରୁ ଆଦର୍ଶ ଗ୍ରାମରେ ରୂପାନ୍ତରିତ କରାଯାଇ ଗ୍ରାମ୍ୟ ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ମାତ୍ର ପାନୀୟଜଳ ସମସ୍ୟା ଯେପରି ଏହି ଗ୍ରାମବାସୀଙ୍କ ପିଛା ଛାଡୁନାହିଁ। ଦୁଇବର୍ଷ ତଳେ ପ୍ରାୟ ଦୁଇ କିମି ଦୂରରେ ଥିବା ସଦାନନ୍ଦପୁର ପାନୀୟ ଜଳ ପ୍ରକଳ୍ପରୁ ଏହି ଗ୍ରାମକୁ ପାନୀୟ ଜଳ ସଂଯୋଗ ଦିଆଯାଇଥିଲା। କିନ୍ତୁ ପାନୀୟ ଜଳ ପର୍ଯ୍ୟାପ୍ତ ହେଉ ନ ଥିଲେ ମଧ ଗ୍ରାମବାସୀ କୌଣସି ମତେ ଚଳି ଯାଉଥିଲେ। ପରେ ଏହି ଗ୍ରାମରେ ସଡ଼କ ଯୋଜନା କାର୍ଯ୍ୟ ହେବାରୁ ରାସ୍ତା ତଳେ ଥିବା ପାଇପ ଗୁଡ଼ିକ ଫାଟି ଯାଇ ଏହି ଗ୍ରାମକୁ ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା । ଯାହା ଆଜି ଯାଏଁ ସୁଧୁରି ପାରି ନାହିଁ।

ଏ ସମ୍ପର୍କରେ ଗ୍ରାମବାସୀ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଅବଗତ କରିଥିଲେ ମଧ କିଛି ସୁଫଳ ମିଳିନଥିଲା। ଏପରିକି ଏକ ଗଭୀର ନଳକୂପ ଖନନ ପାଇଁ ଗ୍ରାମବାସୀ ଆବେଦନ କରିଥିଲେ ମଧ ଜଣେ ସହକାରୀ ଯନ୍ତ୍ରୀ ଏହି ଗ୍ରାମରେ ଏକ ଗଭୀର ନଳକୂପ ରହିଥିବା ଯୋଗୁଁ ଆଉ ନଳକୂପର ଆବଶ୍ୟକତା ନ ଥିବା ଦର୍ଶାଇଥିଲେ। ପରିତାପର ବିଷୟ ୨୦ ବର୍ଷରୁ ଉର୍ଦ୍ଧହେବ ଏହି ଗ୍ରାମରେ ବସାଯାଇ ଥିବା ଗଭୀର ନଳକୂପଟିରୁ ଦୂଷିତ ପାଣି ବାହାରୁଥିବା ବେଳେ ଯାହା ପାନୀୟଜଳ ପାଇଁ ଉପଯୁକ୍ତ ନୁହେଁ ବୋଲି ଦେଖିବାକୁ ମିଳିଛି। ଫଳରେ ଗ୍ରାମବାସୀ ଜଳକ୍ଲିଷ୍ଟରୁ ରକ୍ଷା ପାଇଁ ଦହଗଞ୍ଜ ହେବାକୁ ପଡୁଛି।

ଏହି ପାନୀୟ ଜଳ ସମସ୍ୟା ସମ୍ପର୍କରେ ବହୁବାର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବର ଠାରୁ ଆରମ୍ଭ କରି ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଜଣାଇଥିଲେ ମଧ କିଛି ସୁଫଳ ମିଳିନାହିଁ। ତେବେ ଗ୍ରାମବାସୀ ଗତ ମାର୍ଚ୍ଚ ୧୨ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଭାଗୀୟ ମୁଖ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଇତି ମଧ୍ୟରେ ଦୁଇମାସ ବିତିବାକୁ ବସିଥିବା ବେଳେ ଗ୍ରାମବାସୀଙ୍କ ସମସ୍ୟା ସମସ୍ୟାରେ ରହିଯାଇଛି।

'ସଂଚାର' ପ୍ରଭାବ

## ପ୍ରଶାନ୍ତଙ୍କୁ ମିଳିଲା ନୂତନ ରାସନ୍ କାର୍ଡ

**ମହାକାଳପଡ଼ା,୧୩।୬ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ବଳିପାଳ ପଞ୍ଚାୟତ ଅନ୍ତର୍ଗତ ଘଣ୍ଟିଆପଲ୍ଲୀ ଗ୍ରାମର ସିନ୍ଧୁ ବେହେରାଙ୍କ ପୁଅ ପ୍ରଶାନ୍ତ ବେହେରାଙ୍କ ନାମରେ ନୂତନ ରାସନ୍ କାର୍ଡ କରିଛି ପ୍ରଶାସନ। ପ୍ରଶାନ୍ତ ବାହାର ରାଜ୍ୟରେ ରହି କୁଶଳୀ ଶ୍ରମିକ ଭାବରେ କାର୍ଯ୍ୟ କରୁଥିଲେ। ଏକ ବିଦ୍ୟୁତ ଆଘାତରେ ସେ ଦୁଇ ମହଲାରୁ ଖସି ପଡିଥିଲେ ଓ ତାଙ୍କ ଶରୀରର ବିଭିନ୍ନ ଅଂଶ ପୋଡି ଯାଇଥିଲା। ରାସନ୍ କାର୍ଡରେ ନାମ ନଥିବାରୁ ତାଙ୍କ ନାମରେ ସ୍ୱାସ୍ଥ୍ୟ କାର୍ଡ ମଧ ନଥିଲା । ଯେଉଁଥିପାଇଁ ତାଙ୍କ ଚିକିତ୍ସାରେ ପରିବାର ଲୋକେ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ରାସନ୍ କାର୍ଡ ରେ ନାମ ସଂଯୋଗ ପାଇଁ ଗୁହାରି କରିଥିଲେ। ଏନେଇ ଦୈନିକ ଖବରକାଗଜ ସଂଚାର ରେ ଖବର ପ୍ରକାଶ ପାଇଥିଲା। ଏହି ଖବରକୁ କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାମାଜିକ ସଙ୍ଗଠନ ଉତ୍କଳମଣି ଯୁବକ ସଂଘ ତରଫରୁ ସଭାପତି ଗୌତମ ବେହେରା ଚିଠି ଲେଖି ପ୍ରଶାସନ ନିକଟରେ ଦାବି ରଖିଥିଲେ। ପ୍ରଶାସନ ତରଫରୁ ଶ୍ରୀ ବେହେରାଙ୍କ ଚିଠିକୁ ଗୁରୁତର ସହ ନେଇ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତରେ ପ୍ରଶାନ୍ତ ଜଣେ ଯୋଗ୍ୟ ହିତାଧିକାରୀ ଜାଣିବା ପରେ ତାଙ୍କ ନାମରେ ଏକ ନୂତନ ରାସନ୍ କାର୍ଡ କରାଇଛି ବିଭାଗ।

## କେରେଡ଼ାଗଡ଼ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**ରାଜନଗର,୧୩।୬ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ କେରେଡାଗଡ଼ସ୍ଥିତ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ରାଜନଗର ତହସିଲଦାର ଯୀଶୁ କୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ଶାନ୍ତି ଶୃଙ୍ଖଳା ମଧ୍ୟରେ କିପରି ରଥଯାତ୍ରା ଅନୁଷ୍ଠିତ ହେବ ସେ ନେଇ ମତ ରଖିଥିଲେ। ବୈଠକରେ ରଥ ନିର୍ମାଣ, ଭକ୍ତମାନଙ୍କ ପାଇଁ ବିଶୁଦ୍ଧ ପାନୀୟଜଳ ଯୋଗାଣ, ରଥଦାଣ୍ଡକୁ ଅବରୋଧମୁକ୍ତ କରିବା, ଟ୍ରାଫିକ ପରିଚାଳନା, ଭକ୍ତଙ୍କ ଭିଡ ସମୟରେ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ମନ୍ଦିରର ବିଶୋଇ ପୀତାମ୍ବର ଦାଶ,ବିଡ଼ିଓ ଅନିରୁଦ୍ଧ ବେହେରା, ଆଇଆଇସି ନରେଶ କୁମାର ସାହୁ,ଡାକ୍ତର ଶିତମ ରଂଜନ ପାତ୍ର, ବିଦ୍ୟୁତ ବିଭାଗର ଜିତେନ୍ଦ୍ର ବଳ, ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ କୃପାସିନ୍ଧୁ ଧଳ,ସମିତି ସଭ୍ୟ ପ୍ରଶାନ୍ତ କୁମାର ରାଉତ,ଅଗ୍ନିଶ୍ରମ ବିଭାଗର ସୁବାସ ଚନ୍ଦ୍ର ବାରିକ,ଆର ଆ ପ୍ରଦ୍ୟୁମ୍ନ ବେହେରା, ଆର ଡବ୍ଲ୍ୟୁ ଏସଏସ ର ନକୁଳ ପଢିହାରୀ, ଶ୍ରୀଜଗନ୍ନାଥ ହାଇସ୍କୁଲର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ରଥ ନିର୍ମାଣ ବଶ୍ୱକର୍ମା ଅଲେଖ ଚନ୍ଦ୍ର ସୂତାର, ବଡପଣ୍ଡା ମଦନମୋହନ ରଥ, ରାଧାଚରଣ ମାଝି,ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ ପ୍ରମୁଖ ଯୋଗ ଦେଇ ଆଲୋଚନା କରିଥିଲେ।

### ଅକ୍ଷୟ ମହାନ୍ତି ସଙ୍ଗୀତ ସନ୍ଧ୍ୟା

## ଅକ୍ଷୟଙ୍କ କାଳଜୟୀ ସଙ୍ଗୀତରେ ସଭିଏଁ ମତୁଆଲା




**କେନ୍ଦ୍ରାପଡ଼ା,୧୩।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବାରୁଅ ସ୍ଥିତ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନ ଆନୁକୁଲ୍ୟରେ ତୁଳସୀ କ୍ଷେତ୍ରାଧିଶ ଶ୍ରୀ ବଳଦେବଜୀଉଙ୍କ ମାଉସୀ ମା ମନ୍ଦିର ନିକଟରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ବିକାଶ ମେଳାର ପ୍ରଥମ ସନ୍ଧ୍ୟାରେ ଓଡ଼ିଆ ସଙ୍ଗୀତ ଜଗତର ପ୍ରବାଦ ପୁରୁଷ ଚିର ସବୁଜ ଅକ୍ଷୟ ମହାନ୍ତିଙ୍କ ସ୍ମୃତିରେ ଅକ୍ଷୟ ମହାନ୍ତି ସଙ୍ଗୀତ ସନ୍ଧ୍ୟା ଅତି ସଫଳତାର ସହିତ ପରିବେଷିତ ହୋଇଯାଇଛି । କଳାନିକେତନର ପ୍ରତିଷ୍ଠାତା ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀ ଉପେନ୍ଦ୍ର କୁମାର ପାଢୀ, ନିରୁପମା ଜେନା ଏବଂ ଶ୍ରୀ ପରିଡା ଅକ୍ଷୟଙ୍କ କାଳଜୟୀ ଭଜନ, ଆଧୁନିକ ଏବଂ ଚଳଚିତ୍ର ସଙ୍ଗୀତ ଗାଇ ସମସ୍ତଙ୍କୁ ମତୁଆଲା କରିଥିଲେ । ସୁଶ୍ରୀ ସ୍ମୃତିରେଖା ବିଶ୍ୱାଳ ଏବଂ ପ୍ରତୀକ୍ଷା ନାୟକ ନୃତ୍ୟ ପରିବେଷଣ କରିଥିଲେ । ଏହି ଅବସରରେ ଜିଲ୍ଲା ସଂସ୍କୃତି ବିଭାଗ ତରଫରୁ ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହ ଏବଂ ରାଜକିଶୋର ରାଉତ ଭାବଗ୍ରାହୀ କଳା ନିକେତନର ମୁଖ୍ୟ ବିମଳ ପରିଡାଙ୍କ ସମେତ ସମସ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପ୍ରକାଶ ଥାଉକି ପାରାଦ୍ୱୀପ ଗଡ଼ ହାଇ ସ୍କୁଲ ପଡିଆରେ ଅନୁଷ୍ଠିତ ରଜ ମହୋତ୍ସବ ରେ ଅନୁଷ୍ଠାନ ତରଫରୁ ଅକ୍ଷୟ ମହାନ୍ତି ସଙ୍ଗୀତ ସନ୍ଧ୍ୟା ମଧ ଅତି ସଫଳତାର ସହିତ ପରିବେଷିତ ହୋଇଥିଲା। କଳାକାରମାନଙ୍କୁ ଉତ୍ସାହିତ କରିବାକୁ ଉଭୟ ସ୍ଥାନରେ ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ତ୍ରଷ୍ଟି ଧୀରାମଣି ପରିଡା ଉପସ୍ଥିତ ଥିଲେ ।

## ବଜ୍ରପାତରେ ଫାଟିଲା ଶତାଧିକ ବର୍ଷର ପୁରୁଣା ଚାକୁଣ୍ଡା ଗଛ

**କେନ୍ଦ୍ରାପଡ଼ା,୧୩।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସହରର ଗୁରୁତ୍ୱପୂର୍ଣ୍ଣ ପୁରୁଣା ବସଷ୍ଟାଣ୍ଡ ଠାରେ ଥିବା ଶତାଧିକ ବର୍ଷର ପୁରୁଣା ଚାକୁଣ୍ଡା ଗଛ ବଜ୍ରପାତ ରେ ଫାଟି ଯାଇଛି । ଶୁକ୍ରବାର ମଧାହ୍ନ ରେ ସାମାନ୍ୟ ବର୍ଷା ସହ ପ୍ରବଳ ଘଡଘଡି ମାରିଥିଲା । ତେବେ ଅଚାନକ ଏହି ଗଛ ଉପରେ ବଜ୍ରପାତ ଘଟି ଗଛଟି ମଝିରୁ ୨ ଫାଳ ହୋଇ ବିପଦଜନକ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି । ଏହି ଗଛଟି ସ୍ଥାନୀୟ ଅଂଚଳରେ ଏକମାତ୍ର ପୁରୁଣା ଗଛ ଥିବାରୁ ବହୁ ପଥଚାରୀ, ଉଠା ଦୋକାନୀ ଓ ସ୍ଥାନୀୟ ଲୋକ ମାନଙ୍କୁ ଛାୟା ପ୍ରଦାନ କରି ଆସୁଥିଲେ ।



ବିଡିଓ, ତହସିଲଦାରଙ୍କ ଉପରେ ଭରସା ପାଉନି

## ଜିଲ୍ଲାପାଳଙ୍କ ନିକଟକୁ ଆସୁଛି ଲମ୍ବା ଅଭିଯୋଗ



**କେନ୍ଦ୍ରାପଡ଼ା,୧୩।୬ (ସଂଚାର ବ୍ୟୁରୋ):** ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିକୁ ଏବେ ଲମ୍ବା ଅଭିଯୋଗ ଆସୁଛି। ସୋମବାର ମାନଙ୍କରେ ଆୟୋଜିତ ଶୁଣାଣିରେ ୧୫୦ରୁ ଅଧିକ ଅଭିଯୋଗ ଆଗତ ହେଉଛି। ଏତେମାତ୍ରାରେ ଅଭିଯୋଗ ଧରି ଲୋକେ ଆସୁଛନ୍ତି ଫଳରେ ସେମାନେ କେତେ ଅବହେଳିତ ହୋଇଛନ୍ତି ତାହା ଦର୍ଶାଉଛି। ଜିଲ୍ଲାରେ ବ୍ଲକ୍ ଉନ୍ନୟନ ଅଧିକାରୀ ଓ ତହସିଲଦାରଙ୍କ ନ୍ୟାୟ ପ୍ରଦାନରେ ଖାମଖିଆଲ ମନୋବୃତ୍ତି ଆପଣଉଛନ୍ତି। ଯେଉଁ ଅଭିଯୋଗ ଆସୁଛି ତାହାକୁ ଗୁରୁତର ସହ ନେଉନାହାନ୍ତି। ସମସ୍ୟା ସମାଧାନ କରିବାରେ ବିଫଳ ହେଉଛନ୍ତି। ବାଧ ହୋଇ ସାଧାରଣ ଲୋକେ ଜିଲ୍ଲାପାଳଙ୍କୁ ଭରସା କରି ରାତିରୁ ଆସୁଛନ୍ତି। ଅଭିଯୋଗ ଫର୍ଦ ଧରି ଧାଡ଼ିରେ ମଧ ଛିଡ଼ା ହେଉଛନ୍ତି। ନ୍ୟାୟ ପାଇଁ ଜିଲ୍ଲାମୁଖ୍ୟଙ୍କୁ ଭେଟି ନେହୁରା ହେଉଛନ୍ତି।

୪ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହୋଇଥିବା ଜନଶୁଣାଣିରେ ୧୫୨ଟି ଅଭିଯୋଗ ଆସିଥିଲା। ଏହା ମଧ୍ୟରୁ ୧୨୩ଟି ବ୍ୟକ୍ତିଗତ ଥିଲା । ଜିଲ୍ଲା ମୁଖ୍ୟାଳୟକୁ ଏତେମାତ୍ରାରେ ବ୍ୟକ୍ତିଗତ ସମସ୍ୟା ଭିତରେ ରହିଛି ଭତ୍ତା, ଆବାସ, ରାଜସ୍ୱ ସମ୍ପର୍କିତ ସର୍ବାଧିକ ଅଭିଯୋଗ। ଯାହା ବ୍ଲକ ସ୍ତରରେ ସମାଧାନ ହେବାକୁ ମୁଖ୍ୟ ଅଧିକାରୀ ସମେତ ପୁରା ଟିମ୍ ରହିଛି। ହେଲେ ସାଧାରଣ ଜନତା ସେଠାରୁ ମୁହଁ ଫେରାଇ ଜିଲ୍ଲାପାଳଙ୍କ ନିକଟକୁ ଆସିବା ତଳସ୍ତରର ବାବୁମାନେ ସେବା ପ୍ରଦାନରେ ଅବହେଳା ପ୍ରଦର୍ଶନ କରୁଥିବା ପ୍ରମାଣିତ କରୁଛି। ସେହି ଭଳି ରାଜକନିକା ବ୍ଲକ୍ ରେ ମେ ୨୭ରେ ହୋଇଥିବା ଶୁଣାଣିରେ ୬୯ ଅଭିଯୋଗ ହୋଇଥିଲା। ମାତ୍ର ୬୩ଟି ପଞ୍ଚାୟତରେ ଏତେମାତ୍ରାର ଅଭିଯୋଗ ଆସି ବା ଅର୍ଥ ବ୍ଲକ ପ୍ରଶାସକ ଓ ତହସିଲ କାର୍ଯ୍ୟାଳୟରୁ ନ୍ୟାୟ ମିଳୁନଥିବା ସ୍ପଷ୍ଟ ଜଣାପଡୁଛି।

## ବିକଳ୍ପ ରାସ୍ତା ଦାବିରେ ଜାତୀୟ ରାଜପଥ ଅବରୋଧ

**ମାର୍ଶାଘାଇ,୧୩।୬ (ସଂଚାର ବ୍ୟୁରୋ):** ୫୩ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଥିବା ବେଳେ ଯାନବାହାନ ଚଳାଚଳ ଯାଆଆସ ଲୋକଙ୍କୁ ଅସ୍ତବ୍ୟସ୍ତ କରୁଛି। ଗ୍ରାମ ଠାରୁ ମାର୍ଶାଘାଇ ପର୍ଯ୍ୟନ୍ତ ଦରକାରୀ କାମ ସହିତ ଛାତ୍ରଛାତ୍ରୀମାନଙ୍କୁ ପାଠ ପଢି ଯିବା ଯିବା ପାଇଁ ନାନା ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଗ୍ରାମ ଠାରୁ ବିକଳ୍ପ ରାସ୍ତା ଦାବିରେ ୫୩ ନମ୍ବର ପାରାଦୀପ- ଚଣ୍ଡିଖୋଲ ଜାତୀୟ ରାଜପଥକୁ ଅବରୋଧ କରିଥିଲେ ରାମିଆଗଞ୍ଜ ଗ୍ରାମବାସୀ ଓ ଛାତ୍ର ଛାତ୍ରୀ। ଆଜି ମାର୍ଶାଘାଇ କ୍ରସିଂ ଛକରେ ଗ୍ରାମବାସୀ ଓ ଛାତ୍ରଛାତ୍ରୀ ମାନେ ରାସ୍ତା ଅବରୋଧ କରି ବିକଳ୍ପ ରାସ୍ତା ଦାବିରେ ନାରାବାଜି କରିଥିଲେ। ଯାହା ଫଳରେ କିଛି ସମୟ ପାଇଁ ରାସ୍ତା ଉପରେ ଶହ ଶହ ଗାଡ଼ି ଛିଡା ହୋଇ ରାସ୍ତା ଜାମ୍ ହୋଇଥିଲା। ସୂଚନା ପାଇ ମାର୍ଶାଘାଇ ପୋଲିସ ଓ ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟ କରୁଥିବା ଠିକା କମ୍ପାନୀ କର୍ତ୍ତୃପକ୍ଷ ଘଟଣା ସ୍ଥଳରେ ପହଞ୍ଚି ଜନସାଧାରଣ ଓ ଛାତ୍ରଛାତ୍ରୀ ମାନଙ୍କୁ ବୁଝାସୁଝା କରିବା ସହିତ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।





## ପେଣ୍ଠପାଳ ପଞ୍ଚାୟତରେ ବିକାଶ ରଥ ସଚେତନତା କାର୍ଯ୍ୟକ୍ରମ

**ପଟ୍ଟାମୁଣ୍ଡାଇ,୧୩।୬ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ପେଣ୍ଠପାଳ ପଂଚାୟତରେ ରାଜ୍ୟ ବିଜେପି ସରକାରଙ୍କ ଶାସନର ୧ବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶ ରଥ ପରିକ୍ରମା ଓ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ଅନ୍ନପୂର୍ଣ୍ଣା ସେଠୀଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ ବ୍ଲକ ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ବିଡ଼ିଓ ଅଶୋକ ମହାନ୍ତି, ଅତିରିକ୍ତ ବିଡ଼ିଓ ସନ୍ତୋଷ କୁମାର ମନ୍ତ୍ରୀ, ବ୍ଲକ ସହକାରୀ ଯନ୍ତ୍ରୀ ପ୍ରସନ୍ନ ରାଉତ ଯୋଗାଣ ନିରୀକ୍ଷକ ପୁଷ୍ପଲତା ଗାହାଣ, ସି ଆର ସି ସି ପ୍ରଦୀପ ତରାଇ , ସି ଏଚ ଓ ଶିବାନୀ ଶ୍ୟାମାପ୍ରଭା ଜେନା, ପିଇଓ ସର୍ବେଶ୍ୱର ବରାଳଏସବିଏମ ସଂଯୋଜକ ରବୀନ୍ଦ୍ର ରାଉତ, ଜି ପି ଡି ଓ ରଂଜିତ ପରିଡ଼ା, ସୋସିଆଲ ଅଡିଟର ନଳିନୀକାନ୍ତ ସ୍ୱାଇଁ ପୂର୍ବତନ ସରପଞ୍ଚ କୈଳାଶ ସେଠୀଙ୍କ ସହ ବହୁ ପ୍ରଶାସନିକ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହିତ ରାସନ, ଅନ୍ତୋଦୟ, ଭତ୍ତା କାର୍ଡ ବଣ୍ଟନ କରିଥିଲେ ।

## ଆରଆଇଙ୍କ ମନମାନି ପାଇଁ ସ୍କୁଲକୁ ମିଳୁନି ଜାଗା

**କେନ୍ଦ୍ରାପଡ଼ା,୧୩।୬ (ସଂଚାର ବ୍ୟୁରୋ):** କନିକା ତହସିଲ ଅଧୀନ ଏକ ଆରଆଇ ସର୍କଲର ବେଖାତିର ମନୋଭାବରୁ ଓଳାଭରର ପ୍ରତିଷ୍ଠିତ ଏକ ଘରୋଇ ବିଦ୍ୟାଳୟ ଲିଜ ସୂତ୍ରରେ ଜମି ଯୋଗାଇ ଦେବା ବିଳମ୍ବ ହୋଇଛି । ଓଳାଭରରେ ପ୍ରତିଷ୍ଠିତ ଅକ୍ସଫୋର୍ଡ଼ ଇଂରାଜୀ ମିଡିୟମ ସ୍କୁଲ ୨୦୦୨ ମସିହାରୁ ପ୍ରତିଷ୍ଠା ହୋଇ ନିରବଚ୍ଛିନ୍ନ ଭାବରେ ଶିକ୍ଷାଦାନ କରିଚାଲିଛି । ବିଦ୍ୟା ଦାନରେ ଉତ୍କୃଷତା ପାଇଁ ଏହି ବିଦ୍ୟାଳୟରେ ଏବେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ୫୩୪ ଛାତ୍ର ଛାତ୍ରୀ ପାଠ ପଢୁଥିବା ବେଳେ ୩୦ ଜଣ ଶିକ୍ଷକ ଓ କର୍ମଚାରୀ ନିୟୋଜିତ ଅଛନ୍ତି। ଚଳିତ ଶିକ୍ଷାବର୍ଷରୁ ନୂତନ ଭାବେ ପ୍ରଚଳିତ ଜାତୀୟ ଶିକ୍ଷାନୀତି ଆଧାରରେ ନବମ ଓ ଦଶମ ଶ୍ରେଣୀ ଖୋଲିବା ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ପାଇଁ ସ୍ଥାନୀୟ ଅଞ୍ଚଳର ଏକ ସରକାରୀ ଜାଗା ଲିଜ ସୂତ୍ରରେ ପାଇବାକୁ ଅନୁଷ୍ଠାନ ଆଗଭର ହୋଇଛନ୍ତି।

ନିୟମ ମୁତାବକ ଏହି ସ୍କୁଲ ଆବଶ୍ୟକୀୟ ସମସ୍ତ ନିୟମ ଅନୁପାଳନ କରି ଲିଜ ପାଇଁ ବଳରାମପୁର ମୌଜାର ୪୫୮ ଖାତାର ୭୦୩ ପ୍ଲଟର ପୁରାତନ ପତିତ ଜମିକୁ ଦୀର୍ଘ ୮ ବର୍ଷ ହେବ ବ୍ୟବହାର କରି ଆସୁଥିବା ପ୍ଲଟରେ ଲିଜ ପାଇଁ ଆବେଦନ କରିଛନ୍ତି । ଏ ସମ୍ପର୍କରେ ସମ୍ପୃକ୍ତ ସ୍କୁଲ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏହି ଆବେଦନ ପରେ ଅଭିଯୋଗ କରିଛନ୍ତି। ପୁନଶ୍ଚ ଆବେଦନକୁ କନିକା ତହସିଲର ନହୁଣୀ ଆରଆଇ ସର୍କଲ ଆରଆଇ ନୀତିହିନ ଭାବରେ ଦିନ ଗଡାଇ ଚାଲିବାରୁ ଏହି ଅନୁଷ୍ଠାନର ଛାତ୍ରଛାତ୍ରୀ ଓ ଅଭିଭାବକ ଏହାର ପ୍ରତିବାଦରେ ଆନ୍ଦୋଳନ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି ।

ସୂଚନାଯୋଗ୍ୟ ଯେ କନିକା ତହସିଲ ଅଧୀନ ଓଳାଭରର ଅକ୍ସଫୋର୍ଡ ଇଂରାଜୀ ମିଡିୟମ ସ୍କୁଲକୁ ଉପରୋକ୍ତ ଜମି ଲିଜ ଦେବାକୁ ଅମିନ ମାପଚୁପ କରି ଟ୍ରେସିଂ ଦେଇଥିବା ବେଳେ ନହୁଣୀ ଆର ଆଇ ଦିନ ଗଡାଇ ଚାଲିଛନ୍ତି । ତେବେ ଏ ସମ୍ପର୍କରେ ସରକାରୀ ନିୟମ ଭାବରେ ଏକ ଖେଳ ପଡିଆ ଆବଶ୍ୟକ ହେଉଥିବା ବେଳେ ସ୍କୁଲ କର୍ତ୍ତୃପକ୍ଷ ଦୀର୍ଘ ଆଠ ବର୍ଷ ହେବ ସ୍କୁଲ ନିକଟସ୍ଥ ଥିବା ଏକ ସରକାରୀ ଜାଗା ପ୍ଲଟ ନମ୍ବର ୭୦୩ ମୌଜା ବଳରାମପୁରକୁ ଆପାତତଃ ଲିଜ ଦେବାକୁ ତତ୍କାଳୀନ ତହସିଲଦାର ଙ୍କ ଜରିଆରେ ବିଚାରକୁ ନେଇ ନହୁଣୀ ଆର ଆଇ କୁ ରିପୋର୍ଟ ଦେବାକୁ ଗତ ୨୬ରେ ନିର୍ଦ୍ଦେଶ ଦେଇଥିଲେ ।




ତିଖିରି ପଞ୍ଚାୟତରେ ବିଚିତ୍ର ନିୟମ

## ବିନା ଜେଇରେ ରାତିରେ ହେଉଛି ଢଳେଇ କାମ



**ମହାକାଳପଡ଼ା,୧୩।୬ (ସଂଚାର ବ୍ୟୁରୋ):** ରାତିରେ ହେଉଛି ଢଳେଇ ରାସ୍ତା କାମ। ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ସବୁ ନିୟମ କାନୁନକୁ ଜଳାଞ୍ଜଳି ଦେଇ ତିଖିରି ପଞ୍ଚାୟତରେ ଢଳେଇ ରାସ୍ତା କାମ କରାଯାଉଛି। ତିଖିରି ଗ୍ରାମର ୧୧ ନମ୍ବର ୱାର୍ଡରେ ସମ୍ପଦ ମହାପାତ୍ରଙ୍କ ଘର ପାଖରୁ ବୁଢି ହେଲୁଣି ଠାକୁରାଣୀ ପର୍ଯ୍ୟନ୍ତ ନୂତନ ଢଳେଇ କାମ ଦିନ ବଦଳରେ ରାତିରେ କରାଯିବାକୁ ନେଇ ସନ୍ଦେହ ବଢ଼ିଛି। ଏଠି ପ୍ରଶ୍ନ ଉଠୁଛି ଯେ ସରକାରଙ୍କ ନିୟମ କାନୁନକୁ ଜଳାଞ୍ଜଳି ଦେଇ କାହା ଛତ୍ରଛାୟାରେ ଏହି ବେଆଇନ୍ କାମ କରାଯାଉଛି। ରାତିରେ ବିନା ଜେଇଙ୍କ ଉପସ୍ଥିତିରେ କାମ କରିବାକୁ କିଏ ଦେଲା ଅନୁମତି। ରାତିରେ କାମ ହେଉଥିବାରୁ ନିମ୍ନମାନର କାମ କରିଯିବା ନେଇ ଆଶଙ୍କା ମଧ ବଢ଼ିଛି। କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ମହାକାଳପଡ଼ା ବ୍ଲକ ପ୍ରଶାସନ ରାତିରେ ହେଉଥିବା ଢଳେଇ କାର୍ଯ୍ୟ ଉପରେ କ'ଣ ପଦକ୍ଷେପ ନେଇଛନ୍ତି ତାହା ଦେଖିବାକୁ ବାକି ରହିଲା।



## ପଟ୍ଟାମୁଣ୍ଡାଇରେ ଅଦ୍ରିକା କିଶୋରୀ ସୁଭଦ୍ରା ଦିବସ

**ପଟ୍ଟାମୁଣ୍ଡାଇ,୧୩।୬ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ଅଦ୍ରିକା କିଶୋରୀ ସୁଭଦ୍ରା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସିଡିପିଓ ଲକ୍ଷ୍ମୀମଣି ସିଂହଙ୍କ ପୌରହିତ୍ୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି, ବିଡ଼ିଓ ଅଶୋକ ମହାନ୍ତି ମୁଖ୍ୟବକ୍ତା ଓ ବ୍ଲକ ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ଅଙ୍ଗନବାଡି ସୁପରଭାଇଜର ତିଲୋତ୍ତମା ରାଉତରାୟ, ତୁଳସୀ ଦାସ ଖୁଲଣା ସୁନ୍ଦରୀ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ୧୦ବର୍ଷରୁ ୧୯ବର୍ଷ ପର୍ଯ୍ୟନ୍ତ ଅଦ୍ରିକା କିଶୋରୀମାନଙ୍କ ମଧରେ ଅନ୍ତର୍ନିହିତ ପ୍ରତିଭା ବିକାଶ ପାଇଁ ସରକାର କିଶୋରୀମାନଙ୍କ ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ସେମାନେ ଆଗକୁ ବଢିଲେ ଦେଶ ଓ ରାଜ୍ୟ ବିକଶିତ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ଏଇ ଅବସରରେ କିଶୋରୀମାନଙ୍କୁ ନେଇ ରଜ ଉତ୍ସବ ପାଳନ କରାଯାଇ ପୁଚି, ରଜ ମୁକୁଟ, ଅଳତା ଲଗା, ନୃତ୍ୟ, ସଂଗୀତ ଆଦି ପ୍ରତିଯୋଗିତା କରାଯିବା ସହିତ ପାରମ୍ପରିକ ରଜ ପିଠା, ପାନ, ଦୋଳି ଏବଂ ସେଲ୍ଫି ପଏନଟ ଆଦି ପ୍ରଦର୍ଶନ କରାଯାଇଥିଲା। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୃତି କିଶୋରୀ ମାନଙ୍କୁ ଅତିଥିମାନେ ସାର୍ଟିଫିକେଟ ଓ ପୁରସ୍କାର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଆ ଇ ସି ଡି ଏସ ପୋଷଣ ବ୍ଲକ ସଂଯୋଜିକା ସୋନାଲି ପରିଡା ଓ ଆ ଇ ସି ଡି ଏସ ଏସ ଏଚ ଡି ସୁଭଦ୍ରା ଶତାବ୍ଦୀ ରାଉତରାୟ ପରିଚାଳନା କରିଥିଲେ । ଏଥିରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ସମସ୍ତ ଅଙ୍ଗନବାଡି କର୍ମୀ ଓ କିଶୋରୀମାନେ ଯୋଗ ଦେଇଥିଲେ ।

## ଭିନ୍ନକ୍ଷମ ଶିଶୁଙ୍କ ପାଇଁ ପୋଷ୍ଟ୍ରେଟିକ୍ ଉପକରଣ ପ୍ରଦାନ

**କେନ୍ଦ୍ରାପଡା,୧୩।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସହର ପୁନର୍ବାସ ଥୋରାପୀ କେନ୍ଦ୍ରରେ ଭିନ୍ନକ୍ଷମମାନଙ୍କ ପାଇଁ କାର୍ଯ୍ୟରତ ଅନୁଷ୍ଠାନ 'ପୁନର୍ବାସ' ଓ ବାଞ୍ଛାନିଧିଦାସ ଶ୍ରୀମତୀ ଦେବୀ ଚାରିଟେବୁଲ୍ ଟ୍ରଷ୍ଟ ଆନୁକୁଲ୍ୟରେ ଭିନ୍ନକ୍ଷମ ଶିଶୁଙ୍କ ପୋଷ୍ଟ୍ରେଟିକ୍ ଉପକରଣ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟରେ ୧୦ଜଣ ଶିଶୁଙ୍କ ଏହି ଉପକରଣ ମାପ ନିର୍ଦ୍ଧାରଣ କରାଯାଇଥିଲା । ପୁନର୍ବାସ ଅନୁଷ୍ଠାନ ପରିସରରେ ପ୍ରସ୍ତୁତ କରାଯାଇଥିବା ପୋଷ୍ଟ୍ରେଟିକ୍ ଉପକରଣ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସୁନାମଧନ୍ୟ ଚିକିତ୍ସକ ଡଃ. ବିଶ୍ୱପ୍ରକାଶ କାନୁନ୍‌ଗୋ, ଅର୍ବାନ୍ ବ୍ୟାଙ୍କର ସଭାପତି ଗୁରୁପ୍ରସାଦ ମହାନ୍ତି, ପୌରସଂସ୍ଥାର ନିର୍ବାହୀ ଅଧିକାରୀ ଅଜିତ୍ ନାରାୟଣ ପ୍ରସାଦ ଗିରି, ଚାରିଟେବୁଲ୍ ଟ୍ରଷ୍ଟର ସଦସ୍ୟ ଭୁବନ ମୋହନ ଦାସ ପ୍ରମୁଖ ଅତିଥିରୂପେ ଯୋଗଦେଇ ଭିନ୍ନକ୍ଷମ ଶିଶୁଙ୍କ ପିତାମାତାଙ୍କ ସହ ଭାବ ବିନିମୟ କରି ନିଜର ସ୍ୱତନ୍ତ୍ର ସନ୍ତାନ ପ୍ରତି ସର୍ବଦା ସକାରାତ୍ମକ ଦୃଷ୍ଟି ଆପଣେଇବାକୁ ପରାମର୍ଶ ଦେଇଥିଲେ । ଉପକରଣ ପ୍ରସ୍ତୁତକାରୀ ସଂସ୍ଥା ଭୁବନେଶ୍ୱରର ଏସ୍.ଏମ୍.ଜି ଫାଉଣ୍ଡେସନ୍‌ର ବରିଷ୍ଠ ଥେରାପିଷ୍ଟ ଗିରିଜାକାନ୍ତ ଖୁଆ ଓ ଗୀତାଞ୍ଜଳି ବେହେରା ପ୍ରମୁଖ ଏହି ଉପକରଣ ବ୍ୟବହାର ସଂପର୍କରେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଅନୁଷ୍ଠାନ ପକ୍ଷରୁ ମୁଖ୍ୟ ଉପଦେଷ୍ଟା ବିରଜା ପ୍ରସାଦ ରାଉତରାୟ କାର୍ଯ୍ୟକ୍ରମକୁ ସଂଚାଳନ କରିଥିବା ବେଳେ ଟ୍ରଷ୍ଟର ମୁଖ୍ୟ ଆମେରିକା ଆଲାସ୍କା ବିଶ୍ୱବିଦ୍ୟାଳୟର ପ୍ରଫେସର ଦେବେନ୍ଦ୍ର କୁମାର ଦାସଙ୍କୁ ସହାୟତା ନିମନ୍ତେ କୃତଜ୍ଞତା ଜ୍ଞାପନ କରିଥିଲେ ।




## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଆନ୍ଦୋଳନ ଚେତାବନୀ

**ରାଜନଗର,୧୩।୬ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଅନ୍ତର୍ଗତ ତାରିଣୀ ମନ୍ଦିର ପରିସରରେ ରାଜନଗର ବ୍ଲକ ଅବସରପ୍ରାପ୍ତ ସରକାରୀ ସଂଘ ପକ୍ଷରୁ ଏକ ଜରୁରୀ କାର୍ଯ୍ୟକାରିଣୀ ବୈଠକ ସଭାପତି କୃପାସିନ୍ଧୁ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗର ସମ୍ପାଦକ ବିଜୟ କୁମାର ଜେନା, ପ୍ରଫେସର ସତ୍ୟବାଦୀ ଜେନା, କ୍ଷୀରୋଦ କୁମାର ମଲ୍ଲିକ, ବିଜୟ କୁମାର ବେହେରା, ବ୍ରହ୍ମାନନ୍ଦ ରାଉତ, ସର୍ବେଶ୍ୱର ମାହାନ୍ତି ପ୍ରଭୃତି ବରିଷ୍ଠ ସଭ୍ୟ ମାନେ ଉପସ୍ଥିତ ଥିଲେ। ଆଲୋଚନାରେ ସଭ୍ୟ ମାନଙ୍କ ମତାମତ ଅନୁଯାୟୀ ଚଳିତ ବର୍ଷ ଜାନୁୟାରୀ ମାସ ୨୦୨୫ରୁ ବର୍ଦ୍ଧିତ ମାହାଙ୍ଗା ଭତା ସରକାରୀ ଭାବେ ଘୋଷଣା ହୋଇଥିଲା ମଧ କେବଳ ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ ସାନବଡ ଗୋପାଳପୁର ଶାଖା ଅବସର ପ୍ରାପ୍ତ କର୍ମଚାରୀଙ୍କୁ ବକେୟା ମହଙ୍ଗା ଭତ୍ତା ପ୍ରଦାନ କରିବାରେ ନିଷ୍ପତି ପ୍ରକାଶ କରିଛନ୍ତି ।ମାତ୍ର ବ୍ୟାଙ୍କ ବକେୟା ଅର୍ଥ ଦେଉନଥିବାରୁ ଏ ସମ୍ପର୍କରେ ଶାଖା ପରିଚାଳକଙ୍କୁ କୁହାଯାଇଛି। ଏନେଇ ଅବସପ୍ରାପ୍ତ କର୍ମଚାରୀ ମାନଙ୍କ ମଧରେ ଅସନ୍ତୋଷ ଦାନା ବାନ୍ଧୁଛି। ବୈଠକର ନିଷ୍ପତି ଅନୁଯାୟୀ ସାତଦିନ ମଧରେ ସମସ୍ତ ବକେୟା ପ୍ରାପ୍ୟ ମଞ୍ଜୁର କରାନଗଲେ ସଂଘ ଆନ୍ଦୋଳନାତ୍ମକ ପଦକ୍ଷେପ ଅନୁସରଣ କରିବାକୁ ବାଧହେବେ। ପରବର୍ତ୍ତୀ ପରିସ୍ଥିତି ପାଇଁ ସଂପୃକ୍ତ ଶାଖା ପରିଚାଳକ ଦାଇ ରହିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।



ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ପୁରୀ ଗଜପତି ମହାରାଜ ଦିବ୍ୟସିଂହ ଦେବ।

# ୪ ହଜାର ୮୫୦ ଲିଟର ଦେଶୀ ମଦ ଜବତ , ଜଣେ ଗିରଫ

**କଟକ, ୧୩।୬ (ସଂଚାର ବ୍ୟୁରୋ) :** ତିଗିରିଆ ଥାନା ଅନ୍ତର୍ଗତ ଭିରୁଡ଼ା ପଣସପାଟଣା ଗାଁରୁ ବିପୁଳ ପରିମାଣରେ ଦେଶୀ ମଦ, ଗୁଡ଼ ପୋଚ ଏବଂ ମଦ ତିଆରି ଅନ୍ୟାନ୍ୟ ସରଞ୍ଜାମ ଜବତ ହୋଇଛି । ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ, ଆଠଗଡ଼ ଅବକାରୀ ରେଞ୍ଜ ଏବଂ ଆଠଗଡ଼ ଅବକାରୀ ଷ୍ଟେସନ୍ ପକ୍ଷରୁ ଆଜି ମିଳିତ ଭାବରେ ଚଢ଼ାଉ କରାଯାଇଥିଲା । ଚଢ଼ାଉ ବେଳେ ୧୭ ହଜାର ୧୫୦ ଲିଟର ଗୁଡ଼ ପୋଚ ଜବତ୍ କରିବା ସହ ୪ ହଜାର ୮୫୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରାଯାଇଛି। ବେଆଇନ ମଦ କାରବାର ଅଭିଯୋଗରେ ଇନ୍ଦ୍ରମଣି ସାହୁଙ୍କୁ ଗିରଫ କରିଛି ଅବକାରୀ ବିଭାଗ ।

# କୋଟିଏ ଟପିଲା ଏବିପିଏମଜେଏୱାଇ-ଜିଜେଏୱାଇ କାର୍ଡ ବଣ୍ଟନ

**ଭୁବନେଶ୍ୱର, ୧୩।୬ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଉପଲକ୍ଷେ ସାର୍ବଜନୀନ ଗୁଣାତ୍ମକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ ହୋଇଛି। ଗତ ଏପ୍ରିଲ ୧୧ ତାରିଖରେ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ-ଯୋଜନା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଏବିପିଏମ୍‌ଜେଏୱାଇ-ଜିଜେଏୱାଇ)ରେ ଯୁଗ୍ମ କାର୍ଡ ବଣ୍ଟନ ୧ କୋଟି ଟପିଛି। ଏହାଛଡ଼ା ଆର୍ଥିକ ଓ ସାମାଜିକ ବର୍ଗ ନିର୍ବିଶେଷରେ ସମସ୍ତ ୭୦ ବର୍ଷ ବା ତଦୁର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ସାମିଲ କରାଯାଇଛି। ସେମାନଙ୍କ କାର୍ଡ ପାଇଁ ବିକାଶ ବାହନ ଯାତ୍ରା କାଳରେ ଶତ ପ୍ରତିଶତ ଇକେୱାଇସି ଶେଷ କରିବାକୁ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନକୁ ପୂର୍ଣ୍ଣମାତ୍ରାରେ ସଫଳ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ତଥା ରାଜ୍ୟ ସ୍ୱାସ୍ଥ୍ୟ ଭରସା ସମିତି (ସାସ୍) ଅଧ୍ୟକ୍ଷ ଅଶ୍ୱତି ଏସ୍ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।




ଗତକାଲି ରାଜ୍ୟର ସମସ୍ତ ଜିଲ୍ଲାରେ ସମୁଦାୟ ୧ କୋଟି ୪୧ ହଜାର ୮୬୩ ଟି ଏବିପିଏମ୍‌ଜେଏୱାଇ-ଜିଜେଏୱାଇ ଯୁଗ୍ମ କାର୍ଡ କାର୍ଡ ବଣ୍ଟାଯାଇଛି। ଏଥିରେ ଗଞ୍ଜାମ, ମୟୂରଭଞ୍ଜ, କଟକ ଓ ବଲାଙ୍ଗୀର ଆଦି ଜିଲ୍ଲା ଆଗରେ ଅଛନ୍ତି। ଗଞ୍ଜାମ ଜିଲ୍ଲାରେ ୭.୯୬ ଲକ୍ଷ କାର୍ଡ ବଣ୍ଟା ହୋଇଥିବା ବେଳେ ମୟୂରଭଞ୍ଜରେ ୭.୩୩ ଲକ୍ଷ, କଟକରେ ୬.୮୮ ଲକ୍ଷ ଓ ବଲାଙ୍ଗୀରରେ ୫.୩୪ ଲକ୍ଷରୁ ଅଧିକ କାର୍ଡ ବଣ୍ଟାଯାଇଛି। ସେହିପରି ୭୦ ବର୍ଷ ବା ତଦୁର୍ଦ୍ଧ୍ୱ ନାଗରିକଙ୍କ ନିମନ୍ତେ ଉଦ୍ଦିଷ୍ଟ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ୩.୨୧ ଲକ୍ଷଙ୍କ ଇକେୱାଇସି ସହ କାର୍ଡ ପ୍ରସ୍ତୁତ କରାଯାଇଛି। ଅବଶିଷ୍ଟ ୧୯.୭୯ ଲକ୍ଷଙ୍କ ଇକେୱାଇସି ବିକାଶ-ବାହନ ଯାତ୍ରା କାଳରେ ଆସନ୍ତା ୨୨ ତାରିଖ ସୁଦ୍ଧା ଶେଷ କରିବାକୁ ଶାସନ ସଚିବ ଶ୍ରୀମତୀ ଅଶ୍ୱତି ନିର୍ଦ୍ଦେଶ ଦେଇଛନ୍ତି। ବୟୋବନ୍ଦନା ଯୋଜନାରେ ପ୍ରତି ପରିବାର ତାଲିକାଭୁକ୍ତ ହସ୍ପିଟାଲମାନଙ୍କରେ ବାର୍ଷିକ ୫ ଲକ୍ଷ ଟଙ୍କାର ଦେୟମୁକ୍ତ ଚିକିତ୍ସା ପାଇବେ। ଏହି ଟଙ୍କା ତାଙ୍କ ମୂଳ ପରିବାରର ୫ ଲକ୍ଷ ଟଙ୍କା ପାଣ୍ଠିଠାରୁ ଅଲଗା ହେବ। ଯେଉଁ ଯୋଗ୍ୟ ବ୍ୟକ୍ତିମାନେ ନୂଆ ଯୁଗ୍ମ-କାର୍ଡ ପାଇନାହାନ୍ତି, ସେମାନେ ନିଜର ଆଧାର କାର୍ଡ କିମ୍ବା ପୁରୁଣା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କାର୍ଡ ଦେଖାଇ ତାଲିକାଭୁକ୍ତ ହସ୍ପିଟାଲମାନଙ୍କରେ ଦେୟମୁକ୍ତ ଚିକିତ୍ସା ପାଇପାରିବେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି ।

# ଇନ୍ଦ୍ରାବତୀ-ମହାନଦୀ ନଦୀ ସଂଯୋଗୀକରଣକୁ ବିରୋଧ

## ଓଡ଼ିଆ ଅସ୍ମିତା ପରିଷଦର ବିକ୍ଷୋଭ ପ୍ରଦର୍ଶନ

**ଭୁବନେଶ୍ୱର, ୧୩।୬(ସଂଚାର ବ୍ୟୁରୋ):** ଛତିଶଗଡ଼ ସରକାର ମହାନଦୀକୁ ନେଇ ଓଡ଼ିଶାର ସ୍ୱାର୍ଥ ସହ ଖେଳ ଖେଳିବାରେ ଲାଗିଛନ୍ତି। ଛତିଶଗଡ଼ରୁ ବାହାରିଥିବା ମହାନଦୀର ଉତ୍ତର ମୁଣ୍ଡରେ ଓ ଏହାର ଉପନଦୀମାନଙ୍କରେ ବ୍ୟାରେଜ୍ ଓ ଆନିକଟ୍ ନିର୍ମାଣ କରି କମ୍ପାନୀମାନଙ୍କୁ ପାଣି ଦେବାରେ ସେଠାକାର ସରକାର ଲାଗିପଡ଼ିଛନ୍ତି। ଏହାକୁ ବିରୋଧ କରି ଓଡ଼ିଶା ସରକାର କେନ୍ଦ୍ର ସରକାରଙ୍କର ଦ୍ୱାରସ୍ଥ ହେବା ସହ ଟ୍ରିବ୍ୟୁନାଲରେ ମକଦ୍ଦମା ରୁଜୁ କରିଛନ୍ତି। କିନ୍ତୁ ଅଦ୍ୟାବଧି ଏନେଇ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। କିନ୍ତୁ ପୁନଶ୍ଚ ଛତିଶଗଡ଼ ଓଡ଼ିଶାକୁ ମରୁଭୂମିରେ ପରିଣତ କରିବାକୁ ଷଡ଼ଯନ୍ତ୍ର ଆରମ୍ଭ କରିଛି। ମହାନଦୀ ଓ ଇନ୍ଦ୍ରାବତୀ ନଦୀରେ ବୃହତ ବ୍ୟାରେଜ୍ ସହ




ମହାନଦୀ-ଇନ୍ଦ୍ରାବତୀ ନଦୀକୁ ସଂଯୋଗ ପାଇଁ 'ବୋଧଘାଟ ପ୍ରକଳ୍ପ'ର ନିର୍ମାଣ ଆରମ୍ଭ କରିବାକୁ ଉଦ୍ୟମ ଚଳାଇଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ମହାନଦୀକୁ ପାଣି ଆସିବା ପୂରା ବନ୍ଦ ହୋଇଯିବ ଓ ହୀରାକୁଦ ଜଳଭଣ୍ଡାର ଏକ ମୃତ ଜଳଭଣ୍ଡାରରେ ପରିଣତ ହେବ। ତା'ଛଡ଼ା ରାଜ୍ୟର ପଶ୍ଚିମାଞ୍ଚଳ ବି ମରୁଭୂମିରେ ପରିଣତ ହେବ। କଳାହାଣ୍ଡି, ନବରଙ୍ଗପୁର, ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାରେ ପିଇବା ପାଇଁ ଟୋପାଏ ମିଳିବ ନାହିଁ। ତେଣୁ ଏହି ପ୍ରକଳ୍ପ ବିରୋଧରେ ଆଜି ସ୍ଥାନୀୟ ମାଷ୍ଟରକ୍ୟାଣ୍ଟିନ୍ ଛକରେ ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ ଆବାହକ ରବି ବେହେରାଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ପ୍ରତିବାଦ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟର ସ୍ୱାର୍ଥ ପାଇଁ ରାଜନୀତିର ଉର୍ଦ୍ଧ୍ୱକୁ ଯାଇ ସମସ୍ତ ରାଜନୈତିକ ଦଳ ଓ ଗଣସଂଗଠନ ଛତିଶଗଡ଼ର ଏପରି ଉଦ୍ୟମକୁ ବିରୋଧ କରିବା ସକାଶେ ଶ୍ରୀ ବେହେରା ଆହ୍ୱାନ ଦେଇଛନ୍ତି। ଏଥିସହ ଏ ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ମଧ୍ୟ ସେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଏହି ବିକ୍ଷୋଭର ନେତୃତ୍ୱ ପରିଷଦର ସମ୍ପାଦକ ନାରାୟଣ ଡାଲୁଆ, ସାବିତ୍ରୀ ବେହେରା, ଦେଶପ୍ରିୟ ଦାସ, ଅନୀତା ନାୟକ ଓ ସୌମ୍ୟରଞ୍ଜନ ଦାସ ନେଇଥିଲେ।

# ପ୍ରଥମ ଆନୁଷ୍ଠାନିକ ଶାଳ ବିହନ ବାଣିଜ୍ୟ ଆରମ୍ଭ

**ଭୁବନେଶ୍ୱର, ୧୩।୬(ସଂଚାର ବ୍ୟୁରୋ):** ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏକ ସ୍ଥିର ଅର୍ଥନୈତିକ ପରିବର୍ତ୍ତନ ଆରମ୍ଭ ହୋଇଛି। ଦେଶରେ ପ୍ରଥମ ଥର ପାଇଁ ଏକ ଐତିହାସିକ ପଦକ୍ଷେପ ନେଇ ଓଡ଼ିଶା ସଫଳତାର ସହିତ ଅଣ-କାଠ ବନ ଉତ୍ପାଦ (ଏନ୍‌ଟିଏଫ୍‌ପି)ର ବାଣିଜ୍ୟ ଓ ପରିଚାଳନା କ୍ଷେତ୍ରରେ ମହିଳାମାନଙ୍କ ନେତୃତ୍ୱରେ ଜଙ୍ଗଲଭିତ୍ତିକ ମୂଲ୍ୟଶୃଙ୍ଖଳାକୁ ଆନୁଷ୍ଠାନିକ ଭାବେ ଆରମ୍ଭ କରିଛି। ମନୟା, ଦୁଆରସୁଣୀ, ଗନ୍ଧମାର୍ଦ୍ଦନ, ମେଣ୍ଡାଡୋଙ୍ଗ୍ରି ଏବଂ ସୁନାମଞ୍ଜରୀ ପରି ୫ଟି ସବୁଜ ଶକ୍ତି ଉତ୍ପାଦକ କମ୍ପାନୀ (ଜିଏସ୍‌ପିସି) ସେମାନଙ୍କର ପ୍ରଥମ ବାଣିଜ୍ୟିକ ବିକ୍ରୟ ଶାଳ (ଶୋରିଆ ରୋବଷ୍ଟା) ବିହନ ବିଶ୍ୱସ୍ତରୀୟ ଯୋଗାଣ ଶୃଙ୍ଖଳ ପ୍ରଦାନକାରୀ ଫାର୍ଟମାର୍ଟରେ ଏଏକେ ଇଣ୍ଡିଆକୁ ୩୮ ମେଟ୍ରିକ୍ ଟନ୍ ପଠାଇ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରିଛି। ପ୍ରତି କିଲୋଗ୍ରାମ ପିଛା ୨୯ ଟଙ୍କାରେ ବିକ୍ରି ହୋଇଥିବା ଏହି ଶାଳ ବିହନ ଏକ ସଂରଚିତ, ସ୍ୱଚ୍ଛ ଓ ମହିଳା-ନେତୃତ୍ୱାଧୀନ ଜଙ୍ଗଲ ଅର୍ଥନୀତିର ଉତ୍‌ଥାନ କରୁଛି। ଗତ କିଛି ମାସ ମଧ୍ୟରେ ବନ ନିକଟବର୍ତ୍ତୀ ଅଞ୍ଚଳର ମହିଳାଙ୍କ ଦ୍ୱାରା ପରିଚାଳିତ ସମସ୍ତ ସବୁଜ ଶକ୍ତି ଉତ୍ପାଦକ କମ୍ପାନୀଗୁଡ଼ିକ ମୟୂରଭଞ୍ଜ, କେଉଁଝର, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଆଦି ୬ଟି ଜିଲ୍ଲାରେ ପଞ୍ଜିକୃତ ହୋଇଥିଲା। ସ୍ଥାନୀୟ ପ୍ରଶାସନ ଓ ଭାରତୀ ଇନଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ପଲିସି, ଇଣ୍ଡିଆନ୍ ସ୍କୁଲ ଅଫ୍ ବିଜନେସ୍, ହାଇଦ୍ରାବାଦର ଦୃଢ଼ ସମର୍ଥନରେ ଏହି କମ୍ପାନୀଗୁଡ଼ିକର ଜିଏସ୍‌ଟି ପଞ୍ଜୀକରଣ ଓ ବ୍ୟାଙ୍କ ଆକାଉଣ୍ଟ ସଂଯୋଗ କରାଯିବା ସହ କ୍ରୟ ଏବଂ ଉଦ୍ୟୋଗ ପରିଚାଳନାରେ ତାଲିମ ଦିଆଯାଇଛି। କମ୍ପାନୀଗୁଡ଼ିକ



ପ୍ରତିଯୋଗିତାମୂଳକ ମୂଲ୍ୟରେ ପ୍ରାଥମିକ ବନ ସଂଗ୍ରହକାରୀଙ୍କଠାରୁ ସିଧାସଳଖ ଶାଳ ବିହନ ସଂଗ୍ରହ କରୁଥିଲେ । ମଧ୍ୟସ୍ଥିମାନଙ୍କୁ ଦୂର କରି ଏକ ପାରମ୍ପରିକ ଭାବରେ ଅସ୍ଥାୟୀ କ୍ଷେତ୍ରରେ ମୂଲ୍ୟ ସ୍ୱଚ୍ଛତା ଆଣିଥିଲେ। ପୂର୍ବରୁ କ୍ରୟ ବ୍ୟବସ୍ଥା ନଥିବାବେଳେ ଏହି ହସ୍ତକ୍ଷେପ ସ୍ଥାନୀୟ ମୂଲ୍ୟ ବୃଦ୍ଧି କରିଛି ଏବଂ ସୁସ୍ଥ ବଜାର ପ୍ରତିଯୋଗିତା ଆରମ୍ଭ କରିଛି। ବାଙ୍ଗୀରିପୋଷିର ଦୁଆରସୁଣୀ ସବୁଜ ଶକ୍ତି ଉତ୍ପାଦକ କମ୍ପାନୀର ସଭାପତି ହିରାମଣୀ ମାରାଣ୍ଡି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ, ସୁଭଦ୍ରା ପ୍ରୋତ୍ସାହନ ଏବଂ ନିୟମିତ ତାଲିମ ଏବଂ ସମର୍ଥନ ପାଇଁ ଧନ୍ୟବାଦ ଜଣାଇଛନ୍ତି। ଇଣ୍ଡିଆନ୍ ସ୍କୁଲ୍ ଅଫ୍ ବିଜନେସ୍‌ର ଭାରତୀ ଇନଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ପଲିସିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଅଶ୍ୱିନୀ ଛତ୍ରେ ସହାୟକ ବ୍ୟବସାୟିକ ଇକୋସିଷ୍ଟମ ପାଇଁ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ବିମାନ ଦୁର୍ଘଟଣା ନେଇ ଆର୍‌ଏସ୍‌ଏସ୍‌ର ଶୋକ ବ୍ୟକ୍ତ



**ଭୁବନେଶ୍ୱର, ୧୩।୬(ସଂଚାର ବ୍ୟୁରୋ):** ଅହମ୍ମଦାବାଦର ଭୟାବହ ବିମାନ ଦୁର୍ଘଟଣାରେ ୨୬୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଏନେଇ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ପକ୍ଷରୁ ଶୋକ ପ୍ରକଟ କରାଯାଇଛି। ଏନେଇ ଆଜି ଆର୍‌ଏସ୍‌ଏସ୍ ଅଖିଳ ଭାରତୀୟ ପ୍ରଚାର ପ୍ରମୁଖ ସୁନୀଲ ଆମ୍ବେକର ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି। ଏନେଇ ଶ୍ରୀ ଆମ୍ବେକର ସୋସିଆଲ୍ ମିଡିଆ 'ଏକ୍ସ'ରେ ଏକ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ ଏପରି ଏକ ଅଘଟଣ ବାସ୍ତବିକ ଦୁର୍ଭାଗ୍ୟଜନକ। ମୃତ୍ୟୁବରଣ କରିଥିବା ଲୋକଙ୍କ ପରିବାରବର୍ଗଙ୍କୁ ଭଗବାନ ଏହି ଦୁଃଖଦ ମୁହୂର୍ତ୍ତର ସମ୍ମୁଖୀନ ହେବାକୁ ସକାଶେ ଶକ୍ତି ଦିଅନ୍ତୁ।

# ବାଲି ମାଫିଆଙ୍କ ଦାଦାଗିରି : ରାତି ଅଧରେ ଜୁନିଅର ମାଇନିଂ ଅଫିସରଙ୍କୁ ଆକ୍ରମଣ



**ଜଳେଶ୍ୱର, ୧୩।୬ (ସଂଚାର ବ୍ୟୁରୋ) :** ବାଲି ମାଫିଆଙ୍କ ଦାଦାଗିରି । ରାତି ଅଧରେ ଜୁନିଅର ମାଇନିଂ ଅଫିସରଙ୍କୁ ଆକ୍ରମଣ । ବେଆଇନ ବାଲି ଖାଦାନରେ ଚଢ଼ଉ କରି ଫେରିବା ବେଳେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି । ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଚାଲନ୍ତି ନିକଟସ୍ଥ ସୁବର୍ଣ୍ଣରେଖା ନଦୀରୁ ବେଆଇନ ବାଲି ଉତ୍ତୋଳନ ହେଉଥିବା ଖବର ପାଇ ଚଢ଼ାଉ କରିଥିଲେ ଜଳେଶ୍ୱର ଜୁନିୟର ମାଇନିଂ ଅଫିସର ଜିତେନ୍ଦ୍ର ଦାସ । ଘଟଣା ସ୍ଥଳରୁ ଗୋଟିଏ ବାଲି ବୋଝେଇ ଡମ୍ପର ଜବତ କରିଥିଲେ । ଚଢ଼ାଉ ସାରି ଫେରିବା ବେଳେ କିଛି ମାଫିଆ ମାଇନିଂ ଅଫିସରଙ୍କୁ ଅଟକ ରଖି ଆକ୍ରମଣ କରିଥଲେ । ଏନେଇ ଅଭିଯୋଗ ପରେ ତଦନ୍ତ ଆରମ୍ଭ କରିଛି ପୋଲିସ ।

## +୨ ଛାତ୍ରୀଙ୍କ ଆତ୍ମହତ୍ୟା

# ନାବାଳିକା ଛାତ୍ରୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବ୍ଲାକ୍‌ମେଲ୍ କରୁଥିଲେ ଟ୍ୟୁସନ ସାର

**ଦିଗପହଣ୍ଡି, ୧୩।୬ (ସଂଚାର ବ୍ୟୁରୋ) :** ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଅଧୀନ ଏକ ଜୁନିୟର କଲେଜରେ ଯୁକ୍ତ ୨ ପ୍ରଥମ ବର୍ଷରେ ପାଠ ପଢୁଥିବା ଜଣେ ନାବାଳିକା ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାରେ ସମ୍ପୃକ୍ତ ଟ୍ୟୁସନ ଶିକ୍ଷକ ଏସ.ସନାତନ ରେଡ୍ଡୀଙ୍କୁ ଶୁକ୍ରବାର ଦିଗପହଣ୍ଡି ଥାନା ଏସ.ଆଇ ସୋଫିଆ ମିଶ୍ର ଗିରଫ କରି ବ୍ରହ୍ମପୁର ପୋକ୍ସ କୋର୍ଟକୁ ଚାଲାଣ କରିଛନ୍ତି। ଥାନା ମାମଲା ନଂ.୨୦୯/୨୫ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ଗ୍ରାମର ଟ୍ୟୁସନ ଶିକ୍ଷକ ସନାତନ ଏବଂ ଏସ. କ୍ରିଷ୍ଣା ରେଡ୍ଡୀ ଉଭୟେ ଛାତ୍ରୀଙ୍କୁ ପ୍ରେମ ନିବେଦନ କରୁଥିଲେ। ଛାତ୍ରୀ ଜଣକ ମନା କରିବାରୁ ଉଭୟେ କୌଶଳ କ୍ରମେ ଛାତ୍ରୀଙ୍କ ଫଟୋ, ମୋବାଇଲ କଲ ରେକର୍ଡ,ମେସେଜ ଗୁଡ଼ିକୁ ତାଙ୍କୁ ଦେଖାଇ ବ୍ଲାକ ମେଲିଂ କରିବା ସହ ସେସବୁ ସୋସିଆଲ ମିଡ଼ିଆରେ ଭାଇରାଲ କରିବାକୁ ଧମକ ଦେଇ ଆସୁଥିଲେ। ଛାତ୍ରୀ ଜଣକ ତାଙ୍କ ଡାଇରୀ ଏବଂ ଟ୍ୟୁସନ ନୋଟ ଖାତାରେ ସମସ୍ତ ଘଟଣା ଉଲ୍ଲେଖ କରିବା ସହ ପରିବାର ଲୋକଙ୍କ ସାମାଜିକ ମର୍ଯ୍ୟାଦା ହାନି ହେବା ଆଶଙ୍କାକରିଭୟଭୀତ ଅବସ୍ଥାରେ ଗତ ୮ ତାରିଖ ସାରେ କୀଟନାଶକ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ୯ ତାରିଖ ଭୋର ରେ ସେ ମୃତ୍ୟୁବରଣ କରିଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକେ ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରିଥିଲେ। ଗତ ୧୦ ତାରିଖରେ ଛାତ୍ରୀଙ୍କ ଭାଇ ଟ୍ୟୁସନ ଶିକ୍ଷକ ସନାତନଙ୍କୁ ଘରକୁ ଡ଼ାକି ପଚାରିବାରୁ ସେ ତାଙ୍କ ଭଉଣୀଙ୍କୁ ବିବାହ କରିବାର ମିଥ୍ୟା ପ୍ରତିଶ୍ରୁତି ଦେଇ ପ୍ରେମ ସମ୍ପର୍କ ରଖିଥିବା ସ୍ୱୀକାର କରିଥଲେ । ଏନେଇ ନାବାଳିକା ଛାତ୍ରୀଙ୍କ ଭାଇ ଗୁରୁବାର ଦିଗପହଣ୍ଡି ଥାନାରେ ଏତଲା ଦେବାପରେ ଡିଏସପି ପ୍ରଶାନ୍ତ କୁମାର ପାତ୍ର ଉଭୟ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରିଥିଲେ। ତଦନ୍ତକାରୀ ଅଧିକାରୀ ଛାତ୍ରୀଙ୍କ ଡାଇରୀ, ନୋଟ ଖାତା,ମୋବାଇଲରେ ଥିବା ଫଟୋ,ମେସେଜ,କଲ ରେକର୍ଡ ପ୍ରଭୃତି ଜବତ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟତମ ଅଭିଯୁକ୍ତ ଏସ.କ୍ରିଷ୍ଣା ରେଡ୍ଡୀ ଗିରଫ ଭୟରେ ଫେରାର ଥିବା ଜଣାପଡିଛି।



# ବିରଞ୍ଚି ନାରାୟଣ ମନ୍ଦିର ବୁଲିଲେ ଦକ୍ଷିଣାଞ୍ଚଳ ଆରଡିସି

**ବୁଗୁଡ଼ା, ୧୩।୬(ସଂଚାର ବ୍ୟୁରୋ):** ଦକ୍ଷିଣାଞ୍ଚଳ ଆରଡିସି ରୂପା ରୋଶନ ସାହୁ ବୁଗୁଡା ଗସ୍ତରେ ଆସିଥିଲେ। ଆରଡିସିଙ୍କ ଗସ୍ତ ସମୟରେ ଭଞ୍ଜନଗର ଉପଜିଲାପାଳ ଉମାଶଙ୍କର ବେହେରା ସାମିଲ ଥିବାବେଳେ ସେ ପ୍ରଥମେ ବୁଗୁଡ଼ା ତହସିଲ କାର୍ଯ୍ୟାଳୟରେ ପହଞ୍ଚି ତହସିଲର ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିଥିଲେ। ପରେ ବଡ଼ଦାଣ୍ଡସ୍ଥିତ ଐତିହାସିକ ଦ୍ୱିତୀୟ ଅର୍କକ୍ଷେତ୍ର ତଥା କାଷ୍ଠ କୋଣାର୍କ ରୂପେ ବିବେଚିତ ବିରଞ୍ଚି ନାରାୟଣ ମନ୍ଦିର ଗସ୍ତ କରିଥିଲେ। ସେଠାରେ ସେ ମନ୍ଦିରର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆସିଥିବା ଅନୁଦାନର ଅର୍ଥ ସଠିକ୍ ବିନିଯୋଗ ଓ ଉନ୍ନୟନ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିଥିଲେ। ଏଥିସହ ସେ ଉନ୍ନୟନ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ଆରଡିସି ଓ ଉପଜିଲ୍ଲାପାଳ ଉଭୟେ ମନ୍ଦିର କାର୍ଯ୍ୟ ଅନୁଧ୍ୟାନ କରୁଥିବା ସମୟରେ ବୁଗୁଡ଼ା ତହସିଲଦାର ତାପସ ରାଉତ, ଅତିରିକ୍ତ ତହସିଲଦାର ସୁନନ୍ଦ ଶେଖର ସାହାଣୀ ଓ ବିରଞ୍ଚି ନାରାୟଣ ମନ୍ଦିର ମଠ ମହନ୍ତ ଭକ୍ତରାମ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।



# ବିଧର୍ମୀଙ୍କୁ କଠୋର ଦଣ୍ଡ ଦିଆଯାଉ: ଭିଏଚ୍‌ପି

**ଭୁବନେଶ୍ୱର, ୧୩।୬(ସଂଚାର ବ୍ୟୁରୋ):** ଭଦ୍ରକ ଜିଲ୍ଲା କଷଟି ଗ୍ରାମର ବଜରଙ୍ଗ ଦଳ କାର୍ଯ୍ୟକର୍ତ୍ତା ସନ୍ତୋଷ ପରିଡ଼ା ଗୋ-ମାଫିଆଙ୍କ ଆକ୍ରମଣରେ ଆହତ ହୋଇ ଏଠାକାର ଏକ ହସ୍ପିଟାଲରେ ମୃତ୍ୟୁବରଣ କରିବା ଘଟଣାକୁ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି), ଓଡ଼ିଶା (ପୂର୍ବ) ଦୃଢ଼ ନିନ୍ଦା କରିବା ସହ ଦୋଷୀମାନଙ୍କ ବିରୋଧରେ କଠୋର ଦଣ୍ଡ ବିଧାନ ପାଇଁ ଦାବି କରାଯାଇଛି। ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶାରେ ସଶକ୍ତ ଗୋ-ହତ୍ୟା ନିରୋଧ ଆଇନ ସହ ଗୋ-ସେବା ଆୟୋଗ ପ୍ରତିଷ୍ଠା ଏବଂ ଉତ୍ତର ପ୍ରଦେଶ ମଡେଲକୁ ଲାଗୁ କରିବା ସପକ୍ଷରେ ପରିଷଦର ପ୍ରାନ୍ତ ସହସମ୍ପାଦକ ଉମାଶଙ୍କର ଆଚାର୍ଯ୍ୟ ଦୃଢ଼ ମତ ପୋଷଣ କରିଛନ୍ତି। ରାଜ୍ୟରେ ଥିବା ବାଂଲାଦେଶୀ ଓ ଅନ୍ୟାନ୍ୟ ଅନୁପ୍ରବେଶକାରୀଙ୍କୁ ତୁରନ୍ତ ବିଦା କରିବା ସହ କେବେ ଏନେଇ ଠୋସ୍ ପଦକ୍ଷେପ ନିଆଯିବ, ସେନେଇ ରାଜ୍ୟ ସରକାର ସ୍ପଷ୍ଟ କରିବା ଦରକାର। ଓଡ଼ିଶାରେ ବ୍ୟାପକ ଗୋ ତସ୍କରୀ, ଲଭ୍ ଜେହାଦ ଆଦି ଅପରାଧ ଘଟୁଥିବା ବେଳେ ଅଧିକାଂଶ ମାମଲାରେ ବାଂଲାଦେଶୀ, ରୋହିଙ୍ଗ୍ୟା ଓ ପାକିସ୍ତାନୀଙ୍କର ଭୂମିକା ରହୁଛି। କିନ୍ତୁ ଏମାନଙ୍କୁ ରାଜ୍ୟରୁ ତଡ଼ିବା ପାଇଁ ସରକାର କାହିଁକି ପଦକ୍ଷେପ ନେଉନାହାନ୍ତି, ତା' ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ଏପରି ସ୍ଥିତିରେ ରାଜ୍ୟର ମୁସଲମାନବହୁଳ ଅଞ୍ଚଳରେ ହିନ୍ଦୁଙ୍କ ସୁରକ୍ଷାର ଗ୍ୟାରେଣ୍ଟି ରାଜ୍ୟ ସରକାର ବହନ କରିବାର ଆବଶ୍ୟକତା ରହିଛି ବୋଲି ରାଜ୍ୟ ସଭାପତି ପ୍ରଫୁଲ୍ଲ କୁମାର ମିଶ୍ର କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଭିଏଚ୍‌ପିର ପ୍ରାନ୍ତ ପ୍ରଚାର ପ୍ରସାର ପ୍ରମୁଖ ସୁଜିତ୍ କୁମାର ନାୟକ, ବଜରଙ୍ଗ ଦଳର ପ୍ରାନ୍ତ ସହସଂଯୋଜକ ରାଜୀବ ଖାଡ଼ଙ୍ଗା, ଭିଏଚ୍‌ପିର ଗୋ-ସେବା ପ୍ରମୁଖ ଜଗନ୍ନାଥ ପଟ୍ଟନାୟକ, ସମର୍ପଣ ଟ୍ରଷ୍ଟର ଚେୟାରମ୍ୟାନ ଲକ୍ଷ୍ମୀ ନାରାୟଣ ରଥ, ଭିଏଚ୍‌ପିର ପ୍ରାନ୍ତ ସାମାଜିକ ଗଣମାଧ୍ୟମ ପ୍ରମୁଖ ଅର୍ଦ୍ଧେନ୍ଦୁ ଶେଖର ଦାଶ, ବଜରଙ୍ଗ ଦଳର ଖୋର୍ଦ୍ଧା ବିଭାଗ ସଂଯୋଜକ ନୂତନ ଚମ୍ପତି, ବଜରଙ୍ଗ ଦଳ ଗଞ୍ଜାମ ଜିଲ୍ଲା ବିଦ୍ୟାର୍ଥୀ ବିସ୍ତାରକ ବିକ୍ରମ ସେଠୀ ଉପସ୍ଥିତ ଥିଲେ।

## ଜଳସମ୍ପଦ ମନିଟରିଂରେ ଏଆଇ ବ୍ୟବହାର ସଂକ୍ରାନ୍ତ କର୍ମଶାଳା

# ବିଭାଗୀୟ ସ୍ୱଚ୍ଛତା ଓ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ



**ଭୁବନେଶ୍ୱର, ୧୩।୬(ସଂଚାର ବ୍ୟୁରୋ):** 'କୃତ୍ରିମ ବୁଦ୍ଧିମତା' (ଏଆଇ) ବ୍ୟବହାର କରି ଜଳସମ୍ପଦ ମନିଟରିଂ ପାଇଁ ଡାଟା ପରିଚାଳନା ଓ ଡିଜିଟାଇଜେସନ୍‌ରେ ସର୍ବୋତ୍ତମ ଅଭ୍ୟାସର ପରିଚୟ' ଶୀର୍ଷକ କର୍ମଶାଳା ଆଜି ଏଠାରେ ଅନୁଷ୍ଠିତ ହୋଇଛି। ରାଜ୍ୟ ଜଳ ସୂଚନା ବିଜ୍ଞାନ କେନ୍ଦ୍ର (ଏସ୍‌ଡବ୍ଲ୍ୟୁଆଇସି), ଜଳସମ୍ପଦ ବିଭାଗ ପକ୍ଷରୁ ଆଇଆଇଟି ଭୁବନେଶ୍ୱରର ଗବେଷଣା ଓ ଉଦ୍ୟୋଗିତା ପାର୍କ ସହଯୋଗରେ ଅନୁଷ୍ଠିତ ଏହି କର୍ମଶାଳାରେ ଓଡ଼ିଶା ସରକାରଙ୍କ ବିକାଶ କମିଶନର ତଥା ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଳସମ୍ପଦ ବିଭାଗରେ ସ୍ୱଚ୍ଛତା ଓ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଏଦିଗରେ ଡିଜିଟାଇଜେସନ୍, ଡାଟା ପରିଚାଳନା ଓ ଏଆଇର ଉପଯୋଗ ଜରୁରୀ ହୋଇପଡ଼ିଛି ବୋଲି କହିବା ସହ ଶ୍ରୀମତୀ ଗର୍ଗ ରାଜ୍ୟର ଭିଜନ ଡକ୍ୟୁମେଣ୍ଟରେ ସୁଶାସନ ଓ ଆଇଟି ପଦକ୍ଷେପର ବିଷୟବସ୍ତୁ ଉପରେ ଆଲୋକପାତ କରି ନବସୃଜନ ଓ ସହଯୋଗ ମାଧ୍ୟମରେ ପ୍ରଗତିକୁ ଆଗେଇନେବା ପାଇଁ ବିଭାଗଗୁଡ଼ିକୁ ଏକାଠି କରିବା ଦିଗରେ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ। ସେହିପରି ଜଳସମ୍ପଦ ବିଭାଗର ମୁଖ୍ୟ ଯନ୍ତ୍ରୀ ଡକ୍ଟର ଚନ୍ଦ୍ରଶେଖର ପାଢ଼ୀ, ଜିଡବ୍ଲୁଡିର ମୁଖ୍ୟ ଯନ୍ତ୍ରୀ ତଥା ରାଜ୍ୟ ଜଳ ସୂଚନା ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ଇଂ. କୃଷ୍ଣଚନ୍ଦ୍ର ମହାନ୍ତି, ଆଇଆଇଟି ଭୁବନେଶ୍ୱରର କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ଡକ୍ଟର ଦେବୀ ପ୍ରୋସାଦ ଡୋଗ୍ରା ଓ ଭାରତୀୟ ଜଳ ପରିଚାଳନା ସଂସ୍ଥାନ (ଆଇଆଇଡବ୍ଲ୍ୟୁଏମ୍)ର ନିର୍ଦ୍ଦେଶକ ଡକ୍ଟର ଅର୍ଜମାଦତ୍ତ ଷଡ଼ଙ୍ଗୀ ମଧ୍ୟ ବକ୍ତବ୍ୟ ରଖିଥିଲେ। ସେମାନେ ଜଳ ସମ୍ପଦ ପରିଚାଳନା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା, ଡାଟା ପରିଚାଳନା, ଡାଟା ଆନାଲିଟିକ୍ସ ଓ ଡିଜିଟାଇଜେସନର ବର୍ଦ୍ଧିତ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

# ସୀମା ବିବାଦ: ସମସ୍ୟା ଥମୁନି

**ଭୁବନେଶ୍ୱର, ୧୩।୬:** ଓଡ଼ିଶା ସହ ପଡ଼ୋଶୀ ରାଜ୍ୟମାନଙ୍କ ବିବାଦ ପ୍ରସଂଗରେ କୋଟିଆ, ପୋଲାଭରମ୍ ଓ ମହାନଦୀ ଚର୍ଚ୍ଚାର ବଳୟ ଭିତରେ ରହୁଥିବା ବେଳେ ଆଉ ଅନେକ ବିବାଦୀୟ ଇଲାକା ସଂପର୍କରେ କ୍ୱଚିତ ଆଲୋଚନା ହୁଏ । ତେବେ ଏସବୁ ବିବାଦର ସମାଧାନ ପାଇଁ ଆଇନ୍‌ଗତ ଲଢ଼େଇ ଉପରେ ନିର୍ଭର କରାଯାଉଥିବାରୁ ୫୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କେବଳ ରାଜ୍ୟ ରାଜକୋଷରୁ ବିପୁଳ ଅର୍ଥ ଶ୍ରାଦ୍ଧ ହେଉଛି ସିନା, ସମସ୍ୟାର ସନ୍ତୋଷଜନକ ସମାଧାନ ହୋଇପାରୁ ନାହିଁ। ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଆନ୍ଧ୍ରପ୍ରଦେଶ ସହ ଓଡ଼ିଶାର ସୀମା ବିବାଦ ଘେନି ୧୯୬୮ ମସିହାରେ ଦୁଇଟି ମାମଲା ରୁଜୁ ହୋଇଥିଲା। ଏଥିରୁ ଗୋଟିଏ ମାମଲାରେ ଓଡ଼ିଶା ସରକାର ୨୦୧୦ରେ ହାରିଥିବା ବେଳେ ଅନ୍ୟ ମାମଲାଟିକୁ ୨୦୦୬ରେ ସୁପ୍ରିମକୋର୍ଟ ଖାରଜ କରିଦେବା ସହ ଆଲୋଚନା ମାଧ୍ୟମରେ ଫଇସଲା ହେବା ପର୍ଯ୍ୟନ୍ତ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ଉଭୟ ପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଆନ୍ଧ୍ର ଏହି ସ୍ଥିତାବସ୍ଥାର ଉଲ୍ଲଂଘନ କରୁଥିବା ଅଭିଯୋଗ ଆଣି ୨୦୨୧ରେ ଓଡ଼ିଶା ସରକାର ଏକ ଅଦାଲତ ଅବମାନନା ମାମଲା ରୁଜୁ କରିଛନ୍ତି । ପରେ ପରେ ୨୦୨୩ରେ ଓଡ଼ିଶା ପକ୍ଷରୁ ଆଉ ଏକ ମାମଲା ମଧ୍ୟ ସୁପ୍ରିମକୋର୍ଟରେ ରୁଜୁ ହୋଇଛି ।

ସେହିଭଳି ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ଏକତରଫା ଭାବେ ୭୦ରୁ ଅଧିକ ବନ୍ଧ ବନ୍ଧାଇବା ଫଳରେ ମହାନଦୀର ତଳ ମୁଣ୍ଡରେ ଜଳ ପ୍ରବାହ ହ୍ରାସ ପାଇ ଓଡ଼ିଶାରେ ଏହି ବୃହତ୍ତମ ନଦୀର ଶଯ୍ୟା ବର୍ଷର ଅଧିକାଂଶ ସମୟରେ ମରୁଭୂମି ଭଳି ଶୁଖିଲା ପଡୁଛି । ମହାନଦୀର ଶାଖା ନଦୀଗୁଡ଼ିକ ମଧ୍ୟ ଏଥିଯୋଗୁ ପ୍ରଭାବିତ ହେଉଛନ୍ତି । ଏ ପ୍ରସଂଗରେ ବି ଟ୍ରିବ୍ୟୁନାଲ୍‌ରେ ଦୀର୍ଘବର୍ଷ ଧରି ମାମଲା ବିଚାରାଧୀନ ରହିଛି । ଏହି ମାମଲା ପରିଚାଳନା ପାଇଁ ରାଜ୍ୟ ସରକାର ମଧ୍ୟ ବିପୁଳ ଅର୍ଥ ବ୍ୟୟ କରୁଛନ୍ତି । ସେହିପରି ଆନ୍ଧ୍ର ସରକାରଙ୍କ ପୋଲାଭରମ୍ ପ୍ରକଳ୍ପକୁ କେନ୍ଦ୍ର ସରକାର ଜାତୀୟ ମାନ୍ୟତା ଦେବା ସହ ଆର୍ôଥିକ ସହାୟତା ବ୍ୟବସ୍ଥା କରିବା ପରିପ୍ରେକ୍ଷୀରେ ଓଡ଼ିଶାର ବିପୁଳ କ୍ଷତି ଘଟୁଛି । ଏହି ଆନ୍ତଃରାଜ୍ୟ ବିବାଦର ସମାଧାନ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯେଭଳି ଆନ୍ତରିକତା ପ୍ରକାଶ ପାଇବା କଥା ତାହା ହେଉନାହିଁ।

କେବଳ କୋଟିଆ ନୁହେଁ, କୋଟିଆ ଗ୍ରାମପୁଞ୍ଜ ଅନ୍ତର୍ଭୁକ୍ତ ୨୧ଟି ଗାଁକୁ ନେଇ ବିବାଦ ରହିଛି । ଏହାଛଡ଼ା ବୋରାମୁଖା ଅଞ୍ଚଳରେ ବି ଅନେକ ଗ୍ରାମକୁ ନେଇ ଦୁଇ ରାଜ୍ୟ ଭିତରେ ତୁତୁ ମେଁମେଁ ଚାଲିଛି। ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ଓ କାଶୀନଗର ଅଞ୍ଚଳର କେତେଗୁଡ଼ିଏ ଗ୍ରାମ ବି ଆନ୍ଧ୍ର ସହ ବିବାଦ ଘେରରେ ରହିଛି। ମୟୂରଭଞ୍ଜ ଜିଲ୍ଲାର ଅନ୍ୟୁନ ୮ଟି ଗାଁକୁ ନେଇ ପଶ୍ଚିମବଙ୍ଗ ସହ ଓଡ଼ିଶାର ସୀମା ବିବାଦ ଥିଲା ବେଳେ ସେହି ଜିଲ୍ଲାର ଆଉ ଦୁଇଟି ଗାଁକୁ ନେଇ ଝାଡ଼ଖଣ୍ଡ ସହ ବି ବିବାଦ ଚାଲିଛି।

ଝାରସୁଗୁଡ଼ା ଜିଲ୍ଲାର ଗୋଟିଏ ଗାଁକୁ ନେଇ ଛତିଶଗଡ଼ ସହ ଓ କେନ୍ଦୁଝର ଜିଲ୍ଲାର ଆଉ ଗୋଟିଏ ଗାଁକୁ ନେଇ ଝାଡ଼ଖଣ୍ଡ ସହ ବିବାଦ ଥମୁନାହିଁ । ବାଲେଶ୍ୱର ଜିଲ୍ଲାର ଭୋଗରାଇ ଅଞ୍ଚଳରେ ପଶ୍ଚିମବଙ୍ଗ ବାରମ୍ବାର ଅଧିକାର ଦାବି କରିବା ସଂଗେ ସଂଗେ ବେଆଇନ୍ ଭାବେ ସୁବର୍ଣ୍ଣରେଖା ନଦୀ ଶଯ୍ୟାରୁ ହଜାର ହଜାର ଟ୍ରକ ବାଲି ଉଠାଇ ଚାଲିଛି । ଏହି ୪ଟି ରାଜ୍ୟ ଓଡ଼ିଶାର ଅନେକ ଚାଷ ଜମି, ଜଙ୍ଗଲ ଜମି, ପାହାଡ ପର୍ବତ ଏମିତିକି ନଦୀ ନାଳକୁ ବି ଅକ୍ତିଆର କରୁଛନ୍ତି । ଏଥିଯୋଗୁ ସ୍ଥାନୀୟ ଅଞ୍ଚଳରେ ବହୁ ସମୟରେ ଉତ୍ତେଜନା ଲାଗି ରହୁଥିବା ବେଳେ କେତେକ ସ୍ଥାନରେ ଉଭୟ ରାଜ୍ୟର ଦ୍ୱୈତ ଶାସନ ଚାଲୁଛି। (ତଥ୍ୟ)

# ସଡ଼କ ଦୁର୍ଘଟଣାରେ ୩ ଯୁବକଙ୍କ ମୃତ୍ୟୁ

**କେନ୍ଦୁଝର, ୧୩।୬ (ସଂଚାର ବ୍ୟୁରୋ) :** କେନ୍ଦୁଝରରେ ସଡ଼କ ଦୁର୍ଘଟଣାରେ ୩ଜଣ ଯୁବକ ମୃତ । ସଦର ଥାନା ୪୯ ନମ୍ବର ଜାତୀୟ ରାଜପଥ ଠାକୁରଡ଼ିହି ଛକରେ ଅଜଣା ଗାଡ଼ି ଧକ୍କାରେ ବାଇକରେ ଆସୁଥିବା ୩ଜଣ ଯୁବକଙ୍କର ମୃତ୍ୟୁ ଘଟିଛି । ମୃତ ସମସ୍ତ ଯୁବକମାନେ ଶୁଆକାଟୀ ମାଇନିଂ ଛକ ଅଞ୍ଚଳର ବୋଲି ଜଣାପଡିଛି । ସୂଚନା ଅନୁଯାୟୀ ଆସନ୍ତାକାଲି ରଜ ଉତ୍ସବ ପାଇଁ ଯୁବକମାନେ ଏକ ବାଇକରେ ଡ୍ରେସ୍ କିଣିବାକୁ ଆସୁଥିଲେ । ସେମାନଙ୍କ ପଛରୁ ଏକ ଟ୍ରକ୍ ଧକ୍କା ଦେବାରୁ ଘଟଣାସ୍ଥଳରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଥିବା ବେଳେ, ଅନ୍ୟ ୨ ଜଣ ଯୁବକଙ୍କର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଛି ।

# ବନ୍ଦ୍ କୋଠରୀରୁ ଡାକ୍ତରଙ୍କ ମୃତଦେହ ଉଦ୍ଧାର




**ବାଲେଶ୍ୱର , ୧୩।୬ (ସଂଚାର ବ୍ୟୁରୋ) :** ବନ୍ଦ୍ କୋଠରୀରୁ ଡାକ୍ତରଙ୍କ ମୃତଦେହ ଉଦ୍ଧାର ହୋଇଛି । କେଉଁ କାରଣରୁ ଡାକ୍ତରଙ୍କ ମୃତ୍ୟୁ ହୋଇଛି ତାହା ଅସ୍ପଷ୍ଟ ରହିଛି । ମୃତ ଡାକ୍ତର ଜଣକ ହେଲେ ପଶ୍ଚିମବଙ୍ଗ କାଲିଘାଟ ଅଞ୍ଚଳର ବୋଲି ଜଣାପଡିଛି । ଡାକ୍ତର ଜଣକ ପ୍ରତି ମାସରେ ବାଲେଶ୍ୱର ଦିନକ ପାଇଁ ଆସନ୍ତି । ସେ ନିଶା ଛଡାଇବା ପାଇଁ ଔଷଧ ଦିଅନ୍ତି । ଗତକାଲି ଠାରୁ ଡାକ୍ତର ପ୍ରଦୀପ ମଲ୍ଲିକ ଆସି ହୋଟେଲରେ ରହିଥିଲେ । ତେବେ ଗତକାଲି ରାତ୍ରିରେ ଖାଇବା ପରେ ରୁମ୍‌କୁ ଯାଇ ସୋଇଥିବା ବେଳେ ସକାଳ ୭ ଟାରେ ତାଙ୍କର ଚେକ୍ ଆଉଟ୍ ଥିଲା । ତେବେ ଦୀର୍ଘ ସମୟ ଅପେକ୍ଷା ପରେ ମଧ୍ୟ କବାଟ ନଖୋଲିବାରୁ ସନ୍ଦେହରେ ହୋଟେଲ କର୍ତ୍ତୃପକ୍ଷ ପୁଲିସକୁ ଖବର ଦେଇଥିଲେ । ତେବେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ପରିବାର ଲୋକଙ୍କୁ ଖବର ଦେଇଥିବା ଜଣାପଡିଛି ।

জীবন অমৃত অনুচিন্তা

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର



# ଉତ୍ପାଦନ ବୃଦ୍ଧିର ଆବଶ୍ୟକତା

ବିଶ୍ୱ ଅର୍ଥନୀତିରେ ବିପର୍ଯ୍ୟୟ ସତ୍ତ୍ୱେ ଭାରତର ଅଭିବୃଦ୍ଧି ହାର ବିଶ୍ୱରେ ସର୍ବାଧିକ ରହିଛି। ଲଗାତର କିଛି ବର୍ଷ ଭାରତର ଅଭିବୃଦ୍ଧି ହାର ୬ ୨ପ୍ରତିଶତରୁ ଅଧିକ ରହିଛି। ଏହାର ମୁଖ୍ୟ କାରଣ ହେଲା ଭାରତର କୃଷି ଉତ୍ପାଦନ। ଭାରତର କୃଷି ଉତ୍ପାଦନ ହେଉଛି ଏହାର ଶକ୍ତି ଏବଂ ସାମର୍ଥ୍ୟ। ସତୁରୀ ଦଶକରେ ଆରମ୍ଭ ହୋଇଥିବା ସବୁଜ ବିପ୍ଳବ ପ୍ରଭାବରୁ ଭାରତରେ କୃଷି ଉତ୍ପାଦନ ବୃଦ୍ଧି ପାଇଛି। କିନ୍ତୁ ଏହା ଆଭ୍ୟନ୍ତରୀଣ ଚାହିଦା ତୁଳନାରେ ପର୍ଯ୍ୟାପ୍ତ ନୁହେଁ। ନଚେତ ଆମେ କୃଷି ଉତ୍ପାଦିତ ସାମଗ୍ରୀ ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରନ୍ତେ। କହିବା ବାହୁଲ୍ୟ ଯେ, ଦେଶ ସ୍ୱାଧୀନ ହେବାର ୭୮ ବର୍ଷ ପରେ ବି ଆମେ ଖାଦ୍ୟ ଉତ୍ପାଦନରେ ଶତ ପ୍ରତିଶତ ସ୍ୱାବଲମ୍ବୀ ହୋଇପାରିନାହୁଁ। ତେଣୁ ଦେଶରେ ଆଉ ଏକ ସବୁଜ ବିପ୍ଳବର ଆବଶ୍ୟକତା ରହିଛି ବୋଲି ଅନେକ ମତପ୍ରକାଶ କରୁଛନ୍ତି। ଗତ ୭୮ ବର୍ଷ ଭିତରେ ଆମର ଖାଦ୍ୟ ଉତ୍ପାଦନ ବହୁଗୁଣ ବୃଦ୍ଧି ପାଇଛି। କିନ୍ତୁ ଏହା ଆମ ଜନସଂଖ୍ୟା ତୁଳନାରେ ପର୍ଯ୍ୟାପ୍ତ ନୁହେଁ। ସ୍ୱାଧୀନତା ପରେ ଇତିମଧ୍ୟରେ ଜନସଂଖ୍ୟା ୪ଗୁଣ ବୃଦ୍ଧି ପାଇଛି। ୧୯୪୭ରେ ଦେଶର ଜନସଂଖ୍ୟା ଥିଲା ୩୫ କୋଟି। ଏବେ ଏହା ୧୪୦ କୋଟିରୁ ଅଧିକ। ଏତେ ସଂଖ୍ୟକ ଲୋକଙ୍କୁ ଖାଦ୍ୟ ଯୋଗାଇବା ବାସ୍ତବରେ ଏକ କଠିନ ବ୍ୟାପାର। ଆମେ ଗହମ ଓ ଚାଉଳ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରିଛୁ। କିନ୍ତୁ ଡାଲିଜାତୀୟ ଫସଲ ଏବଂ ତୈଳବୀଜ ଉତ୍ପାଦନରେ ଆମେ ସ୍ୱାବଲମ୍ବୀ ହୋଇପାରିନୁ। ଫଳ ଓ ପନିପରିବା ଉତ୍ପାଦନ ୧୪୦ କୋଟି ଲୋକଙ୍କ ପାଇଁ ପର୍ଯ୍ୟାପ୍ତ ନୁହେଁ। ତେଣୁ ଆମକୁ ଅନେକ ସମୟରେ ଏହାର ଆବଶ୍ୟକତା ପୂରଣ ନିମନ୍ତେ ବିଦେଶରୁ ଏସବୁ ସାମଗ୍ରୀ ଆମଦାନୀ କରିବାକୁ ପଡ଼ିଥାଏ। ବିଦେଶରୁ ଆମଦାନୀ ନହୋଇପାରିଲେ ଏଠାରେ ଅଭାବ ଓ ଦର ବୃଦ୍ଧି ହୋଇଥାଏ। ୟୁକ୍ରେନ-ଋଷିଆ ଯୁଦ୍ଧ ପରେ ଭାରତରେ ଖାଇବା ତେଲର ଅଭାବ ଓ ଦରବୃଦ୍ଧି ଏହାର ଏକ ଉଦାହରଣ। ଗତ ଏପ୍ରିଲ ମାସରେ ଭାରତରେ ଅସ୍ୱାଭାବିକ ଗ୍ରୀଷ୍ମପ୍ରବାହ ଯୋଗୁ ଗହମ ଉତ୍ପାଦନ ୨୦% ହ୍ରାସ ପାଇଛି। ସେହିପରି ଚଳିତ ବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀ ବିଳମ୍ବରେ ଆସିବା ସହ ଅନେକ ସ୍ଥାନରେ ସ୍ୱଳ୍ପ ବୃଷ୍ଟିପାତ ବା ବର୍ଷାରେ ଅନିୟମିତତା ଦେଖା ଦେଇଛି। ତେଣୁ ଏଥର ଧାନଚାଷ ୬ ପ୍ରତିଶତ କମ ଜମିରେ ହୋଇଛି। ସେପଟେ କେତେକ ସ୍ଥାନରେ ବନ୍ୟା ଯୋଗୁ ଫସଲ ନଷ୍ଟ ହୋଇଛି। ଏସବୁକ ବିଚାର କଲେ ଚଳିତ ବର୍ଷ ଦେଶରେ ଖରିଫ ପସଲ ବିଶେଷ କରି ଧାନ ଉତ୍ପାଦନ ଅତି କମରେ ୧୦ ପ୍ରତିଶତ କମ ହେବ ବୋଲି ଆକଳନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଭାରତ ସରକାର ଗତ ମେ' ମାସରେ ଗହମ ଏବଂ ଜୁଲାଇରେ ଅଟା ଓ ସିମେଇ ରପ୍ତାନୀ ଉପରେ କଟକଣା ଲାଗୁ କରିଛନ୍ତି। ସେହିପରି ଭଙ୍ଗା ଚାଉଳ ରପ୍ତାନୀକୁ ମଧ୍ୟ ବନ୍ଦ କରାଯାଇଥିବା ବେଳେ ଅଣବାସମତି ଚାଉଳ ରପ୍ତାନୀ ଉପରେ ୨୦% ଶୁଳ୍କ ଧାର୍ଯ୍ୟ କରିଛନ୍ତି। ତେଣୁ ଭାରତରୁ ଚାଉଳ ରପ୍ତାନୀ ହ୍ରାସ ପାଇଛି। ଡବ୍ଲ୍ୟୁଟିଓରେ ଭାରତର ଏହି ପଦକ୍ଷେପକୁ ସମାଲୋଚନା କରାଯାଇଛି। ଭାରତ ଭଳି ଏକ କୃଷି ପ୍ରଧାନ ଦେଶ ଖାଦ୍ୟ ରପ୍ତାନୀ ଉପରେ କଟକଣା ଜାରି କରିବା ଦ୍ୱାରା ବିଶ୍ୱରେ ଖାଦ୍ୟ ସଙ୍କଟ ଆହୁରି ଜଟିଳ ହେବ ବୋଲି ଅନେକ ଆଶଙ୍କା ବ୍ୟକ୍ତ କରିଛନ୍ତି। କିନ୍ତୁ ଏଥିପାଇଁ ଭାରତକୁ ଦୋଷ



ଦେବା ଅନ୍ୟାୟ ହେବ। ଭାରତ ସରକାର ନିଜ ଦେଶର ନାଗରିକଙ୍କ ସ୍ୱାର୍ଥ ବିଷୟରେ ପ୍ରଥମେ ଚିନ୍ତା କରିବାରେ କିଛି ଭୁଲ ନାହିଁ। ୧୪୦ କୋଟି ଲୋକଙ୍କୁ ଖାଇବାକୁ ଦେବା ଏତେ ସହଜ ନୁହେଁ। ଆମେରିକା ଭଳି ଏକ ଧନୀ ରାଷ୍ଟ୍ର ମଧ୍ୟ ଏଭଳି ପରିସ୍ଥିତିରେ ହାର ମାନିଯିବ। ତେଣୁ ରପ୍ତାନୀ ବନ୍ଦ ପାଇଁ ଭାରତକୁ ଦୋଷ ଦିଆଯାଇପାରିବ ନାହିଁ। ଭାରତ ସରକାରଙ୍କ କହିବା କଥା ହେଲା ଦେଶରେ ଗହମ ଓ ଚାଉଳ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଛି। ତେଣୁ ବ୍ୟସ୍ତ ବିବ୍ରତ ହେବାର କିଛି କାରଣ ନାହିଁ। କିନ୍ତୁ ଅନ୍ୟ ପକ୍ଷରେ ଭାରତ ଗହମ, ଚାଉଳ ଓ ଅନ୍ୟ କୃଷିଜାତ ସାମଗ୍ରୀ ବିଦେଶକୁ ରପ୍ତାନୀ କରି ପ୍ରଚୁର ବୈଦେଶିକ ମୁଦ୍ରା ଅର୍ଜନ କରିଥାଏ। ଏହା ବି ଜରୁରୀ। କାରଣ ଏହି ଅର୍ଥରେ ଆମକୁ ଅଶୋଧିତ ତୈଳ ଏବଂ ପ୍ରତିରକ୍ଷା ସାମଗ୍ରୀ କିଣିବାକୁ ପଡ଼ୁଛି। ଔଷଧ, ସାର, କୋଇଲା କିଣିବାକୁ ପଡ଼ୁଛି। ଏହା ବି ଜରୁରୀ। ମୋଟ ଉପରେ କହିଲେ ନିଜର ଆବଶ୍ୟକତା ପୂରଣ କରି ଭାରତକୁ କିଛି ଖାଦ୍ୟ ସାମଗ୍ରୀ ରପ୍ତାନୀ କରିବାକୁ ପଡ଼ିବ। ସାଉଦୀଆରବ, ୟୁଏଇ, ଓମାନ, କାତାର ଭଳି ଅନେକ ରାଷ୍ଟ୍ର ଯେଉଁଠି ଖାଦ୍ୟ ଉତ୍ପାଦନ କମ ରହିଛି ବା ନାହିଁ କହିଲେ ଚଳେ ସେମାନେ ଭାରତକୁ ତେଲ ଦେଉଛନ୍ତି, ପ୍ରତିବଦଳରେ ଖାଦ୍ୟ ନେଉଛନ୍ତି। ଏହା ମଧ୍ୟ ଦ୍ୱିପାକ୍ଷିକ ସମ୍ପର୍କ ଲାଗି ଜରୁରୀ। ଅନ୍ୟ ରାଷ୍ଟ୍ର ସହ ଦ୍ୱିପାକ୍ଷିକ ବାଣିଜ୍ୟିକ ସମ୍ପର୍କ ରକ୍ଷା କୂଟନୈତିକ ଓ ଆର୍ଥିକ ଦୃଷ୍ଟିରୁ ଜରୁରୀ। ନିଜ ପଡ଼ୋଶୀ ଏବଂ ବନ୍ଧୁ ରାଷ୍ଟ୍ରଙ୍କୁ ସହାୟତା କରିବା ମଧ୍ୟ ଜରୁରୀ। ଏଭଳି ପରିସ୍ଥିତିରେ ଭାରତକୁ ଖାଦ୍ୟ ଉତ୍ପାଦନ ବୃଦ୍ଧି କରିବା ନିହାତି ଜରୁରୀ। ଭାରତର ୧୪୦ କୋଟି ଲୋକ ହୋଇଥିବା ବେଳେ ଆମକୁ ଦେଢ଼ ଶହ କୋଟି ଲୋକଙ୍କ ପାଇଁ ଖାଦ୍ୟ ଉତ୍ପାଦନ କରିବାକୁ ପଡ଼ିବ। ତା ଛଡ଼ା ଭାରତରେ ୮୦ କୋଟି ଲୋକଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ମାଗଣା ବା ରିହାତିରେ ଚାଉଳ ଏବଂ ଗହମ ଦିଆଯାଉଛି। ଏଥିପାଇଁ ମଧ୍ୟ ପ୍ରଚୁର ପରିମାଣରେ ଖାଦ୍ୟ ଶସ୍ୟର ଆବଶ୍ୟକତା ରହିଛି। ଏସବୁକୁ ବିଚାର କଲେ ଆମକୁ ଖାଦ୍ୟ ଉତ୍ପାଦନ ବୃଦ୍ଧି କରିବା ନିହାତି ଆବଶ୍ୟକ। ଭାରତୀୟ ଅର୍ଥନୀତିର ମେରୁଦଣ୍ଡ ହେଲା କୃଷି। ପ୍ରାକୃତିକ ବିପର୍ଯ୍ୟୟ, ଅସ୍ୱାଭାବିକ ପାଣିପାଗ ସବୁ ବର୍ଷ ହେବ। ଏହା ସତ୍ତ୍ୱେ ଆମକୁ ବଳକା ହେଲା ଭଳି ଖାଦ୍ୟ ଉତ୍ପାଦନ କରିବାକୁ ପଡ଼ିବ। କେବଳ ଉତ୍ପାଦନ କରିଦେଲେ ହେବ ନାହିଁ, ଏହାର ସଂରକ୍ଷଣ ନିମନ୍ତେ ବ୍ୟବସ୍ଥା କରିବାକୁ ପଡ଼ିବ। ଭାରତରେ ଅନେକ ଗରିବ ଅଛନ୍ତି, ଧନୀ ମଧ୍ୟ ଅଛନ୍ତି। ତେଣୁ ଖାଦ୍ୟର ସୁଷମ ବଣ୍ଟନ ସହିତ ଗୋଟିଏ ହେଲେ ଦାନା ଯେପରି ନଷ୍ଟ ନହେବ ସେଥିପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଭାରତରେ ପ୍ରତିବର୍ଷ ଯେତିକି ଖାଦ୍ୟ ସାମଗ୍ରୀ ନଷ୍ଟ ହୁଏ ତାହା ପୁରା ଅଷ୍ଟ୍ରେଲିଆର ଅଧିବାସୀଙ୍କ ଖାଦ୍ୟ ବ୍ୟବହାରଠାରୁ ଅଧିକ। ଏସବୁ ଲାଗି ତତ୍କାଳ ଏବଂ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ। କେବଳ ଉତ୍ପାଦନ ବୃଦ୍ଧି ଯଥେଷ୍ଟ ନୁହେଁ, ଏହାର ସୁଷମ ବଣ୍ଟର ମଧ୍ୟ ଆବଶ୍ୟକତା ରହିଛି। ସୁଷମ ବଣ୍ଟନ ଅଭାବରୁ ଆମର ବିପୁଳ ପରିମାଣର ଖାଦ୍ୟ ନଷ୍ଟ ହେଉଛି ଏବଂ ଅନେକ ଅନାହାରରେ ରହୁଛନ୍ତି। ଯଦି ଉତ୍ପାଦିତ ଖାଦ୍ୟର ସୁଷମ ବଣ୍ଟନ ହୋଇପାରନ୍ତା ତେବେ ଆଉ କେହି ଦେଶରେ ଅନାହାରରେ ରହନ୍ତେ ନାହିଁ। ଏହା ସହିତ ଦରବୃଦ୍ଧିକୁ ମଧ୍ୟ ରୋକାଯାଇପାରନ୍ତା। ଏ ଦିଗରେ ଯୋଜନାକାରୀମାନେ ଦୃଷ୍ଟି ଦେବେ ବୋଲି ଆଶା।

# ଭାରତରେ ବେସରକାରୀ ବିନିଯୋଗ ବଢ଼ିବ କି?



**ସୁବାସ ଷଡଙ୍ଗୀ**

ଦେଶରେ ଅର୍ଥନୀତି ସମ୍ପର୍କୀୟ କେତେକ ଖବର ଏବେ ବେଶ ଆଲୋଡ଼ନ ସୃଷ୍ଟି କରିଛି। ସବୁଠାରୁ ପ୍ରକାଶିତ ସଦ୍ୟ ରିପୋର୍ଟ ହେଲା, ବିଶ୍ୱ ବ୍ୟାଙ୍କ ରିପୋର୍ଟ। ଏଥିରେ ଦର୍ଶାଯାଇଛି, ଭାରତରେ ଦାରିଦ୍ର୍ୟ ହାର ଅନେକ ପରିମାଣରେ କମିଛି। ଏଥିରେ ଦିଆଯାଇଥିବା ପରିସଂଖ୍ୟାନରେ କୁହାଯାଇଛି, ୨୦୧୧-୧୨ ରୁ ୨୦୨୨-୨୩ ମଧ୍ୟରେ ୨୬.୯ କୋଟି ଲୋକ ଦାରିଦ୍ର୍ୟ ସୀମାରେଖାର ଉପରକୁ ଉଠିଛନ୍ତି। ଦେଶରେ ଅତି ଦାରିଦ୍ର୍ୟ ହାର ୨୭ ଶତାଂଶରୁ କମି ୫.୩ ଶତାଂଶରେ ପହଂଚିଛି।

ବିଶ୍ୱ ବ୍ୟାଙ୍କ ରିପୋର୍ଟ ପ୍ରକାଶିତ ହେବାର କିଛିଦିନ ପୂର୍ବରୁ ପ୍ରକାଶିତ ହୋଇଛି, ଜିଡିପି ସଂକ୍ରାନ୍ତୀୟ ଏକ ରିପୋର୍ଟ। ୨୦୨୫ ମସିହା ମାର୍ଚ୍ଚ ୩୧ ତାରିଖ ସୁଧା ଶେଷ ହୋଇଥିବା ଆର୍ଥିକ ବର୍ଷରେ ଭାରତରେ ଜିଡିପି ବୃଦ୍ଧିର ହାର କିଛିଟା କମିଯାଇଛି। ଏବେ ଏହା ୬.୫ ଶତାଂଶରେ ପହଂଚିଛି। କୋଭିଡ ମହାମାରୀ ପରେ ଆର୍ଥିକ ବୃଦ୍ଧିହାର ସେତେଟା ବଢିନି। ଭାରତରେ ଆର୍ଥିକ ବୃଦ୍ଧିହାର କିଛି ପରିମାଣରେ କମିବାର କାରଣ ହେଲା, ଉତ୍ପାଦନ ଶିଳ୍ପରେ ମାନ୍ଦାବସ୍ଥା ଦେଖାଦେବା। ଏହା ଭିତରେ କୃଷି କ୍ଷେତ୍ରରେ କିଛିଟା ଉନ୍ନତି ପରିଲକ୍ଷିତ ହୋଇଛି। ଗତ ଆର୍ଥିକ ବର୍ଷରେ କୃଷି କ୍ଷେତ୍ରରେ ବୃଦ୍ଧିର ହାର ଥିଲା ୫.୪ ଶତାଂଶ। ପରିସେବା କ୍ଷେତ୍ରରେ ଆର୍ଥିକ ବୃଦ୍ଧିହାର ସାତ ଶତାଂଶରୁ ଅଧିକ। କିନ୍ତୁ କଥା ହେଉଛି, ଶିଳ୍ପ ପ୍ରତିଷ୍ଠା ନହେଲେ ଆର୍ଥିକ କାରବାର ବଢିପାରିବ ନାହିଁ। ଶିଳ୍ପରେ ଅନେକ ଲୋକ ଚାକିରି କରନ୍ତି। ଏକ ନିର୍ଦ୍ଦିଷ୍ଟ ରୋଜଗାର କରନ୍ତି। ସେଇ ଅନୁସାରେ ଖର୍ଚ୍ଚ ମଧ୍ୟ କରନ୍ତି। ଯାହା ଆର୍ଥିକ କାରବାରକୁ ଗତିଶୀଳ କରିବାରେ କିଛିଟା ସହାୟକ ହୋଇଥାଏ। କିନ୍ତୁ ଏବେ ଉତ୍ପାଦନ ଶିଳ୍ପ ମାନ୍ଦାବସ୍ଥା ଦେଇ ଗତି କରୁଥିବାରୁ ସେବା କ୍ଷେତ୍ରରେ ବିଶେଷ ପ୍ରଭାବ ପଡି ପାରି ନାହିଁ। ଜିଡିପି ପରିସଂଖ୍ୟାନକୁ ଆଧାର କରି ରିଜର୍ଭ ବ୍ୟାଙ୍କ ଏବେ ରେପୋ ରେଟ ହ୍ରାସ କରିଛନ୍ତି। ରିଜର୍ଭ ବ୍ୟାଙ୍କ ମୁଦ୍ରାନୀତି ସମ୍ପର୍କୀୟ କମିଟି ସେମାନଙ୍କ ସର୍ବଶେଷ ବୈଠକରେ ରେପୋରେଟ ୫୦ ବେସିସ ପଏଂଟ କମାଇଛନ୍ତି। ପ୍ରତି ଦୁଇମାସରେ ଥରେ ରିଜର୍ଭ ବ୍ୟାଙ୍କର ମୁଦ୍ରା ସଂକ୍ରାନ୍ତୀୟ କମିଟିର ବୈଠକ ବସିଥାଏ। ଜୁନ ମାସ ପୂର୍ବରୁ ଏପ୍ରିଲ ଓ ଫେବୃୟାରୀ ମାସରେ ରିଜର୍ଭ ବ୍ୟାଙ୍କର ବୈଠକ ବସିଥିଲା। ଏଇ ଦୁଇ ବୈଠକରେ ରେପୋରେଟ ୨୫ ପଏଂଟ କମା ଯାଇଥିଲା। ,ସବୁ କଥା ବିଚାରକୁ ନେଲେ ଦେଖାଯିବ ରିଜର୍ଭ ବ୍ୟାଙ୍କ ୨୦୨୫ ମସିହାରେ ରେପୋରେଟ ୧୦୦ ବେସିସ ପଏଂଟ କମାଇଛନ୍ତି। ରିଜର୍ଭ ବ୍ୟାଙ୍କ ଯେଉଁ ସୁଧହାରରେ ବାଣିଜ୍ୟିକ ବ୍ୟାଙ୍କମାନଙ୍କୁ ଟଙ୍କା ଋଣ ଦିଏ, ତାହାକୁ କୁହାଯାଏ 'ରେପୋରେଟ'।ଏଣୁ କୁହାଯାଇପାରେ ୨୦୨୫ ମସିହାରେ ରିଜର୍ଭ ବ୍ୟାଙ୍କ ଶତକଡା ଏକ ଭାଗ ସୁଧ କମାଇଛନ୍ତି। ରିଜର୍ଭ ବ୍ୟାଙ୍କ ସୁଧର ହାର କମାଇଥିବାରୁ ବାଣିଜ୍ୟିକ ବ୍ୟାଙ୍କମାନେ ମଧ୍ୟ ଋଣ ଦେଲାବେଳେ କମ ସୁଧହାରରେ ଋଣ ଦେବେ। ସୁଧର ହାର କମିଲେ ସବୁଠୁ ଅଧିକ ଲାଭବାନ ହୁଅନ୍ତି, ଶିଳ୍ପପତିମାନେ। ସେମାନେ ଅଧିକ ବିନିଯୋଗ କରିବାକୁ ଆଗ୍ରହ ପ୍ରକାଶ କରନ୍ତି। ସୁଧ କମିଲେ ସେମାନଙ୍କ ଖର୍ଚ୍ଚ କମେ। ଏଣୁ ବେସରକାରୀ ବିନିଯୋଗକାରୀମାନଙ୍କୁ ସାହାଯ୍ୟ କରିବା ପାଇଁ ରିଜର୍ଭ ବ୍ୟାଙ୍କ ସୁଧର ହାର କମାଇଛନ୍ତି। ଆଶା କରାଯାଉଛି, ଅଧିକ ଶିଳ୍ପ ପ୍ରତିଷ୍ଠା ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି ହେବ। ବାଣିଜ୍ୟିକ ବ୍ୟାଙ୍କମାନେ ସେମାନଙ୍କ ମୋଟ ଅମାନତର ଏକ ଅଂଶ ରିଜର୍ଭ ବ୍ୟାଙ୍କରେ ଜମା କରନ୍ତି। ଏଇ ଟଙ୍କାକୁ ସେମାନେ ଋଣ ଦେଇ ପାରନ୍ତି ନାହିଁ। ଏହାକୁ କୁହାଯାଏ ' ନଗଦ ଜମା ଅନୁପାତ'। ବ୍ୟାଙ୍କ ଗୁଡିକ ସେମାନଙ୍କ ନଗଦ ଜମାର ଚାରି ଶତାଂଶ ରିଜର୍ଭ ବ୍ୟାଙ୍କରେ ଜମା ଦିଅନ୍ତି। ଏଥରକ ରିଜର୍ଭ ବ୍ୟାଙ୍କର ବୈଠକରେ ସ୍ଥିର ହୋଇଛି ନଗଦ ଜମାର ଅନୁପାତକୁ ତିନି ଶତାଂଶକୁ କମାଇ ଅଣାଯିବ। ଯଦି ଏହା ସମ୍ଭବ ହୁଏ, ତେବେ ଡିସେମ୍ବର ଶେଷ ସୁଧା ବ୍ୟାଙ୍କ ଗୁଡିକ ଅଢେଇଲକ୍ଷ କୋଟି ଟଙ୍କା ନଗଦ ଆକାରରେ ପାଇପାରିବେ। ଏଇ ଟଙ୍କାକୁ ସେମାନେ ଶିଳ୍ପ ପ୍ରତିଷ୍ଠା ପାଇଁ ଋଣ ଦେଇ ପାରିବେ। କିନ୍ତୁ ଏହା ଦ୍ୱାରା କଣ ଭାରତରେ ବେସରକାରୀ ପଂଜି ବିନିଯୋଗ ବଢିବ କି? ୨୦୧୯ ମସିହାରେ ସରକାର କର୍ପୋରେଟ କର ହ୍ରାସ କରିଥିଲେ। ଲକ୍ଷ୍ୟ ଥିଲା ବେସରକାରୀ ପୁଂଜି ବିନିଯୋଗ ବଢିବ। ମାତ୍ର ତାହା ହେଲା ନାହିଁ। ଅନେକ କହନ୍ତି, ସରକାରୀ ପୁଂଜି ବିନିଯୋଗ ଅଧିକ ହେଲେ ବେସରକାରୀ ପୁଂଜି ବିନିଯୋଗ ପାଇଁ ଆଗ୍ରହ ପ୍ରକାଶ ପାଏ। କିନ୍ତୁ ସେଭଳି ପରିସ୍ଥିତି ଯେ ଦେଖାଦେବ, ତାହା ଜଣା ପଡୁ ନାହିଁ।

ସରକାରଙ୍କ ପକ୍ଷରୁ ଆୟ କରରେ ରିହାତି ଘୋଷଣା କରାଯାଇଛି। ଏବେ ୧୨ ଲକ୍ଷ ଆୟ ପର୍ଯ୍ୟନ୍ତ ରାୟ କର ଦେବାକୁ ପଡିବ ନାହିଁ। ଏଣୁ ଆଶା କରାଯାଉଛି ମଧ୍ୟ ବିତ ଶ୍ରେଣୀର ଲୋକମାନଙ୍କ ହାତକୁ ଅଧିକ ଟଙ୍କା ଆସିବ। ଗାଡି ଘର କିଣିବାକୁ ସେମାନେ ଆଗ୍ରହ ପ୍ରକାଶ କରିବେ। ରପ୍ତାନୀ ବୃଦ୍ଧି ପାଇଲେ ବେସରକାରୀ ପୁଂଜି ଅଧିକ ବିନିଯୋଗ ହୁଏ। କିନ୍ତୁ ଆମେରିକାର ଟ୍ରମ୍ପ ସରକାର ଏବେ ଯେଉଁ ନୀତି ଘୋଷଣା କରିଛନ୍ତି, ସେଥିରେ ରପ୍ତାନୀ କଥା ନ କହିବା ଭଲ। ଏପରି ପରିସ୍ଥିତିରେ ବିନିଯୋଗ କଣ ଓ କିପରି ହେବ, ତାହା କେବଳ ସମୟ କହିବ। ଅଥନୀତି ଉପରେ ନିର୍ଭର କରୁଛି, ଦରଦାମ। ଏଣ ସରକାରୀ ଭାବେ ବିନିଯୋଗ ବଢାଇବା ପାଇଁ ଉଦ୍ୟମ ହେବା ଦରକାର। ନହେଲେ ଆମେରିକା ,ଯଭଳି ଭାବରେ ଶୁଳ୍କର ଭେଳିକି ଚଲାଇଛି,କଣ ହେବ କହିହେବ ନାହିଁ। ସବୁ କ୍ଷେତ୍ରରେ ଆମକୁ ଆତ୍ମନିର୍ଭରଶୀଳ ହେବାକୁ ହେବ।

**ମୋବାଇଲ: ୯୪୩୯୬୫୨୩୨୨**

# ମାଟି ଓ ମୌସୁମୀ ମିଳନର ପର୍ବ ରଜପର୍ବ



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ପ୍ରଥମ ବର୍ଷାର ପହିଲି ପସରା ମାଟି ଛୁଇଁଲେ, ଆଦ୍ର ହୋଇ ଉଠେ ପୃଥିବୀ। ଶୀତଳତା ଭରିଯାଏ ସବୁଆଡ଼େ। ଯେମିତିକି ବହୁ ଦିନୁ ପ୍ରତିକ୍ଷୀତ ଏଇ ମାଟି- ମେଘ ସହ ରଚି ବସିଛି ଶୃଙ୍ଗାରର ପର୍ବ। ପୂର୍ଣ୍ଣ ଯୌବନର ଦୀପ୍ତି ନେଇ ଧରିତ୍ରୀକୁ ଆସିଥାଏ। ମାଟି ଓ ମୌସୁମୀର ମିଳନର ପର୍ବ ରଜ।ପୃଥିବୀର ମାତୃତ୍ୱ କାମନା କରି ସୃଷ୍ଟିର ଜୟ ଗୀତଗାନ କରେ କୃଷକ। ଆଦ୍ୟ ଆଷାଢ଼ର ପ୍ରଥମ ବାରିପାତରେ ପୃଥିବୀ ଋତୁମତୀ ହୋଇଥିବାରୁ ଖୁସିରେ ଉତ୍ସବ ମୁଖର ହୋଇ ଉଠେ ସବୁଆଡ଼େ। ଶରୀର ପାଇଁ ବିଶ୍ରାମ ଆଉ ମନ ପାଇଁ ଆନନ୍ଦର ଅବସର ଏହି ରଜ ପର୍ବ। ଦୋଳିରେ ଦୋଳିରେ ଛୁଟେ କୁଆଁରୀଙ୍କ ରଜଗୀତର ଲହରୀ ସ୍ୱର। ପୋଡପିଠା ଖାଇ , ପୁଅମାନଙ୍କ ତାସ ବାଗୁଡି ଖେଳ, ଆଉ ଝିଅ ମାନଙ୍କ ଗାଁ ବୁଲା, ଅଳତାଲଗା ସହ ରଜ ପାନ ଖାଇ ଓଠ ରଙ୍ଗେଇବାର ଏଇ ଏକ ଭିନ୍ନ ମଉକା। ମୌସୁମୀ ଆସିବାରେ ପୃଥିବୀ ତିନ୍ତିଛି ପ୍ରଥମ ବର୍ଷାର ସ୍ପର୍ଶରେ। ଆଦ୍ର ହୋଇଛି ମାଟି। ମାଟିର ଭୁରୁଭୁରୁ ଗନ୍ଧ ମହକେଇ ଦଉଛି-ଗାଁ ଭୁଇଁ। ହଳଦୀ ମୁଖା ନିରିମାଖୀ ଦେହରେ ସରଳା ପଲ୍ଲୀବାଳା ସଜେଇ ହୋଇଛି କୁଙ୍କୁମ ଚନ୍ଦନ । ଋତୁମତୀ ଧରାର ସଂକେତ ବହନ କରି ସେ ଆଜି ସମସ୍ତଙ୍କ ପାଇଁ ମହାନିୟା, ବନ୍ଦନୀୟା ହୋଇଛି। ତେଣେ ଅକ୍ଷୟ ତୃତୀୟାରେ ଧାନ ଅନୁକୂଳ କରି ବସିଥିବା ଚାଷୀ କ୍ଷେତକୁ ଯିବାକୁ ପ୍ରସ୍ତୁତ ହୋଇଥିଲେ ବି ଏଇ ପାଞ୍ଚଦିନ ତା ପାଇଁ ବିଶ୍ରାମର ବେଳା। ଏବେ ଭୁଇଁରେ ଖାଲି ପାଦରେ ଚାଲିବା ମନା, କର୍ଷଣ ବି ମନା। ଫସଲ ଉତ୍ପାଦନ ଭଳି ଗୁରୁତ୍ୱପୂର୍ଣ୍ଣ କୃଷିପର୍ବର ଆରମ୍ଭରୁ ମାଟିକୁ ସଂପୂର୍ଣ୍ଣ ବିଶ୍ରାମ ଦେବା ପାଇଁ ଏହି ପର୍ବର ପରିକଳ୍ପନା। ଏ ପର୍ବରେ ପରିବାରର ଲୋକେ କି ଆତ୍ମୀୟସ୍ୱଜନ ଯିଏ ଯେଉଁଠି ଥିଲେ ବି , ଫେରି ଆସିଥାନ୍ତି ଘରକୁ। ବନ୍ଧୁ ବାନ୍ଧବଙ୍କ ଗହଳି ଆଉ ହସ କୌତୁକର ଆସର ଭୁଲାଇ ଦିଏ କର୍ମମୟ ଜୀବନର ଅବସାଦ। ଖରାର ଦର୍ପ କମିଲା ପରେ ମୌସୁମୀର କଅଁଳଛୁଆଁ ଶିହିରିତ କରେ ମତୀକୁ। ବାସୁମତି ବନ୍ଦନାର ଋତୁ ଇଏ। କ୍ଳାନ୍ତ ଧୂସର ଆକାଶରେ ପଇଁତରା ମରୁଛି ବାଦଲ। ଗଛର ସବୁଜିମା ଉପରେ ଆସ୍ତରଣ ଜମାଇଥିବା ବହଳ ଧୂଳି ଟୋପା ଟୋପା ମେଘରେ ଧୋଇ ହୋଇଯାଉଛି। ପ୍ରକୃତିର ସ୍ୱପ୍ନ ଓ ସୃଜନ ରଚିଛନ୍ତି ମାଳମାଳ କଙ୍କି ଓ ପ୍ରଜାପତି।

ଅତଏବ ପ୍ରକୃତି ସୃଷ୍ଟି କରିଛି ବର୍ଷା। ଆଉ ବର୍ଷାକୁ ସ୍ୱାଗତ କରି ସୃଷ୍ଟି ହୋଇଛି ରଜ ପର୍ବ। ଜ୍ୟୋତିଷ ଶାସ୍ତ୍ର ଆନୁସାରେ ସୂର୍ଯ୍ୟ ବୃଷରାଶିକୁ ତ୍ୟାଗକରି ଯେଉଁ ଦିନ ମିଥୁନ ରାଶିରେ ପ୍ରବେଶ କରି ତା ପର ଦିନକୁ ମିଶାଇ ମୋଟ ତିନିଦିନ ରଜପର୍ବ ପାଳନ କରାଯାଏ। ମୃଗଶିରା ନକ୍ଷେତ୍ରରେ ସୂର୍ଯ୍ୟ ରହିବାର ତିନିଦିନକୁ ରଜ କୁହାଯାଉଥିବା ବେଳେ ଧର୍ମଶାସ୍ତ୍ରନୁସାରେ କୌଣସି ନାଇର ଋତୁସ୍ରାବ ପ୍ରଥମ ତିନିଦିନ ଯଥାକ୍ରମେ- ଚାଣ୍ଡାଳି, ବ୍ରହ୍ମଘାତିନୀ, ଓ ରଜକୀ ହୋଇଥାଏ। ଚତୁର୍ଥ ଦିନରେ ଶୂଦ୍ରା ଓ ପଞ୍ଚମ ଦିନରେ ରମଣ ଯୋଗ୍ୟ ହୋଇଥାଏ। ତେଣୁ ରଜ ପର୍ବ ଭାବେ ମଧ୍ୟ ପାଳନ କରାଯାଏ। ରଜର ଶେଷ ଦିନରେ ଠାକୁରାଣୀ ଗାଧୁଆରେ କାଠ ପିଢ଼ା ଉପରେ ଶିଳପୁଆ ଲଙ୍ଗଳ ଲୁହା ଓ ବିଭିନ୍ନ ଉପକରଣ ରଖି ତା ଉପରେ ହଳଦୀ ପାଣି ଢାଳି ଭୋଗ ରାଗ ସହ ବାସୁମତି ସ୍ନାନ କରାନ୍ତି। ଏହା ପରେ ହିଁ ପବିତ୍ର ଓ ଉତ୍ପାଦନ କ୍ଷମ ହୁଏ ମାଟି। ରଜ ଚାଷୀଘରେ ମଉଜ ମଜଲିସର ଉତ୍ସବ ହୋଇଥିବା ବେଳେ, ଆମର ଧର୍ମୀୟ ଭାବଧାରା ଭିଡ଼ରେ ଏହା ଯୋଡି ହୋଇଯାଇଛି କାହିଁ କେଉଁ କାଳରୁ। ଶ୍ରୀମନ୍ଦିରରେ ସପ୍ତାବରଣ ମୂର୍ତ୍ତି ମଧ୍ୟରେ ଭୂଦେବୀ ବା ମାଟି ଦେବୀ ଥିବାରୁ ଏଥିରେ ମଧ୍ୟ ଖୁବ ରୀତିନୀତି ସହ ରଜପର୍ବ ପାଳନ କରାଯାଇଥାଏ। ଏହି ସମୟରେ ଅନେକ ସ୍ଥାନରେ ଗୀତା- ଭାଗବତ ପାଠ ପାରାୟଣ ପ୍ରବଚନ ପ୍ରଭୃତି ଅନୁଷ୍ଠିତ ହୋଇଥାଏ। ଆଉ ନାଚଗୀତରେ ପୁଅଝିଅମାନେ ନାଚିଥାନ୍ତି। ବର୍ଷା ହିଁ ସୃଜନ ଓ ଶୃଙ୍ଗାର ଋତୁ। ନବଯୌବନପ୍ରାପ୍ତ ଝିଅଟିଏ ଅନ୍ୟ ଘରକୁ କନିଆଁ ହୋଇଯିବାର ସ୍ୱପ୍ନ ଦେଖେ ଏଇ ରଜ ଅବସରରେ। ସେଥିପାଇଁ ହିଁ ତାର ମନର ଭାବ ପ୍ରକାଶ ଲାଗି ଦୋଳିରେ ଆୟୋଜନ- ନିଆରା ସୁଯୋଗ ହୋଇଥାଏ। ରଜପର୍ବ ପାଞ୍ଚ ଦିନ ଧରି ପାଳନ କରାଯାଏ। ରଜର ପୂର୍ବ ଦିନକୁ ମାସନ୍ତ ବା ସଜବାଜ ଓ ପ୍ରଥମ ଦିନକୁ ପହିଲି ରଜ, ମଝି ରଜ ସଂକ୍ରାନ୍ତି, ଶେଷ ରଜ ଓ ଶେଷ ରଜ ପରଦିନ ବସୁମତୀ ସ୍ନାନ ବା ବାସି ରଜ କୁହାଯାଏ। ଯେପରି ଏକ ରଜସ୍ୱଳା ନାରୀ ମୋଟ ୪ ଦିନ ପାଇଁ ଅଛୁତ ରୁହେ ସେପରି ବସୁଧା ମାତା କୁ ଅକ୍ଷତ ଓ ଅସ୍ପର୍ଶ୍ୟ ରଖାଯାଏ। ଧରିତ୍ରୀ ନିଜେ ରଜସ୍ରାବିତ ହୋଇ ନିଜ ସନ୍ତାନ ପାଇଁ ଶସ୍ୟ ଉତ୍ପାଦନକ୍ଷମତା ବଢ଼ାଏ। ରଜ ହେଉଛି ଏକମାତ୍ର ପର୍ବ ଯାହା ୩ଦିନ ପାଳିତ ହେବା ସହ ପ୍ରଥମ ରଜର ପୂର୍ବ ଦିନ ଓ ଶେଷ ରଜର ପର ଦିନ ମଧ୍ୟ ଏହି ପର୍ବ ପାଳିତ ହୋଇଥାଏ। ଅନ୍ୟ କୌଣସି ପର୍ବପର୍ବାଣିରେ ପ୍ରାୟତଃ ଏପରି ହୋଇ ନଥାଏ।

ରଜ ପର୍ବର ଉତ୍ପତ୍ତି, ବିକାଶ ଓ ସ୍ୱରୂପର ଅୟମାରମ୍ଭ କାଳ ସମ୍ପର୍କରେ ଯଥାର୍ଥ ପ୍ରାମାଣିକ ତଥ୍ୟ ଅଦ୍ୟାବଧି ଗବେଷଣାତ୍ମକ ପଦ୍ଧତିରେ ନିର୍ଣ୍ଣୟ ହୋଇ ନଥିଲେ ହେଁ କିମ୍ବଦନ୍ତୀ ରେ ଏହାର ପ୍ରାଚୀନତା ଯଥେଷ୍ଟ ସାର୍ବଜନୀନ ଅଟେ। ଉତ୍କଳୀୟ ସାଂସ୍କୃତିକ ପରମ୍ପରା ସୁପ୍ରାଚୀନ ନିର୍ଦ୍ଦିଷ୍ଟ ଶୃଙ୍ଖଳାବୋଧ ସମନ୍ୱିତ ଚେତନା ସହିତ ଉତ୍ର ସଂସ୍କୃତିର ମୌଳିକତା, ବୈଦିକ ସଂସ୍କୃତିର ଗାମ୍ଭୀର୍ଯ୍ୟ, ବୈଷ୍ଣବ ପରମ୍ପରାର ଆତ୍ମୀୟତା ତଥା ଚୈତନ୍ୟ ପରମ୍ପରାର ସତ୍ତ୍ୱପ୍ରେମର ଅପୂର୍ବ ସମନ୍ୱୟରେ ଉନ୍ମେଷିତ ଓ ବିକଶିତ ହୋଇ ମହାର୍ଘ ପରିବେଶ ମଧ୍ୟରେ ଗୌରବାନ୍ୱିତ ହୋଇଛି ପ୍ରାଚୀନ ଉତ୍କଳୀୟ ପର୍ବର୍ବାଣିସବୁ। ରଜ ଓଡ଼ିଶାର ଏକ ଗୌରବୋଜ୍ୱଳ ସାଂସ୍କୃତିକ ମହୋତ୍ସବ। ଏହି ଗୌରବୋଜ୍ୱଳ ମହୋତ୍ସବର ଐତିହ୍ୟରେ ଓଡ଼ିଶାର ହଜାର ହଜାର ବର୍ଷର ସଂସ୍କୃତି ଲୁକ୍କାୟିତ ହୋଇ ରହିଛି। ପ୍ରାଚୀନକାଳରୁ ଏହି ମହୋତ୍ସବ ସାମାଜିକ ସରସତା ଓ ସାମୂହିକତାର ସ୍ୱର ବହନ କରି ଓଡ଼ିଆ ଜାତିକୁ ଆନନ୍ଦ, ଉଲ୍ଲାସ, ଉଦ୍ଦିପନା ତଥା ସ୍ୱଜାତ୍ୟାଭିମାନର ପ୍ରେରଣା ପ୍ରଦାନ କରି ଆସିଛି। ରଜ ମହୋତ୍ସବ ଅବସରରେ ଅଗଣିତ ଓଡ଼ିଆ ନିଜ ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ସ୍ୱାଭିମାନରେ ଭାବାତ୍ମକ, ଚେତନାତ୍ମକ ଐକ୍ୟର ଗୌରବରେ ଉଲ୍ଲସିତ ହୋଇ ଥାଆନ୍ତି।

ଏହି ରଜ ମହୋତ୍ସବକୁ ଓଡ଼ିଆ ଜାତିର ଜାତୀୟ ମହୋତ୍ସବ କହିଲେ ଅତ୍ୟୁକ୍ତି ହେବନାହିଁ। କିମ୍ବଦନ୍ତୀ ବହୁଳ ରଜ ମହୋତ୍ସବ ବିଷୟରେ ବିଭିନ୍ନ ପୌରାଣିକ ଓ ସାମାଜିକ ପୃଷ୍ଠଭୂମି ଥିବାର ଅନୁମାନ କରାଯାଏ। ଲଙ୍କାରେ ରାକ୍ଷସମାନଙ୍କର ମହା ପ୍ରତାପୀ ରାଜା ରାବଣ ରାଜୁତି କରୁଥିବାବେଳେ ମୟଦାନବ ନାମରେ ମଧ୍ୟ ଆଉ ଜଣେ ରାଜା ଅନ୍ୟ ଏକ ରାଜ୍ୟରେ ରାଜୁତି କରୁଥିଲେ। ଉଭୟେ ରାକ୍ଷସମାନଙ୍କର ରାଜା ହୋଇଥିବା କାରଣରୁ ଉଭୟଙ୍କ ମଧ୍ୟରେ ସମ୍ପର୍କ ଖୁବ ନିବିଡ଼ ଥିଲା। ରାବଣ ମୟଙ୍କ ଦରବାରକୁ ଯିବା ଆସିବା କରୁଥିଲା। ରାଜା ମୟଙ୍କର ମନ୍ଦୋଦରୀ ନାମରେ ଅତି ସୁନ୍ଦରୀ କନ୍ୟାଟିଏ ଥିଲା। ରାବଣ ସୁନ୍ଦର, ପ୍ରତିଭାବାନ ଓ ବୀରଥିବାରୁ ସେମାନେ ପରସ୍ପର ପ୍ରତି ଆକର୍ଷିତ ହେଲେ ଓ ମନ୍ଦୋଦରୀ ଅନ୍ତସତ୍ତ୍ୱା ହେଲେ। ମନ୍ଦୋଦରୀଙ୍କଠାରୁ ଅତି ସୁନ୍ଦରୀ କନ୍ୟାଟିଏ ଜନ୍ମ ନେବା ଫଳରେ ପିତା-ମାତାଙ୍କ ପାଇଁ ବଦନାମର କାରଣ ହେଲା। ଅବିବାହିତ କନ୍ୟା ଜନନୀ ହେବା ବାସ୍ତବିକ ଲୋକ ଲଜ୍ଜା ଓ କଳଙ୍କ। ଏଣୁ ରାଜା ମୟ ଉକ୍ତ ଶିଶୁ କନ୍ୟାକୁ ବିଳମ୍ବିତ ରାତ୍ରରେ ଦୂର ରାଇଜକୁ (ମିଥିଳା ନଗର)କୁ ନେଇ ଗୁପ୍ତ ଭାବରେ ଗାତ ଖୋଳି ପୋତି ଦେଇଥିଲେ। ଏହି ଶିଶୁ କନ୍ୟାଟିକୁ ମିଥିଳା ରାଜ୍ୟରେ ପୋତି ଦେଇଥିବା କାରଣରୁ ମିଥିଳାରେ ଅକାଳ ପଡ଼ିଲା। ବର୍ଷା ହେଲା ନାହିଁ। ମିଥିଳାବାସୀ ତ୍ରାହି ତ୍ରାହି କରିବାକୁ ଲାଗିଲେ। ମିଥିଳା ରାଜ୍ୟର ଜଣେ ପ୍ରଜାବତ୍ସଳ ରାଜାଥିଲେ ରାଜା ଥିଲେ ଜନକ। ପ୍ରଜାଙ୍କର ଦୁଃଖଦୁର୍ଦ୍ଦଶା ଦେଖି ରାଜା ଜନକ ପ୍ରଜାଙ୍କ ହିତ ପାଇଁ ଜ୍ୟୋତିଷମାନଙ୍କର ପରାମର୍ଶ ନେଲେ। ଜ୍ୟୋତିଷମାନଙ୍କର ମତ ଅନୁଯାୟୀ ରାଜା ନିଜେ ହଳ ଯୋଚିଲେ ଅକାଳ ଦୂର ହେବ। "ର" ଅର୍ଥ ସଂସାର ଓ "ଜ" ଅର୍ଥ ଯୋଚିବା। ସଂସାରର ହିତ ପାଇଁ ରାଜା ଜନକ ନିଜେ ହଳ ଯୋଚିବାରୁ ଇନ୍ଦ୍ର ଦେବତା ସନ୍ତୁଷ୍ଟ ହୋଇ ମୂଷଳ ଧାରାରେ ବର୍ଷା ହେବାକୁ ଲାଗିଲା। ମିଥିଳାବାସୀ ଆନନ୍ଦ, ଉଲ୍ଲାସରେ ଗୀତ ଗାଇ ନାଚିବାକୁ ଲାଗିଲେ। ସାରା ମିଥିଳା ରାଜ୍ୟରେ ନାଚଗୀତର ପର୍ବ ଖେଳିଗଲା। ପୌରାଣିକ ମତାନୁଯାୟୀ ସେହି ଦିନଠୁଁ ରଜ ପର୍ବର ଆରମ୍ଭ ବୋଲି ବିଶ୍ୱାସ କରାଯାଏ।

ରଜ ଓଡ଼ିଶାର ଏକ ବିଶେଷ ପର୍ବ ହେଲେ ହେଁ ଏହା କେବଳ ଝିଅ ଭୁଆସୁଣୀମାନଙ୍କ ପର୍ବ ରୂପେ ପାଳନ କରାଯାଏ। ରାଜା ଜନକ ହଳ ଯୋଚି ଏକ କନ୍ୟାକୁ ଭୂମିରୁ ପାଇଥିବାରୁ ମିଥିଳାବାସୀ ଏହି ପର୍ବକୁ ନାରୀମାନଙ୍କ ପର୍ବ ରୂପେ ସ୍ୱୀକୃତି ଦେଇଥିଲେ ବୋଲି ଅନୁମାନ କରାଯାଏ। ଜ୍ୟୋତିଷ ଶାସ୍ତ୍ର ଆନୁସାରେ ସୂର୍ଯ୍ୟ ବୃଷରାଶିକୁ ତ୍ୟାଗକରି ଯେଉଁ ଦିନ ମିଥୁନ ରାଶିରେ ପ୍ରବେଶ କରି ତା ପର ଦିନକୁ ମିଶାଇ ମୋଟ ତିନିଦିନ ରଜପର୍ବ ପାଳନ କରାଯାଏ। ମୃଗଶିରା ନକ୍ଷେତ୍ରରେ ସୂର୍ଯ୍ୟ ରହିବାର ତିନିଦିନକୁ ରଜ କୁହାଯାଉଥିବା ବେଳେ ଧର୍ମଶାସ୍ତ୍ରନୁସାରେ କୌଣସି ନାଇର ଋତୁସ୍ରାବ ପ୍ରଥମ ତିନିଦିନ ଯଥାକ୍ରମେ- ଚାଣ୍ଡାଳି, ବ୍ରହ୍ମଘାତିନୀ, ଓ ରଜକୀ ହୋଇଥାଏ। ଚତୁର୍ଥ ଦିନରେ ଶୂଦ୍ରା ଓ ପଞ୍ଚମ ଦିନରେ ରମଣ ଯୋଗ୍ୟ ହୋଇଥାଏ। ତେଣୁ ରଜ ପର୍ବ ଭାବେ ମଧ୍ୟ ପାଳନ କରାଯାଏ। ରଜର ଶେଷ ଦିନରେ ଠାକୁରାଣୀ ଗାଧୁଆରେ କାଠ ପିଢ଼ା ଉପରେ ଶିଳପୁଆ ଲଙ୍ଗଳ ଲୁହା ଓ ବିଭିନ୍ନ ଉପକରଣ ରଖି ତା ଉପରେ ହଳଦୀ ପାଣି ଢାଳି ଭୋଗ ରାଗ ସହ ବାସୁମତି ସ୍ନାନ କରାନ୍ତି। ଏହା ପରେ ହିଁ ପବିତ୍ର ଓ ଉତ୍ପାଦନ କ୍ଷମ ହୁଏ ମାଟି। ରଜ ଚାଷୀଘରେ ମଉଜ ମଜଲିସର ଉତ୍ସବ ହୋଇଥିବା ବେଳେ, ଆମର ଧର୍ମୀୟ ଭାବଧାରା ଭିଡ଼ରେ ଏହା ଯୋଡି ହୋଇଯାଇଛି କାହିଁ କେଉଁ କାଳରୁ। ଶ୍ରୀମନ୍ଦିରରେ ସପ୍ତାବରଣ ମୂର୍ତ୍ତି ମଧ୍ୟରେ ଭୂଦେବୀ ବା ମାଟି ଦେବୀ ଥିବାରୁ ଏଥିରେ ମଧ୍ୟ ଖୁବ ରୀତିନୀତି ସହ ରଜପର୍ବ ପାଳନ କରାଯାଇଥାଏ। ଏହି ସମୟରେ ଅନେକ ସ୍ଥାନରେ ଗୀତା- ଭାଗବତ ପାଠ ପାରାୟଣ ପ୍ରବଚନ ପ୍ରଭୃତି ଅନୁଷ୍ଠିତ ହୋଇଥାଏ।

ଆଉ ଏକ ଲୋକକଥା ହେଲା- "ଯେଉଁ ମାଟିରେ ଆମେ ବସବାସ କରି ରହିଛୁ ସେହି ମାଟି ହେଲା ଆମ ମା'। ରଜସ୍ୱଳା ହେବା ନାରୀର ଯେମିତି ଏକ ଧର୍ମ ଠିକ ସେମିତି ଏଇ ମାଟି ମା' ମଧ୍ୟ ବର୍ଷକୁ ଥରେ ରଜସ୍ୱଳା ହୋଇଥାଏ। ସାଧାରଣତଃ ନାରୀମାନେ ଗୃହକାର୍ଯ୍ୟରେ ବର୍ଷସାରା ବ୍ୟସ୍ତ ଥାଆନ୍ତି। ସଂସାର ଜଞ୍ଜାଳରେ ଆବଦ୍ଧ ହୋଇ ପଞ୍ଜୁରି ଭିତରେ ଶାରୀ ପରି ସେମାନେ ଜୀବନ ଅତିବାହିତ କରି ଥାଆନ୍ତି। ତେଲ ଲୁଣ ସଂସାରରେ ସୁଖ ଦୁଃଖକୁ ନେଇ ସେମାନେ କାଳାତିତ କରୁଥିଲେ ସୁଦ୍ଧା ମୁକ୍ତ ଆକାଶ ମୁକ୍ତ ପବନ ସାଙ୍ଗକୁ ଗୋଷ୍ଠୀମୟ ସାମୂହିକତା ଓ ସରସତା ପୂର୍ଣ୍ଣ ଜୀବନ ବିତାଇବାକୁ ସେମାନେ ସଦାସର୍ବଦା ତତ୍ପର ହୋଇଉଠନ୍ତି। ରଜପର୍ବ ଝିଅ ଭୁଆସୁଣୀମାନଙ୍କ ପର୍ବ ହୋଇଥିବା ଦୃଷ୍ଟିରୁ ତାଙ୍କର ମଧ୍ୟ ସମନ୍ୱୟ ସମ୍ପର୍କ ଗଢ଼ିଉଠେ। ତନ, ମନ, ଭାବର ଆଦାନ ପ୍ରଦାନ ମଧ୍ୟ ହୋଇଥାଏ। ନାଚଗୀତର ଅପୂର୍ବ ସମନ୍ୱୟରେ ଗଢ଼ିଉଠେ ନାରୀମାନଙ୍କ ଗୋଷ୍ଠୀମୟ ସାମାଜିକ ସମ୍ପର୍କ। ରକ୍ଷଣଶୀଳତା, କୁସଂସ୍କାର, ଅନ୍ଧବିଶ୍ୱାସ ଓ ମିଥ୍ୟାଚାର, ଅଶିକ୍ଷା, ଅଜ୍ଞତା ଓ ସ୍ୱାର୍ଥ ରତାକୁ ତ୍ୟାଗକରି ସମସ୍ତେ ହୋଇ ଉଠନ୍ତି ଏକାକାର। ସମୟର କଷଟି ପଥରରେ ଘୋରି ହୋଇ ଲୁପ୍ତ ହେବାକୁ ବସିଲାଣି ପୁରାତନର ମଧୁମୟ ସଂସ୍କୃତି। ଆଧୁନିକତାର କୃତ୍ରିମ ମହକରେ ବିମୋହିତ ହୋଇ ଭୁଲି ଗଲୁଣି ବୈଦିକ ପରମ୍ପରାର ମୌଳିକତା ଓ ଆତ୍ମୀୟତାକୁ। ଗ୍ରହଣ କରି ନେଲୁଣି ପାଶ୍ଚାତ୍ୟର ରଙ୍ଗରସର ରଙ୍ଗିନ ସଂସ୍କୃତିକୁ। ସମୟ ଆସିଛି ପୁଣି ସେହି ପାରମ୍ପରିକ ରଜ ମହୋତ୍ସବକୁ ଆମ ପର ପିଢି ପାଇଁ ଉଜ୍ଜୀବିତ କରିବା ପାଇଁ। ଆମକୁ ସବୁଦିନ ପାଇଁ ମନେରଖିବାକୁ ପଡ଼ିବ ଯେ ଆମ ସଂସ୍କୃତିର ସ୍ୱତନ୍ତ୍ରତା, ସ୍ୱାବଲମ୍ବନତା ଓ ପ୍ରାଚୀନତାକୁ ଓ ସେ ହିଁ ଆମ ଗର୍ବ ଓ ଗୌରବ

**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲ: ୯୯୩୮୯୦୬୦୭୦**

# ମଣିପୁର ଶାନ୍ତି, ସ୍ଥିରତା ଆବଶ୍ୟକ

**ସୌଭାଗ୍ୟ ରଂଜନ ମହାନ୍ତି(ରାଜା)**



ଜାତିଆଣ ଦଙ୍ଗା, ଗସ୍ତ ମଣିପୁରରେ ବିଜେପି ନେତୃତ୍ୱାଧୀନ ଏନଡିଏର ୪୦ ଜଣ ବିଧାୟକ ସରକାର ଗଢ଼ିବା ପାଇଁ ଦାବି କରୁଥିବାବେଳେ ରାଜ୍ୟର କଠୋରପନ୍ଥୀ ଗୋଷ୍ଠୀ ଅରାମ୍ବାଇ ଟେଙ୍ଗୋଲ(ଏଟି)ର ମୁଖ୍ୟ କାନନ ସିଂହ ସହତା'ର ଚାରିଜଣ ସହଯୋଗୀଙ୍କୁ ସିବିଆଇ ଗିରଫ କରିବା ଯୋଗୁଁ ରାଜ୍ୟ ପୁଣି ଅଶାନ୍ତ ମଧ୍ୟକୁ ଠେଲି ହୋଇଯାଇଛି। ମଣିପୁରରେ ପ୍ରଭାବଶାଳୀ ମୈତେ୍ରଇ ସମ୍ପ୍ରଦାୟର କଠୋରପନ୍ଥୀଙ୍କୁ ନେଇ ଏଟି ଗଠିତ ହୋଇଥିବାବେଳେ ରାଜ୍ୟରେ ଗତ ୨୦୨୩ ମେ ମାସ ଠାରୁ ଲାଗି ରହିଥିବା ଜାତିଆଣ ଦଙ୍ଗାରେ ବହୁ ହିଂସାକାଣ୍ଡରେ ଜଡିତ ଥିବା କୁହାଯାଏ। ମୈତେ୍ରଇ ସମ୍ପ୍ରଦାୟର ବିକ୍ଷୋଭ, ହିଂସାକାଣ୍ଡ ଯୋଗୁଁ ପରିସ୍ଥିତି ଅଣାୟତ୍ତ ହୋଇପଡିଥିବାବେଳେ ରାଜ୍ୟର କେତେକ ଅଂଚଳରେ ସାନ୍ଧ୍ୟା ଆଇନ ଜାରି କରାଯିବା ସହ ଇଂଟରନେଟ ସେବାକୁ ବନ୍ଦ କରିଦିଆଯାଇଛି। ଆହୁରି ମଧ୍ୟ କେନ୍ଦ୍ରୀୟ ବାହିନୀର ଯବାନ ବହୁ ଉତ୍ତେଜନା ପ୍ରବଣ ଅଂଚଳରେ ଫ୍ଲାଗମାର୍ଚ୍ଚ କରୁଥିବା କୁହାଯାଏ। ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟରେ ଗତ ୨୦୨୩ମେ' ମାସରୁ ଲାଗିଥିବା ଜାତିଆଣ ଦଙ୍ଗାକୁ ନିୟନ୍ତ୍ରଣ କରିବାରେ ବିଫଳ ହେବା ଯୋଗୁଁ ଚଳିତ ବର୍ଷ ଆରମ୍ଭରେ ମୁଖ୍ୟମନ୍ତ୍ରୀ ପଦରୁ ଏନ.ବିରେନ ସିଂହ ଇସ୍ତଫା ଦେଇଥିଲେ। ନୂତନ ବିଧାୟକ ଦଳ ମନୋନୟନ କରିବାରେ ବିଜେପି ହାଇକମାଣ୍ଡ ବିଫଳ ହେବା ପରେ ବିଧାନସଭାକୁ ସସପେଣ୍ଡ କରିବା ସହ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରିଥିଲେ। ଗତ କିଛି ମାସ ଧରି ରାଜ୍ୟରେ କ୍ରମଶଃ ସ୍ୱାଭାବିକ ଅବସ୍ଥା ପ୍ରତ୍ୟାବର୍ତ୍ତନ କରୁଥିବାବେଳେ ହଠାତ୍ ମୈତେ୍ରଇ ସମର୍ଥିତ ଉଗ୍ରପନ୍ଥୀ ଗୋଷ୍ଠୀ ଏଟିର ମୁଖ୍ୟ ଓ ଚାରିଜଣଙ୍କୁ ଗିରଫ ନିଶ୍ଚିତ ଭାବେ ସିବିଆଇର ଅପରିଣାମଦର୍ଶୀ ପଦକ୍ଷେପ ବୋଲି କୁହାଯାଇପାରିବ। କହିବା ବାହୁଲ୍ୟ ଯେ, ରାଜ୍ୟରେ ଜାତିଆଣ ହିଂସାକାଣ୍ଡ ସୃଷ୍ଟି ହେବା ପରେ ଦୁଇ ପ୍ରଭାବଶାଳୀ ସମ୍ପ୍ରଦାୟ ମୈତେ୍ରଇ ଏବଂ କୁକି ଆତ୍ମରକ୍ଷା ଲାଗି ନିଜସ୍ୱ କଠୋର ପନ୍ଥୀ ଗଠନ କରିଥିଲେ। ଯେଉଁମାନେ କି ବିଭିନ୍ନ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଅଛନ୍ତି। ଜାତିଆଣ ଦଙ୍ଗା ଉଗ୍ରରୂପ ନେବା ସମୟରେ ରାଜ୍ୟରେ ବହୁ ପୋଲିସ ଅସ୍ତ୍ରାଭଣ୍ଡାର ଲୁଟ ହୋଇଥିଲା। ଲୁଟ ଅସ୍ତ୍ରଶସ୍ତ୍ରର ଉଭୟ ସମ୍ପ୍ରଦାୟର ଉଗ୍ରବାଦୀ ଗୋଷ୍ଠୀ ପରସ୍ପର ବିରୁଦ୍ଧରେ ଅସ୍ତ୍ରଶସ୍ତ୍ର ପ୍ରୟୋଗ କରିଥିଲେ। ଯାହାର ପରିଣତି ସ୍ୱରୂପ ୨୬୦ରୁ ଉଦ୍ଧ୍ୱର୍ ଲୋକଙ୍କ ଜୀବନ ଯିବା ସହ ପୋଡାଜଳା ବ୍ୟାପକ ଧନସମ୍ପତି କ୍ଷୟକ୍ଷତି ହୋଇଥିଲା। ତେବେ ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ଲାଗି ସେନା ଓ କେନ୍ଦ୍ରୀୟ ବାହିନୀ ରାଜ୍ୟବ୍ୟାପୀ ପଇଁତରା ସହ ବ୍ୟାପକ ତଲାସୀ ଅଭିଯାନ ଜାରି ରଖିଛନ୍ତି। ନିକଟରେ କେନ୍ଦ୍ରୀୟ ବାହିନୀ କଠୋରପନ୍ଥୀ ଗୋଷ୍ଠୀର ୨୩ଜଣ ସଦସ୍ୟଙ୍କୁ ଗିରଫ କରିବା ସହ ଅସ୍ତ୍ରଭଣ୍ଡାରରୁ ଲୁଟ ହୋଇଥିବା ୪୦ ପ୍ରକାରର ଅସ୍ତ୍ରଶସ୍ତ୍ର ତଥା ବନ୍ଧୁକ, ରାଇଫଲ, ଗ୍ରେନେଡ, ଗୁଳିଗୋଳା ଆଦି ଜବତ କରିଥିଲେ। କହିବା ବାହୁଲ୍ୟ ଯେ, ରାଜ୍ୟରେ ସକ୍ରୀୟ ଅବା ଲଢୁଆ ଗୋଷ୍ଠୀଗୁଡିକ ନିରସ୍ତ୍ର କରିବା ପାଇଁ ସେନା ଓ କେନ୍ଦ୍ରୀୟ ବାହିନୀ ଅଭିଯାନ ଆରମ୍ଭ କରିବା ଜରୁରୀ। ଉଲ୍ଲେଖଯୋଗ୍ୟ ଜାତିଆଣ ଦଙ୍ଗା ପୂର୍ବରୁ ମଣିପୁର ଉଗ୍ରପନ୍ଥୀ ଏବଂ ବିଦ୍ରୋହୀ ଗୋଷ୍ଠୀର ହିଂସାକାଣ୍ଡର ଇତିହାସ ରହିଛି। ଯେଉଁଥିପାଇଁ କି ଏବେ ବି ରାଜ୍ୟରେ ଏନ୍ଏଫ୍ଏସ୍ଏ ଆଇନ ବଳବତର ରହିଛି। ରାଜ୍ୟରେ ଉଭୟ ପ୍ରଭାବଶାଳୀ ସମ୍ପ୍ରଦାୟ ମୈତେ୍ରଇ ଓ କୁକିର ୟୁନାଇଟେଡ ନ୍ୟାଶନାଲ ଲିବରେସନ ଫ୍ରଂଟ, ପିପୁଲସ ଲିବରେସନ ଆର୍ମୀ, କୁକି ନ୍ୟାଶନାଲ ଆର୍ମୀ ଏବଂ ଯୋମୀ ରିଭୋଲେସୁନାରୀ ଆର୍ମୀ ବାହିନୀ ସକ୍ରୀୟ ରହିଛନ୍ତି। ସେହିପରି ଉତର ମଣିପୁରରେ ନ୍ୟାଶନାଲ ସୋସିଆଲଇଷ୍ଟ କାଉନସିଲ ଅଫ ନାଗାଲାଣ୍ଡ ମଧ୍ୟ ତାର ଉପସ୍ଥିତି ଜାହିର କରିଛି। ରାଜ୍ୟରେ ୨୦୨୩ରେ ଜାତିଗତ ଦଙ୍ଗା ଆରମ୍ଭ ହେବା ପରେ ଏହି ଉଗ୍ରପନ୍ଥୀ ଗୋଷ୍ଠୀଗୁଡିକ ପୁନର୍ବାର ସକ୍ରୀୟ ହୋଇପଡିଥିବା ଜଣାଯାଏ। ବିଜେପି ସାଂସଦ ତଥା ତିତୁଲାର ରାଜା ଲେଇସିମ୍ବା ସାଂଜେଓବାଙ୍କ ଦ୍ୱାରା ପ୍ରତିଷ୍ଠିତ ଏଟି ପ୍ରାଥମିକ ଅବସ୍ଥାରେ ଏକ ସାମାଜିକ-ଧାର୍ମିକ ଅନୁଷ୍ଠାନ ଭାବେ କାର୍ଯ୍ୟ କରିଥିଲା। କିନ୍ତୁ ଜାତିଆଣ ଦଙ୍ଗା ପରେ ଏହା ଏକ ଲଢୁଆ ସଂଗଠନରେ ପରିଣତ ହୋଇଯାଇଛି। ଏପରିକି ଏଟି ୨୦୨୪ ଜାନୁୟାରୀରେ ରାଜ୍ୟର ମୈତେ୍ରଇ ସମ୍ପ୍ରଦାୟର ସମସ୍ତ ନିର୍ବାଚିତ ବିଧାୟକ ଓ ଏପରିକି ମନ୍ତ୍ରୀମାନଙ୍କୁ ଏକ ବୈଠକକୁ ସମନ କରିଥିଲା। ଏଥିରୁ ଏଟିର କେତେ ଦବଦବା ରହିଛି, ତାହା ସଂକେତ ପ୍ରଦାନ କରେ। ଏହି ସଂଗଠନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେତେବେଳେ ମୁଖ୍ୟମନ୍ତ୍ରୀ ବିରେନ ସିଂହ କଂଗ୍ରେସର ଦାବିକୁ ଅଗ୍ରାହ୍ୟ କରିଦେଇଥିଲେ। ରାଜ୍ୟରେ ଏବେ ରାଷ୍ଟ୍ରପତି ଶାସନ ବଳବତର ଥିବାରୁ କେନ୍ଦ୍ର ସରକାର ଉଭୟ ଗୋଷ୍ଠୀର ବୈଠକ ଡକାଇ ଶାନ୍ତି ସ୍ଥିରତା ବଜାୟ ରଖିବା ସହ ଉଗ୍ରପନ୍ଥୀ ଗୋଷ୍ଠୀଗୁଡିକ ନିରସ୍ତ୍ରକରଣ କରି ସାମାଜିକ ମହାସ୍ରୋତରେ ସାମିଲ କରିବା ଜରୁରୀ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨**
**ମୋବାଇଲ ନଂ-୭୯୭୮୬୬୬୪୦୩**

# ଦୁର୍ଘଟଣାର ହୃଦୟ ବିଦାରକ କାହାଣୀ

## ପତ୍ନୀଙ୍କ ଶେଷ ଇଚ୍ଛା ପୂରଣ କରି ଚାଲିଗଲେ

**ଅହମଦାବାଦ, ୧୩।୬:** ଏୟାର୍ ଇଣ୍ଡିଆ ବିମାନ ଦୁର୍ଘଟଣା ପରେ ଗୋଟିଏ ପରେ ଗୋଟିଏ ଘଟଣା ପଦାକୁ ଆସୁଛି। ମୃତକଙ୍କ ଭିନ୍ନ ଭିନ୍ନ ହୃଦୟ ବିଦାରକ କାହାଣୀ ସାମ୍ନାକୁ ଆସିବାରେ ଲାଗିଛି। ଯାହା ଶୁଣିଲେ ମଣିଷ ଦୁଃଖ ଓ ଯନ୍ତ୍ରଣାରେ ଭାଙ୍ଗି ପଡିବ। ଏହି ଦୁର୍ଘଟଣାରେ ୨୬୫ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଏବେ ଲଣ୍ଡନରେ ରହୁଥିବା ଅର୍ଜୁନଭାଇ ମନୁଭାଇ ପଟୋଲିଆଙ୍କ ହୃଦୟ ବିଦାରକ କାହାଣୀ ସାମ୍ନାକୁ ଆସିଛି। ଗୋଟାଏ ସପ୍ତାହ ମଧ୍ୟରେ କିଭଳି ୨ଝିଅ ବାପାମାଆଙ୍କୁ ହରାଇ ଅନାଥ ହୋଇଗଲେ, ତାହା ଜାଣି ସମସ୍ତଙ୍କ ଛାତି କୋହରେ ଫାଟିପଡୁଛି। କୁହାଯାଉଛି ଯେ, ପତ୍ନୀ ଭାରତୀବେନଙ୍କ ଶେଷ ଇଚ୍ଛା ପୂରଣ କରିବା ପାଇଁ ଅର୍ଜୁନଭାଇ ୨ଝିଅଙ୍କୁ ଲଣ୍ଡନରେ ଛାଡ଼ି ଭାରତ ଆସିଥିଲେ। ଭାରତୀବେନଙ୍କର ଗୋଟିଏ ସପ୍ତାହ ପୂର୍ବରୁ ଲଣ୍ଡନରେ ଦେହାନ୍ତ ହୋଇଥିଲା। ତାଙ୍କର ଶେଷ ଇଚ୍ଛା ଥିଲା ଯେ, ତାଙ୍କ ଅସ୍ଥି ତାଙ୍କ ପୈତୃକ ଗାଁର ନଦୀରେ ବିସର୍ଜନ କରାଯାଉ। ଏହାକୁ ପୂରଣ କରିବାକୁ ଅର୍ଜୁନ ତାଙ୍କର ୮ ଓ ୪ବର୍ଷର ଦୁଇ ଝିଅଙ୍କୁ ଲଣ୍ଡନରେ ଛାଡି ଏକାକୀ ଭାରତ ଆସିଥିଲେ। ସବୁ ରୀତିନୀତି କରି ତାଙ୍କ ସ୍ତ୍ରୀଙ୍କ ଇଚ୍ଛା ଅନୁଯାୟୀ ଅସ୍ଥିକୁ ଗାଁ ପୋଖରୀ ଏବଂ ନଦୀରେ ବିସର୍ଜନ କରିଥିଲେ ଅର୍ଜୁନଭାଇ। ଏହା ପରେ, ଅର୍ଜୁନ ଲଣ୍ଡନ ଫେରିବା ପାଇଁ ଏୟାର ଇଣ୍ଡିଆ ବିମାନରେ ଚଢ଼ିଥିଲେ। କିନ୍ତୁ ଭାଗ୍ୟର ଯୋଜନା କିଛି ଅଲଗା ଥିଲା। ଉଡ଼ାଣ କରିବାର କିଛି ସେକେଣ୍ଡରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା, ଯେଉଁଥିରେ ତାଙ୍କ ସହିତ ଶହ ଶହ ଲୋକଙ୍କର ଜୀବନ ଚାଲି ଯାଇଥିଲା। ଅର୍ଜୁନଙ୍କ ବାପାଙ୍କ ଦେହାନ୍ତ ହୋଇସାରିଥିବା ସହ ମା' ସୁରଟରେ ରହୁଛନ୍ତି। ଗୋଟାଏ ସପ୍ତାହ ମଧ୍ୟରେ ପୁଅ-ବୋହୂଙ୍କୁ ହରାଇ ସେ ଏବେ କଥା କହିବା ଅବସ୍ଥାରେ ନଥିବା କୁହାଯାଉଛି। ଏଭଳି ସ୍ଥିତିରେ ୨ଝିଅଙ୍କୁ କିଏ ସମ୍ଭାଳିବ, ସେ ପ୍ରଶ୍ନ ସମସ୍ତଙ୍କ ମନରେ।



## ଆଉ ପାଇଲଟ ଚାକିରି କରିବିନି ବାପା



ଅହମଦାବାଦ ବିମାନ ଦୁର୍ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରି ଦେଇଛି। ଏୟାର ଇଣ୍ଡିଆର ଡ୍ରିମଲାଇନର ୭୮୭-୮ ବିମାନ (ଉଡ଼ାଣ ନମ୍ବର ଏଆଇ ୧୭୧) ଉଡାଣ ଆରମ୍ଭ କରିବାର କିଛି ସେକେଣ୍ଡ ଭିତରେ ଜଳି ନିଆଁ ପିଣ୍ଡୁଳା ହୋଇଯାଇଛି। ଏଥିରେ ଥିବା ୨୪୨ ଜଣଙ୍କ ମଧ୍ୟରୁ କେବଳ ଜଣେ ମୃତ୍ୟୁକୁ ମାତ ଦେଇ ବଞ୍ଚିଯାଇଛନ୍ତି। ବାକି ୨୪୧ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଯାଇଥିବା ରିପୋର୍ଟ ମିଳିଛି। ଏହି ମୃତକଙ୍କ ମଧ୍ୟରେ କ୍ୟାପ୍ଟେନ ସୁମିତ ସବରୱାଲ ବି ସାମିଲ ଅଛନ୍ତି। ଯିଏକି ଉକ୍ତ ବିମାନର କମାଣ୍ଡିଂ କରୁଥିଲେ।ସୁମିତଙ୍କ ମା'ଙ୍କ ଦୁଇବର୍ଷ ପୂର୍ବେ ମୃତ୍ୟୁ ହୋଇଯାଇଥିବା ବେଳେ ଘରେ ତାଙ୍କର ୮୮ବର୍ଷର ବୃଦ୍ଧ ବାପା ବସବାସ କରନ୍ତି। ଯାତ୍ରା ପୂର୍ବରୁ ସେ ବାପାଙ୍କ ସହିତ କଥା ହୋଇ ଲଣ୍ଡନ ପହଞ୍ଚିବା ପରେ ଫୋନ୍ କରିବେ ବୋଲି କହିଥିଲେ। ସୁମିତଙ୍କ କଥା ମନେ ପକାଇ ବାପା କାନ୍ଦିକାନ୍ଦି କହିଛନ୍ତି, ' ମୋ ପୁଅ ତିନିଦିନ ପୂର୍ବରୁ ଫୋନ କରି କହିଥିଲା ବାପା ତୁମେ ବୃଦ୍ଧ ହୋଇଗଲଣି। ଏ ଚାକିରିରେ ମୁଁ ତୁମକୁ ସମୟ ଦେଇ ପାରୁନାହିଁ। କେଉଁ ଦିନ କେଉଁଆଡେ ଯାତ୍ରା କରିବାକୁ ପଡୁଛି ଠିକ ନାହିଁ। ତୁମ ସହିତ ଫୋନରେ ବି ଦୁଇପଦ କଥା ହୋଇପାରୁ ନାହିଁ। ଆଉ ଏ ଚାକିରି କରିବିନି। ତୁମକୁ ଏ ବୟସରେ ଆଉ ଏକା ଛାଡ଼ିବାକୁ ଇଚ୍ଛା ହଉ ନାହିଁ। ତା'ପରେ କ'ଣ ହେବ ଦେଖାଯିବ। ଲଣ୍ଡନ ଯାତ୍ରାରୁ ଫେରିବା ପରେ ଚାକିରି ଛାଡ଼ିବାର ନିଷ୍ପତ୍ତି ନେବି ବାପା। କିନ୍ତୁ ବିଧାତାର କି ବିଚିତ୍ର ଲିଖନ ଦେଖନ୍ତୁ... ପୁଅ ମୋତେ ଏକା ଛାଡ଼ିବ ନାହିଁ ବୋଲି କହୁଥିବା ବେଳେ ସେ ତ ଦୁନିଆ ହିଁ ଛାଡ଼ି ଚାଲିଗଲା। ଭଗବାନ କ'ଣ ଏ ଦିନ ଦେଖିବାକୁ ମୋତେ ଜୀବିତ ରଖିଥିଲେ ବୋଲି କୋହଭରା କଣ୍ଠରେ କହିଛନ୍ତି ସୁମିତଙ୍କ ବାପା। ସୁମିତଙ୍କ ବାପା ମୁମ୍ବାଇରେ ରହନ୍ତି। ସୁମିତ ଜଣେ ଅତ୍ୟନ୍ତ ଅଭିଜ୍ଞ ପାଇଲଟ୍, ୮ ହଜାର ଘଣ୍ଟାରୁ ଅଧିକ ଉଡ଼ାଣ ଅଭିଜ୍ଞତା ସହିତ ଜଣେ ଲାଇନ ଟ୍ରେନିଂ କ୍ୟାପଟେନ୍ ଥିଲେ। ସେ ନିଜେ ଉଡ଼ାଣର ସୁରକ୍ଷା ଯାଞ୍ଚରେ ସାମିଲ ଥିଲେ ବୋଲି କହିଛନ୍ତି ଭାରତୀୟ ପାଇଲଟ ସଂଘର ସଭାପତି କ୍ୟାପଟେନ୍ ସିଏସ ରନ୍ଧାୱା।

## ଏୟାରହୋଷ୍ଟେସ ସ୍ୱପ୍ନ ନେଲା ରୋଶନୀଙ୍କ ଜୀବନ

ଅହମ୍ମଦାବାଦ ଏୟାର ଇଣ୍ଡିଆ ଦୁର୍ଘଟଣାରେ ଚାଲି ଯାଇଛି ଏୟାରହୋଷ୍ଟେସ ରୋଶନୀ ସୋନଘାରେଙ୍କ ଜୀବନ। ମହାରାଷ୍ଟ୍ରର ଡୋମ୍ବିଭାଲିର ବାସିନ୍ଦା ରୋଶନୀ ପିଲାଦିନରୁ ଜଣେ ଏୟାରହୋଷ୍ଟେସ ହେବାକୁ ଚାହୁଁଥିଲେ। ଏଥିପାଇଁ ସେ ବହୁତ ପରିଶ୍ରମ ବି କରିଥିଲେ। ରୋଶନୀଙ୍କ ବାପା ଜଣେ ଟେକ୍ନିସିଆନ୍। ସେ ତାଙ୍କ ଝିଅର ସ୍ୱପ୍ନକୁ ପୂରା କରିବା ପାଇଁ ପାରୁପର୍ଯ୍ୟନ୍ତ ଉଦ୍ୟମ କରିଥିଲେ। ଦୁଇ ବର୍ଷ ପୂର୍ବରୁ ରୋଶନୀ ତାଙ୍କର ପିଲାଦିନର ସ୍ୱପ୍ନକୁ ପୂରା କରି ତାଙ୍କ ନାମ ସାମ୍ନାରେ ଏୟାରହୋଷ୍ଟେସ ଲଗାଇବାର ସଫଳତା ହାସଲ କରିଥିଲେ। ସ୍ପାଇସଜେଟରେ ଦୁଇ ବର୍ଷ କାମ କରିବା ପରେ ସେ କିଛିଦିନ ହେବ ଏୟାର ଇଣ୍ଡିଆରେ ଯୋଗ ଦେଇଥିଲେ। ରୋଶନୀ ଅହମଦାବାଦ ବିମାନ ଦୁର୍ଘଟଣାର ମାତ୍ର ଦୁଇ ଦିନ ପୂର୍ବରୁ ତାଙ୍କ ଗାଁକୁ ଯାଇଥିଲେ। ସେ ତାଙ୍କ ଜେଜେବାପା, କାକା ଏବଂ ମାଉସୀଙ୍କୁ ଭେଟିଥିଲେ। କର୍ମକ୍ଷେତ୍ରକୁ ଫେରିବା ସମୟରେ ଗାଁ ମନ୍ଦିରକୁ ଯାଇ କୁଳଦେବତାଙ୍କୁ ଦର୍ଶନ କରିଥିଲେ। ଘରୁ ଫେରି ସେ ଚାକିରିରେ ଯୋଗ ଦେଇଥିଲେ। ତାଙ୍କ ଡିୟୁଟି ଏୟାରଇଣ୍ଡିଆ ବିମାନ ଏଆଇ-୧୭୧ରେ ପଡ଼ିଥିଲା। ଯାହା ଦୁର୍ଘଟଣାଗ୍ରସ୍ତ ହୋଇ ଜଳି ଛାରଖାର ହୋଇଯାଇଛି। ଆସନ୍ତା ବର୍ଷ ତାଙ୍କର ବିବାହ ପାଇଁ ସବୁ କିଛି ସ୍ଥିର ହୋଇଥିଲା। କିନ୍ତୁ ସମୟ ପାଲଟିଲା ନିଷ୍ଠୁର। ଏୟାରହଷ୍ଟେସ ପରେ ସେ ଜଣେ ସୋସିଆଲ ମିଡିଆ ଇନଫ୍ଲୁଏଲନସର ଭାବେ ଖ୍ୟାତି ଅର୍ଜନ କରିଥିଲେ। ଇନଷ୍ଟାଗ୍ରାମରେ ତାଙ୍କର ୫୪ ହଜାର ଫଲୋଅର୍ସ ବି ଅଛନ୍ତି।



### ଡିଏନଏ ଆଧାରରେ ଶବ ଚିହ୍ନଟ

## ରୂପାନୀଙ୍କ ମରଶରୀର ପରିବାରଙ୍କୁ ହସ୍ତାନ୍ତର



**ଅହମ୍ମଦାବାଦ ୧୩।୬:** ଗୁଜରାଟ ଅହମ୍ମଦାବାଦ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ନିହତ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀଙ୍କ ପାର୍ଥିବ ଶରୀରକୁ ଶୁକ୍ରବାର ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ଡିଏନଏ ଆଧାରରେ ଶବ ଚିହ୍ନଟ ହେବା ପରେ କର୍ତ୍ତୃପକ୍ଷ ହସ୍ତାନ୍ତରଣ କରିଛନ୍ତି। ବିଜୟ ରୂପାନୀଙ୍କ ପତ୍ନୀ ଅଞ୍ଜଳୀ ରୂପାନୀ ନିଜେ ସ୍ୱାମୀଙ୍କ ପାର୍ଥୀବ ଶରୀର ନେବାକୁ ପହଞ୍ଚିଥିଲେ। ଖବର ଆସୁଛି ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଅନ୍ତ୍ୟେଷ୍ଟି ରାଜକୋଟରେ ଅନୁଷ୍ଠିତ ହେବ। ଏଣୁ ତାଙ୍କ ପାର୍ଥୀବ ଶରୀରକୁ ରାଜକୋଟ ନିଆଯାଇଛି। ବିଜୟ ରୂପାନୀ ଲଣ୍ଡନରେ ଝିଅକୁ ଭେଟିବା ପାଇଁ ଯାଉଥିଲେ ଏଣୁ ଏହି ହତଭାଗ୍ୟ ବିମାନରେ ବସିଥିଲେ। ବିମାନ ଉଡାଣ କରିବାର ମାତ୍ର ୩୦ ସେକେଣ୍ଡ ପରେ ଦୁର୍ଘଟଣାର ଶିକାର ହୋଇଯାଇଥିଲା। ଏହି ବିମାନ ଦୁର୍ଘଟଣାରେ ଚାଳକ ଦଳ ସଦସ୍ୟଙ୍କ ସମେତ ମୋଟ ୨୬୫ ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ୨୪୧ ଜଣ ବିମାନଯାତ୍ରୀ ମଧ୍ୟ ଅଛନ୍ତି। ବିଜୟ ରୂପାନୀଙ୍କ ଅସମୟ ମୃତ୍ୟୁ ରାଜନୈତିକ ମହଲରେ ଶୋକର ଛାୟା ଖେଳାଇ ଦେଇଛି। ଗୁଜରାଟ ବିଜେପି ସଭାପତି ସି.ଆର.ପାଟିଲ ରୂପାନୀଙ୍କ ମୃତ୍ୟୁରେ ଶୋକ ଓ ଦୁଃଖ ବ୍ୟକ୍ତ କରିଛନ୍ତି। ଏହି ଦୁର୍ଘଟଣା ଖବର ଆସିବା ପରଠାରୁ ବିଜୟ ରୂପାନୀଙ୍କ ଘରେ ଲୋକଙ୍କ ଭିଡ ଲାଗି ରହିଛି। ବିଜୟ ରୂପାନୀଙ୍କ ଅନ୍ତିମ ସଂସ୍କାର ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଅନୁଷ୍ଠିତ ହେବ। ସରକାରଙ୍କ ପ୍ରୋଟକଲ ଅନୁସାରେ ତାଙ୍କର ଅନ୍ତ୍ୟେଷ୍ଟି ଅନୁଷ୍ଠିତ ହେବ।



### ଏୟାର ଇଣ୍ଡିଆ ବିମାନର ଜରୁରୀ ଅବତରଣ

## ବର୍ତ୍ତିଗଲେ ୧୫୬ ଯାତ୍ରୀ

**ନୂଆଦିଲ୍ଲୀ, ୧୩।୬:** ଅହମଦାବାଦରେ ଏୟାର ଇଣ୍ଡିଆ ବିମାନର ଭୟଙ୍କର ଦୁର୍ଘଟଣା ମନରୁ ଲିଭିନଥିବା ବେଳେ ଆଜି ୧୫୬ଜଣ ଏୟାର ଇଣ୍ଡିଆ ବିମାନ ଯାତ୍ରୀଙ୍କ ଜୀବନ ଅଳ୍ପକେ ବର୍ତ୍ତି ଯାଇଛି। ସୁରକ୍ଷା ସତର୍କତା କାରଣରୁ ଥାଇଲ୍ୟାଣ୍ଡର ଫୁକେଟରେ ଏୟାର ଇଣ୍ଡିଆର ବିମାନ ଏଆଇ ୩୭୯ ବିମାନକୁ ଜରୁରୀକାଳୀନ ଅବତରଣ କରିବାକୁ ପଡ଼ିଛି। ଜୁନ ୧୩ ତାରିଖରେ ଏହି ବିମାନଟି ଫୁକେଟରୁ ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରୁଥିବା ବେଳେ ଏଥିରେ ବୋମା ଧମକ ମିଳିଥିଲା। ତେଣୁ ପାଇଲଟ କିଛି ଦୁର୍ଘଟଣାର ସାମ୍ନା କରିବା ପୂର୍ବରୁ ହିଁ ଏହାକୁ ଜରୁରୀକାଳୀନ ଅବତରଣ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଆଇ ୩୭୯ ବିମାନ ଆଣ୍ଡାମାନ ସାଗର ଚାରିପାଖରେ କିଛି ସମୟ ଘୁରି ବୁଲିବା ପରେ ବିମାନଟି ଫେରି ଆସି ଜରୁରୀକାଳୀନ ଅବତରଣ କରିଥିଲା। ବୋମା ଧମକକୁ ଏପର୍ଯ୍ୟନ୍ତ ଏଓଟି ଦ୍ୱାରା ନିଶ୍ଚିତ କରାଯାଇ ନାହିଁ। ଫୁକେଟ ବିମାନବନ୍ଦରର ଜଣେ ଅଧିକାରୀ କହିଛନ୍ତି ଯେ ଜରୁରୀକାଳୀନ ଅବତରଣ ପରେ, ଯାତ୍ରୀମାନଙ୍କୁ ବିମାନରୁ ବାହାର କରାଯାଇଛି ଏବଂ ସମସ୍ତେ ସୁରକ୍ଷିତ ଅଛନ୍ତି। ଯାତ୍ରାରେ ବିଳମ୍ବ ହେତୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

### ଆଉ ଏକ ଚମତ୍କାର

## ଅକ୍ଷତ ରହିଛି ଭଗବତ ଗୀତା



**ଅହମଦାବାଦ, ୧୩।୬:** ବିମାନ ଦୁର୍ଘଟଣାରେ ସବୁକିଛି ପୋଡି ପାଉଁଶ ହୋଇଯାଇଛି। ଚାଲିଯାଇଛି ୨୬୫ ଜୀବନ। ଏଥିରୁ ଅନୁମାନ ଦୁର୍ଘଟଣା କେତେ ଭୟାନକ। ବିମାନରେ ଥିବା ୨୪୨ ଜଣଙ୍କ ମଧ୍ୟରୁ ଜଣେ ମୃତ୍ୟୁ ମୁଖରୁ ବର୍ତ୍ତିଯିବା କେଉଁ ଚମତ୍କାର ଠାରୁ କମ ନୁହେଁ ବୋଲି କୁହାଯାଉଛି । ଠିକ୍ ସେତିକି ବେଳେ ଆଉ ଏକ ଚମତ୍କାର ଘଟଣା ସାମ୍ନାକୁ ଆସିଛି ଯାହା ଶୁଣିଲେ ଆଶ୍ଚର୍ଯ୍ୟ ହୋଇଯିବେ । ବିମାନ ଦୁର୍ଘଟଣା ପରେ ବିସ୍ଫୋରଣରେ ସବୁକିଛି ଜଳିଗଲା। ଏମିତି କି ନିଆଁର ଆଁରେ ଲୁହା ସୁଦ୍ଧା ବି ତରଳି ଗଲା ହେଲେ ପବିତ୍ର ଭଗବତ ଗୀତା ରହିଛି ଅକ୍ଷତ। ନିଆଁରେ ଗୀତା ବହି ଜଳିନି ବରଂ ସେମିତି ଅକ୍ଷତ ଅବସ୍ଥାରେ ରହିଛି । ଦୁର୍ଘଟଣାସ୍ଥଳରୁ ଉଦ୍ଧାରକାରୀ ଟିମ ଏହି ଭଗବତ ଗୀତାକୁ ପାଇଥିବା ବେଳେ କେହି ଯାତ୍ରୀ ହୁଏତ ଭଗବତ ଗୀତାକୁ ନେଇ ଅହମଦାବାଦରୁ ଲଣ୍ଡନ ଯାଉଥିବା ଅନୁମାନ କରାଯାଉଛି। ଦେଖନ୍ତୁ ସେ ଯାତ୍ରୀ ଜଳିଗଲେ କିନ୍ତୁ ଜଳିଲାନି ଭଗବତ ଗୀତା। ଏତେବଡ ଦୁର୍ଘଟଣାରେ ଭଗବତ ଗୀତା ଅକ୍ଷତ ଭାବେ ମିଳିବା ଘଟଣାକୁ କେହି କେହି ମୃତ୍ୟୁ ମୁଖରୁ ବର୍ତ୍ତିଯାଇଥିବା ରମେଶଙ୍କର ବି ହୋଇଥାଇପାରେ ବୋଲି କହୁଛନ୍ତି। ହେଲେ ଏଭଳି ନିଆଁରୁ ଭଗବତ ଗୀତା ବର୍ତ୍ତିଯିବା ଧାର୍ମିକ ଚେତନାକୁ ଓ ଭାବାବେଗକୁ ଆହୁରି ମଜଭୁତ କରିଛି ।

## ବିମାନରେ ଥିଲା ୧.୨୫ ଲକ୍ଷ ଲିଟର ଇନ୍ଧନ

## ହଜାରେ ଡିଗ୍ରୀ ହୋଇଗଲା ତାପମାତ୍ରା

**ଅହମ୍ମଦାବାଦ, ୧୩।୬:** ଅହମ୍ମଦାବାଦରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ସ୍ଥଳରେ ତାପମାତ୍ରା ଏତେ ଅଧିକ ଥିଲା କି ଉଦ୍ଧାର କାର୍ଯ୍ୟ କରିବା ଅସମ୍ଭବ ହୋଇ ପଡିଥିଲା । ଅଧିକାରୀମାନେ କହିଛନ୍ତି ବିମାନରେ ୧.୨୫ ଲକ୍ଷ ଲିଟର ଇନ୍ଧନ ଥିଲା। ଦୁର୍ଘଟଣା ପରେ ଏଥିରେ ନିଆଁ ଲାଗିଯାଇଥିଲା। ଫଳରେ ତାପମାତ୍ରା ୧୦୦୦ଡିଗ୍ରୀ ସେଲସିୟସ ଯାଏ ପହଞ୍ଚିଯାଇଥିଲା।

ବିମାନଟି ଅହମଦାବାଦରୁ ଲଣ୍ଡନ ଯାଉଥିଲା । ମୋଟ ୨୪୨ଜଣ ଯାତ୍ରୀ ଥିଲେ । ଟେକ୍ ଅଫ୍ ର କିଛି ସମୟ ପରେ ବିମାନଟି କ୍ରାସ୍ ହୋଇଯାଇଥିଲା । ତେବେ ବିମାନରେ କେବଳ ଜଣେ ଯାତ୍ରୀଙ୍କୁ ଛାଡିଦେଲେ ବାକି ସମସ୍ତଙ୍କ ମୃତ୍ୟୁ ଘଟିଛି । ଏହି ଘଟଣା ସାରା ଦେଶକୁ ଦୋହଲାଇ ଦେଇଛି । ଆଉ ସ୍ତବ୍ଧ ହୋଇଯାଇଛି ସାରା ବିଶ୍ୱ। ଜଣେ ଏସଡିଆରଏଫ ଅଧିକାରୀ କହିଛନ୍ତି ତାଙ୍କ ଟିମ ୨ଟାରୁ ୨ଟା ୩୦ ଭିତରେ ଘଟଣାସ୍ଥଳରେ ପହଞ୍ଚିଥିଲା । ଏହା ପୂର୍ବରୁ ସ୍ଥାନୀୟ ଲୋକ ଉଦ୍ଧାର କାମରେ ଲାଗିପଡିଥିଲେ । କିନ୍ତୁ ଉଦ୍ଧାରକାରୀ ଟିମକୁ କୌଣସି ଲୋକ ଜୀବିତ ମିଳିନଥିଲେ ।

ବରିଷ୍ଠ ଅଗ୍ନିଶମ ଅଧିକାରୀ କହିଛନ୍ତି ବିମାନର ଟ୍ୟାଙ୍କରେ ବିସ୍ଫୋରଣ ହେବାରୁ ନିଆଁ ଏଭଳି ଲାଗିଥିଲା। ତାପମାତ୍ରା ତୁରନ୍ତ ୧୦୦୦ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ପହଞ୍ଚିଯାଇଥିଲା। ଏହି ତାପମାତ୍ରାରେ କେହି ବି ବଞ୍ଚିପାରିବେନି । ଆଉ ଜଣେ ଏସଡିଆରଏଫ୍ କର୍ମଚାରୀ କହିଛନ୍ତି ସେ ୨୦୧୭ରୁ ଏସଡିଆରଏଫରେ କାମ କରୁଛନ୍ତି। କିନ୍ତୁ ଏଭଳି ଭୟାନକ ସ୍ଥିତି ସେ ଚାକିରୀକାଳରେ କେବେ ଦେଖିନଥିଲେ । ସେ ଆହୁରି କହିଥିଲେ ଆମେ ପିପିଇ କିଟ୍ ପିନ୍ଧିଥିଲୁ । କିନ୍ତୁ ଗରମ ଏଭଳି ଥିଲା କି ଦୁର୍ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ କରିବା ଆମ ପାଇଁ ମୁସ୍କିଲ ହୋଇପଡିଥିଲା। ଚାରିପାଖରେ କେବଳ ଜଳୁଥିବା ଭଗ୍ନାବଶେଷ ଥିଲା । ଏଥିରୁ ଅନୁମାନ କରୁଥିବେ ଦୁର୍ଘଟଣାସ୍ଥଳରେ ସ୍ଥିତି କିଭଳି ଥିଲା । ଯେତେବେଳେ ଦୁର୍ଘଟଣା ଘଟିଲା ସେତେବେଳେ ସେଠାରେ ଥିବା କୁକୁର ଓ ପକ୍ଷୀଙ୍କୁ ବି ଯିବାକୁ ସମୟ ମିଳିଲାନି। ସେମାନେ ଘଟଣାସ୍ଥଳରେ ମରି ପଡିଥିଲେ। ସେ ସମୟରେ ସ୍ଥିତି ଖୁବ ଭୟଙ୍କର ଥିଲା । ଯାହା ଆଖିରେ ନଦେଖିଲେ ବିଶ୍ୱାସ ହେବନି।



## ଦିଲ୍ଲୀରେ ଭୀଷଣ ଗରମ ସହ ଜଳ ସଂକଟ

**ନୂଆଦିଲ୍ଲୀ ୧୩।୬:** ରାଜଧାନୀ ଦିଲ୍ଲୀରେ ପ୍ରବଳ ଗ୍ରୀଷ୍ମ ଓ ହିଟୱେଭ ମଧ୍ୟରେ ଏବେ ପାନୀୟ ଜଳ ସଂକଟ ଗୁରୁତର ରୂପ ଧାରଣ କରିଛି। ଯମୁନା ନଦୀର ୱଜିରାବାଦ ଜଳାଶୟରେ ଜଳ ସ୍ତର ଏବେ ହ୍ରାସ ହୋଇ ୬୬୮.୭୦ ଫୁଟ ହୋଇଯାଇଛି। ଏହି ସମୟରେ ସ୍ୱାଭାବିକ ଜଳ ସ୍ତର ୬୭୪.୫୦ ଫୁଟ ରହିବା କଥା। ଏଣୁ ୱଜିରାବାଦ ଓ ଚନ୍ଦ୍ରାବଲ ୱାଟର ପ୍ଲାଣ୍ଟରୁ ଜଳ ଯୋଗାଣରେ ସମସ୍ୟା ଉପୁଜିଛି। ଏହି ସମସ୍ୟା ଯୋଗୁ ଉଭୟ ଜଳ ଯୋଗାଣ ପ୍ଲାଣ୍ଟରୁ ପାନୀୟ ଜଳ ଯୋଗାଣ ପାଖାପାଖି ୨୫ରୁ ୩୦% ହ୍ରାସ ହୋଇଛି।

## ଭାରତୀୟ ନାଗରିକଙ୍କୁ ସତର୍କ କରାଇଲା ଦୂତାବାସ



**ନୂଆଦିଲ୍ଲୀ, ୧୩।୬:** ଇରାନ ଉପରେ ଇସ୍ରାଏଲ କରିଛି ଆକ୍ରମଣ। ଏହି ଆକ୍ରମଣରେ ଇରାନର ବ୍ୟାପକ ସାମରିକ ଶକ୍ତି କ୍ଷତି ହୋଇଛି। ଆହୁରି ହମଲା ହେବ ବୋଲି ଚେତାଇ ଦେଇଛନ୍ତି ନେତାନ୍ୟାହୁ। ମଧ୍ୟପ୍ରାଚ୍ୟ ଅଶାନ୍ତ ହେବା ପରେ ଇରାନ ଓ ଇସ୍ରାଏଲରେ ରହୁଥିବା ଭାରତୀୟଙ୍କ ପାଇଁ ଜାରି ହୋଇଛି ଆଡଭାଇଜରୀ। ଇସ୍ରାଏଲ ଏବଂ ଇରାନ ମଧ୍ୟରେ ବଢୁଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି ସେଠାରେ ରହୁଥିବା ସମସ୍ତ ଭାରତୀୟ ନାଗରିକଙ୍କ ପାଇଁ ଆଡଭାଇଜରୀ ଜାରି କରିଛନ୍ତି ଭାରତ ସରକାର। ଭାରତୀୟ ଦୂତାବାସ କହିଛି ଯେ ବର୍ତ୍ତମାନର ଆଞ୍ଚଳିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ସମସ୍ତ ଭାରତୀୟ ନାଗରିକ ସତର୍କ ରହିବା ଉଚିତ। ଇସ୍ରାଏଲୀ ଅଥରିଟି ଏବଂ ହୋମ୍ ଫ୍ରଣ୍ଟ୍ କମାଣ୍ଡ' ଦ୍ୱାରା ଜାରି ସୁରକ୍ଷା ନିର୍ଦ୍ଦେଶାବଳୀକୁ ସମ୍ପୂର୍ଣ୍ଣ ଭାବରେ ପାଳନ କରିବା ଉଚିତ। ଏହା ସହିତ, ଭାରତୀୟମାନଙ୍କୁ ଅନାବଶ୍ୟକ ଯାତ୍ରା ଏଡାଇବାକୁ ଏବଂ ନିକଟତମ ସୁରକ୍ଷା ଆଶ୍ରୟସ୍ଥଳ ନିକଟରେ ରହିବାକୁ ପରାମର୍ଶ ଦିଆଯାଇଛି। ପରିସ୍ଥିତି ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ସତର୍କ ରହିବାକୁ ଏବଂ ଆବଶ୍ୟକ ହେଲେ ତୁରନ୍ତ ସହାୟତା ପାଇଁ ଦୂତାବାସ ସହିତ ଯୋଗାଯୋଗ କରିବାକୁ ସମସ୍ତଙ୍କୁ ନିବେଦନ କରିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଦିଲ୍ଲୀ ବିମାନବନ୍ଦର ଏକ ଆଡଭାଇଜରି ଜାରି କରିଛି। ଉତ୍ତେଜନାକୁ ନେଇ ବିମାନ ଉଡାଣ ପ୍ରଭାବିତ ହୋଇଛି। ସେପଟେ ଉତ୍ତେଜନାକୁ ନେଇ ଭାରତର ବୈଦେଶିକ ମନ୍ତ୍ରାଳୟ ଉଦ୍‌ବେଗ ପ୍ରକାଶ କରିଛି। ଉତ୍ତେଜନାରୁ ନିବୃତ୍ତ ରହିବା ପାଇଁ ଦୁଇ ରାଷ୍ଟ୍ରକୁ ନିବେଦନ କରିଛି।

## ଦୁର୍ଘଟଣାସ୍ଥଳରେ ଏନଆଇଏ ଟିମର ତଦନ୍ତ



**ଅହମ୍ମଦାବାଦ, ୧୩।୬:** ଅହମ୍ମଦାବାଦ ଏୟାର ଇଣ୍ଡିଆ ଦୁର୍ଘଟଣାର ତଦନ୍ତ ପାଇଁ ଆଜି ଜାତୀୟ ତଦନ୍ତକାରୀ ସଂସ୍ଥା ଏନଆଇଏ ଏବଂ ଅନ୍ୟାନ୍ୟ କେନ୍ଦ୍ରୀୟ ସଂସ୍ଥାର ଅଧିକାରୀମାନେ ବିମାନ ଦୁର୍ଘଟଣା ସ୍ଥଳ ପରିଦର୍ଶନ କରିଛନ୍ତି। କେନ୍ଦ୍ରୀୟ ସଂସ୍ଥାର ଅଧିକାରୀମାନେ ଅଧିକ ବିବରଣୀ ପ୍ରକାଶ ନକରି ଦୁର୍ଘଟଣା ସ୍ଥଳ ପରିଦର୍ଶନ କରିଥିଲେ। ଗୁରୁବାର ଅପରାହ୍ନରେ ଅହମ୍ମଦାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଉଡ଼ାଣ ଭରିବାର କିଛି ମୁହୂର୍ତ୍ତ ପରେ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆର ଏକ ବିମାନ - ବୋଇଂ ୭୮୭ ଡ୍ରିମଲାଇନର ବିମାନ ଏକ ମେଡିକାଲ କଲେଜ ପରିସରରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏୟାର ଇଣ୍ଡିଆ ନିଶ୍ଚିତ କରିଛି ଯେ ବିମାନରେ ଥିବା ୨୪୧ ଜଣଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣାରୁ କେବଳ ଜଣେ ଯାତ୍ରୀ ଚମତ୍କାର ଭାବରେ ବଞ୍ଚି ଯାଇଛନ୍ତି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଅଧୀନରେ ଥିବା ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ ଏଏଆଇବି ମଧ୍ୟ ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି। ଭାରତୀୟ ଆକାଶରେ ଚାଲୁଥିବା ବିମାନ ସହିତ ଜଡିତ ସୁରକ୍ଷା ଘଟଣାଗୁଡ଼ିକୁ ଦୁର୍ଘଟଣା ଏବଂ ଗମ୍ଭୀର ଘଟଣା ଭାବରେ ବର୍ଗୀକରଣ କରିବା ପାଇଁ ଏଏଆଇବିର ଦାୟିତ୍ୱ।

## ଶନି ଶିଙ୍ଗନାପୁର ମନ୍ଦିରରୁ ହଟିଲେ ୧୬୭ କର୍ମଚାରୀ

**ମୁମ୍ବାଇ ୧୩।୬:** ମହାରାଷ୍ଟ୍ର ଅହମେଦନଗର ଜିଲ୍ଲାର ପ୍ରସିଦ୍ଧ ଧାର୍ମିକ ସ୍ଥଳ ଶନି ଶିଙ୍ଗନାପୁର ଦେବସ୍ଥାନମ ଟ୍ରଷ୍ଟ ବଡ଼ ନିଷ୍ପତ୍ତି ନେଇଛନ୍ତି। ଟ୍ରଷ୍ଟରେ କାର୍ଯ୍ୟରତ ୧୬୭ ଜଣ କର୍ମଚାରୀଙ୍କୁ ଚାକିରିରୁ ବରଖାସ୍ତ କରିଛନ୍ତି। ବରଖାସ୍ତ ହୋଇଥିବା କର୍ମଚାରୀଙ୍କ ମଧ୍ୟରେ ୧୧୪ ମୁସଲମାନ ଅଛନ୍ତି। ଅନିୟମିତତା ଓ ଅନୁଶାସନ ପାଳନ କରୁ ନ ଥିବାରୁ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରାଯାଇଥିବାର କୁହାଯାଉଛି। ଟ୍ରଷ୍ଟ କହିଛି ଯେ ମନ୍ଦିର ଟ୍ରଷ୍ଟରେ ମୋଟ ୧୧୪ ଜଣ ମୁସଲମାନ କର୍ମଚାରୀ କାମ କରନ୍ତି। ତେବେ ମନ୍ଦିର ପରିସରରେ ଜଣେ ବି ମୁସଲମାନ କର୍ମଚାରୀ ଡ୍ୟୁଟି କରନ୍ତି ନାହିଁ। ଏମାନେ ମନ୍ଦିର ଟ୍ରଷ୍ଟର କୃଷି ବିଭାଗ, ଅପଶିଷ୍ଟ ପ୍ରବନ୍ଧନ ବିଭାଗ ଓ ଶିକ୍ଷା ବିଭାଗରେ କାମ କରନ୍ତି। ଏହା ଛଡା ୧୧୪ଜଣ ମୁସଲମାନ କର୍ମଚାରୀଙ୍କ ମଧ୍ୟରୁ ୯୯ ଜଣ ୫ ମାସ ହେଲା ଠିକ୍ ରୂପେ କାମକୁ ଆସୁନଥିଲେ। ଏହି କାରଣରୁ ସେମାନଙ୍କ ବେତନ ପୈଠରେ ବିଳମ୍ବ କରାଯାଇଥିଲା। ତେବେ ମନ୍ଦିରରେ କାମ କରୁଥିବା ମୋଟ ୧୬୭ଜଣ କର୍ମଚାରୀଙ୍କ ବିରୋଧରେ ଅନୁଶାସନାତ୍ମକ କାର୍ଯ୍ୟାନୁଷ୍ଠାନ କରାଯାଇଛି।

### ଇରାନ-ଇସ୍ରାଏଲ ସଂଘର୍ଷ

## ପ୍ରଧାନମନ୍ତ୍ରୀଙ୍କୁ ଫୋନ କଲେ ନେତାନ୍ୟାହୁ

**ଶାନ୍ତି ବଜାୟ ରଖିବାକୁ କହିଲେ ମୋଦି**



**ନୂଆଦିଲ୍ଲୀ, ୧୩।୬ :** ଇସ୍ରାଏଲ ଏବଂ ଇରାନ ମଧ୍ୟରେ ବର୍ଦ୍ଧିତ ଉତ୍ତେଜନାକୁ ନେଇ ବେଞ୍ଜାମିନ ନେତାନ୍ୟାହୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଫୋନ୍ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି 'ଏକ୍ସ'ରେ ପୋଷ୍ଟ କରିଛନ୍ତି ଯେ ନେତାନ୍ୟାହୁ ତାଙ୍କୁ ଇରାନ ସହିତ ବର୍ତ୍ତମାନର ପରିସ୍ଥିତି ବିଷୟରେ ତାଙ୍କୁ ଅବଗତ କରାଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ମୁଁ ତାଙ୍କୁ ଭାରତର ଚିନ୍ତା ବିଷୟରେ ଅବଗତ କରାଇଛି ଏବଂ ଏହି ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତାର ଶୀଘ୍ର ପୁନଃସ୍ଥାପନର ଆବଶ୍ୟକତା ଉପରେ ଜୋର ଦେଇଛି। ଇରାନ ଉପରେ ଇସ୍ରାଏଲର ବିଶାଳ ବିମାନ ଆକ୍ରମଣ ପରେ ବେଞ୍ଜାମିନ ନେତାନ୍ୟାହୁ ମଧ୍ୟ ଉଚ୍ଚସ୍ତରୀୟ କୂଟନୈତିକ ଆଲୋଚନା ଆରମ୍ଭ କରିଛନ୍ତି। ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅନୁଯାୟୀ ନେତାନ୍ୟାହୁ ବିଶ୍ୱର ଅନେକ ଦେଶର ରାଷ୍ଟ୍ରମୁଖ୍ୟଙ୍କୁ ଫୋନ୍ କରି ବର୍ତ୍ତମାନର ପରିସ୍ଥିତି ବିଷୟରେ ଅବଗତ କରାଇଛନ୍ତି। ଭାରତ ଉଭୟ ଦେଶକୁ ଉତ୍ତେଜନା ବୃଦ୍ଧି କରୁଥିବା ଯେକୌଣସି ପଦକ୍ଷେପରୁ ଦୂରେଇ ରହିବାକୁ ଅନୁରୋଧ କରିଛି। ବେଞ୍ଜାମିନ ନେତାନ୍ୟାହୁ ଇରାନ ପରମାଣୁ ଏବଂ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ଅସ୍ତିତ୍ୱ ପାଇଁ ବିପଦ ବୋଲି ବର୍ଣ୍ଣନା କରିଛନ୍ତି। ଇରାନ ଉପରେ ଆକ୍ରମଣ ପରେ ସେ କହିଛନ୍ତି, ଆମେ ଇରାନର ପରମାଣୁ ଅସ୍ତ୍ର କାର୍ଯ୍ୟକ୍ରମର କେନ୍ଦ୍ର ଉପରେ ଆକ୍ରମଣ କରିଛୁ। ଆମେ ଇରାନର (ପରମାଣୁ) ବୋମା ଉପରେ କାମ କରୁଥିବା ଇରାନର ପ୍ରମୁଖ ପରମାଣୁ ବୈଜ୍ଞାନିକମାନଙ୍କୁ ଟାର୍ଗେଟ କରିଛୁ। ଆମେ ଇରାନର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମର କେନ୍ଦ୍ର ଉପରେ ମଧ୍ୟ ଆକ୍ରମଣ କରିଛୁ।

# ଇରାନ୍ ପରମାଣୁ କେନ୍ଦ୍ର ଉପରେ ଇସ୍ରାଏଲର ଆକ୍ରମଣ

- ୨ ସାମରିକ ଅଧିକାରୀ ନିହତ
- ଇରାନକୁ ପରମାଣୁ ଚୁକ୍ତି ପାଇଁ କହିଲେ ଟ୍ରମ୍ପ



**ଦୁବାଇ, ୧୩।୬:** ଇରାନ ଉପରେ ଇସ୍ରାଏଲ ବଡ଼ ଧରଣର ଆକ୍ରମଣ କରିଛି। ଇରାନର ରାଜଧାନୀ ତେହେରାନ ନିକଟବର୍ତ୍ତୀ ଅଞ୍ଚଳରେ ସାମରିକ ଆକ୍ରମଣ ଆରମ୍ଭ କରିଛି ଇସ୍ରାଏଲ । ଏହି ଆକ୍ରମଣ ଇରାନର ପରମାଣୁ କାର୍ଯ୍ୟକ୍ରମ ଏବଂ ଏହାର ପ୍ରମୁଖ ବୈଜ୍ଞାନିକମାନଙ୍କୁ ଟାର୍ଗେଟ କରି କରାଯାଇଛି। ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ ଇଆନ କାଟଜ୍ କହିଛନ୍ତି, ଇରାନରୁ ପ୍ରତିଶୋଧମୂଳକ ମିସାଇଲ ଓ ଡ୍ରୋନ ଆକ୍ରମଣର ଆଶଙ୍କା ରହିଛି । ଏହି ଆକ୍ରମଣ ପରେ ଇସ୍ରାଏଲରେ ଜରୁରୀକାଳୀନ ସ୍ଥିତି ଘୋଷଣା କରାଯାଇଛି । ଇରାନର ରାଷ୍ଟ୍ରୀୟ ଗଣମାଧ୍ୟମ ନୂର ନ୍ୟୁଜ ଅନୁଯାୟୀ, ତେହେରାନର ଉତ୍ତର-ପୂର୍ବାଞ୍ଚଳରେ ବିସ୍ଫୋରଣର ଶବ୍ଦ ଶୁଣାଯାଇଛି ।

ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି, ଅପରେସନ ରାଇଜିଂ ଲାୟନ ଇରାନର ପରମାଣୁ ବିପଦକୁ ରୋକିବା ପାଇଁ ଆରମ୍ଭ ହୋଇଛି। ଇସ୍ରାଏଲର ଆକ୍ରମଣ ଇରାନର ମୁଖ୍ୟ ପରମାଣୁ କେନ୍ଦ୍ରକୁ ଟାର୍ଗେଟ କରିଛି । ଅନ୍ୟପଟେ ଇସ୍ରାଏଲର ଆକ୍ରମଣରେ ଇରାନର ଶକ୍ତିଶାଳୀ ରେଭୋଲ୍ୟୁସନାରୀ ଗାର୍ଡସ୍ ମୁଖ୍ୟ ହୋସେନ ସାଲାମୀ ନିହତ ହୋଇଥିବା ସ୍ଥାନୀୟ ମିଡିଆ ରିପୋର୍ଟ କରିଛି । ମେଜର ଜେନେରାଲ ହୋସେନ ସାଲାମୀ, ଇସଲାମିକ ରେଭୋଲ୍ୟୁସନାରୀ ଗାର୍ଡ କର୍ପସ୍‌ର ମୁଖ୍ୟ, ଆଇଆରଜିସି ମୁଖ୍ୟାଳୟ ଉପରେ ଆକ୍ରମଣରେ ମୃତ ହୋଇଥିବା ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ କରିଛି । ସେହିପରି ଇରାନ ସେନା ମୁଖ୍ୟ ଜେନେରାଲ ମହମ୍ମଦ ବାଗହେରି ମଧ୍ୟ ଇସ୍ରାଏଲ ଆକ୍ରମଣରେ ନିହତ ହୋଇଛନ୍ତି। ଏହାସହ ୭୮ଜଣ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଇସ୍ରାଏଲ ଆକ୍ରମଣ ପରେ ଇରାନ ପକ୍ଷରୁ ବହୁ ଡ୍ରୋନ ଓ ରକେଟ ମାଡ କରାଯାଇଛି। ଏହି ସମୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପକ୍ଷରୁ ପରମାଣୁ ଚୁକ୍ତିନାମା ସମ୍ପର୍କରେ ଏକ ବଡ଼ ବୟାନ ଆସିଛି। ସେ ଇରାନକୁ କହିଛନ୍ତି ଯେ ସେମାନେ ପରମାଣୁ ଚୁକ୍ତି କରନ୍ତୁ, ନଚେତ୍ ଇସ୍ରାଏଲ ପାଖରେ ଅନେକ ବିପଦଜନକ ଅସ୍ତ୍ର ଅଛି। ଇରାନରେ ଯେଉଁମାନେ ଚୁକ୍ତିନାମାକୁ ବିରୋଧ କରୁଥିଲେ ସେମାନଙ୍କୁ ହତ୍ୟା କରାଯାଇଛି। ଇରାନ ପାଖରେ ଏବେ ବି ସୁଯୋଗ ଅଛି। ଏବେ ଚୁକ୍ତିନାମା କର ନଚେତ୍ ଆହୁରି ବିନାଶ ହେବ। ମୁଁ ଏହା ମଧ୍ୟ କହିଥିଲି ଯେ ଆମେରିକା ବିଶ୍ୱର ସର୍ବୋତ୍ତମ ଏବଂ ସବୁଠାରୁ ଘାତକ ସାମରିକ ଉପକରଣ ତିଆରି କରେ ଏବଂ ଇସ୍ରାଏଲ ପାଖରେ ଏହାର ଏକ ବିପୁଳ ଷ୍ଟକ୍ ଅଛି। ଆଗାମୀ ସମୟରେ ଆହୁରି ବହୁତ କିଛି ହେବ।

## ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ଫାଇନାଲ

# ବିଜୟ ପାଇଁ ଦକ୍ଷିଣ ଆଫ୍ରିକା ଆଗରେ ୨୮୨ ରନର ଲକ୍ଷ୍ୟ ରଖିଲା ଅଷ୍ଟ୍ରେଲିଆ



**ଲର୍ଡସ, ୧୩।୬:** ଲଣ୍ଡନର ଐତିହାସିକ ଲର୍ଡସ ଗ୍ରାଉଣ୍ଡରେ ଖେଳାଯାଉଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ଫାଇନାଲ ମ୍ୟାଚ ରୋଚକ ମୋଡ଼ରେ ପହଞ୍ଚିଛି। ପ୍ରଥମ ଇନିଂସ ୨୧୨ ରନ କରିଥିବା ଅଷ୍ଟ୍ରେଲିଆ ନିଜ ୨ୟ ଇନିଂସରେ ୨୦୭ ରନ କରି ଅଲଆଉଟ ହେବା ପରେ ଦକ୍ଷିଣ ଆଫ୍ରିକା ଆଗରେ ୨୮୨ ରନର ବିଜୟ ଲକ୍ଷ୍ୟ ରଖିଛି। ଅଷ୍ଟ୍ରେଲିଆ ନିଜ ପ୍ରଥମ ଇନିଂସରେ ୨୧୨ ରନ କରି ଅଲଆଉଟ ହୋଇଯାଇଥିବାବେଳେ ଦକ୍ଷିଣ ଆଫ୍ରିକା ନିଜ ପ୍ରଥମ ଇନିଂସରେ ମାତ୍ର ୧୩୮ ରନ କରି ଅଲଆଉଟ ହୋଇଯାଇଥିଲା। ଏହାର ଜବାବରେ ଅଷ୍ଟ୍ରେଲିଆ ନିଜର ୨ୟ ଇନିଂସରେ ୨୦୭ ରନ କରି ଅଲଆଉଟ ହୋଇଯାଇଥିଲା।

ଏହି ମ୍ୟାଚରେ ଦକ୍ଷିଣ ଆଫ୍ରିକା ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଅଷ୍ଟ୍ରେଲିଆ ନିଜ ପ୍ରଥମ ଇନିଂସରେ ୨୧୨ ରନ କରି ଅଲଆଉଟ ହୋଇଯାଇଥିବାବେଳେ ଦକ୍ଷିଣ ଆଫ୍ରିକା ନିଜ ପ୍ରଥମ ଇନିଂସରେ ମାତ୍ର ୧୩୮ ରନ କରି ଅଲଆଉଟ ହୋଇଯାଇଥିଲା। ଏହାର ଜବାବରେ ଅଷ୍ଟ୍ରେଲିଆ ନିଜର ୨ୟ ଇନିଂସରେ ୨୦୭ ରନ କରି ଅଲଆଉଟ ହୋଇଯାଇଥିଲା। ଦ୍ୱିତୀୟ ଇନିଂସରେ ଅଷ୍ଟ୍ରେଲିଆ ଗୁରୁତର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏପରିକି ଦଳ ୭୩ ରନରେ ୭ଟି ୱିକେଟ ହରାଇଥିଲା। ତେବେ ମିଚେଲ ଷ୍ଟାର୍କଙ୍କ ଅପରାଜିତ ୫୮ ରନ ଓ ଅଲେକ୍ସ କେରିଙ୍କ ୪୩ ରନ ବଳରେ ଅଷ୍ଟ୍ରେଲିଆ ଏକ ସମ୍ମାନଜନକ ସ୍କୋର କରିବା ସହ ଦକ୍ଷିଣ ଆଫ୍ରିକାଠାରୁ ୨୮୧ ରନରେ ଅଗ୍ରଣୀ ହାସଲ କରିଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ କାସିଗୋ ରବାଡା ୪ଟି ଓ ଲୁଙ୍ଗି ଏନଗିଡି ୩ଟି ୱିକେଟ ନେଇଥିଲେ।

## ଜାନୁଆରୀରେ ଭାରତ ଆସିବ ନ୍ୟୁଜିଲାଣ୍ଡ ଟିମ୍ ଖେଳିବ ୫ଟି-ଟ୍ୱେଣ୍ଟି, ୩ ଦିନିକିଆ



**ନୂଆଦିଲ୍ଲୀ, ୧୩।୬:** ଭାରତୀୟ ଦଳ ଇଂଲଣ୍ଡ ଗସ୍ତରୁ ଫେରିବା ପରେ ୱେଷ୍ଟଇଣ୍ଡିଜ ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଘରୋଇ ସିରିଜ୍ ଖେଳିବ। ୱେଷ୍ଟଇଣ୍ଡିଜ ଅକ୍ଟୋବର ମାସରେ ଆସି ୨ଟି ଟେଷ୍ଟ ଖେଳିବ। ପ୍ରଥମ ଟେଷ୍ଟ ଅକ୍ଟୋବର ୨ରୁ ଏବଂ ଦ୍ୱିତୀୟ ଟେଷ୍ଟ୍ ୧୦ ତାରିଖରୁ ଆରମ୍ଭ ହେବ। ୱେଷ୍ଟଇଣ୍ଡିଜ ଫେରିଯିବା ପରେ ଦକ୍ଷିଣ ଆଫ୍ରିକା ଆସିବ। ଦଳ ଏହି ଗସ୍ତରେ ୨ଟି ଟେଷ୍ଟ, ୫ଟି ଟି-ଟ୍ୱେଣ୍ଟି ଏବଂ ୩ଟି ଦିନିକିଆ ଖେଳିବ। ନଭେମ୍ବର ୧୪ରୁ ପ୍ରଥମ ଟେଷ୍ଟ ଏବଂ ୨୨ରୁ ଦ୍ୱିତୀୟ ଟେଷ୍ଟ ଆରମ୍ଭ ହେବ। ଦିନିକିଆ ନଭେମ୍ବର ୩୦ରୁ ଆରମ୍ଭ ହୋଇ ଡିସେମ୍ବର ୬ରେ ଶେଷ ହେବାର ସୂଚୀ ରହିଛି। ସେମିତି ଡିସେମ୍ବର ୯ରୁ ଟି-ଟ୍ୱେଣ୍ଟି ଆରମ୍ଭ ହୋଇ ୧୯ ତାରିଖରେ ଶେଷ ହେବ। ନୂଆ ବର୍ଷରେ ଅର୍ଥାତ୍ ୨୦୨୬ ଜାନୁଆରୀ ମାସରେ ନ୍ୟୁଜିଲାଣ୍ଡ ଆସିବାର କାର୍ଯ୍ୟକ୍ରମ ରହିଛି। ଦଳ ଏହି ଗସ୍ତରେ ୫ଟି ଟି-ଟ୍ୱେଣ୍ଟି ଓ ୩ଟି ଦିନିକିଆ ଖେଳିବ। ଜାନୁଆରୀ ୧୧ରୁ ସିରିଜ ଆରମ୍ଭ ହୋଇ ୩୧ରେ ଶେଷ ହେବ। ମାତ୍ର ଏ ବିଷୟରେ ବିସିସିଆଇ ପକ୍ଷରୁ ଅଫିସିଆଲ ଘୋଷଣା କରାଯାଇ ନାହିଁ।

## ୩୦୦ ଟେଷ୍ଟ ୱିକେଟ୍ କ୍ଲବ୍‌ରେ କମିନ୍ସ



**ଲଣ୍ଡନ, ୧୩।୬:** ଅଷ୍ଟ୍ରେଲିଆ କ୍ରିକେଟ୍ ଦଳର ଅଧିନାୟକ ପ୍ୟାଟ୍ କମିନ୍ସ ୩୦୦ ଟେଷ୍ଟ ୱିକେଟ୍ କ୍ଲବ୍‌ରେ ସାମିଲ ହୋଇଛନ୍ତି। ସେ ବିଶ୍ୱର ୪୦ତମ ତଥା ଅଷ୍ଟ୍ରେଲିଆର ଅଷ୍ଟମ ବୋଲର ଭାବେ ଏହି ସଫଳତା ଅର୍ଜନ କରିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ୍ ମୁକାବିଲାରେ କମିନ୍ସ ପ୍ରଥମ ଇନିଂସରେ ଘାତକ ବୋଲିଂ କରି ଏହି ତାଲିକାରେ ସାମିଲ ହୋଇଥିଲେ। ସେ ୧୮.୧ ଓଭର ବୋଲିଂ କରି ୨୮ ରନ୍‌ରେ ୬ଟି ୱିକେଟ୍ ନେଇଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିୟର୍‌ର ୧୪ତମ ୫ ୱିକେଟ୍ ସଫଳତା ରହିଥିଲା। ବିଶ୍ୱ କ୍ରିକେଟ୍‌ରେ ୩୦ତମ ଓ ଅଷ୍ଟ୍ରେଲିଆର ଷଷ୍ଠ ପେସ୍ ବୋଲର ଭାବେ କମିନ୍ସ ଟେଷ୍ଟ କ୍ରିକେଟ୍‌ରେ ୩୦୦ ୱିକେଟ୍ ପୂରଣ କରିଛନ୍ତି। ୩୦୦ ଟେଷ୍ଟ ୱିକେଟ୍ ଅକ୍ତିଆର କରିବାରେ ସେ ପଞ୍ଚମ ଦ୍ରୁତତମ ସାବ୍ୟସ୍ତ ହୋଇଛନ୍ତି। ମୋଟ୍ ୧୩,୭୨୫ଟି ବଲ୍ ପକାଇ ସେ ୩୦୦ ୱିକେଟ୍ ପୂରଣ କରିଛନ୍ତି। ଦ୍ରୁତତମ ଭାବେ ୩୦୦ ୱିକେଟ୍ ନେବାରେ ରେକର୍ଡ କରିଛନ୍ତି କାଗିସୋ ରାବାଡା। ସେ ୧୧୮୧୭ଟି ବଲ୍ ପକାଇ ୩୦୦ ୱିକେଟ୍ ପୂରଣ କରିଥିଲେ। ସେହିପରି ୧୨୬୦୨ଟି ବଲ୍ ପକାଇ ପାକିସ୍ତାନର ୱାକର ୟୁନିସ୍, ୧୨୬୦୫ଟି ବଲ୍ ପକାଇ ଦକ୍ଷିଣ ଆଫ୍ରିକାର ଡେଲ ଷ୍ଟେନ ଓ ୧୩୬୭୨ଟି ବଲ୍ ପକାଇ ଆଲାନ ଡୋନାଲ୍ଡ ୩୦୦ ୱିକେଟ୍ ପୂରଣ କରିଥିଲେ। ମ୍ୟାଚ୍ ଅନୁଯାୟୀ କମିନ୍ସ ଦଶମ ଦ୍ରୁତତମ ଭାବେ ୩୦୦ ୱିକେଟ୍ ନେଇଛନ୍ତି। ସେ ୬୮ଟି ଟେଷ୍ଟ ଖେଳି ଏହି ମାଇଲଖୁଣ୍ଟ ଅତିକ୍ରମ କରିଥିଲେ। ପୂର୍ବତନ ଅଷ୍ଟ୍ରେଲିଆ ପେସ୍ ବୋଲର ଡେନିସ୍ ଲିଲି ୩୦୦ ୱିକେଟ୍ ନେବାରେ ଦ୍ରୁତତମ। ସେ ୫୬ଟି ଟେଷ୍ଟ ଖେଳି ଏହି ସଫଳତା ଅର୍ଜନ କରିଥିଲେ। ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ରେ କମିନ୍ସ ଇତି ମଧ୍ୟରେ ୨୦୬ଟି ୱିକେଟ୍ ନେଇ ସାରିଛନ୍ତି। ନାଥାନ ଲାୟନ୍ସ ୨୧୦ ୱିକେଟ୍ ସହ ଏକମାତ୍ର ବୋଲର ଭାବେ କମିନ୍ସଙ୍କଠୁ ଆଗରେ ରହିଛନ୍ତି। ଅନ୍ୟ କୌଣସି ବୋଲର ବିଶ୍ୱ ଟେଷ୍ଟ ଚାମ୍ପିଅନସିପରେ ଏପର୍ଯ୍ୟନ୍ତ ୨୦୦ ୱିକେଟ୍ ପୂରଣ କରିନାହାନ୍ତି।

## ମେହିଦି ହାସନ ବାଂଲାଦେଶ ଦିନିକିଆ ଅଧିନାୟକ



**ଢାକା, ୧୩।୬:** ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ଗୁରୁବାର ମେହିଦି ହାସନ ମିରାଜଙ୍କୁ ଦିନିକିଆ ଦଳର ଅଧିନାୟକ ଭାବେ ନିଯୁକ୍ତ କରିଛି। ତାଙ୍କ ଆଗାମୀ ୧୨ ମାସ ପାଇଁ ମେହିଦିଙ୍କୁ ଗୁରୁଦାୟିତ୍ୱ ଦିଆଯାଇଛି। ପୂର୍ବରୁ ନଜମୁଲ ହୋସେନ ଶାଣ୍ଟୋ ଏହି ଦାୟିତ୍ୱରେ ଥିଲେ। ନିକଟରେ ଶାଣ୍ଟୋ ନିଜ ବ୍ୟାଟିଂ ଉପରେ ଫୋକସ କରିବା ପାଇଁ ଟି୨୦ଆଇ ଦଳର ନେତୃତ୍ୱ ତ୍ୟାଗ କରିଥିଲେ। ହେଲେ ସେ ଦିନିକିଆରେ ଅଧିନାୟକ ଦାୟିତ୍ୱ ଜାରି ରଖିବାକୁ ଚାହୁଁଥିଲେ। ବାଂଲାଦେଶ ଦଳ ତା'ର ପରବର୍ତ୍ତୀ ଦିନିକିଆ ସିରିଜ୍ ଶ୍ରୀଲଙ୍କା ବିପକ୍ଷରେ ଖେଳିବ, ଯାହା କି ଆସନ୍ତା ଜୁଲାଇ ୨ ତାରିଖରୁ ଆରମ୍ଭ ହେବ। ଆଇସିସି ଦିନିକିଆ ଅଲରାଉଣ୍ଡରଙ୍କ ର୍‍ୟାଙ୍କିଙ୍ଗ୍ସ ଚତୁର୍ଥ ସ୍ଥାନରେ ଥିବା ମିରାଜ ୧୦୫ ମ୍ୟାଚ୍‌ରେ ୧,୬୧୭ ରନ କରିବା ସହ ୧୧୦ ଉଇକେଟ ନେଇଛନ୍ତି।



## ହଠାତ୍ ଇଂଲଣ୍ଡରୁ ଘରକୁ ଫେରିଲେ ଗୌତମ ଗମ୍ଭୀର

**ନୂଆଦିଲ୍ଲୀ, ୧୩।୬:** ଟିମ ଇଣ୍ଡିଆର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ହଠାତ ଇଂଲଣ୍ଡ ଗସ୍ତରୁ ଘରକୁ ଫେରିଛନ୍ତି। ତାଙ୍କ ମା' ହଠାତ୍ ଗୁରୁତର ଅସୁସ୍ଥ ହୋଇପଡ଼ିବାରୁ ସେ ଭାରତ ଫେରିଆସିଛନ୍ତି। ଗୌତମଙ୍କ ମା' ସୀମା ଗମ୍ଭୀରଙ୍କ ହୃଦଘାତ ହୋଇଛି। ଏହି କାରଣରୁ ତାଙ୍କୁ ଏକ ହସପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଛି। ସେଠାରେ ଏକ ଡାକ୍ତରୀ ଦଳ ତାଙ୍କ ଉପରେ ନଜର ରଖିଛନ୍ତି। ଏହି ସୂଚନା ପାଇବା ପରେ ଭାରତୀୟ ଦଳ ସହ ଇଂଲଣ୍ଡରେ ଥିବା ଗୌତମ ନୂଆଦିଲ୍ଲୀ ଫେରିଆସିଛନ୍ତି। ତେବେ ସୀମାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିବା ପରେ ସେ ପୁଣି ଥରେ ଇଂଲଣ୍ଡ ଯାଇ ଭାରତୀୟ ଦଳ ସହ ଯୋଗ ଦେବା ଆଶା କରାଯାଉଛି। ଗୌତମଙ୍କ ମା' ସୀମା ଗମ୍ଭୀରଙ୍କ ହୃଦଘାତ ହୋଇଛି। ଏହି କାରଣରୁ ତାଙ୍କୁ ଏକ ହସପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଛି। ସେଠାରେ ଏକ ଡାକ୍ତରୀ ଦଳ ତାଙ୍କ ଉପରେ ନଜର ରଖିଛନ୍ତି। ଏହି ସୂଚନା ପାଇବା ପରେ ଭାରତୀୟ ଦଳ ସହ ଇଂଲଣ୍ଡରେ ଥିବା ଗୌତମ ନୂଆଦିଲ୍ଲୀ ଫେରିଆସିଛନ୍ତି।

ଭାରତ ଓ ଇଂଲଣ୍ଡ ମଧ୍ୟରେ ପ୍ରଥମ ଟେଷ୍ଟ ଜୁନ ୨୦ରେ ହେଡିଙ୍ଗଲେଠାରେ ଖେଳାଯିବ। ଆଶା କରାଯାଉଛି ଯେ ତାପୂର୍ବରୁ ଗୌତମ ଗମ୍ଭୀର ଭାରତୀୟ ଦଳ ସହ ଯୋଗ ଦେବେ। ତେବେ ସବୁକିଛି ତାଙ୍କ ମାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନିର୍ଭର କରେ। ସେପଟେ ଏଥର ଭାରତୀୟ ଦଳରେ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ପରି ଅଭିଜ୍ଞ ନାହାନ୍ତି। ଦଳର ଦାୟିତ୍ୱ ଶୁଭମନ ଗିଲଙ୍କ ଉପରେ ପ୍ରଥମ ଥର ପାଇଁ ନ୍ୟସ୍ତ କରାଯାଇଛି। ଏଣୁ ଏପରିସ୍ଥିତିରେ ଗୌତମ ଟିମ ଇଣ୍ଡିଆ ସହ ରହିବା ଅତ୍ୟନ୍ତ ଜରୁରୀ।

# କରୁଣଙ୍କୁ ପ୍ରଶଂସା: ଅର୍ଶଦୀପ, ସୁଦର୍ଶନଙ୍କୁ ସ୍ୱାଗତ



**ବେକେନହାମ୍, ୧୩।୬:** ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏବଂ ନୂଆ ଅଧିନାୟକ ଶୁବମନ୍ ଗିଲ୍ ଇଂଲଣ୍ଡ ଗସ୍ତ ଲାଗି ଖାସ୍ ଡାକରା ପାଇଥିବା କରୁଣ ନାୟର, ଅର୍ଶଦୀପ ସିଂହ ଓ ସାଇ ସୁଦର୍ଶନଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ପାଖାପାଖି ୮ବର୍ଷ ପରେ ଭାରତୀୟ ଟେଷ୍ଟ୍ ଦଳକୁ ଫେରିଥିବା କରୁଣଙ୍କ ଲଢ଼ୁଆ ପ୍ରବୃତ୍ତି ଓ କେବେବି ହାର୍ ନମାନିବାର ଭାବନାକୁ ଭୂୟସୀ ପ୍ରଶଂସା କରିଛନ୍ତି। ସେହିଭଳି ଅର୍ଶଦୀପ ଓ ସୁଦର୍ଶନ ଏହି ଗସ୍ତରେ ନିଜନିଜ ଛାପ ଛାଡ଼ିବେ ବୋଲି ଦୃଢ଼ ଆଶା ପୋଷଣ କରିଛନ୍ତି। ନାୟର ଶେଷ ଥର ପାଇଁ ୨୦୧୭ ମସିହାରେ ଟେଷ୍ଟ୍ ଖେଳିଥିଲେ। ତା' ପରଠାରୁ କିନ୍ତୁ ଆଉ ଜାତୀୟ ଦଳରେ ସ୍ଥାନ ପାଇ ନଥିଲେ। ଗତ ରଣଜୀ ଋତୁରେ କିନ୍ତୁ ଜବରଦସ୍ତ ପ୍ରଦର୍ଶନ କରିବା ପରେ ଚୟନକର୍ତ୍ତା ତାଙ୍କୁ ଇଂଲଣ୍ଡ ଗସ୍ତ ଲାଗି ଭାରତୀୟ ଦଳରେ ସାମିଲ କରିବାକୁ ବାଧ ହୋଇଥିଲେ। ୨୦୨୪-୨୫ ରଣଜୀ ଋତୁରେ କରୁଣ ୪ଟି ଶତକ ଓ ୨ଟି ଅର୍ଦ୍ଧଶତକ ସହ ୫୩.୯୩ ହାରରେ ୮୬୩ ରନ୍ କରିଥିଲେ। ନିଜର ଏହି ଫର୍ମକୁ ଆହୁରି ଆଗକୁ ନେଇ ଇଂଲଣ୍ଡ ଲାୟନ୍ସ ବିପକ୍ଷ ଅନଔପଚାରିକ ଟେଷ୍ଟ୍‌ରେ ଦ୍ୱିଶତକୀୟ ପାଳି ଖେଳିଥିଲେ। ଖାଲି ସେତିକି ନୁହେଁ ବିଜୟ ହଜାରେ ଟ୍ରଫିରେ ୯ ମ୍ୟାଚ୍‌ରୁ ୩୮୯.୫୦ ହାରରେ ୭୭୯ ଏବଂ ସୟଦ ସୁସ୍ତାକ ଅଲ୍ଲୀ ଟ୍ରଫିରେ ୬ ପାଳିରୁ ୧୭୭.୦୮ ହାରରେ ୨୫୫ ରନ୍ ସଂଗ୍ରହ କରିଥିଲେ। ଇଂଲଣ୍ଡ ଶୃଙ୍ଖଳାରେ ସେ କିଂବଦନ୍ତି କ୍ରିକେଟର୍ ବିରାଟ କୋହଲିଙ୍କ ଚତୁର୍ଥ ସ୍ଥାନରେ ବ୍ୟାଟିଂ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିଭଳି ଏବର୍ଷ ଆଇପିଏଲ୍‌ରେ ସର୍ବାଧିକ ରନ କରି ନାରଙ୍ଗୀ ଟୋପି ଜିତିଥିବା ଗୁଜରାଟ ଟାଇଟନ୍ସର ସୁଦର୍ଶନଙ୍କୁ ଦଳକୁ ସ୍ୱାଗତ କରି ଲାଲ୍ ବଲ୍‌ରେ ମିଳିଥିବା ସୁଯୋଗର ଭରପୂର ଲାଭ ଉଠାଇବାକୁ ଗମ୍ଭୀର ପରାମର୍ଶ ଦେଇଛନ୍ତି। ଧଳାବଲ୍‌ରେ ଅର୍ଶଦୀପଙ୍କ ସଫଳତାକୁ ସଲାମ କରି ଗମ୍ଭୀର କହିଛନ୍ତି, ଅର୍ଶଦୀପ ଧଳା ବଲ୍‌ରେ ତୁମେ ବହୁତ ଭଲ ପ୍ରଦର୍ଶନ କରିଆସୁଛ। ମୁଁ ସ୍ଥିର ନିଶ୍ଚିତ ଯେ ଲାଲ୍ ବଲ୍‌ରେ ମଧ୍ୟ ତୁମେ ସେହି ସଫଳତା ଅର୍ଜନ କରିବ। ଉପଅଧିନାୟକ ଋଷଭ ପନ୍ତ ଏବଂ ଷ୍ଟ୍ରେଙ୍ଗ୍ ଓ କଣ୍ଡିସନିଂ ପ୍ରଶିକ୍ଷକ ଆଡ୍ରିଆନ୍ ଲେ ରକ୍ସଙ୍କୁ ଭାରତୀୟ ଦଳର ନେତୃତ୍ୱ ଗୋଷ୍ଠୀକୁ ଗମ୍ଭୀର ସ୍ୱାଗତ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୃତ୍ୟୁସଂଖ୍ୟା...

ଯନ୍ତ୍ରଣା ବୁଝିପାରୁଛୁ ଏବଂ ଏହା ମଧ୍ୟ ଜାଣୁ ଯେ, ପ୍ରିୟଜନଙ୍କୁ ହରାଇବା ଯୋଗୁ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ଆଗାମୀ ଅନେକ ବର୍ଷ ପର୍ଯ୍ୟନ୍ତ ପୂରଣ କରି ହେବ ନାହିଁ । ଓମ୍ ଶାନ୍ତି। ସେ ଆହୁରି କହିଛନ୍ତି, ଆଜି ଅହମ୍ମଦାବାଦରେ ଦୁର୍ଘଟଣାସ୍ଥଳ ପରିଦର୍ଶନ କଲି। ଧ୍ୱଂସର ଦୃଶ୍ୟ ଦୁଃଖଦ। ନିରନ୍ତର ଭାବେ ଅକ୍ଳାନ୍ତ ପରିଶ୍ରମ କରି କାର୍ଯ୍ୟ କରୁଥିବା ଅଧିକାରୀ ଏବଂ ଦଳମାନଙ୍କୁ ଭେଟିଲି। ଏହି ଅକଳ୍ପନୀୟ ଦୁର୍ଘଟଣାରେ ଯେଉଁମାନେ ନିଜ ପ୍ରିୟଜନଙ୍କୁ ହରାଇଛନ୍ତି ସେମାନଙ୍କ ସହିତ ଆମର ସମବେଦନା ରହିଛି। ଏହାପରେ ମୋଦି ଅହମ୍ମଦାବାଦ୍ ହସ୍ପିଟାଲ୍ ଯାଇ ଆହତମାନଙ୍କୁ ଭେଟିଥିଲେ। ତେବେ ଏତେ ବଡ ଦୁର୍ଘଟଣାରେ ବର୍ତ୍ତିଯାଇଛନ୍ତି ଜଣେ ଯାତ୍ରୀ । ସୌଭାଗ୍ୟ ବଶତଃ ଏତେ ବଡ ଦୁର୍ଘଟଣାରୁ ବର୍ତ୍ତିଯାଇଥିବା ବିଶ୍ୱାସ କୁମାର ରମେଶଙ୍କୁ ଭେଟି ମଧ୍ୟ ଆଲୋଚନା କରିଥିଲେ ମୋଦି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ । ବିଶ୍ୱାସ ହସ୍ପିଟାଲ ବେଡରେ ଶୋଇ ବଖାଣିଥିଲେ ମୃତ୍ୟୁକୁ କେମିତି ଛୁଇଁଥିଲେ। କାହାଣୀ ଶୁଣାଇ କହିଥିଲେ ଯେ ରନୱେରେ ବିମାନଟି ଗତି ବଢ଼ାଇବା ମାତ୍ରେ ସେ କିଛି ଅଜବ ଅନୁଭବ କରିଥିଲେ। ହଠାତ୍ ୫-୧୦ ସେକେଣ୍ଡ ପାଇଁ ସବୁକିଛି ବନ୍ଦ ହୋଇଗଲା। ଚାରିଆଡେ ନିରବତା, ଚାରିଆଡ ଆଲୋକିତ ହୋଇପଡିଥିଲା। ଏପରି ଲାଗୁଥିଲା ଯେପରି ପାଇଲଟ୍ ଉଡ଼ାଣ ପାଇଁ ତାଙ୍କର ସମସ୍ତ ପ୍ରୟାସ କରିଥିଲେ। ତା'ପରେ କ'ଣ ହେଲା ସିଧାସଳଖ ହଷ୍ଟେଲ କୋଠାରେ ଧକ୍କା ହୋଇଥିଲା। ୧୧ ନମ୍ବର ସିଟରେ ବସିଥିବାରୁ ମୁଁ ଦ୍ୱିତୀୟ ଜନ୍ମ ପାଇଛି ଭଳି ଲାଗୁଛି। ବିମାନର ବାମ ପାର୍ଶ୍ୱରେ ଜରୁରୀକାଳୀନ ଦ୍ୱାର ପାଖରେ ୧୧ଏ ପାଖରେ ବସିଥିଲି। ବିମାନ ଉଡ଼ାଣ ଭରିବା ପରେ ହଠାତ ଭାଙ୍ଗି ଯାଇଥିଲା । ଏହାପରେ ମୁଁ ସିଟରୁ ଝିଟିକି ତଳକୁ ପଡ଼ିଯାଇଥିଲି। ଫଳସ୍ୱରୂପ ମୋ ଜୀବନ ରକ୍ଷା ପାଇଯାଇଥିଲା ବୋଲି ସେ ବଖାଣିଥିଲେ।ଏହି କଠିନ ସମୟରେ ଦେଶର ଅତୁଟ ସମର୍ଥନ ନେଇ ସେ ସମସ୍ତଙ୍କୁ ଆଶ୍ୱାସନା ଦେଇଛନ୍ତି ।

ଦୁର୍ଘଟଣା ପରେ ଜାରି ରହିଥିବା ସହାୟତା ଏବଂ ପୁନରୁଦ୍ଧାର କାର୍ଯ୍ୟର ମୂଲ୍ୟାଙ୍କନ ପାଇଁ ଶୀର୍ଷ କର୍ତ୍ତୃପକ୍ଷଙ୍କ ସହ ପ୍ରଧାନମନ୍ତ୍ରୀ ଅହମ୍ମଦାବାଦ ବିମାନ ବନ୍ଦରଠାରେ ଏକ ସମୀକ୍ଷା ବୈଠକରେ ମଧ୍ୟ ଅଧକ୍ଷତା କରିଥିଲେ। ଏହାପରେ ମୋଦି ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ଦିବଂଗତ ବିଜୟ ରୂପାନୀଙ୍କ ଶୋକସନ୍ତପ୍ତ ପରିବାରକୁ ଭେଟିବା ସହ ପ୍ରଧାନମନ୍ତ୍ରୀ ସମବେଦନା ଜଣାଇଥିଲେ।

### ତଦନ୍ତ...

ଆମେରିକୀୟ ପ୍ରତିନିଧି ଏବଂ ଏଫଏଏ ବୈଷୟିକ ସହାୟତା ପ୍ରଦାନ କରେ। ଏନଟିଏସବି ସହିତ ସମନ୍ୱୟ ରଖି ଆମେ ତୁରନ୍ତ ଏକ ଦଳ ଆରମ୍ଭ କରିବାକୁ ପ୍ରସ୍ତୁତ ବୋଲି ବିବୃତ୍ତିରେ ଉଲ୍ଲେଖ କରାଯାଇଛି। ଆମେରିକା ପରିବହନ ବିଭାଗ ଡଟ ଏବଂ ଏଫଏଏରେ ସୁରକ୍ଷା ସର୍ବଦା ପ୍ରଥମେ ଆସେ। ଏହି ତଦନ୍ତରେ ଆମେ ତଥ୍ୟ ଅନୁସରଣ କରିବୁ। ଆମର ଜିଇ ଏବଂ ବୋଇଂ ମଧ୍ୟ ଅଛି, ସେମାନେ ଭାରତରେ ସେମାନଙ୍କର ତଦନ୍ତକାରୀଙ୍କୁ ନିୟୋଜନ କରୁଛନ୍ତି। ଭାରତ ତଦନ୍ତର ନେତୃତ୍ୱ ନେଉଛି। ଭାରତକୁ ଆବଶ୍ୟକ ହେଉଥିବା ଯେକୌଣସି ସହାୟତା ଯୋଗାଇବା ପାଇଁ ଆମେ ସେଠାରେ ଅଛୁ ବୋଲି ଆମେରିକା ପରିବହନ ସଚିବ ସିଆନ୍ ଡଫି କହିଛନ୍ତି।

### ଯାଜପୁର ଓ ଭଦ୍ରକରେ...

ଆକ୍ରାନ୍ତଙ୍କ ସଂଖ୍ୟା ୬୦୦ ଟପିଛି। ଜିଲ୍ଲାର ଦାନଗଦି, ଧର୍ମଶାଳାରେ ସ୍ଥିତି ଅତ୍ୟନ୍ତ ଉଦବେଗଜନକ ରହିଛି। ଏହାସହ ଜିଲ୍ଲାର ୨ ମ୍ୟୁନିସିପାଲଟି ଯାଜପୁର ଓ ଯାଜପୁର ରୋଡ୍ ଏବଂ ୪ଟି ବ୍ଲକ ଦାନଗଦି, କୋରେଇ, ଧର୍ମଶାଳା, ବଡ଼ଚଣାରେ ବି ସ୍ଥିତି ଅତ୍ୟନ୍ତ ଗମ୍ଭୀର। ଏବେ ଯାଏଁ ୬ ଶହରୁ ଅଧିକ ଆକ୍ରାନ୍ତ ବିଭିନ୍ନ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି, ସବୁ ରୋଗୀଙ୍କ ପାଖରେ ଗୋଟିଏ ଲକ୍ଷଣ ଝାଡାବାନ୍ତି। ମୁଖ୍ୟତଃ ଡିହାଇଡ୍ରେସନ ପାଇଁ ମୃତ୍ୟୁ ହେଉଛି। ଘରକୁ ଘର ବୁଲି ଝାଡାବାନ୍ତି ରୋଗୀଙ୍କୁ ଚିହ୍ନଟ କରି ଚିକିତ୍ସା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ ବିଶେଷଜ୍ଞ ଦଳ ଗାଁରେ ପହଞ୍ଚି ଜଳ ଓ ଝାଡା ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି। ୩ଟି ରାଜ୍ୟସ୍ତରୀୟ ମେଡିକାଲ ଟିମ୍ ଜିଲ୍ଲାର ବିଭିନ୍ନ ହସ୍ପିଟାଲ ଓ ପ୍ରଭାବିତ ଅଞ୍ଚଳକୁ ଯାଇ ଅନୁଧ୍ୟାନ କରିଛନ୍ତି। ଜିଲ୍ଲାର ବିଭିନ୍ନ ସ୍ଥାନରେ ଏବେ ମେଡିକାଲ ଟିମ ପହଞ୍ଚି ଖାଦ୍ୟର ମାନ ଯାଞ୍ଚ କରିବା ସହ ହଇଜାର କାରଣ ଖୋଜୁଛନ୍ତି। ଜିଲ୍ଲାରେ ଏକାଧିକ ମେଡିକାଲ ଟିମ ବିଭିନ୍ନ ସ୍ଥାନରେ ଖାଦ୍ୟର ମାନ ଯାଞ୍ଚ କରୁଛି। ନଳକୂଅ ଓ ପାଣି ଟାଙ୍କିର ବିଶୁଦ୍ଧିକରଣ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ସେହିଭଳି କାଲିଠୁ ରଜ ପର୍ବ ଆରମ୍ଭ ହେଉଥିବା ସଂକ୍ରମିତ ଅଞ୍ଚଳରେ ପିଠାପଣାରୁ ଦୂରେଇ ରହିବାକୁ ଜିଲ୍ଲା ପ୍ରଶାସନ ପରାମର୍ଶ ଦେଇଛି। ଏଥିସହିତ ଧିରେ ଧିରେ ସ୍ଥିତିରେ ସୁଧାର ଆସୁଥିବା କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ। ଏ ଭିତରେ ହଇଜା ଜିଲ୍ଲା ସୀମା ଡେଇଁ ପଡୋଶୀ କେନ୍ଦୁଝର ଓ ଭଦ୍ରକରେ ବି ଲୋକେ ଆକ୍ରାନ୍ତ ହେବାର ଖବର ଆସୁଛି।

### ବଳିଷ୍ଠ ସଂକଳ୍ପର...

ନିଶ୍ଚିତ। ନାରୀମାନଙ୍କ ସଶକ୍ତିକରଣ ପାଇଁ ଆମର ସବୁଠୁ ଯୁଗାନ୍ତକାରୀ ଯୋଜନା ହେଉଛି 'ସୁଭଦ୍ରା' ଯୋଜନା। ସୁଭଦ୍ରା ଯୋଜନା ହେଉଛି ଓଡିଶାର ଇତିହାସରେ ସବୁଠାରୁ ବଡ ମହିଳା କଲ୍ୟାଣ କାର୍ଯ୍ୟକ୍ରମ। କେବଳ ମହିଳା ନୁହେଁ ଏତେ ବୃହତ ସାମାଜିକ କଲ୍ୟାଣକାରୀ ଯୋଜନା ପୂର୍ବରୁ କରାଯାଇ ନ ଥିଲା। ଆମ ସରକାର ଓଡିଶାର ପ୍ରତ୍ୟେକ ଗାଁ, ପ୍ରତ୍ୟେକ ପରିବାର ସହିତ ସଂଯୋଗ କରି ତଥ୍ୟ ସଂଗ୍ରହ କରିଛନ୍ତି। ଘରକୁ ଘର ବୁଲି, ଆମେ ଅଧିଂକାଶ ପରିବାର ସହିତ ଯୋଗାଯୋଗ କରିଛୁ। ବିଶେଷ କରି ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଯେଉଁଠାରେ ମା'ମାନେ ଏତେ ସଚେତନ ନୁହନ୍ତି, ସେଠାରୁ ତଥ୍ୟ ଅଣାଯାଇ ସେମାନଙ୍କୁ ଏହି ଯୋଜନାରେ ଯୋଡାଯାଇଛି। ସୁଭଦ୍ରା ଯୋଜନାର ସଫଳତା ଆମ ବଳିଷ୍ଠ ସଂକଳ୍ପର ଏକ ପ୍ରକୃଷ୍ଟ ଉଦାହରଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତିଯେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଅନେକ ମା'ମାନେ ସୁଭଦ୍ରା ସହାୟତାକୁ ଏକାଠି କରି ବିଭିନ୍ନ ପ୍ରକାର ଅର୍ଥନୈତିକ କାରବାର, ମିଳିତ କୃଷି କାର୍ଯ୍ୟ କରି ନିଜ ପରିବାର ପାଇଁ ଭଲ ରୋଜଗାର କରୁଛନ୍ତି। ମହିଳାଙ୍କୁ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ କରିବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି 'ଲକ୍ଷପତି ଦିଦି' ଯୋଜନାର ପରିକଳ୍ପନା କରିଥିଲେ। ଏହା ଆମ ରାଜ୍ୟ ପାଇଁ ବିଶେଷ ଭାବେ ଆମ ରାଜ୍ୟର ମା'ମାନଙ୍କ ପାଇଁ ଖୁସିର ବିଷୟ ଯେ ଓଡ଼ିଶା ବର୍ତ୍ତମାନ 'ଲକ୍ଷପତି ଦିଦି' ସୃଷ୍ଟି କରିବାରେ ସମଗ୍ର ଭାରତରେ ପ୍ରଥମ ସ୍ଥାନରେ ଅଛି। ଆମେ ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି କରିଛୁ। ଚଳିତ ବର୍ଷ ରାଜ୍ୟର ସମସ୍ତ ସରକାରୀ ବିଭାଗ ମିଳିତ ଭାବେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୩,୬୯୫ କୋଟି ଟଙ୍କାର ବ୍ୟାବସାୟିକ ସୁଯୋଗ ପ୍ରଦାନ କରିଛନ୍ତି। ଏହା ଆମ ରାଜ୍ୟର ଇତିହାସରେ ସର୍ବକାଳୀନ ରେକର୍ଡ। ୩.୦୭ ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରାୟ ୩୦୦ କୋଟି ଟଙ୍କାର ସୁଧ ଫେରସ୍ତ କରାଇ ସେମାନଙ୍କର ଆର୍ଥିକ ସ୍ୱପ୍ନକୁ ସାକାର କରିବାରେ ସହାୟକ ହୋଇଛୁ। ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା (ଏମ୍‌ଏସପିୱାଇ) ମାଧ୍ୟମରେ ଆମେ ମହିଳା ଓ ପିଲାମାନଙ୍କ ସୁସ୍ଥ ଭବିଷ୍ୟତ ପାଇଁ ଆବଶ୍ୟକ ପୁଷ୍ଟିକର ଖାଦ୍ୟ ଯୋଗାଇଦେବାର ବ୍ୟବସ୍ଥା କରୁଛୁ। ମହିଳା ସଶକ୍ତିକରଣ ଆମ ପାଇଁ ଏକ ସ୍ଲୋଗାନ ନୁହେଁ। ଚଳିତ ବର୍ଷ ବଜେଟରେ କେବଳ ମହିଳାଙ୍କ ପାଇଁ ୮୯ ହଜାର ୮୬୧ କୋଟି ଟଙ୍କାର ପ୍ରାବଧାନ ମହିଳାଙ୍କ ପାଇଁ ଆମର ପ୍ରତିବଦ୍ଧତା। ମହିଳା ସଶକ୍ତିକରଣରେ ଓଡିଶା ଦେଶର ଏକ ମଡେଲ ରାଜ୍ୟ ଭାବେ ଅନ୍ୟ ରାଜ୍ୟ ପାଇଁ ପ୍ରେରଣା ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନାରୀ ଶକ୍ତିର ଅମୃତ ଚେତନାରେ ଉଦ୍ଦୀପିତ ହୋଇ ଏକ ବିକଶିତ, ସମୃଦ୍ଧ ଏବଂ ଗର୍ବିତ ଓଡ଼ିଶା ଗଢ଼ିବା ପାଇଁ ସଂକଳ୍ପ ନେବା ପାଇଁ ଆହ୍ୱାନ ଦେଇଥିଲେ। ସେହିପରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି ଯେ ଆଜିର ଏହି ଉତ୍ସବ କେବଳ ସମ୍ମାନର ନୁହେଁ, ବରଂ ଓଡ଼ିଶାକୁ ଏକ ସମାନତା, ସମୃଦ୍ଧି ଓ ପ୍ରଗତିର ରାଜ୍ୟ ଭାବେ ଗଠନ କରିବାର ସଂକଳ୍ପ ଉତ୍ସବ। ଆଗାମୀ ଦିନରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ସୁଭଦ୍ରା ସହାୟତା ଓ ସ୍ୱୟଂ ସହାୟକ ଗୋଷ୍ଠୀର କାର୍ଯ୍ୟଶୈଳୀକୁ ଆହୁରି ତ୍ୱରାନ୍ୱିତ କରି ଶାସନ କାଳର ଦ୍ୱିତୀୟ ବର୍ଷରେ ଆମେ ପ୍ରତି ପରିବାରର ଜଣେ ଲକ୍ଷପତି ଦିଦି ଓ ପ୍ରତି ପଞ୍ଚାୟତରେ ଜଣେ କରୋଡ଼ପତି ଦିଦି ସୃଷ୍ଟି କରିବୁ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। କାର୍ଯ୍ୟକ୍ରମରେ କଟକ ସାଂସଦଭର୍ତ୍ତୃହରି ମହତାବ, ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, କଟକ ସଦର ବିଧାୟକ ପ୍ରକାଶ ସେଠୀ, ବଡମ୍ବା ବିଧାୟକ ବିଜୟ ଦଳବେହେରା, ନିଆଳି ବିଧାୟକ ଛବି ମଲ୍ଲିକ, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ଓ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଧନ୍ୟବାଦ ଦେଇଥିଲେ।

### ସମସ୍ତ ବୋଇଂ...

ଯାଞ୍ଚରେ ଉଡ଼ାଣ ନିୟନ୍ତ୍ରଣ ଯାଞ୍ଚ ବାଧ୍ୟତାମୂଳକ ହେବ ଯାହା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ। ସେହି ସମୟରେ ବିଦ୍ୟୁତ୍ ନିଶ୍ଚିତତା ଯାଞ୍ଚ ଦୁଇ ସପ୍ତାହ ମଧ୍ୟରେ କରିବାକୁ ପଡିବ। ଗତ ୧୫ ଦିନ ମଧ୍ୟରେ ବାରମ୍ବାର ବୈଷୟିକ ସମସ୍ୟାର ସମୀକ୍ଷା ଆଧାରରେ ଡିଜିସିଏ ଯଥାଶୀଘ୍ର ରକ୍ଷଣାବେକ୍ଷଣ କାର୍ଯ୍ୟ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଛି।

### ୨୪ ଘଣ୍ଟାରେ...

ଦୁର୍ଘଟଣାଗ୍ରସ୍ତ ହେବା ପଛରେ ୨ଟି କାରଣ ଥାଇପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଉଭୟ ଇଞ୍ଜିନ୍ ଅଚଳ ହେବା କିମ୍ବା ଉଡ଼ାଣ ଆରମ୍ଭ ବେଳେ ପକ୍ଷୀ ସହ ମାଡ଼ହେବା କାରଣରୁ ଏଭଳି ଭୟଙ୍କର ଦୁର୍ଘଟଣା ଘଟିଥିବା ସେମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ୩ ଜଣ ବରିଷ୍ଠ ପାଇଲଟ୍ ତଥା ଇନ୍‌ଷ୍ଟ୍ରକ୍ଟରଙ୍କ କହିବା ଅନୁଯାୟୀ, ଦୁର୍ଘଟଣା ସମୟର ଭିଡିଓକୁ ଅନୁଧ୍ୟାନ କଲେ ଯାହା ଜଣାଯାଏ ବିମାନ ଉପରକୁ ଉଠିବା ପାଇଁ ଇଞ୍ଜିନ୍ ଆବଶ୍ୟକ ଶକ୍ତି ପାଇ ନ ଥାଇପାରେ। ଫଳରେ ଉଡ଼ାଣର ମାତ୍ର କେଇ ମିନିଟ୍ ପରେ ଏହା ଜନବସତି ଅଞ୍ଚଳରେ ଖସିପଡ଼ିଲା। ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ (ଏଏଆଇବି)ର ତଦନ୍ତ ପରେ ପ୍ରକୃତ କାରଣ ସ୍ପଷ୍ଟ ହେବ। ଗୋଟିଏ ଇଞ୍ଜିନ ଅକାମୀ ହୋଇଥିଲେ, ଏଭଳି ସ୍ଥିତି ଉପୁଜି ନ ଥାନ୍ତା। ଟେକ୍‌ଅଫ୍ ସମୟରେ ବିମାନର ଫ୍ଲାପ୍ ଅପ୍ କିମ୍ବା ଲ୍ୟାଣ୍ଡିଂ ଗିଅର ଡାଉନ୍ ଥାଇପାରେ ବୋଲି ଜଣେ କମାଣ୍ଡର ଆଶଙ୍କା କରିଛନ୍ତି। ପକ୍ଷୀ ମାଡ଼ ହେବା କାରଣରୁ ଉଭୟ ଇଞ୍ଜିନ୍‌ରେ ନିଆଁ ଲାଗିଥାଇପାରେ ବୋଲି ଅନ୍ୟ ଜଣେ କହିଛନ୍ତି।

### ଦୁଇ ହାର୍ଡକୋର୍...

ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ସମ୍ପୃକ୍ତ ଜଙ୍ଗଲରେ ସର୍ଚ୍ଚ ଅପରେସନ କରାଯାଇଥିଲା। ଶୁକ୍ରବାର ଭୋର୍ ସମୟରେ ମାଓବାଦୀମାନେ ଉକ୍ତ ଜଙ୍ଗଲରୁ ଖସି ପଳାଇବାକୁ ଉଦ୍ୟମ କରି ସୁରକ୍ଷା ବାହିନୀଙ୍କ ଉପରକୁ ଗୁଳି ଚଳାଇଥିଲେ। ଆତ୍ମରକ୍ଷା ପାଇଁ ସୁରକ୍ଷା କର୍ମୀ ମଧ୍ୟ ପାଲଟା ଗୁଳିଚାଳନା କରିଥିଲେ। ଘଟଣାସ୍ଥଳରୁ କିଛି ମାଓବାଦୀ ଖସି ପଳାଇଥିବା ବେଳେ ଦୁର୍ଦ୍ଦାନ୍ତ ମାଓବାଦୀ କେସ କାୱାସି ଓ ସାନୁ କୁଞ୍ଜମ ପୁଲିସ ହାବୁଡ଼ରେ ପଡିଯାଇଥିଲେ। ମାଓବାଦୀ କେସା କୱାସି ଓ ସାନୁ କୁଞ୍ଜମ ବିଭିନ୍ନ ମାଓ ଘଟଣାରେ ସମ୍ପୃକ୍ତ ଅଛନ୍ତି। କେସା କୱାସୀ ନାଁରେ କୋରାପୁଟ ଜିଲ୍ଲାର ବୈପାରୀଗୁଡା, କୁନ୍ଦ୍ରା ଥାନା, ମାଲକାନଗିରି ଜିଲ୍ଲାର ମାଥିଲି ଥାନାରେ ଏବଂ ରାକେଶ ଓରଫ ସାନୁ କୁଞ୍ଜମ ନାଁରେ ମାଲକାନଗିରି ଜିଲ୍ଲାର ମାଥିଲି ଥାନାରେ ମାମଲା ରହିଛି।

### ଆଉ ୧୭ ପ୍ରକଳ୍ପକୁ...

ପ୍ରୋତ୍ସାହିତ କରୁଛି। ରାଜ୍ୟରେ ଏବେ ପ୍ଲାଷ୍ଟିକ ଶିଳ୍ପର ଅଧିକ ଚାହିଦା ରହିଛି। ଆଜି ମଞ୍ଜୁରୀପ୍ରାପ୍ତ ୧୭ ପ୍ରକଳ୍ପ ମଧ୍ୟରୁ ପ୍ଲାଷ୍ଟିକ ଶିଳ୍ପ ସମ୍ପର୍କିତ ୬ଟି ପ୍ରକଳ୍ପ ରହିଛି। ଗ୍ରୀନୱେଭ ସର୍କୁଲାରିଟି ପକ୍ଷରୁ ୬୫୦ କୋଟି ବ୍ୟୟ ଅଟକଳରେ ଖୋର୍ଦ୍ଧାରେ ୪ଲକ୍ଷ ୪ହଜାର ମେଟ୍ରିକ ଟନ କ୍ଷମତା ସମ୍ପନ୍ନ ପେଲେ ଓ ସେଜିନ ଉତ୍ପାଦନ ଶିଳ୍ପ ପ୍ରତିଷ୍ଠା କରିବ। ସେହିପରି ଖୋର୍ଦ୍ଧାରେ ଗୁରୁମହାରାଜ ମାଇନିଂ ଓ ଇଣ୍ଡଷ୍ଟ୍ରିଜ ପକ୍ଷରୁ ୨୩୯ କୋଟି ବ୍ୟୟରେ ବାର୍ଷିକ ୨ ଲକ୍ଷ ୫୦ ହଜାର ମିଟର କ୍ଷମତା ବିଶିଷ୍ଟ ଭୂତଳ ପାଇପ ଲାଇନ ନିର୍ମାଣ କରାଯିବ। ସୁପ୍ରିମ ଇଣ୍ଡଷ୍ଟ୍ରିଜ ପକ୍ଷରୁ କଟକରେ ୧୭୫ କୋଟିର ପୁଞ୍ଜିନିବେଶରେ ପ୍ରତିଷ୍ଠା ହେବ ପ୍ଲାଷ୍ଟିକ ସାମଗ୍ରୀ ଉତ୍ପାଦନ କାରଖାନା। ସେହିଭଳି ଲୁକ୍ରୋ ପ୍ଲାଷ୍ଟିସାଇକ୍ଲ ପକ୍ଷରୁ ଜଗତସିଂହପୁରରେ ତିଆରି ହେବ ପ୍ଲାଷ୍ଟିକ ରିସାଇକ୍ଲ କାରଖାନା। ବାଲେଶ୍ୱରରେ ୬୦ କୋଟିର ନିବେଶ କରିବ ରୟାଲ ଟକ ଫାବଲନ। ଏଥିସହ ଖୋର୍ଦ୍ଧାରେ ୮୮୫ କୋଟିର ନିବେଶ କରି ଏମଏଏସ ଇଣ୍ଡିଆ ପ୍ରତିଷ୍ଠା କରିବ ଟେକ୍ସଟାଇଲ୍ ପ୍ରୋସେସିଂ ମିଲ। ସେହିପରି ଯାଜପୁରରେ ସେରାମିକ ଫାଇବର ପ୍ଲାଣ୍ଟ କରିବାକୁ ଲକ୍ଷ୍ୟ ରଖିଛି ଆଇସୋଲଏଡ ଇଞ୍ଜିନିୟରିଂ ଟେକ୍ନୋଲୋଜି।

### ସୁଭଦ୍ରାଙ୍କ ପାଇଁ...

ସବୁତକ ହାରୁନେତାଙ୍କ ଭାଷଣ ଶୁଣିବାକୁ ମହିଳମାନଙ୍କର ସେତେଟା ଆଗ୍ରହ ପରିଲକ୍ଷିତ ହୋଇନଥିଲା। ତେବେ ସମାବେଶ ପଛର ଗୋଟିଏ ପ୍ରମୁଖ କାରଣ ଥିଲା ସୁଭଦ୍ରା ଯୋଜନା କାର୍ଯ୍ୟକାରୀ ପରେ ମହିଳା ଶକ୍ତି ଯେଭଳି ଭାବେ ବିଜେପିମୁହାଁ ହୋଇଛନ୍ତି, ସେଥିରେ କୌଣସି ପ୍ରକାରେ ବ୍ରେକ୍ ଲଗାଇବା। ତେବେ ଦୁଇ ଦଳର ଏଭଳି ବଳ କଷାକଷି ଭିତରେ ରାଜ୍ୟରେ ଥିବା ଲକ୍ଷାଧିକ ସ୍ୱୟଂ ସହାୟିକା ମହିଳା ଏବେ ଏକପ୍ରକାର ଫସିଯାଇଛନ୍ତି। କାରଣ ବିଜେଡି ସରକାର ସମୟରେ ଦୀର୍ଘଦିନ ଧରି ମିଶନ ଶକ୍ତି ନାଁରେ ମହିଳାମାନେ ସଶକ୍ତ ହୋଇଥିବା ବେଳେ ଏବେ ସୁଭଦ୍ରା ଯୋଜନାର ଲୋଭ ସେମାନଙ୍କୁ ବିଜେପିମୁହାଁ କରିଛି। ତେଣୁ ଗୋଟିଏ ଦିନରେ ପାଖାପାଖି ଦୁଇଟି ଜିଲ୍ଲାରେ ବିଶାଳ ସମାବେଶ ହେଉଥିବା ବେଳେ ସେମାନେ କେଉଁଠାକୁ ଯିବେ, ତାହାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଥିଲେ। ଉଲ୍ଲେଖନୀୟ ଯେ ମିଶନ ଶକ୍ତି କାର୍ଯ୍ୟକାରୀ ପରେ ରାଜ୍ୟରେ ୭୦ ଲକ୍ଷ ମହିଳା ଏଥିରେ ସାମିଲ ହୋଇଥିବା ବେଳେ ସୁଭଦ୍ରା ଯୋଜନାରେ ଏକ କୋଟିରୁ ଅଧିକ ମହିଳା ଯୋଡ଼ି ହୋଇସାରିଛନ୍ତି। ଅର୍ଥାତ୍ ମିଶନ ଶକ୍ତିର ମହିଳାଙ୍କ ସଂଖ୍ୟାଠାରୁ ଅଧିକ ୩୦ ଲକ୍ଷ ସିଧାସଳଖ ସୁଭଦ୍ରା ଯୋଜନାରେ ସାମିଲ ହୋଇ ଅଦ୍ୟାବଧି ଦୁଇଟି କିସ୍ତିରେ ୧୦ ହଜାର ଟଙ୍କା ଲେଖାଏଁ ପାଇସାରିଲେଣି। ନଗଦ ଟଙ୍କାର ଆକର୍ଷଣ ସେମାନଙ୍କୁ ପଦ୍ମମୁହାଁ କରିଥିବା ବେଳେ ଏହାକୁ ନେଇ ବିଜେଡି ଚିନ୍ତାରେ ପଡ଼ିଛି। କାରଣ ବିଜେଡିର ବିଜୟ ପଛର ଅସଲ ସାରଥୀ ଥିଲେ ମହିଳା ଶକ୍ତି। ସେମାନଙ୍କ ଭୋଟ୍‌ରେ ଏକାଧିକ ବାର ଓଡ଼ିଶାର କ୍ଷମତା ଚୌକୀରେ ବସିଥିବା ବିଜେଡି ମହିଳା ଶକ୍ତିଙ୍କୁ ହାତରୁ ଛାଡ଼ିବାକୁ ରାଜି ନୁହେଁ।ତେବେ ରାଜ୍ୟରେ ଦୁଇ ପ୍ରମୁଖ ଦଳ ସୁଭଦ୍ରାମାନଙ୍କୁ ନେଇ ବଳ କଷାକଷି ହେଉଥିବା ବେଳେ ଅନ୍ୟତମ ଜାତୀୟ ଦଳ କଂଗ୍ରେସ କିନ୍ତୁ ଏ କ୍ଷେତ୍ରରେ ପଛରେ ପଡ଼ି କେବଳ ଲଢ଼େଇ ଦେଖୁଛି। ଦଳର ମହିଳା ଶାଖା ସୁଦୃଢ ହୋଇପାରିନଥିବା ବେଳେ କଂଗ୍ରେସ ବି ମହିଳାମାନଙ୍କ ନିକଟକୁ ଯିବାକୁ ସେଭଳି କୌଣସି ଯୋଜନା କରିନାହିଁ। ତେଣୁ ରାଜ୍ୟର କୋଟିଏ ସୁଭଦ୍ରାଙ୍କୁ ନେଇ ଶାସକ ବିଜେପି ଓ ବିରୋଧୀ ବିଜେଡି ମଧ୍ୟରେ ଯେଉଁ ଖେଳ ଆରମ୍ଭ ହୋଇଛି, ତାହା ଆଗାମୀ ଦିନରେ ଆହୁରି ରୋଚକ ହେବ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଉଛନ୍ତି।

### ଗୃହରକ୍ଷୀ ଓ ସିଡିଭିଙ୍କୁ...

ଫଳସ୍ୱରୂପ ପୂର୍ବରୁ ଏ ବାବଦରେ ସିଡିଭିମାନେ ୩୧ ଟଙ୍କା ପାଉଥିବା ବେଳେ ଏବେ ସେମାନଙ୍କୁ ଏ ବାଦରେ ୧୫୦ ଟଙ୍କା ମିଳିବ। ଏହାଛଡ଼ା ସେମାନଙ୍କ ଟ୍ରେନିଂ ଭତ୍ତା ମଧ୍ୟ ୨୮ ଟଙ୍କାରୁ ୧୪୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସିଡିଭିମାନଙ୍କୁ ଏହି ଭତ୍ତା ପିଛିଲା ଭାବେ ଗତ ମେ' ପହିଲାରୁ ମିଳିବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ ଯେ ଓଡ଼ିଶାରେ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀଙ୍କ ସଂଖ୍ୟା ୭୦୦ରୁ କମ୍ ରହିଛି। ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟରେ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀମାନଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

### କାକଟପୁରରେ ଲଜ୍ଜା

## ନାବାଳିକା ଝିଅାରୀକୁ ଦୁଷ୍କର୍ମ ଉଦ୍ୟମ କଲା ବଡ଼ବାପା



**କାକଟପୁର/ଅସ୍ତରଙ୍ଗ, ୧୩।୬ (ସଂଚାର ବ୍ୟୁରୋ) :** ଲଜ୍ଜାର ସୀମା ଟପିଛି। ମନୁଷ୍ୟ ନିଜର ମୂଲ୍ୟବୋଧକୁ ହୃଦୟଙ୍ଗମ କରିପାରୁ ନାହିଁ। ଏପରିକି ବଡ଼ ବାପା ମଧ ସଂପର୍କ ଭୁଲିଯାଇ ଝିଅାରୀକୁ ଦୁଷ୍କର୍ମ କରିବାକୁ ପଛାଉ ନାହିଁ। ପୁରୀ ଜିଲ୍ଲା କାକଟପୁର ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ୨ବର୍ଷ ୬ମାସର ନାବାଳିକା ଝିଅାରୀ ଖେଳୁଥିବା ବେଳେ ବୁଧବାର ସନ୍ଧ୍ୟାରେ ଏକୁଟିଆ ସୁଯୋଗ ଦେଖି ତାର ବଡ଼ ବାପା ମନ୍ଦ ଉଦେଶ୍ୟ ରଖି ନିଜ ଘରକୁ ନାବାଳିକା ଝିଅାରୀକୁ ଡାକିଥିଲା। ଖଟ ଉପରେ ତାର ଡ୍ରେସ ଖୋଲି ନିଜେ ବଡ଼ ବାପା ଉଲଗ୍ନ ହୋଇ ନାବାଳିକା ଝିଅାରୀକୁ ଜାବୁଡ଼ି ଧରିବାରୁ ସେ କାନ୍ଦିଥିଲା। କାନ୍ଦ ଶୁଣି ଝିଅର ମା' ସେଠାରେ ପହଂଚି ଝିଅକୁ ଉଦ୍ଧାର କରିଥିଲା। କିନ୍ତୁ କ୍ଷମା ପ୍ରାର୍ଥନା କରିଥିଲା ଅଭିଯୁକ୍ତ। କାକଟପୁର ଥାନାରେ ଅଭିଯୋଗ ପରେ ଅଭିଯୁକ୍ତ ବାଙ୍ଗୁରିଗାଁ ଅଞ୍ଚଳର ନବ କିଶୋର ସାହୁଙ୍କୁ ଗିରଫ କରିଛି କାକଟପୁର ଥାନା ପୁଲିସ। କାକଟପୁର ଥାନା କେଶ ନମ୍ବର ୧୪୩/୨୫ ସହ ପୋସ୍କୋ କୋର୍ଟ ପୁରୀକୁ ଚାଲାଣ କରାଯାଇଛି। ଯାହାକି କାକଟପୁର ଥାନା ଅଧିକାରୀ ଉମେଶ କୁମାର ସାହୁ ସୂଚନା ଦେଇଛନ୍ତି।

## ପ୍ରାଣାନ୍ତକ ଆକ୍ରମଣ ମାମଲାରେ ଜେଲଗଲେ ଅଭିଯୁକ୍ତ



**ବାଲିଅନ୍ତା, ୧୩।୬ (ସଂଚାର ବ୍ୟୁରୋ) :** ଆଜି ବାଲିଅନ୍ତା ଥାନା ପୁଲିସ ସ୍ଥାନୀୟ ଭୁବନପୁର ସ୍ଥିତ ଉତ୍ତରମୁଖୀ ପୀଠ ନିକଟ ଏକ ପାନ ଦୋକାନ ଆଗରେ ଘଟିଥିବା ପ୍ରାଣାନ୍ତକ ଆକ୍ରମଣ ମାମଲାରେ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲା ଭୁବନପୁର ଗ୍ରାମର ବନମାଳି ମଲ୍ଲିକ ଓରଫ ଲକି (୨୫) । ତେବେ କୋର୍ଟରେ ବନମାଳି ଜାମିନ ଖାରଜ ହୋଇଯିବାରୁ ଝାରପଡା ହାଜତକୁ ପଠାଇ ଦିଆଯାଇଛି। ଏସଂକ୍ରାନ୍ତରେ ଉକ୍ତ ଗ୍ରାମର ରାଜକୁମାର ଜେନା ବାଲିଅନ୍ତା ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଥିଲା । ସୂଚନାଯୋଗ୍ୟ ଯେ, ଗତକାଲି ସକାଳ ପ୍ରାୟ ୯ ଟା ସମୟରେ, ଅଭିଯୋଗକାରୀ ରାଜ ମା ଉତ୍ତରମୁଖୀ ମନ୍ଦିରକୁ ଦର୍ଶନ ପାଇଁ ଯାଇଥିବା ବେଳେ, ଅଭିଯୁକ୍ତ ବନମାଳୀ ମଲ୍ଲିକ ଓରଫ ଲକି ଏକ କ୍ରିକେଟ ବ୍ୟାଟ୍ ଧରି ହଠାତ୍ ତାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ପଛରୁ ଆକ୍ରମଣ କରିଥିଲେ । ଯଦିଓ ବନମାଳି ଅଭିଯୋଗକାରୀ ରାଜଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଆକ୍ରମଣ କରିଥିଲେ, ରାଜ ନିଜ ହାତ ସାହାଯ୍ୟରେ ରକ୍ଷା କରିଥିଲେ ମଧ ତାଙ୍କ ହାତରେ ଗୁରୁତର ଆଘାତ ଲାଗିଥିଲା । ହାତ ଭାଙ୍ଗି ଯାଇଥିଲା । ଘଟଣାସ୍ଥଳରେ ଉପସ୍ଥିତ ସ୍ଥାନୀୟ ଲୋକମାନେ ଅଭିଯୋଗକାରୀଙ୍କୁ ଉଦ୍ଧାର କରି ପ୍ରଥମେ ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଭଲ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରିଥିଲେ ।

## ସରକାର ମେଡିକାଲ୍ କଲେଜ୍ ପ୍ରତିଷ୍ଠା ଘୋଷଣା କରନ୍ତୁ




**କେନ୍ଦ୍ରାପଡ଼ାର,୧୩।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡାର ରାମନଗର ଠାରେ ଜିଲ୍ଲା ମହୋତ୍ସବ ପାଳନ ଉତ୍ସବରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ଏବଂ ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦ୍ରାପଡା ଜିଲ୍ଲା ଗସ୍ତରେ ଆସିଥିବା ବେଳେ କେନ୍ଦ୍ରାପଡା ଜିଲ୍ଲାରେ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍ ପ୍ରତିଷ୍ଠା ହେବ ବୋଲି ଘୋଷଣା କରିଥିଲେ । ସମଗ୍ର ରାଜ୍ୟରେ ୧୭ଟି ମେଡିକାଲ୍ କଲେଜ୍ ପ୍ରତିଷ୍ଠା କରାଯାଇ କାର୍ଯ୍ୟକାରୀ ହେବାପାଇଁ ଯାଉଛି । ଉପକୂଳବର୍ତ୍ତୀ ଜିଲ୍ଲାରେ କେବଳ କେନ୍ଦ୍ରାପଡା ଜିଲ୍ଲା ବ୍ୟତୀତ ଅନ୍ୟ ସମସ୍ତ ଜିଲ୍ଲାରେ ମେଡିକାଲ୍ କଲେଜ୍ ପ୍ରତିଷ୍ଠା ପାଇଁ ଘୋଷଣା ସହ ଅର୍ଥ ବ୍ୟବସ୍ଥା କରିଛନ୍ତି । ସ୍ଥାନୀୟ ପବ୍ଲିକ ରିଡିଂରୁମ ପରିସରରେ ମିଳିତ କ୍ରିୟାନୁଷ୍ଠାନ କମିଟି ବୈଠକରେ ସଭାପତି ଅଜୟ ସାମଲ, ସମ୍ପାଦକ ରମଣୀରଞ୍ଜନ ରାଉତରାୟ, ପ୍ରଫୁଲ୍ଲ ଦାସ, ଫକୀର ଚରଣ ଖଟୁଆ, ରାଜକୁମାର ବିଶ୍ୱାଳ, ମୁକ୍ତାର ଖାଁ, ଆଦିକନ୍ଦ ରାଉଳ, ଉପେନ୍ଦ୍ରନାଥ ପ୍ରଧାନ, ଗୋଲଖ ଚନ୍ଦ୍ର ମହାଭୋଇ, ଭାଗିରଥି ଜେନା, ବିଭୁ ପ୍ରସାଦ ଜେନା, ପ୍ରମୋଦ କୁମାର ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସରକାର ଆଗାମୀ ବିଧାନସଭା ଅଧିବେଶନରେ କେନ୍ଦ୍ରାପଡାରେ ମେଡିକାଲ୍ କଲେଜ୍ ପ୍ରତିଷ୍ଠା ପାଇଁ ଘୋଷଣା କରିବା ସହ ଅର୍ଥ ବ୍ୟବସ୍ଥା କରିବା ପାଇଁ ସରକାରଙ୍କୁ ଅନୁରୋଧ ଜଣାଇଛନ୍ତି। ଯଦି ସରକାର ଏହାକୁ କାର୍ଯ୍ୟକାରୀ ନ କରନ୍ତି ତେବେ ଆଗାମୀ ଦିନରେ ଜିଲ୍ଲାର ସମସ୍ତ ବ୍ଲକ ଏବଂ ସହରାଳରେ ସଂଗଠନ ପକ୍ଷରୁ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି ।

# ସରିଲା ସଜବାଜ, ଆଜି ପହିଲି ରଜ

### ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳର ବିଭିନ୍ନ ଗ୍ରାମରେ ରଜ ଉତ୍ସାହ



**କାକଟପୁର/ଅସ୍ତରଙ୍ଗ, ୧୩।୬ (ସଂଚାର ବ୍ୟୁରୋ) :** ଗ୍ରୀଷ୍ମ ଓ ବର୍ଷା ଋତୁର ସନ୍ଧିକ୍ଷଣରେ ଭିଜାମାଟିର ବାସ୍ନା ନେଇ ଆସେ ଓଡ଼ିଶାର ଗଣପର୍ବ ରଜ। ସତେ ଯେମିତି ଏହା ଧରିତ୍ରୀ ମାତା ଓ ମୌସୁମୀର ମିଳନ ପର୍ବ। ସାରା ବିଶ୍ୱରେ ପ୍ରକୃତିକୁ ନେଇ ଏମିତି ଏକ ପର୍ବର ପରିକଳ୍ପନା ହୁଏତ ଆଉ କେଉଁଠି ନ ଥିବ! ପ୍ରକୃତି ସୃଷ୍ଟି କରିଛି ବର୍ଷା। ଆଉ ବର୍ଷାକୁ ସ୍ୱାଗତ କରେ ରଜ । ପିଠା, ଦୋଳି ଓ ଗୀତର ଆସର ହିଁ କହିଦିଏ ଏହି ପର୍ବର ମନକଥା। ପହିଲି ରଜରେ ଝିଅମାନଙ୍କ ସଜବାଜଠାରୁ ଆରମ୍ଭ କରି ବସୁମତି ସ୍ନାନ ପର୍ଯ୍ୟନ୍ତ ପାଳିତ ହୋଇଥାଏ ରଜପର୍ବ।

ଅସରାଏ ବର୍ଷା ପରେ ପାଗ ହୁଏ ଅନୁକୂଳ। ଗାଁ ଦାଣ୍ଡରେ ଝିଅମାନେ କଉଡ଼ି, ବୋହୂଚୋରି, ଲୁଡୁ ଖେଳୁଥିବା ବେଳେ ଯୁବକମାନେ କବାଡ଼ି, କୁସ୍ତି, ପଶା ଓ ତାସ୍ ଆଦି ଖେଳରେ ମସ୍‌ଗୁଲ୍ ରହନ୍ତି। ହେଲେ ଆଗଭଳି ଆଉ ଦେଖିବାକୁ ମିଳେନା ରଜରେ ଏହିସବୁ ପାରମ୍ପରିକ ଖେଳ। ସମୟକ୍ରମେ ଗାଁରୁ ଲୋପ ପାଇଆସିଲାଣି ଅନେକ ଖେଳ। କିନ୍ତୁ ରଜ ଆସିଲେ ଏହିସବୁ ପରମ୍ପରା ମନେପଡ଼ିଯାଏ, ଯାହା ଆଜିକାଲି କାଁ ଭାଁ କେତୋଟି ଜାଗାରେ ଦେଖିବାକୁ ମିଳେ।

ଦୋଳି ବିନା ରଜର ପରିକଳ୍ପନା କରାଯାଇ ପାରେନା। ରଜରେ ରାମଦୋଳି, ଚରକାଦୋଳି, ବାଉଁଶଦୋଳି ଦେଖିବାକୁ ମିଳେ। ସାଙ୍ଗସାଥୀଙ୍କ ମେଳରେ ଦୋଳିଖେଳ ସହିତ ଶୁଣାଯାଏ ରଜଗୀତର ମିଠାସ୍ୱର। ଘର ଅଗଣା ହେଉ କି ଆମ୍ବତୋଟା, ସବୁଠି ଶୋଭାପାଏ ରଜଦୋଳି । ତା' ସାଙ୍ଗକୁ ଭାସି ଆସୁଥାଏ ରଜର ମନମତାଣିଆ ଗୀତ... 'ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ, ଆସିଛି ରଜଲୋ, ଘେନି ନୂଆ ସଜବାଜ।'

ଅସ୍ତରଙ୍ଗ ଓ କାକଟପୁର ଉପକଣ୍ଠ ବିଭିନ୍ନ ଗ୍ରାମରେ ରଜ ପାଇଁ ପ୍ରସ୍ତୁତି ମଧ ହୋଇଛି। ବିଭିନ୍ନ ଗ୍ରାମରେ ଝିଅ ମାନଙ୍କ ଦ୍ୱାରା ଗୀତ, ନାଚ, ଝୋଟି, ପାନ ଭଙ୍ଗା, ପୋଡ଼ ପିଠା ତିଆରି, ଚିତ୍ର କଳା ଆଦି ପ୍ରତିଯୋଗିତା ଆରମ୍ଭ ହେବ। ଯାହାକି ନେଇ ଅସ୍ତରଙ୍ଗ ଓ କାକଟପୁର ବ୍ଲକର ବିଭିନ୍ନ ଗ୍ରାମ ରଜ ପର୍ବରେ ଉତ୍ସବ ମୁଖର।

### ଅନିଶ୍ଚିତତା ଭିତରେ ଗଭୀର ନଳକୂପ ଯୋଜନା

## ୨ ବର୍ଷ ହେଲାଣି ଟଙ୍କା ପୈଠ କରି ଚାଷୀ ହତାଶ



**ବୋରିଗୁମ୍ମା/କୋଟପାଡ଼, ୧୩।୬ (ସଂଚାର ବ୍ୟୁରୋ) :** ରାଜ୍ୟ ସରକାରଙ୍କ କୃଷକ କଲ୍ୟାଣ ଯୋଜନାରେ ଉଠା ଜଳସେଚନ ବିଭାଗ ପକ୍ଷରୁ ଚାଷୀଙ୍କୁ ଗଭୀର ନଳକୂପ ଯୋଜନାରେ ନଳକୂପ ଖନନ ପାଇଁ ବିଜ୍ଞାପନ ପ୍ରଦାନ କରାଯାଇଥିଲା। ସରକାରଙ୍କ ଏହି ଯୋଜନାରେ ସାମିଲ ହେବାପାଇଁ କୋରାପୁଟ ଜିଲ୍ଲାରେ ଶହ ଶହ ଚାଷୀ ଦୁଇ ବର୍ଷ ହେବାକୁ ବସିଲାଣି ପ୍ରତ୍ୟେକ ଚାଷୀ ୧୦ ରୁ ୨୦ ହଜାର ଟଙ୍କା ପୈଠ କରି ହତାଶ ହୋଇ ହାତବାନ୍ଧି ବସିଛନ୍ତି। ବର୍ତ୍ତମାନ ଅନିଶ୍ଚିତତା ଭିତରେ ସରକାରଙ୍କ ଗଭୀର ନଳକୂପ ଯୋଜନା ଯୋଜନାରେ ହୋଇ ରହିଛି।

କୋରାପୁଟ ଜିଲ୍ଲା ବୋରିଗୁମ୍ମା ଓ କୋଟପାଡ଼ ବ୍ଲକ ଭନସୁଲି ପଞ୍ଚାୟତର ଏକାଧିକ ମୌଜାର ପ୍ରାୟ ୪୦ରୁ ଉର୍ଦ୍ଧ ଚାଷୀ ବିଜୁ କୃଷକ ବିକାଶ ଯୋଜନାର ଲାଭ ଉଠାଇବା ନିମନ୍ତେ ଓଏଲ୍ଆଇସି ଡ଼ିପ ବୋରୱେଲ ପାଇଁ ଅନଲାଇନରେ ଆବେଦନ କରିଥିଲେ। ଏହାରି ମଧ୍ୟରେ ସାଧାରଣ ବର୍ଗର ଲୋକେ ୨୦ ହଜାର ଟଙ୍କା ଏବଂ ଏସି/ଏସ୍‌ଟି ବର୍ଗର ଲୋକେ ୧୦ ହଜାର ଟଙ୍କା ୟୁନିଅନ୍ ବ୍ୟାଙ୍କରେ ଜମା କରିଥିଲେ କିନ୍ତୁ ବିଡମ୍ବନାର କଥା ଦେଢ଼ବର୍ଷ ହେଲା ଏ ପର୍ଯ୍ୟନ୍ତ ଚାଷୀଙ୍କ ଜମିରେ ନିର୍ମାଣ ହୋଇ ପାରିଲା ନାହିଁ ଗଭୀର ନଳକୂପ। ଆଉ ଶୁଖିଲା ପଡିଛି ପ୍ରାୟ ଦୁଇ ଶହ ଏକରରୁ ଅଧିକା ଜମି। ଖାଲି ଏତିକି ନୁହେଁ ସମାନ ଚିତ୍ର ଦେଖିବାକୁ ମିଳିଛି ବୋରିଗୁମ୍ମା ବ୍ଲକ ଅଧିନସ୍ଥ ବିଜାପୁର, ବଡ ପିଣ୍ଡାପଦର, ସାନ ପିଣ୍ଡାପଦର, ହର୍ଦ୍ଦଳୀ, ନୂଆଗାଁ, ସର୍ଗିଗୁଡା, ବୋରିଗୁମ୍ମା, ଦୁଲାଗୁଡା, ଧୁବୁଲି ଏବଂ ପୂଜାରିପୁଟ ଅଞ୍ଚଳରେ। ଦେଢ଼ବର୍ଷରୁ ଅଧିକ ସମୟ ହେଲା କେଉଁ କାରଣରୁ ଚାଷୀଙ୍କ ଜମିରେ ଗଭୀର ନଳକୂପ ହୋଇ ପାରୁ ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

କୋରାପୁଟ ଜିଲ୍ଲାପାଳ ଚାଷୀଙ୍କ ସମସ୍ୟାକୁ ଗୁରୁତ୍ୱର ସହନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଇଲା ପରେ ବର୍ତ୍ତମାନ ଏହି ବୋରୱେଲ ଖନନକୁ ନେଇ ନୂତନ ଭାବେ ସରକାରଙ୍କ ତରଫରୁ ଟେଣ୍ଡର ଆହ୍ୱାନ କରାଯିବ ଓ ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି କହିଛନ୍ତି କୋରାପୁଟ ଜିଲ୍ଲାପାଳ। ସେପଟେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ମଧ ଚାଷୀଙ୍କ ଜମିରେ ଶୀଘ୍ର ଡିପ ବୋରୱେଲ ଖୋଳନ ଓ ଚାଷୀକୁଳର ହିତପାଇଁ ସରକାରଙ୍କ ନିକଟରେ ଦାବି ରଖିଥିବା କଥା ପ୍ରକାଶ କରିଛନ୍ତି।



## ଭୁଲ ଇଂଜେକ୍ସନରେ ମୃତ୍ୟୁବରଣ କରିଥିବା ଅସହାୟ ପରିବାରକୁ ଭେଟିଲେ ରବି ନାରାୟଣ ନନ୍ଦ

**ବୋରିଗୁମ୍ମା, ୧୩।୬ (ସଂଚାର ବ୍ୟୁରୋ) :** କୋରାପୁଟ ଏସଏଲଏନ. ମେଡିକାଲ କଲେଜରେ ଭୁଲ ଇଞ୍ଜେକ୍ସନ ଯୋଗୁଁ ମୃତ୍ୟୁର ଶିକାର ହୋଇଥିବା ଜୟପୁର ବ୍ଲକ ମିନାଗୁଡ଼ା ଗ୍ରାମର ମୃତ ରୁକ୍ମଣୀ ପେଣ୍ଠିଆଙ୍କ ଅକ୍ଷମ ସ୍ୱାମୀ ତଥା ଅସହାୟ ୨ ଝିଅଙ୍କୁ ଆଜି ତାଙ୍କ ମିନାଗୁଡ଼ା ବାସଭବନରେ ଭେଟିଛନ୍ତି ବିଜେଡି ରାଜ୍ୟ ଉପସଭାପତି ରବିନାରାୟଣ ନନ୍ଦ ଓ ତାଙ୍କ ଟିମ । ତାଙ୍କ ଦୁଃସ୍ଥିତି ପ୍ରତି ସମ୍ବେଦନଶୀଳ ହୋଇ ଅସହାୟତାର ହାତ ବଢାଇଛନ୍ତି । ବିଜେଡି ସୁପ୍ରିମ ନବୀନ ପଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଜୟନ୍ତଗିରି ପଞ୍ଚାୟତ ସ୍ଥିତ ମିନାଗୁଡ଼ା ଗ୍ରାମର ମୃତ ରୁକ୍ମଣୀ ଙ୍କ ଦୁଇ ଝିଅଙ୍କୁ ପିନ୍ଧାବସ୍ତ୍ର ମୃତ ମା'ର ଦଶାହ କାର୍ଯ୍ୟ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଅତ୍ୟନ୍ତ ଅମାନବୀୟ ପରିବେଶରେ ମୃତ୍ୟୁ ହୋଇଥିବା ରୁକ୍ମଣୀଙ୍କ ପାରିବାରକୁ ଦେଖି ଶ୍ରୀ ନନ୍ଦ ଉଦ୍‌ବେଗ ପ୍ରକାଶ କରିଛନ୍ତି । ସଂପ୍ରତି ପରିବାର ରହୁଥିବା ଭଙ୍ଗା ଚାଳଘରଟିକୁ ଅତିଶୀଘ୍ର ସଜାଡି ବାସ ଉପଯୋଗୀ କରିଦେବା ସହ ମାନସିକ ଭାରସାମ୍ୟ ହରାଇ ବସିଥିବା ରୁକ୍ମଣୀଙ୍କ ସ୍ୱାମୀ ଓ ଯୁକ୍ତ ୨ ପାସ କରିଥିବା ବଡ଼ ଝିଅ ଚମ୍ପା ପେଣ୍ଠିଆ ଓ ଅଷ୍ଟମ ଶ୍ରେଣୀରେ ପଢୁଥିବା ସାନଝିଅର ଦାୟିତ୍ୱ ରାଜ୍ୟ ସରକାର ବହନ କରିବା ପାଇଁ ଦାବି କରିଛନ୍ତି । ଏଥି ସାଙ୍ଗକୁ ଆଉ କେତୋଟି ଆବଶ୍ୟକୀୟ ଜିନିଷ ଯୋଗାଇ ଦେବାକୁ ମଧ ନିଷ୍ପତି ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି ।



## ମା' ବୁଢ଼ୀକେନ୍ଦୁଲାଇଙ୍କ ସତ୍ୟନାରାୟଣ ପାଲା ମହାସମାରୋହରେ ପାଳିତ

**ଜଗତସିଂହପୁର,୧୩।୬ (ସଂଚାର ବ୍ୟୁରୋ):** କୁଜଙ୍ଗ ବ୍ଲକ ଅନ୍ତର୍ଗତ ସାଇଲୋ ଗ୍ରାମପଞ୍ଚାୟତର ରାଜସ୍ୱଗ୍ରାମ ତେରମାଣପୁର ଗ୍ରାମର ଗ୍ରାମଦେବତୀ ମା' ବୁଢ଼ୀକେନ୍ଦୁଲାଇଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବକୁ ଏକୋଇଶ ଦିନ ପୂରିଯାଇଥିବାରୁ ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ମା'ଙ୍କ ଉଦ୍ଦେଶ୍ୟରେ ଏକୋଇଶା ସତ୍ୟ ନାରାୟଣ ପାଲା ଅନୁଷ୍ଠିତ ହୋଇଯାଇଅଛି। ଏହି ମହାନ ଅଧ୍ୟାତ୍ମିକ କାର୍ଯ୍ୟରେ ମା' ବୁଢ଼ୀକେନ୍ଦୁଲାଇଙ୍କ ମାମୁମାଇଁ ଭାବେ ବାଲିସାହି ଗ୍ରାମର ଚିନ୍ମୟ ଦାସ ତାଙ୍କ ସହଧର୍ମିଣୀ ମଞ୍ଜୁଲତା ଦାସ (ନିତୁ) ମାମୁଁଘର ଭାର ବେଭାର ଆଳି ଅଳଙ୍କାର ସହିତ ଉତ୍ସବରେ ଯୋଗଦେଇଥିଲେ। ତେରମାଣପୁର ଗ୍ରାମର ସମସ୍ତ ଗ୍ରାମବାସୀ ମାନେ ମା'ଙ୍କ ମାମୁ ଘରର ସ୍ୱଜନ ପରିବାର ଓ ଗ୍ରାମବାସୀ ମାନଙ୍କୁ ଭବ୍ୟ ପଟୁଆର କରି ପାଛୋଟି ନେବାସହିତ ଯଥାମାନ୍ୟ ପୂଜ୍ୟପୂଜା ର ବନ୍ଧୁଚର୍ଚ୍ଚା କରିଥିଲେ। ଉତ୍କଳୀୟ ଶ୍ରୀଜଗନ୍ନାଥ ସଂସ୍କୃତି ପରମ୍ପରା କୁ ଉଜ୍ଜୀବିତ କରି ଗ୍ରାମୀଣ ସଂସ୍କୃତି ରେ ସତ୍ୟନାରାୟଣ ପାଲା ବଞ୍ଚାଇ ରଖିବାରେ ସହାୟକ ହୋଇଥିଲା। ମା'ଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ପ୍ରତିଷ୍ଠା ଯଜ୍ଞରେ ଯଜ୍ଞ କର୍ତ୍ତା ଶିଶିର କୁମାର ଦାସ କର୍ତ୍ତୀ ସ୍ମିତାରାଣୀ ପରିଜା ଓ ଗ୍ରାମର ବରିଷ୍ଠ ଗ୍ରାମବାସୀ ମାନେ ପୂର୍ଣ୍ଣ ସହଯୋଗ କରିଥିଲେ। ଗ୍ରାମର ମୁରବି ମାନଙ୍କ ମଧ୍ୟରେ ଜଟାଧାରୀ ଦାସ, ଧନେଶ୍ୱର ଦାସ, କେଦାର ନାଥ ସାହୁ, ଅମୀୟ ପାତ୍ର, ଧରଣୀଧର ସାହୁ, ପ୍ରସନ୍ନ କୁମାର ସ୍ୱାଇଁ, ମାନସ କୁମାର ଦାସ, ଗୋପାଳ କୃଷ୍ଣ ଦାସ,ଉତ୍ତମ ଦାସ, ଭ୍ରମର ବସନ୍ତିଆ, ନିକୁଞ୍ଜ ଦାସ, ରବୀନ୍ଦ୍ର ଦାସ ଇତ୍ୟାଦି ଉପସ୍ଥିତ ଥିଲେ। ନିମନ୍ତ୍ରିତ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ସଭ୍ୟ ରବିନାରାୟଣ ସାହୁ, ନୃସିଂହ ମଠ ଅଧିକାରୀ ରମାକାନ୍ତ ଦାସ, ସମାଜସେବୀ ଡ଼କ୍ଟର ସୁନାକର ବେହେରା ଯୋଗଦେବା ସହିତ ମାଙ୍କ ମାମୁଘର ବାଲିସାହି ଗ୍ରାମର ତପନ କୁମାର ବେହେରା, ବିନୋଦ କୁମାର ବରାଳ,ସନ୍ତୋଷ କୁମାର ବେହେରା,କୈଳାଶ ଚନ୍ଦ୍ର ଦାସ, ପୁରୁଷମ ବିଶ୍ୱାଳ, ସୁକାନ୍ତି ବରାଳ, ସୋନାଲି ଦାସ, ଭାରତୀ ଦାସ, ପ୍ରମୋଦିନୀ ବେହେରା, ଜୋଶ୍ନା ମୟୀ ଦାସ, ମାନସୀ ବରାଳ ଇତ୍ୟାଦି ଯୋଗଦେଇଥିଲେ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ଶିଶୁ ଶ୍ରମିକ ବିରୋଧୀ ଦିବସ ପାଳିତ




**ନବରଙ୍ଗପୁର,୧୩।୬ (ସଂଚାର ବ୍ୟୁରୋ):** ବିଶ୍ୱ ଶିଶୁ ଶ୍ରମିକ ବିରୋଧୀ ଦିବସ ୨୦୨୫ ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ତରଫରୁ ପାପଡାହାଣ୍ଡି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଏକ ଆଇନ ସଚେତନା ଶିବିର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁରର ଅଧକ୍ଷ ତଥା ଜିଲ୍ଲା ଦୌରାଜର୍ଜ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସାଇ ଅଭୀପ୍ସା ଗୋଛାୟତ ଯୋଗଦେଇଥିଲେ। ଅନ୍ୟାନ୍ୟ ଅତିଥି ରୂପେ ଅତିରିକ୍ତ ଶ୍ରମ ଅଧିକାରୀ ସଂଗ୍ରାମ ଭୂୟାଁ, ନବରଙ୍ଗପୁର, ସୁଧାଂଶୁ ଶେଖର ବିଶ୍ୱାଳ ବ୍ଲକ ପ୍ରୋଗ୍ରାମ ମାନେଜର, ପାପଡାହାଣ୍ଡି, ମନୋରମା ମାଝି, ସାମାଜିକ କର୍ମୀ ପ୍ରମୁଖ ଯୋଗଦେଇଥିଲେ। ଏହି ଶିବିରରେ ଶିଶୁ ଶ୍ରମିକ ପ୍ରଥା କିଭଳି ଏକ ଅପରାଧ,୧୪ ବର୍ଷରୁ କମ ବୟସର ଶିଶୁମାନେ ଶିକ୍ଷାଅଧିକାର ଆଇନ ଅନୁଯାୟୀ କିପରି ନିଶୁଳ୍କ, ବାଧ୍ୟତାମୂଳକ ଶିକ୍ଷା ପାଇବାକୁ ହକଦାର ଅଟନ୍ତି ଓ ଶିଶୁ ମାନଙ୍କ ପାଇଁ ଥିବା ଅନ୍ୟାନ୍ୟ ଆଇନ ବିଷୟରେ ଆଲୋଚନା କରିଥିଲେ ।

## ବିକାଶ ବାହନ ଯାତ୍ରାର ଶୁଭାରମ୍ଭ

**ବାଲିଅନ୍ତା,୧୩।୬ (ସଂଚାର ବ୍ୟୁରୋ):** ବାଲିଅନ୍ତା ପଞ୍ଚାୟତ ସମିତି ପରିସରରେ ଆଜି ବିକାଶ ବାହାନ ଶୋଭାଯାତ୍ରାର ଶୁଭାରମ୍ଭ ହୋଇଛି । ଏହି ଅବସରରେ ତହସିଲଦାର ବିମଳ କୁମାର ଲେଙ୍କା, ଅତିରିକ୍ତ ବିଡିଓ ଅପରାଜିତା ସ୍ୱାଇଁ, ଗ୍ରାମ ପଞ୍ଚାୟତ ଅଧିକାରୀ ନୀଳଶୈଳ ସ୍ୱାଇଁ, ଏବଂ ସାଂସଦ ପ୍ରତିନିଧି ବିଜୟ ମହାରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସରକାରଙ୍କ ବହୁମୁଖୀ ଯୋଜନାର ସଫଳତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏନେଇ ଆୟୋଜିତ ସମାବେଶ ସ୍ଥଳରେ ଉପସ୍ଥିତ ହିତାଧିକାରୀ, ମହିଳା ମଣ୍ଡଳ, ବୟସ୍କ ଲୋକେ ଏବଂ ଅଧିକାରୀ ଯୋଜନାର ସଫଳତା ନେଇ ଆଲୋଚନା କରିଥିଲେ । ଏହାପରେ ସତ୍ୟଭାମାପୁର ଏବଂ ଉମାଦେଈ ବ୍ରହ୍ମପୁର ପଞ୍ଚାୟତରେ ବିକାଶ ବାହାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସତଭାମାପୁର ସରପଞ୍ଚ ରଶ୍ମିତା ଭୋଇ ଏବଂ ଉମଦେଈ ବ୍ରହ୍ମପୁର ସରପଞ୍ଚ ସଭାରେ ସଭାପତିତ୍ୱ କରିଥିଲେ ।



## ଜିଲ୍ଲାସ୍ତରୀୟ ବିକାଶ ଓ ପାରମ୍ପରିକ ଖାଦ୍ୟ ମେଳା ଉଦ୍‌ଘାଟିତ



**ଖୋର୍ଦ୍ଧା,୧୩।୬ (ସଂଚାର ବ୍ୟୁରୋ):** ଆଜି ଅପରାହ୍ନରେ ଓଡ଼ିଶାର ମାନ୍ୟବର ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ଏବଂ ପ୍ରଭାରୀ ମନ୍ତ୍ରୀ, ଖୋର୍ଦ୍ଧା ଜିଲ୍ଲା ଶ୍ରୀଯୁକ୍ତ ପ୍ରଦୀପ କୁମାର ବଳ ସାମନ୍ତ ଖୋର୍ଦ୍ଧା ଜିଲ୍ଲା ସ୍ତରୀୟ ବିକାଶ ମେଳା ଓ ପାରମ୍ପାରିକ ଖାଦ୍ୟ ମେଳାରେ ଉଦଘାଟକ ଭାବେ ଯୋଗଦେଇ ମେଳାକୁ ଉଦଘାଟନ କରିବା ସହ ବିକାଶ ବାହାନକୁ ଜିଲ୍ଲାରେ ପରିକ୍ରମା କରି ସଚେତନତା ବାର୍ତ୍ତା ପ୍ରଚାର ପ୍ରସାର ଏବଂ ଯୋଜନାରେ ହିତାଧିକାରୀଙ୍କୁ ସଂଯୋଗ କରିବାପାଇଁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅପରାହ୍ନରେ ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ବଳ ସାମନ୍ତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ସାମ୍ବାଦିକ ସମ୍ମିଳନୀରେ ବିକାଶ ମେଳା ୨ ୦୨୫ ସମ୍ବନ୍ଧରେ ବିସ୍ତୃତ ସୂଚନା ପ୍ରଦାନ କରି ଗଣ ମାଧ୍ୟମ ପ୍ରତିନିଧି ମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ ଏବଂ ମେଳାର ସଫଳତା ଦିଗରେ ସହଯୋଗ ଲୋଡିଥିଲେ। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶାର ମାନ୍ୟବର ମନ୍ତ୍ରୀ ଆଇନ,ପୂର୍ତ୍ତ ଏବଂ ଅବକାରୀ ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ, ମାନ୍ୟବର ବିଧାୟକ, ଖୋର୍ଦ୍ଧା ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଚଞ୍ଚଳ ରାଣା, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଜ୍ୟୋତି ଶଙ୍କର ସାହୁ ଯୋଗଦେଇଥିଲେ। ସେହିପରି ହାବେଳି ପଡିଆଠାରେ ଜିଲ୍ଲାପାଳ ଶ୍ରୀ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ବିକାଶ ମେଳା ଏବଂ ପାରମ୍ପାରିକ ଖାଦ୍ୟ ମେଳା-୨୦୨୫ ଉଦଘାଟନ କରିଥିଲେ।

**ବିକାଶ ମେଳାରେ ବୁଡିଲା ଭେଳା**

## ଦେଢ଼ କୋଟି ବ୍ୟୟ, ଷ୍ଟଲ ଓ ଚେୟାର ଖାଲି



**ନୟାଗଡ଼,୧୩।୬ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ପ୍ରଶାସନ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଷ୍ଟାଡିୟମ ପଡ଼ିଆରେ ଆୟୋଜନ କରିଛି ବିକାଶ ମେଳା । ଏହି ବିକାଶ ମେଳାରେ କୋଟି କୋଟି ଟଙ୍କା ବ୍ୟୟ କରାଯାଇଥିବା ବେଳେ ଅଧାରୁ ଅଧିକ ଷ୍ଟଲ ଖାଲି ପଡ଼ିଛି । ମଞ୍ଚରେ ନେତା ଓ ପ୍ରଶାସନିକ ଅଧିକାରୀ ଦେଉଥିବା ବକ୍ତବ୍ୟ ଶୁଣିବାକୁ ତଳେ ଶ୍ରୋତା ନାହାନ୍ତି। ହାତଗଣତି ସରକାରୀ କର୍ମଚାରୀ ଏବଂ କିଛି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା କାର୍ଯ୍ୟକ୍ରମକୁ ଆସିଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ନିୟୋଜିତ ପୁଲିସ କର୍ମଚାରୀମାନେ ଯାହା ଏପାଖ ସେପାଖ ହେଉଥିବା ଦେଖିବାକୁ ମିଳିଛି। ଏହି ମେଳାକୁ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗ ଦେଇ ଉଦଘାଟନ କରିଛନ୍ତି। ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ସଭାପତିତ୍ୱ ଅନିଷ୍ଠିତ ସଭାରେ ଅନ୍ୟତମ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗ ଦେଇ କମ ସଂଖ୍ୟକ ଲୋକଙ୍କ ଉପସ୍ଥିତିକୁ ନେଇ ପରୋକ୍ଷରେ କ୍ଷୋଭ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ଖଣ୍ଡପଡ଼ା କିମ୍ବା ରଣପୁରରେ ଆୟୋଜନ ହୋଇଥିଲେ ବହୁ ସଂଖ୍ୟାରେ ଲୋକ ଯୋଗ ଦେଇଥାନ୍ତେ ବୋଲି କହିଥିଲେ । ଜିଲ୍ଲାପାଳ ସ୍ୱାଗତ ଅଭିଭାଷଣ ରଖିବା ସହ ବିକାଶ ମେଳା ୭ ଦିନ ପାଇଁ ଆୟୋଜିତ ହୋଇଥିବା କହିଥିଲେ। ଏହି ବିକାଶ ମେଳାରେ ଅନେକ ପାରମ୍ପରିକ ଖାଦ୍ୟ ଷ୍ଟଲ ପ୍ରସ୍ତୁତ କରାଯାଇଥିବା ବେଳେ ସେଥିରୁ ୭୦ ପ୍ରତିଶତ ଖାଲି ପଡ଼ିଛି ।

## ଜିଲ୍ଲାସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତା ମଉଳା ଭଣଜା କଲେଜ ଛାତ୍ରୀ ଦ୍ୱିତୀୟ



**ନାଉଗାଁ,୧୩।୬ (ସଂଚାର ବ୍ୟୁରୋ):** "ବିକଶିତ ଭାରତ-୨୦୪୭ ଓ। ଭିଜନ ଓଡ଼ିଶା-୨୦୩୬" ଶୀର୍ଷକ ସଂକ୍ରାନ୍ତୀୟ ଜିଲ୍ଲାସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକର ଗଙ୍ଗଦାସ୍ଥିତ ଶ୍ରୀ ଶ୍ରୀ ମଉଳା ଭଣଜା ଉଚ୍ଚ ମାଧମିକ ବିଦ୍ୟାଳୟର ଦ୍ୱିତୀୟ ବର୍ଷର ଛାତ୍ରୀ ତପସ୍ୱିନୀ ପରିଡ଼ା ଏହି ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ହାସଲ କରି ମାଧମିକ ବିଦ୍ୟାଳୟର ପାଇଁ ଗୌରବ ଆଣିଥିବାରୁ ଅଧକ୍ଷ, ଅଧାପକ, ଅଧାପିକା ଓ କର୍ମଚାରୀଙ୍କ ମହଲରେ ଆନନ୍ଦ ଖେଳିଯାଇଛି। ବିଦ୍ୟାଳୟ ଅଧକ୍ଷ ଅଧିକାରୀ ଲେଙ୍କା, ଅଧାପକ ପ୍ରତାପ ମିଶ୍ର, ଅଧାପକ ଧିରେନ ପତି, ଅଧାପକ ହରି ପ୍ରସାଦ ପତି ପ୍ରମୁଖ ତପସ୍ୱିନୀଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଉଦ୍ୟମ ଜାରୀ ରଖିବାକୁ ପରାମର୍ଶ ଦେଇଥିଲେ।

# ଆଉ ଠକିପାରିବେନି ସରକାରୀ କର୍ମଚାରୀ

ଭୁବନେଶ୍ୱର,୧୩।୬(ସଂଚାର ବ୍ୟୁରୋ): ସରକାରୀ ଅଧିକାରୀମାନଙ୍କ ଅଫିସ୍ ଆସିବା ଏବଂ ଯିବା ସମୟକୁ ନେଇ ରାଜ୍ୟ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏଣିକି ଅଫିସ୍ ଯିବା ଆଉ ଆସିବା ସମୟରେ ଅଧିକାରୀମାନେ ଯେପରି ଠକି ନ ପାରିବେ ତାହା ଉପରେ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଛୋଟଠାରୁ ଆରମ୍ଭକରି ବଡ଼ବାବୁ ପର୍ଯ୍ୟନ୍ତ ସମସ୍ତଙ୍କୁ ଏଣିକି ଅଫିସ୍ ସମୟକୁ ମାନିବାକୁ ପଡ଼ିବ। ଏଥିଲାଗି ସରକାର ସବୁ ବିଭାଗରେ ବାୟୋମେଟ୍ରିକ୍ ଲଗାଇବାକୁ ନିଷ୍ପତ୍ତି ନେଇଛନ୍ତି। ସରକାର ଆହୁରି ମଧ୍ୟ କହିଛନ୍ତି ଯେ ଅଦ୍ୟାବଧି କୌଣସି ବିଭାଗ ବାୟୋମେଟ୍ରିକ୍ ବ୍ୟବସ୍ଥା ଗ୍ରହଣ କରିନାହାନ୍ତି। ଗତକାଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏନେଇ ସୂଚନାରୁ ଏହା ଜଣାପଡ଼ିଛି। ସୁଶାସନ ଦିଗରେ ଏହା ପ୍ରଥମ ପଦକ୍ଷେପ। ଅଧିକାରୀଙ୍କ ଯଥା ସମୟରେ ଅଫିସ୍ ପହଞ୍ଚିବା ହେଉଛି ଗୁରୁତ୍ୱପୂର୍ଣ୍ଣ। ଯାହା ସରକାରଙ୍କ ସମୟ ରହିଛି ତା' ପୂର୍ବରୁ ଅଧିକାରୀମାନେ ଅଫିସ୍‌ରେ ପହଞ୍ଚିବାକୁ ବାଧ୍ୟ। ଏହା ତଳିଆ କର୍ମଚାରୀଙ୍କଠାରୁ ଉଚ୍ଚପଦସ୍ଥ ଅଫିସର ପର୍ଯ୍ୟନ୍ତ ସମସ୍ତେ ପାଳନ କରିବେ। ବିଳମ୍ବରେ ଆସୁଥିବା କର୍ମଚାରୀମାନଙ୍କ ସଂଖ୍ୟା କମାଇବା ଲାଗି ବିଭାଗଗୁଡ଼ିକ ଏଣିକି ବାୟୋମେଟ୍ରିକ୍ ବ୍ୟବସ୍ଥା ଆରମ୍ଭ କରିବେ। ଏହା ଏ ପର୍ଯ୍ୟନ୍ତ କୌଣସି ବିଭାଗରେ ଲଗାଯାଇ ନାହିଁ। ବାୟୋମେଟ୍ରିକ୍ ମେଶିନ ଯେପରି ଠିକ୍ ଭାବେ କାର୍ଯ୍ୟ କରିବ ତାହା ବିଭାଗର ଦାୟିତ୍ୱ। ଏନ୍‌ଆଇସି ଦ୍ୱାରା ଡେଭଲପ୍ କରାଯାଇଥିବା ପୋର୍ଟାଲ ସହ ଉକ୍ତ ବାୟୋମେଟ୍ରିକ୍ ଆଟେଣ୍ଡାନ୍ସ ସଂଯୋଗ କରାଯିବ। ବିଭାଗ ପକ୍ଷରୁ ଜଣେ ଅଧିକାରୀ ଏହି ଦାୟିତ୍ୱରେ ରହିବେ। ସବୁ କର୍ମଚାରୀ ଏବଂ ଅଧିକାରୀମାନେ ଅଫିସ୍ ଆସିବା ଏବଂ ଯିବା ସମୟରେ ବାୟୋମେଟ୍ରିକ୍‌ରେ ନିଜ ରେକର୍ଡିଂକରି ଯିବେ। ଯଦି କେହି ଯିବା ସମୟରେ କେହି ବାୟୋମେଟ୍ରିକ୍‌ରେ ନିଜ ରେକର୍ଡିଂ ନ କରି ଚାଲିଯାଆନ୍ତି, ତେବେ ସେହିଦିନକୁ ଛୁଟିଦିନ ଭାବେ ଗଣାଯିବ। ରୋଷ୍ଟର ବେସିସ୍‌ରେ ଯଦି କେହି ଅଫିସ୍ ଆସନ୍ତି ତେବେ ବିଭାଗ ଏନେଇ ଅର୍ଡର ଜାରି କରିବେ। ଯଦି ମାସରେ କେହି ୩ ଦିନ ୩୦ ମିନିଟ୍ ବିଳମ୍ବରେ ଅଫିସ୍ ଆସନ୍ତି ତେବେ ତାଙ୍କ ଲିଭ୍ ଆକାଉଣ୍ଟରୁ ଗୋଟିଏ ଦିନ ମାଇନସ୍ କରାଯିବ। ବିଳମ୍ବିତ ସମୟ ପର୍ଯ୍ୟନ୍ତ ସରକାରଙ୍କ କାମ କରୁଥିବା କର୍ମଚାରୀଙ୍କ ପାଇଁ ଏହା ଲାଗୁ ହେବ ନାହିଁ। ଜଣେ କର୍ମଚାରୀ ପ୍ରତିଦିନ ଅତିକମ୍‌ରେ ସାଢେ ୭ ଘଣ୍ଟା କାର୍ଯ୍ୟ କରିବେ। ଯଦି ଅଫିସ୍ କାମରେ କେହି ବାହାରକୁ ଗସ୍ତ କରିଥାଆନ୍ତି ସେମାନଙ୍କ କ୍ଷେତ୍ରରେ ଅଫିସ୍ ଆସିବା ଏବଂ ଯିବା ବ୍ୟବସ୍ଥା ଯାହା କରାଯାଉଛି ତାକୁ ଲାଗୁ କରାଯିବ ନାହିଁ। ହେଲେ ଅଫିସ୍ ଗସ୍ତ କରିବା ସମ୍ପର୍କରେ ଅଧିକାରୀଙ୍କ ପକ୍ଷରୁ ଅର୍ଡର ଜାରି କରାଯିବା ଦରକାର। ଯେଉଁ ଅଧିକାରୀମାନେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମାନଙ୍କ କାର୍ଯ୍ୟାଳୟ ପାଇଁ କାର୍ଯ୍ୟ କରୁଛନ୍ତି ସେମାନଙ୍କ ଲାଗି ଏହି ନିୟମ ଲାଗୁ କରାଯିବ ନାହିଁ। ସରକାର ଏବେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ କ୍ୟାମେରା ବ୍ୟବହାର କରିବେ। ଏହାସହ କର୍ମଚାରୀଙ୍କ ଲାଗି ଆର୍‌ଆଇଡିଏଫ୍ ଆଇକାର୍ଡ ପ୍ରସ୍ତୁତ କରିବେ, ଯାହାଦ୍ୱାରା ସମସ୍ତଙ୍କ ଅଫିସ୍ ଆଟେଣ୍ଡାନ୍ସର ସବୁ ତଥ୍ୟ ଜଣାପଡ଼ିଯିବ। ପ୍ରାଥମିକ ପର୍ଯ୍ୟାୟରେ ଲୋକସେବା ଭବନ ଓ ଖାରବେଳ ଭବନରେ କାର୍ଯ୍ୟକାରୀ ହେବ ଓ ପରେ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଲାଗୁ ହେବ ।

# ଖୋର୍ଦ୍ଧା ଜିଲ୍ଲାରେ 'ବିକାଶ ରଥ'ର ଶୁଭାରମ୍ଭ



ଭୁବନେଶ୍ୱର,୧୩।୬(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ବିଭିନ୍ନ ବ୍ଲକରେ ବିକାଶ ବାହନର ଶୁଭାରମ୍ଭ ହୋଇଛି। ଏହି କ୍ରମରେ ଆଜି ଖୋର୍ଦ୍ଧା ଜିଲ୍ଲାର ବୋଲଗଡ଼, ବେଗୁନିଆ ଓ ଟାଙ୍ଗୀ ବ୍ଲକରେ ଏହି ବାହନ ଉଦ୍‌ଘାଟିତ ହୋଇଛି। ଏହାକୁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଉଦ୍‌ଘାଟନ କରିବା ସହ ଏକ ବର୍ଷ ପୂର୍ତ୍ତିର ଉପଲବ୍ଧି ଜନତାଙ୍କ ସହ ବାଣ୍ଟିଛନ୍ତି। ଏଥିସହ ତାଙ୍କ ନିର୍ବାଚନମଣ୍ଡଳୀରେ ଥିବା ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ମଧ୍ୟ ସେ ପ୍ରତିଶ୍ରୁତି ଦେଇଛନ୍ତି। ବାଘମାରୀ ବାଇପାସ କାର୍ଯ୍ୟ ତୁରନ୍ତ ଶେଷ, ବୋଲଗଡ଼ ଓ ବେଗୁନିଆକୁ ଏନ୍‌ଏସି ମାନ୍ୟତା, ବେଗୁନିଆରେ ୪୪ କୋଟି ଟଙ୍କାର ମେଡିକାଲ କାର୍ଯ୍ୟ ଶେଷ ହେବ ବୋଲି ଶ୍ରୀମତୀ ଷଡ଼ଙ୍ଗୀ ଜନସାଧାରଣଙ୍କୁ କହିଛନ୍ତି। ଏଥିସହ ରେଳମନ୍ତ୍ରୀଙ୍କ ସହ ଆଲୋଚନା କରି ସେ ବୋଲଗଡ଼ ରେଳଷ୍ଟେସନକୁ କାର୍ଯ୍ୟକ୍ଷମ କରିବା ନେଇ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ କାର୍ଯ୍ୟକ୍ରମରେ ବୋଲଗଡ଼ ବେଗୁନିଆ ବିଧାୟକ ଅନୁପସ୍ଥିତ ରହିଥିବାରୁ ଏହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ବିକାଶମୂଳକ କାର୍ଯ୍ୟରେ ବିଧାୟକ ଉପସ୍ଥିତ ନ ରହିବା ଜନବିରୋଧୀ ଓ ବିକାଶବିରୋଧୀ ବୋଲି ଶ୍ରୀମତୀ ଷଡ଼ଙ୍ଗୀ କହିବା ସହ ରାଜନୀତିର ପରିଭାଷା ହେଉଛି ବିକାଶ ଓ ଲୋକଙ୍କ ସମସ୍ୟାର ସମାଧାନ। ବିକାଶର କୌଣସି ଦଳ ନଥାଏ। ଜନସାଧାରଣଙ୍କ ସମସ୍ୟାର ସମାଧାନ କରିବା ହେଉଛି ନିର୍ବାଚିତ ପ୍ରତିନିଧିଙ୍କ ଦାୟିତ୍ୱ ବୋଲି ସେ ମତ ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ ଆଗାମୀ ବର୍ଷ ଜାନୁଆରୀରୁ ପ୍ରତି ଗାଁରେ ପଦଯାତ୍ରା କରାଯିବ। ଏହା ଜରିଆରେ ଲୋକଙ୍କୁ ସେମାନଙ୍କ ସମସ୍ୟା ସମ୍ପର୍କରେ ପଚରାଯିବ। ଗାଁ ଓ ପଞ୍ଚାୟତକୁ ପକ୍କା ରାସ୍ତା ନିର୍ମାଣ କରାଯିବ। ପ୍ରତ୍ୟେକ ଘରକୁ ରାସ୍ତା, ବିଦ୍ୟୁତ ସଂଯୋଗ, ପାନୀୟ ଜଳ ପହଞ୍ଚାଇବା ଉପରେ ପ୍ରାଥମିକତା ଦିଆଯିବ । ଏକ ବର୍ଷ ପରେ ଗାଁରେ ପଲଟିକାଲ ଅଡିଟ୍ କାର୍ଯ୍ୟକ୍ରମ କରାଯିବ । ପଲଟିକାଲ ଅଡିଟ୍ ଦ୍ୱାରା ଗାଁରେ ଅଟକି ରହୁଥିବା ଉନ୍ନୟନ ମୂଳକ କାର୍ଯ୍ୟର ଶିଘ୍ର ତ୍ୱରାନ୍ୱିତ ହୋଇପାରିବ ବୋଲି ଶ୍ରୀମତି ଷଡ଼ଙ୍ଗୀ କହିଥିଲେ । ତେବେ ଖୁବ୍ ଶିଘ୍ର ଶସ୍ୟ ଶ୍ୟାମଳା ହେବ ବୋଲଗଡ଼ ଏବଂ ବେଗୁନିଆ ଅଞ୍ଚଳ । ମେଗା ଲିଫ୍ଟ ଇରିଗେସନ ପ୍ରକଳ୍ପ ଆରମ୍ଭ ହେବ। ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ୩୦୨ କୋଟି ଟଙ୍କା ବ୍ୟୟରେ ଉଠା ଜଳସେଚନ ପ୍ରକଳ୍ପ ଆରମ୍ଭ ହେବ। ଏହି ପ୍ରକଳ୍ପ ଦ୍ୱାରା ୭୭୭୦ ହେକ୍ଟର ଜମିକୁ ଜଳସେଚନ ସୁବିଧା ମିଳିପାରିବ। ପ୍ରକଳ୍ପ ପାଇଁ ଟେଣ୍ଡର ଆରମ୍ଭ ହୋଇଥିବା ସାଂସଦ ସୂଚନା ଦେବା ପରେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ବୋଲଗଡ଼ ବିଡିଓ, ତହସିଲଦାର, ପୂର୍ବତନ ସମିତି ସଭ୍ୟ ଅଧକ୍ଷ, ବେଗୁନିଆର ବିଡିଓ, ତହସିଲଦାର, ବ୍ଲକ ଚେୟାରମ୍ୟାନ, ଟାଙ୍ଗି ବ୍ଲକ ଅଧ୍ୟକ୍ଷ, ବେଗୁନିଆର ବିଜେପି ବିଧାୟକ ପ୍ରାର୍ଥୀ ପ୍ରକାଶ ରାମ ବିଜୁଳି, ସାଂସଦଙ୍କ ପ୍ରତିନିଧି ଉପସ୍ଥିତ ଥିଲେ।

● ବୋଲଗଡ଼ ବିଧାୟକଙ୍କ ଅନୁପସ୍ଥିତକୁ ସମାଲୋଚନା

● ସାଂସଦଙ୍କ ଡ୍ରିମ୍ ପ୍ରୋଜେକ୍ଟର ଟେଣ୍ଡର ଚୂଡ଼ାନ୍ତ

## ବନ୍ଧୁକ ଓ ବନ୍ୟ ସାମଗ୍ରୀ ଜବତ, ୪ ଶିକାରୀ ଗିରଫ

ମୟୂରଭଞ୍ଜ,୧୩।୬(ସଂଚାର ବ୍ୟୁରୋ): ଶିମିଳିପାଳ ଅଭୟାରଣ୍ୟରେ ବନ୍ୟଜନ୍ତୁ ଶିକାର ନିମନ୍ତେ ଅନୁପ୍ରବେଶ କରିଥିବା ୪ଜଣ କୁଖ୍ୟାତ ଶିକାରୀକୁ ବନ ବିଭାଗ ଧରିବାରେ ସଫଳ ହୋଇଛି । ଶିକାରୀ ଦାଉରୁ ବନ୍ୟଜନ୍ତୁ ସୁରକ୍ଷା ନିମନ୍ତେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଖଞ୍ଜା ଯାଇଥିବା ଏଆଇ କ୍ୟାମେରା ସହାୟତାରେ ପୁଣି ଶିକାରୀ ଧରା ପଡିଛନ୍ତି। ଶିମିଳିପାଳରେ ଅତ୍ୟାଧୁନିକ ବୈଜ୍ଞାନିକ କୌଶଳ ବ୍ୟବହାର କରାଯାଇ ଶିକାରୀକୁ ଧରିବାକୁ ବନ ବିଭାଗ ପ୍ରୟାସ ସଫଳ ହୋଇଛି । ଶିକାରୀ ମାନେ ହେଲେ ଉଦଳା ଥାନା ଅନ୍ତର୍ଗତ ଅମ୍ବିକାଦେଇପୁର ଗାଁର କୁଅଁର ମୋହନ ମୁର୍ମୁ, ବିଜୟ ମୁର୍ମୁ, ସୋଲେ ସିଂ ଓ ରାମେଶ୍ୱର ହେମ୍ବ୍ରମ । ତାଙ୍କ ଘରୁ ଚଢାଉ କରି ବନ୍ୟଜନ୍ତୁ ଶିକାର ନିମନ୍ତେ ବ୍ୟବହୃତ ୨ଟି ଦେଶୀ ବନ୍ଧୁକ, ଅନେକ ମାତ୍ରାରେ ଗୋଲା ବାରୁଦ, ୩ଟି ସମ୍ବର ସିଂହ, କୋଚିଲା ଖାଇର ଥଣ୍ଟ ଏବଂ ଅନ୍ୟାନ୍ୟ ଅବୈଧ ବନ୍ୟ ସାମଗ୍ରୀ ଜବତ କରାଯାଇଛି ।

## ବିହାରୀ ବନ୍ଧୁକ ବେପାରୀ ଗ୍ୟାଙ୍ଗର ପର୍ଦ୍ଦାଫାସ୍ ; ୫ ଗିରଫ

ଭୁବନେଶ୍ୱର,୧୩।୬(ସଂଚାର ବ୍ୟୁରୋ): ରାଜଧାନୀରେ ଖଣି ମାଫିଆ, ନିଶା ମାଫିଆ, ଗୋରୁ ମାଫିଆଙ୍କୁ ବିକୁଥିଲେ ବିହାରୀ ବନ୍ଧୁକ । ବିହାରୀ ବନ୍ଧୁକ ବେପାରୀ ଗ୍ୟାଙ୍ଗକୁ କାବୁ କଲା କମିସନରେଟ ପୁଲିସ। ଗ୍ୟାଙ୍ଗର ୫ ଜଣଙ୍କୁ ଗିରଫ କରିବା ସହ ୬ଟି ବନ୍ଧୁକ ଓ ୧୮ ରାଉଣ୍ଡ ଗୁଳି ସହ ଏକ କାର୍ ଜବତ କରିଛି ପୁଲିସ। ସୂଚନା ମୁତାବକ, ଭୁବନେଶ୍ୱରରେ ଏହି ବନ୍ଧୁକ ବେପାରୀ ଗ୍ୟାଙ୍ଗ ଗତ ୫ ମାସ ହେଲାଣି ସକ୍ରିୟ ହୋଇଥିଲା। ଜଟଣୀରେ ଭଡା ଘରେ ରହି ଉତ୍ତର ପ୍ରଦେଶ ଓ ମଧ୍ୟପ୍ରଦେଶରୁ ବନ୍ଧୁକ ଆଣି ବେପାର କରୁଥିଲା। ବନ୍ଧୁକ ଗୋଟାକୁ ୪୦ ହଜାର ଟଙ୍କାରେ ପୋଖରୀପୁଟ ଅଞ୍ଚଳର ଖଣି ମାଫିଆ, ନିଶା ମାଫିଆ, ଗୋରୁ ମାଫିଆଙ୍କୁ ବିକ୍ରି କରୁଥିଲେ। ଏହି ଗ୍ୟାଙ୍ଗକୁ ଗୁରୁବାର କାବୁ କରିଛି କମିଶନରେଟ ପୁଲିସ।



ଗ୍ୟାଙ୍ଗର ୫ ଜଣଙ୍କୁ ଗିରଫ କରିବା ସହ ୬ଟି ବନ୍ଧୁକ ଓ ୧୮ ରାଉଣ୍ଡ ଗୁଳି ସହ ଏକ କାର୍ ମଧ୍ୟ ଜବତ ହୋଇଛି।

## ପ୍ରତି ପଞ୍ଚାୟତରେ ଖୋଲିବ ଜନ ପୋଷଣ କେନ୍ଦ୍ର
## କମ୍ ଦରରେ ମିଳିବ ଅଟା, ଚିନି, ଲୁଣ



ଭୁବନେଶ୍ୱର, ୧୩।୬ (ସଂଚାର ବ୍ୟୁରୋ) : ପ୍ରତି ପଞ୍ଚାୟତରେ ଖୋଲିବ ଜନପୋଷଣ କେନ୍ଦ୍ର। ଏ ନେଇ ସୂଚନା ଦେଇଛନ୍ତି ରାଜ୍ୟ ଖାଦ୍ୟ- ଯୋଗାଣ ମନ୍ତ୍ରୀ କୃଷ୍ଣ ପାତ୍ର । ରିହାତି ଦରରେ ରାସନ ସାମଗ୍ରୀ ଯୋଗାଇ ଦିଆଯିବ । ସବସିଡି ଦରରେ ଚାଉଳ, ଅଟା, ଚିନି, ଲୁଣ, ଡାଲି ପରି ଅତ୍ୟାବଶ୍ୟକୀୟ ସାମଗ୍ରୀ ମିଳିବ । ଏଥିରେ ସାଧାରଣ ଖାଉଟି ଲାଭବାନ ହେବେ ବୋଲି ମନ୍ତ୍ରୀ ଆଶା ରଖିଥିବା କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୫ଟି ପୋଷଣ କେନ୍ଦ୍ର ଖୋଲାଯିବ। ପରବର୍ତ୍ତୀ ସମୟରେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଏହି ସୁବିଧା ଉପଲବ୍ଧ କରାଯିବା ନେଇ କହିଛନ୍ତି ମନ୍ତ୍ରୀ। ଯୋଗାଣ ମନ୍ତ୍ରୀ କହିଛନ୍ତି ଯେ, ଯୋଗ୍ୟତା ମାପଦଣ୍ଡ କ'ଣ ରହିବ ସେନେଇ ବିଭାଗ ଗାଇଡଲାଇନ ପ୍ରସ୍ତୁତ କରୁଛି। ବର୍ତ୍ତମାନ ୩ କୋଟି ୨୬ ଲକ୍ଷ ହିତାଧିକାରୀ ଖାଦ୍ୟ ସୁରକ୍ଷାରେ ଅନ୍ତର୍ଭୁକ୍ତ ଅଛନ୍ତି । ତେବେ ଜନ ପୋଷଣ କେନ୍ଦ୍ର ହେଲେ ପ୍ରାୟ ୫୦ ଲକ୍ଷ ଅଧିକ ହିତାଧିକାରୀ ସାମିଲ ହୋଇପାରନ୍ତି ।

## ୭ ଦିନ ପାଇଁ ରାଜ୍ୟରେ ଜାରିରହିବ ବର୍ଷା



ଭୁବନେଶ୍ୱର, ୧୩।୬ (ସଂଚାର ବ୍ୟୁରୋ) : ଫିକା ପଡିବ ରଜ । ଆଗାମୀ ୭ ଦିନ ପାଇଁ ରାଜ୍ୟରେ ଜାରିରହିବ ବର୍ଷା । ବଦଳିଲା ପାଗ, ମୌସୁମି ବର୍ଷାରେ ଭିଜିବ ଓଡିଶା । ଅସହ୍ୟ ଗରମ ଓ ଗୁଳୁଗୁଳି ଭିତରେ ରାଜ୍ୟର ଅନେକ ଜିଲ୍ଲାରେ ହେବ ମୌସୁମି ଜନିତ ବର୍ଷା । ବଦଳିବ ପାଗ ଖସିବ ଆଉ ୨ରୁ ୩ଡିଗ୍ରୀ ଦିନ ତାପମାତ୍ରା । ସେପଟେ ଆସନ୍ତା ୨୦ ତାରିଖ ଯାଏ ରାଜ୍ୟରେ ମେଘୁଆ ପାଗ ସହ କିଛି କିଛି ସ୍ଥାନରେ ବର୍ଷା ଓ ଅନେକ ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ସମ୍ଭାବନା ଅଛି ବୋଲି କହିଛି ପାଣିପାଗ ବିଭାଗ । ବର୍ତ୍ତମାନ ପାଗ ଅନୁକୂଳ ରହିଚି ମୌସୁମୀକୁ ଆଗକୁ ବଢିବ ପାଇଁ । ଦୁଇ ଦିନ ମଧ୍ୟରେ ଓଡିଶାର କିଛି ଜିଲ୍ଲାରେ ମୌସୁମି ଜନିତ ବର୍ଷା ହେବ । କିଛି କିଛି ସ୍ଥାନରେ ହାଲୁକା ରୁ ମଧ୍ୟମ ଧାରଣ ବର୍ଷା ସହିତ ଆଉ କିଛି ଜିଲ୍ଲା ମାନଙ୍କରେ ପ୍ରବଳ ରୁ ଅତି ପ୍ରବଳ ବର୍ଷା ହୋଇପାରେ। ତେବେ ଆଗାମୀ ୭ ଦିନ ପାଇଁ ରାଜ୍ୟରେ ଲାଗିରହିବ ବର୍ଷା । ଆସନ୍ତାକାଲି ପାଇଁ ରାଜ୍ୟର କିଛି କିଛି ସ୍ଥାନ ମାନଙ୍କରେ ହାଲୁକା ରୁ ମଧ୍ୟମ ଧାରଣର ବର୍ଷା ଭିତରେ ନବରଙ୍ଗପୁର,କନ୍ଧମାଳ, କଳାହାଣ୍ଡି, ଗଞ୍ଜାମ, ଗଜପତି, ରାୟଗଡା, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ପ୍ରବଳ ରୁ ଅତି ପ୍ରବଳ ବର୍ଷା ନେଇ ସତର୍କତା ଜାରି କରିଛି ବିଭାଗ । ପୁଣି ଆସନ୍ତା ୧୫ ତାରିଖରୁ ମୌସୁମି ଜନିତ ବର୍ଷା ର ପରିମାଣ ବଢିବ । ଆସନ୍ତା ୧୮, ୧୯, ୨୦ ଏହି ତିନି ଦିନ ରାଜ୍ୟର ବିଭିନ୍ନ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ତେବେ ୧୮ ତାରିଖ ବେଳକୁ ମୟୂରଭଞ୍ଜ, ଦେବଗଡ଼, କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ, ସୁନ୍ଦରଗଡ଼, ବୌଦ୍ଧ, ଝାରସୁଗୁଡ଼ା ରେ ପ୍ରବଳ ବର୍ଷା ନେଇ ସମ୍ଭାବନା ଥିବା ସୂଚନା ଦେଇଛି ପାଣିପାଗ ବିଜ୍ଞାନ କେନ୍ଦ୍ର ।

## ସିବିଆଇ ଜାଲରେ ଇପିଏଫ୍‌ଓ ପିଆରଓ



ବ୍ରହ୍ମପୁର, ୧୩।୬ (ସଂଚାର ବ୍ୟୁରୋ) : ଲାଞ୍ଚ ନେଲାବେଳେ ଧରାପଡ଼ିଲେ ଇପିଏଫଓ ପିଆରଓ । ଲାଞ୍ଜିପଲ୍ଲୀ ସ୍ଥିତ ହୋଟେଲରେ ଗୋଟିଏ କମ୍ପାନୀ କର୍ତ୍ତୃପକ୍ଷଙ୍କ ଠାରୁ ଡିଜିଟାଲ ଦସ୍ତଖତ ପାଇଁ ୧୦ ହଜାର ଲାଞ୍ଚ ଅନିଲ ପତିଙ୍କୁ ସିବିଆଇ କଲା କାବୁ। ଏଭଳି ଘଟଣା ଦେଖିବାକୁ ମିଳିଛି ବ୍ରହ୍ମପୁର ସହରରେ। ସବୁଠୁ ବଡ କଥା ହେଉଛି ହୋଟେଲକୁ ଡାକି ଲାଞ୍ଚ ନେବା ସମୟରେ ଧରା ପଡିଗଲେ ଇପିଏଫଓ ପିଆରଓ। ଯାହାଙ୍କୁ କାବୁ କରିନେଇଛନ୍ତି ସିବିଆଇ ।

## ଲିଜ ଜମିର କମିଲା କନଭରସେସନ ଫି



ଭୁବନେଶ୍ୱର, ୧୩।୬ (ସଂଚାର ବ୍ୟୁରୋ) : ଲିଜ ଜମିକୁ ଫ୍ରି ହୋଲ୍ଡ କରିବାକୁ କମିଲା କନଭରସେଶନ ଫି। ଏଣିକି ଜମିର ବେଞ୍ଚ ମାର୍କ ମୂଲ୍ୟର ୩% ଦେବାକୁ ପଡ଼ିବ। ପୂର୍ବରୁ କନଭରସେଶନ ଫି ୧୦ ପ୍ରତିଶତ ଦେବାକୁ ପଡୁଥିଲା। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପ୍ରକାଶ ପାଇଛି।

## ମଝି ଚିଲିକାରେ ଫସିଲା ଡଙ୍ଗା



କୃଷ୍ଣପ୍ରସାଦ, ୧୩।୬ (ସଂଚାର ବ୍ୟୁରୋ) : ପୁରୀ ଜିଲା ମଝି ଚିଲିକାରେ ଫସିଲା ଯାତ୍ରୀବାହୀ ଡଙ୍ଗା। ୩୦ ଯାତ୍ରୀ ଓ ୧୫ଟି ଗାଡ଼ିକୁ ନେଇ ଉକ୍ତ ଡଙ୍ଗାଟି ଯାଉଥିଲା। ସାତପଡ଼ାରୁ ଜହ୍ନିକୁଦା ଅଭିମୁଖେ ଯାଉଥିଲା ବେଳେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ମଝି ଚିଲିକାରେ ଫସି ରହିଥିବା ସୂଚନା ମିଳିଛି।

## ବିମାନ ଦୁର୍ଘଟଣା ନେଇ ମନ୍ମଥଙ୍କ ପ୍ରତିକ୍ରିୟା



ଭୁବନେଶ୍ୱର,୧୩।୬(ସଂଚାର ବ୍ୟୁରୋ): ପୂର୍ବତନ ଏୟାର ଇଣ୍ଡିଆ ପାଇଲଟ ତଥା ବିଜେଡି ନେତା ମନ୍ମଥ ରାଉତରାୟ ଗତକାଲି ଗୁଜରାଟର ଅହମ୍ମଦାବାଦରେ ଘଟିଥିବା ବିମାନ ଦୁର୍ଘଟଣା ନେଇ ପ୍ରତିକ୍ରିୟା ଦେଇଛନ୍ତି। ସେ ଏହି ଏୟାର ଇଣ୍ଡିଆ-୧୭୧ ବିମାନର ଯାନ୍ତ୍ରିକ ଅବସ୍ଥା ନେଇ ଚିନ୍ତା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ପ୍ରାଥମିକ ଦୃଶ୍ୟ ସୂଚନା ଦେଉଛି ଯେ ଯଦି ଲ୍ୟାଣ୍ଡିଂ ଗିଅର ପ୍ରାରମ୍ଭିକ ଦୃଶ୍ୟ ଅନୁଯାୟୀ ଉଠି ନଥାଏ, ତେବେ ଏହା ଏକ ଗୁରୁତର ଯାନ୍ତ୍ରିକ ତ୍ରୁଟି ହୋଇପାରେ। ସେ କହିଛନ୍ତି ଯେ ଘଟଣା ପରର ଦୃଶ୍ୟ ଅନୁସାରେ, ଲ୍ୟାଣ୍ଡିଂ ଗିଅର ଯେପରି ଉଠିବାର ଆବଶ୍ୟକତା ଥିଲା, ତାହା ଉଠିନାହିଁ। ଯଦି ଲ୍ୟାଣ୍ଡିଂ ଗିଅର ଉଠିନାହିଁ, ତେବେ ଯାନ୍ତ୍ରିକ ତ୍ରୁଟିର ଶତପ୍ରତିଶତ ସମ୍ଭାବନା ରହିଛି। ସେହିପରି ଯଦି ଲ୍ୟାଣ୍ଡିଂଗୁଡ଼ିକ ବିଫଳ ହୋଇଛି, ତେବେ ଏହାର ଅର୍ଥ ଗୁରୁତର ଯାନ୍ତ୍ରିକ ତ୍ରୁଟି ରହିଛି। ସେହିପରି ଯଦି ଦୁଇଟି ଇଞ୍ଜିନ ବିଫଳ ହୋଇଛି, ତେବେ ବୋଇଂ ଡିଜାଇନରେ ତ୍ରୁଟି ରହିଛି ବୋଲି ମନ୍ମଥ କହିଛନ୍ତି।

## ପରକୀୟା ପ୍ରେମକୁ ବିରୋଧ କରିବାରୁ ସ୍ୱାମୀ ନେଲା ଜୀବନ



ପରଜଙ୍ଗ,୧୩।୬(ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି କୁମୁସି ପଞ୍ଚାୟତ ଅଁଳାକଟା ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ସ୍ୱାମୀଙ୍କର ପରକୀୟା ସମ୍ପର୍କକୁ ବିରୋଧ କରିବାରୁ ଶେଷରେ ପତ୍ନୀଙ୍କୁ ଜୀବନ ହରାଇବାକୁ ପଡ଼ିଛି। ସ୍ୱାମୀଙ୍କ ପରକୀୟା ପ୍ରେମକୁ ବିରୋଧ କରିବାରୁ ସିନ୍ଥିରେ ସିନ୍ଦୂର ଦେଇ ଜୀବନଯାକ ସୁରକ୍ଷା ଦେବାର ପ୍ରତିଜ୍ଞା କରିଥିବା ସ୍ୱାମୀ ହିଁ ତାଙ୍କ ଜୀବନ ନେଇଛି। ଏନେଇ ହତ୍ୟାକାଣ୍ଡର ଶିକାର ହୋଇଥିବା ଅଞ୍ଜଳି ବେହେରାଙ୍କ ବାପା ସ୍ଥାନୀୟ ପରଜଙ୍ଗ ଥାନାରେ ଲିଖିତ ଭାବେ ଅଭିଯୋଗ କରି ତାଙ୍କ ଝିଅକୁ ସ୍ୱାମୀ ଦିଲେଶ୍ୱର ବେହେରା ତଣ୍ଟିଚିପି ହତ୍ୟା କରିଥିବା ଅଭିଯୋଗ କରିଛନ୍ତି। ଅଞ୍ଜଳିଙ୍କ ଘର କାମାକ୍ଷାନଗର ଥାନା ଅନ୍ତର୍ଗତ ଜୟପୁରାକାଟେଣୀ ହୋଇଥିବା ବେଳେ ସେ ପରଜଙ୍ଗ ଥାନା କୁମୁସି ପଞ୍ଚାୟତ ଅନ୍ତର୍ଗତ ଅଁଳାକଟା ଗାଁର ଦିଲେଶ୍ୱରଙ୍କୁ ବିବାହ କରିଥିଲେ। ଉଭୟଙ୍କ ୧୧ ବର୍ଷର ଦାମ୍ପତ୍ୟ ଜୀବନରେ ୧ଟି ସନ୍ତାନ ମଧ୍ୟ ଅଛନ୍ତି। କିନ୍ତୁ ଦିଲେଶ୍ୱର ଗତ ଦୁଇ ବର୍ଷ ହେବ ନିୟମିତ ଭାବେ ଅଞ୍ଜଳିଙ୍କୁ ନିର୍ଯାତନା ଦେଇଆସୁଥିବା ଅଭିଯୋଗ ହୋଇଛି। ତେବେ ଜଣେ ଝିଅଙ୍କୁ ପ୍ରେମ କରୁଥିବାରୁ ଦିଲେଶ୍ୱରଙ୍କ ଆଚରଣ ଅଞ୍ଜଳିଙ୍କ ପ୍ରତି ବଦଳିଯାଇଥିବା ଶୁଣିବାକୁ ମିଳିଛି। ଏହାକୁ ଅଞ୍ଜଳି ବାରମ୍ବାର ବାରଣ କରିଆସୁଥିଲେ। କିନ୍ତୁ ଦିଲେଶ୍ୱର ଏଥିପ୍ରତି କର୍ଣ୍ଣପାତ କରିନଥିଲେ, ବରଂ ଅଞ୍ଜଳିଙ୍କୁ ନିର୍ଯାତନା ଦେଇଆସୁଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ନିୟମିତ କଳହ ସୃଷ୍ଟି ହେଉଥିଲା। ଦିଲେଶ୍ୱର ପରଜଙ୍ଗ ଗ୍ରାମ ବୃନ୍ଦାବନପୁରଠାରେ ଏକ ଜଳଖିଆ ଦୋକାନ କରିବା ସହ ସେଠାରେ ଏକ ଭଡ଼ାଘରେ ରହିଆସୁଥିଲେ। ତେବେ ଗତକାଲି ରାତିରେ ସ୍ତ୍ରୀଙ୍କ ମୃତ ଶରୀରକୁ ନେଇ ଅଁଳାକଟାସ୍ଥିତ ନିଜ ବାସଭବନକୁ ଯାଇଥିଲେ ଦିଲେଶ୍ୱର। ପରେ ଫୋନ୍ ଯୋଗେ ଶ୍ୱଶୁର ଘର ଲୋକଙ୍କୁ ତାଙ୍କ ଝିଅ ମରିଯାଇଛି ବୋଲି ଫୋନ୍ କରି କହିଥିଲେ। କିନ୍ତୁ ଝିଅର ଏପରି ଅସ୍ୱାଭାବିକ ମୃତ୍ୟୁକୁ ପରିବାର ଲୋକେ ଆଦୌ ଗ୍ରହଣ କରିପାରିନଥିଲେ। ପରେ ସେମାନେ ଦିଲେଶ୍ୱରଙ୍କ ବିରୋଧରେ ପରଜଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୁଲିସ୍ ମଧ୍ୟ ତଦନ୍ତ ଆରମ୍ଭ କରିଛି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏହି ମାମଲାରେ ପୁଲିସ୍ କାହାରିକୁ ବି ଗିରଫ କରିନଥିବା ଜଣାପଡ଼ିଛି।

## ବିଭିନ୍ନ ହୋଟେଲରେ ଚଢ଼ାଉ, ଖାଦ୍ୟର ମାନ ଯାଞ୍ଚ



ଧର୍ମଶାଳା,୧୩।୬(ସଂଚାର ବ୍ୟୁରୋ): ଯାଜପୁରରେ ଝାଡ଼ାବାନ୍ତି ରୋଗ ବ୍ୟାପୁଥିବାରୁ ଦୂଷିତ ଖାଦ୍ୟ ଓ ପାଣି ପାଇଁ ଏହି ରୋଗ ବ୍ୟାପୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏହାକୁ ନେଇ ସ୍ୱାସ୍ଥ୍ୟ ସଚିବ ଓ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁର ଖାଦ୍ୟ ସୁରକ୍ଷା କମିଟି ପକ୍ଷରୁ ଆଜି ସ୍ଥାନୀୟ ଅଞ୍ଚଳର ବିଭିନ୍ନ ହୋଟେଲ ଓ ଡାବାରେ ଚଢ଼ାଉ କରାଯାଇଛି। କମିଟିର ସଦସ୍ୟମାନେ ଖାଦ୍ୟର ମାନ ଓ ପିଇବା ପାଣିର ନମୁନା ସଂଗ୍ରହ କରିଛନ୍ତି। ଏହି ଅବସରରେ ଅନେକ ହୋଟେଲରେ ଥିବା ବାସି ଖାଦ୍ୟକୁ ମଧ୍ୟ ନଷ୍ଟ କରାଯାଇଛି। ଝାଡ଼ାବାନ୍ତି ଆକ୍ରାନ୍ତ ଅଞ୍ଚଳରେ ଗତକାଲିଠାରୁ ଖାଦ୍ୟ ସୁରକ୍ଷା କମିଟି ପକ୍ଷରୁ ଏହି ଅଭିଯାନ ଆରମ୍ଭ ହୋଇଛି ବୋଲି ଯାଜପୁର ଖାଦ୍ୟ ସୁରକ୍ଷା ଅଧିକାରୀ ରାକେଶ କୁମାର ସାହୁ କହିଛନ୍ତି।

## ହାତୀ ଆତଙ୍କ
## ଦିନରେ ଲୁଚୁଛି, ରାତିରେ ଭାଙ୍ଗୁଛି



ରେଢାଖୋଲ, ୧୩।୬ (ସଂଚାର ବ୍ୟୁରୋ) : ରେଢାଖୋଲ ବନଖଣ୍ଡ ବଡବାହାଳ ରେଞ୍ଜ କନ୍ଧରା, ଧଉରାଖମଣ, ମହତପୁର ଓ ଆଖପାଖ ଗାଁରେ ଗତ କିଛିଦିନ ହେବ ଗୋଠଛଡା ଦନ୍ତା ଆତଙ୍କ ଖେଳାଉଛି । ଦିନବେଳା ଜଙ୍ଗଲରେ ଲୁଚି ରହୁଥିବାବେଳେ ରାତି ହେଲେ ଲୋକଙ୍କ ବାଡିରେ ପଶି ଆମ୍ବ, ପଣସ, କଦଳୀ ଗଛ ଭାଙ୍ଗି ନଷ୍ଟ କରୁଛି। ଏହାସହ ଗାଁଲୋକଙ୍କୁ ଗୋଡାଉଛି । ପ୍ରାଣ ବିକଳରେ ଜୀବନ ବଞ୍ଚାଇବାକୁ ଦୌଡୁଛନ୍ତି । ବନବିଭାଗ ଗାଁରେ ପହଞ୍ଚି ହାତୀକୁ ଘଉଡାଇବାକୁ ଉଦ୍ୟମ କରୁଛି ।

### ବର୍ଷା ପାଇଁ ଆଗୁଆ ଚାରାରୋପଣ
# ରାଜ୍ୟରେ ୫୧ ବନଖଣ୍ଡରେ ଲାଗିବ ୭ କୋଟି



ଭଞ୍ଜନଗର, ୧୩।୬ (ସଂଚାର ବ୍ୟୁରୋ) : ଜଳବାୟୁ ପରିବର୍ତ୍ତନ ଯୋଗୁ ବିଗତ କିଛିବର୍ଷ ହେବ ରାଜ୍ୟରେ ଚାରାରୋପଣ ଓ ବଣ୍ଟନ କାର୍ଯ୍ୟ ବିଳମ୍ବ ହେଉଥିଲା। ଜୁଲାଇ ପହିଲାରୁ ବନ ମହୋତ୍ସବ ସପ୍ତାହ ଅବସରରେ ଚାରା ରୋପଣ ହେଉଥିଲେ। ଯଦି ଜୁଲାଇରେ ମଧ୍ୟ ଠିକ ଭାବେ ବର୍ଷା ନ ହେଲେ ତେବେ ତାହା ଅଗଷ୍ଟ ମାସରେ ଲଗାଯାଉଥିଲା। ଫଳରେ ଯେଉଁ ଲକ୍ଷ୍ୟ ନେଇ ଚାରା ରୋପଣ ହେଉଥିଲା ତାହା କିଛି ମାତ୍ରାରେ ବାଧାପ୍ରାପ୍ତ ହେଉଥିଲା। ଗତବର୍ଷ ୬ କୋଟିରୁ ଊର୍ଦ୍ଧ୍ୱ ଚାରାରୋପଣ ହୋଇଥିଲା।

କିନ୍ତୁ ଚଳିତ ବର୍ଷ ନିର୍ଦ୍ଧାରିତ ସମୟ ପୂର୍ବରୁ ମୌସୁମୀ ବାୟୁ ଓଡିଶା ଛୁଇଁବା ସହ ଅନେକ ଅଞ୍ଚଳରେ ବର୍ଷା ହେଉଛି। ଆସନ୍ତା ଏକ ସପ୍ତାହ ପର୍ଯ୍ୟନ୍ତ ମଧ୍ୟ ରାଜ୍ୟର ଅନେକ ଅଞ୍ଚଳରେ ବର୍ଷା ସମ୍ଭାବନା ରହିଛି। ତେଣୁ ଏ ନେଇ ବନ ବିଭାଗ ତତ୍ପର ହେବା ସହ ଗୁରୁବାରଠାରୁ ଚାରା ବଣ୍ଟନ ଏବଂ ରୋପଣ କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ଏଥିସହ ଶୁକ୍ରବାର ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ସଚିବ ସତ୍ୟବ୍ରତ ସାହୁ ଚାରା ରୋପଣ ଏବଂ ବଣ୍ଟନ କାର୍ଯ୍ୟ କିଭଳି ତ୍ୱରାନ୍ୱିତ ହେବ ସେଥିପାଇଁ ଅନ୍‌ଲାଇନ ମାଧ୍ୟମରେ ସମୀକ୍ଷା କରିଥିଲେ। ରାଜ୍ୟର ୩୭ଟି ଆଞ୍ଚଳିକ ବନଖଣ୍ଡ ଏବଂ ୧୪ଟି ବନ୍ୟପ୍ରାଣୀ ବନଖଣ୍ଡରେ ଚଳିତ ବର୍ଷ ୭ କୋଟି ୫୦ ଲକ୍ଷ ଚାରା ରୋପଣ କରିବା ଲକ୍ଷ୍ୟ ରଖାଯାଇଛି। ବିଭିନ୍ନ ବିଭାଗ ସହ ମିଶି ଏହି ଲକ୍ଷ୍ୟ ପୂରଣ କରାଯିବ। ଏଥିସହ ବିଭିନ୍ନ ବେସରକାରୀ କମ୍ପାନୀ ଗୁଡ଼ିକୁ ମଧ୍ୟ ଚାରାରୋପଣ ପାଇଁ କୁହାଯିବ। ରାଜ୍ୟରେ ୧୦ ହଜାର ଇକୋ କ୍ଲବ୍ ଅଛି। ବିଦ୍ୟାଳୟଗୁଡ଼ିକ ଖୋଲିବା ପୂର୍ବରୁ ଇକୋ କ୍ଲବ୍ ସହାୟତାରେ ଏକ ସପ୍ତାହ ମଧ୍ୟରେ ଲକ୍ଷାଧିକ ଚାରା ରୋପଣ କିଭଳି ହୋଇପାରିବ, ସେଥିପାଇଁ ପଦକ୍ଷେପ ନେବାକୁ ପଡ଼ିବ। ତା'ହେଲେ ଯାଇ ଲକ୍ଷ୍ୟ ସାଧନ ହୋଇପାରିବ। ତେଣୁ ଏଥିପ୍ରତି ସମସ୍ତେ ଧ୍ୟାନ ଦେବାକୁ ସଚିବ ଶ୍ରୀ ସାହୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷେ ଚଳିତ ବର୍ଷ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଦକ୍ଷିଣ ଘୁମୁସର ବନଖଣ୍ଡରେ ୧୦ ଲକ୍ଷ ଚାରା ଲୋକଙ୍କୁ ବଣ୍ଟନ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ସାଢ଼େ ୩ ଲକ୍ଷ ଚାରା ଖୋଲା ଜଙ୍ଗଲରେ ଲଗାଯିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଛି। ବର୍ତ୍ତମାନ ବିଭିନ୍ନ ସଂଗଠନ, ସ୍ୱୟଂ ସହାୟିକା ଗୋଷ୍ଠୀ, ଇକୋ କ୍ଲବ୍, ସାଧାରଣ ଲୋକଙ୍କୁ ଚାରା ବଣ୍ଟନ କରାଯାଉଛି। ଏନେଇ ବୁଗୁଡ଼ା, ପୋଲସରା, ଆସିକା, ବଡ଼ଗଡ଼, ସୋରଡ଼ା ରେଞ୍ଜରେ ଚାରା ବଣ୍ଟନ ଚାଲିଛି ବୋଲି ଡିଏଫଓ ବିନୋଦ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ସେହିଭଳି ଉତ୍ତର ଘୁମୁସର ବନଖଣ୍ଡରେ ସାଢ଼େ ୧୧ ଲକ୍ଷ ଟଙ୍କାର ଚାରା ବଣ୍ଟନ ହେବାକୁ ଥିବା ବେଳେ ୨ ଲକ୍ଷ ୯୮ ହଜାର ଚାରା ଖୋଲା ଜଙ୍ଗଲରେ ରୋପଣ ହେବ ବୋଲି ଡିଏଫଓ ହିମାଂଶୁ ଶେଖର ମହାନ୍ତି କହିଛନ୍ତି।

● ହଳ କରୁଥିବା ସମୟରେ ଅଘଟଣ

## ଯୁବକଙ୍କ ଗୋଡ଼ରେ ପଶିଗଲା ଲଙ୍ଗଳ ଫାଳ



ପାଟଣା,୧୩।୬(ସଂଚାର ବ୍ୟୁରୋ): ପାୱାର ଟିଲର ସାହାଯ୍ୟରେ ଶୁକ୍ରବାର ପୂର୍ବାହ୍ନରେ ବିଲରେ ହଳ କରୁଥିବା ସମୟରେ ଅଘଟଣ ଘଟି ହଳ କରୁଥିବା ଯୁବକଙ୍କ ଡାହାଣ ଗୋଡ଼ରେ ଲଙ୍ଗଳ ଫାଳ ପଶି ଗୁରୁତର ହୋଇଛନ୍ତି । ଦୁର୍ଘଟଣା ଘଟିଛି କେନ୍ଦୁଝର ଜିଲା ପାଟଣା ଥାନା ଧାନବେଣୀ ଗ୍ରାମରେ। ଗୁରୁତର ପାୱାର ଟିଲର ଚାଳକ ଜଣଙ୍କ ହେଉଛନ୍ତି ପାଟଣା ବ୍ଲକ ନୂଆପଡ଼ା ତଳସାହିର ବିଦେଶୀ ନାଏକଙ୍କ ପୁଅ ବାଦଲ। ବାଦଲ ଆଜି ଧାନବେଣୀ ଗ୍ରାମର ଦେବାଶିଷ ମହାନ୍ତଙ୍କ ବିଲରେ ପାୱାର ଟିଲର ସାହାଯ୍ୟରେ ହଳ କରୁଥିବା ସମୟରେ ଅଚାନକ ଲଙ୍ଗଳରେ ତାଙ୍କ ଗୋଡ଼ ଫସିଯାଇଥିଲା। ଫଳରେ ସେ ବେଶ୍ କିଛି ବାଟ ଘୋଷାଡ଼ି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେବା ପରେ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିବା ସହ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଅବସ୍ଥା ଗୁରୁତର ହେବାରୁ ବାଦଲଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଶୋଇଥିବାବେଳେ ଘରେ ନିଆଁ ଲାଗି ଜଳିଗଲା ତନ୍ତ ମେଶିନ ସହ ଲକ୍ଷାଧିକ ଟଙ୍କାର ଲୁଗାପଟା



ନିଶ୍ଚିନ୍ତକୋଇଲି,୧୩।୬(ଅଶୋକ କୁମାର ମହାପାତ୍ର): କଟକ ଜିଲା ସାଲେପୁର ବ୍ଲକ ସୁଧୁଖଣ୍ଡ ପଞ୍ଚାୟତର କୁଳ ସମୀତଙ୍ଗା ଗାଁର ପୁରୁଷୋତ୍ତମ ସାହୁଙ୍କ ତନ୍ତ କାରଖାନାରେ ବିଳମ୍ବିତ ରାତିରେ ପରିବାର ସଦସ୍ୟ ଶୋଇଥିବା ଅବସ୍ଥାରେ ବିଦ୍ୟୁତ୍ ସର୍କିଟରୁ ନିଆଁ ଲାଗି ସମସ୍ତ ତନ୍ତ ମେଶିନ ନୂଆ ଲୁଗା ପଟା ସହ ଗୃହ ସାମଗ୍ରୀ ମୁଗ ବିରି ଆଦି ପ୍ରାୟ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳି ପୋଡ଼ି ଭସ୍ମ ହୋଇଯାଇଛି। ତନ୍ତରେ ଲୁଗା ବୁଣି ପରିବାର ପ୍ରତିପୋଷଣ କରିଥାଆନ୍ତି ଏହି ପରିବାର। ଚଳିତ ବର୍ଷ ଋଣ ମଧ୍ୟ କରିଥିଲେ। ଏଭଳି ଅଚାନକ ନିଆଁ ଲାଗି ସବୁ ପୋଡ଼ି ଗଲା ପରେ ମୁଣ୍ଡରେ ହାତ ଦେଇ ବସିଛନ୍ତି ପରିବାର ସଦସ୍ୟ। ସରକାରୀ ସହାୟତା ନିମନ୍ତେ ଆକୁଳ ନିବେଦନ କରିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




## ମଧ୍ୟପ୍ରାଚ୍ୟକୁ ଅଶାନ୍ତ କରିଛି ଇସ୍ରାଏଲ-ଇରାନର ଯୁଦ୍ଧ

# ବିଶ୍ୱରେ ବଢ଼ିଲା ଅଶୋଧିତ ତୈଳ ଦର



ନୂଆଦିଲ୍ଲୀ, ୧୩।୬: ଇସ୍ରାଏଲ ଇରାନ ଉପରେ ଏକ ବଡ଼ ଆକ୍ରମଣ କରିଛି। ଇରାନର ରାଜଧାନୀ ତେହେରାନରେ ଅନେକ ବୋମା ପଡ଼ିଛି। ଇସ୍ରାଏଲ ଇରାନର ସେନା ଘାଟି ଏବଂ ପରମାଣୁ ଘାଟି ଉପରେ ଆକ୍ରମଣ କରିଛି। ଏହି ଆକ୍ରମଣ ପରେ ବିଶ୍ୱବ୍ୟାପୀ ଉତ୍ତେଜନା ବୃଦ୍ଧି ପାଇଛି, ଯାହାର ପ୍ରଭାବ ସେୟାର ବଜାର ଉପରେ ମଧ ପଡ଼ିବ। ଇସ୍ରାଏଲ-ଇରାନ ଲଢେଇରେ ବିଶ୍ୱରେ ବଢ଼ିଲା ଅଶୋଧିତ ତୈଳ ଦର। ବ୍ରେଣ୍ଟ କ୍ରୁଡ୍ ଅଏଲର ଦର ୧୦ ପ୍ରତିଶତ ବଢ଼ିଛି। ବ୍ୟାରେଲ ପିଛା ଦର ୭୫ ଡଲାରରୁ ଅଧିକ ହୋଇଛି। ମଧ୍ୟପ୍ରାଚ୍ୟରେ ଅସ୍ଥିରତା ଯୋଗୁଁ ଇରାନରୁ ତୈଳ ଯୋଗାଣ ବାଧାପ୍ରାପ୍ତ ହେବା ଆଶଙ୍କା ରହିଛି। ତେଣୁ ତୈଳଦର ଆହୁରି ବଢ଼ିପାରେ। ସେପଟେ ସେୟାର ବଜାରରେ ମଧ ଅସ୍ଥିରତା ବଢ଼ିଛି। ବିଏସଇରେ କାରବାର ଆରମ୍ଭରୁ ୧୧୦୦ ପଏଣ୍ଟ ଖସିଲା। ନିଫ୍ଟି ୨୪ ହଜାର ୫ ସହ ପଏଣ୍ଟ ତଳକୁ ଖସିଲା। ଗୋଟିଏ ପଟେ ସେୟାର ମୂଲ୍ୟ ହ୍ରାସ ହୋଇଥିବା ବେଳେ ସୁନାର ଫ୍ୟୁଚର ଟ୍ରେଡରେ ୧୦ ଗ୍ରାମ ପିଛା ସୁନାର ମୂଲ୍ୟ ୧ ଲକ୍ଷ ଟଙ୍କା ଛୁଇଁଛି।

ସୂଚନାଯୋଗ୍ୟ, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧ ପୁଣି ଥରେ ମଧ୍ୟପ୍ରାଚ୍ୟକୁ ଅଶାନ୍ତ କରିଦେଇଛି। ଏହି ଅଞ୍ଚଳ ସମଗ୍ର ବିଶ୍ୱକୁ ଅଶୋଧିତ ତେଲ ଯୋଗାଣ କରେ। କିଛି ବର୍ଷ ପୂର୍ବେ ଭାରତ ଇରାନରୁ ବିପୁଳ ପରିମାଣରେ ଅଶୋଧିତ ତେଲ ଆମଦାନୀ କରୁଥିଲା, କିନ୍ତୁ ବର୍ତ୍ତମାନ ଇରାନରୁ ଭାରତର ଅଶୋଧିତ ଆମଦାନୀ ଶୂନ୍ୟ। ଏହା ପରେ ମଧ, ଏହି ଯୁଦ୍ଧ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ଉପରେ ଖରାପ ପ୍ରଭାବ ପକାଇପାରେ। ଯଦି ଆମେ ଜିଆଇଏଫଟି ନିଫ୍ଟିର ପୂର୍ବାନୁମାନ ଉପରେ ନଜର ପକାଇବା, ତେବେ ଏହା ୩୫୫ ପଏଣ୍ଟ ହ୍ରାସ ପାଇଛି। ଇରାନ ଉପରେ ଆକ୍ରମଣ ଯୋଗୁଁ ଅଶୋଧିତ ତୈଳର ମୂଲ୍ୟରେ ତୀବ୍ର ବୃଦ୍ଧି ହେବାର ସମ୍ଭାବନା ରହିଛି। କେବଳ ଏତିକି ନୁହେଁ, ବିଶ୍ୱରେ ମୁଦ୍ରାସ୍ଫୀତିର ବିପଦ ମଧ ଦେଖାଦେବା ଆରମ୍ଭ କରିଛି। ସେହି ସମୟରେ, ଇରାନ ଉପରେ ଆକ୍ରମଣ ଯୋଗୁଁ, ଏବେ ବିଶ୍ୱାସ କରାଯାଉଛି ଯେ ଆହୁରି କିଛି ଦେଶ ଏହି ଯୁଦ୍ଧରେ ସାମିଲ ହୋଇପାରନ୍ତି। ଯାହା ଯୋଗୁଁ ଭୂରାଜନୈତିକ ଉତ୍ତେଜନା ବୃଦ୍ଧି ପାଇଛି ଏବଂ ବଜାରରେ ଏକ ବଡ଼ ହ୍ରାସର ସଙ୍କେତ ଦେଖାଯିବା ଆରମ୍ଭ ହୋଇଛି। ବିଶେଷଜ୍ଞମାନେ କହିଛନ୍ତି ଯେ ଇରାନ ଉପରେ ଆକ୍ରମଣ ବିଶ୍ୱ ସ୍ତରରେ ସେୟାର ବଜାରକୁ ପ୍ରଭାବିତ କରିବ। ଗତକାଲି ଅର୍ଥାତ୍ ଗୁରୁବାର ଭାରତୀୟ ଷ୍ଟକ୍ ବଜାରରେ ହ୍ରାସ ଦେଖିବାକୁ ମିଳିଥିଲା। ନିଫ୍ଟି ୧% ଅର୍ଥାତ୍ ୨୫୩ ପଏଣ୍ଟ ହ୍ରାସ ପାଇ ୨୪,୮୮୮.୨୦ରେ ବନ୍ଦ ହୋଇଥିଲା। ସେନସେକ୍ସ ବିଷୟରେ କହିବାକୁ ଗଲେ, ଏହା ୧% ଅର୍ଥାତ୍ ୮୮୩ ପଏଣ୍ଟ ହ୍ରାସ ପାଇ ୮୧,୬୯୧.୯୮ ରେ ବନ୍ଦ ହୋଇଥିଲା। ନିଫ୍ଟି ବ୍ୟାଙ୍କ ୩୭୭ ପଏଣ୍ଟ ହ୍ରାସ ପାଇ ୫୬,୦୮୨.୫୫ ରେ ବନ୍ଦ ହୋଇଥିଲା। ଏହିପରି ଅନେକ ସମସ୍ୟା ସାମ୍ନାକୁ ଆସିଛି।



## ସେନ୍‌ସେକ୍ସରେ ୮୨୩ ପଏଣ୍ଟ ହ୍ରାସ

### ନିବେଶକ ହରାଇଲେ ୭ ଲକ୍ଷ କୋଟି

ନୂଆଦିଲ୍ଲୀ, ୧୩।୬: ମଧ୍ୟପ୍ରାଚ୍ୟରେ ସୃଷ୍ଟି ହୋଇଥିବା ଉତ୍ତେଜନା ପ୍ରଭାବରେ ଭାରତର ଦୁଇ ଷ୍ଟକ୍ ବଜାର କାରବାର ମାନ୍ଦା ରହିଥିଲା। ନିବେଶକମାନେ ବିଭିନ୍ନ ସଂସ୍ଥାର ସେୟାର ବିକ୍ରି କରିବାରୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୮୨୩ ପଏଣ୍ଟ ହ୍ରାସ ପାଇ ୮୧,୬୯୧ ପଏଣ୍ଟରେ ବନ୍ଦ ହୋଇଛି। ଏହି ହ୍ରାସ ପ୍ରଭାବରେ ନିବେଶକମାନେ ୭.୧୧ ଲକ୍ଷ କୋଟି ଟଙ୍କା ହରାଇଛନ୍ତି। ବମ୍ବେ ଷ୍ଟକ୍ ବଜାରରେ ତାଲିକାଭୁକ୍ତ ଥିବା କମ୍ପାନିଗୁଡ଼ିକର ମୋଟ୍ ବଜାର ପୁଞ୍ଜି ପରିମାଣ ୪୪୯.୪୨ ଲକ୍ଷ କୋଟି ଟଙ୍କା ହୋଇଛି। ସେନ୍‌ସେକ୍ସର ଅଂଶ ଥିବା ୩୦ଟି ସେୟାର ମଧ୍ୟରୁ ୨୭ଟି ହ୍ରାସ ପାଇଥିଲା। ସୂଚନା ପ୍ରଯୁକ୍ତି, ଏଫ୍‌ଏମ୍‌ସିଜି, ଧାତବ ଓ ଅଟୋମୋବାଇଲ୍ ସେୟାର ହ୍ରାସ ପାଇଛି। ଟାଟା ମୋଟର୍ସର ସେୟାର ୨.୯୮ ପ୍ରତିଶତ ଓ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ୨.୩୦ ପ୍ରତିଶତ ହ୍ରାସ ପାଇଛି। ଏସିଆରେ ଜାପାନ ଓ ହଂକଂର ଷ୍ଟକ୍ ବଜାର ସୂଚୀ ହ୍ରାସ ପାଇଛି ଓ କୋରିଆର ସୂଚୀ ବୃଦ୍ଧି ପାଇଛି। ସାଂଘାଇ କମ୍ପୋଜିଟ୍ ସୂଚୀ ସ୍ଥିର ରହିଥିଲା। ଆମେରିକାରେ ଡାଓ ଜୋନ୍ସ ସ୍ଥିର ରହିଥିବା ସହ ନାସ୍‌ଦାକ୍ କମ୍ପୋଜିଟ୍ ଓ ଏସ୍‌ଆଣ୍ଡପି ହ୍ରାସ ସହ ବନ୍ଦ ହୋଇଥିଲା।

## କେବଳ ୩୦ ଗ୍ରାହକଙ୍କ ପାଇଁ ମର୍ସିଡିଜ ଲଞ୍ଚ କଲା ଏଏମଜି ଜି ୬୩

ନୂଆଦିଲ୍ଲୀ, ୧୩।୬: ମର୍ସିଡିଜ-ବେଞ୍ଜ ଭାରତୀୟ କାର ବଜାରରେ ଏହାର ସୁପର ଲଗଜରୀ ଏସୟୁଭି ଏଏମଜି ଜି ୬୩ର ଏକ ନୂତନ କଲେକ୍ଟର ସଂସ୍କରଣ ଲଞ୍ଚ କରିଛି। ବିଶେଷ କଥା ହେଉଛି ଏହି ନୂତନ ସଂସ୍କରଣର କେବଳ ୩୦ ୟୁନିଟ୍ ବିକ୍ରୟ ପାଇଁ ଉପଲବ୍ଧ ହେବ। ଏହି କାରକୁ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଛି। ନୂତନ ଏଏମଜି ଜି ୬୩ କୁ ମର୍ସିଡିଜ-ବେଞ୍ଜ ସ୍ୱତନ୍ତ୍ର ସଂସ୍କରଣର ମୂଲ୍ୟ ୪.୩୦ କୋଟି ଟଙ୍କା (ଏକ୍ସ-ସୋରୁମ୍) ରୁ ଆରମ୍ଭ ହୁଏ। ଏହି କାରର ଆକର୍ଷଣୀୟ ଡିଜାଇନ୍ ଏବଂ ଏହାର ଇଞ୍ଜିନ୍ ସବୁଠାରୁ ସ୍ୱତନ୍ତ୍ର। କେବଳ ୩୦ ଜଣ ଲୋକ ଏହି ନୂତନ ସଂସ୍କରଣ କିଣିପାରିବେ। କମ୍ପାନୀ ଅନୁଯାୟୀ, ପ୍ରତ୍ୟେକ ୟୁନିଟ୍ ବହୁତ ସ୍ୱତନ୍ତ୍ର କାରଣ ଏହାକୁ କିଣୁଥିବା ଗାଡ଼ି ପାଇଁ କଷ୍ଟମାଇଜ୍ କରାଯାଇଛି। ଏହା କମ୍ପାନୀର ଏକ କାର ଯାହା ବିଶେଷ ଭାବରେ ଭାରତୀୟ ଗ୍ରାହକଙ୍କ ପାଇଁ ଡିଜାଇନ୍ କରାଯାଇଛି। ଏଏମଜି ଜି ୬୩ର କଲେକ୍ଟର ସଂସ୍କରଣର ବୁକିଂ ଆରମ୍ଭ ହୋଇଛି। ଆପଣଙ୍କୁ ଜଣାଇ ଦେଉଛୁ ଯେ ଏହି ନୂତନ ସଂସ୍କରଣର ମୂଲ୍ୟ ନିୟମିତ ଜି୬୩ ମଡେଲ ଅପେକ୍ଷା ୬୬ ଲକ୍ଷ ଟଙ୍କା ଅଧିକ। କମ୍ପାନୀ ୨୦୨୫ର ଚତୁର୍ଥ ତ୍ରୟମାସରେ ଏହି କାରର ଡେଲିଭରି ଆରମ୍ଭ କରିବ। ଏଏମଜି ଜି ୬୩ର କଲେକ୍ଟର ସଂସ୍କରଣରେ ୪୦୦୦ସିସି ଟ୍ୱିନ୍-ଟର୍ବୋ ଭି୮ ଇଞ୍ଜିନ୍ ଅଛି। ଏହି ଇଞ୍ଜିନ୍ ୫୮୫ବିଏଚପି ପାୱାର ଏବଂ ୮୫୦ ଏନଏମ ଟର୍କ ଜେନେରେଟ୍ କରେ। ମାଇଲ୍ଡ-ହାଇବ୍ରିଡ୍ ସିଷ୍ଟମ୍ ଏହି ଇଞ୍ଜିନକୁ ୨୨ ବିଏଚପି ଅଧିକ ପାୱାର ଦିଏ।



## ଖସିଲା ଖୁଚୁରା ଦର: ମେ ମୁଦ୍ରାସ୍ଫୀତି ୨.୨୮%କୁ ହ୍ରାସ



ଭୁବନେଶ୍ୱର, ୧୩।୬: ଓଡ଼ିଶାର ଦରଦାମ୍ ସ୍ଥିତିରେ ମେ' ମାସରେ ଆହୁରି ସୁଧାର ଘଟିଛି। ରାଜ୍ୟର ଖୁଚୁରା ମୁଦ୍ରାସ୍ଫୀତି ହାର ୨.୨୮ ପ୍ରତିଶତକୁ ହ୍ରାସ ପାଇଛି। ଗତ ଏପ୍ରିଲ୍‌ରେ ଏହି ହାର ୨.୫୦ ପ୍ରତିଶତ ଥିଲା। ମେ'ରେ ରାଜ୍ୟର ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମୁଦ୍ରାସ୍ଫୀତି ହାର ଯଥାକ୍ରମେ ୨.୩୧ ପ୍ରତିଶତ ଓ ୨.୧୯ ପ୍ରତିଶତକୁ ହ୍ରାସ ପାଇଛି। ଏପ୍ରିଲ୍‌ରେ ଉଭୟ ଅଞ୍ଚଳର ଖୁଚୁରା ମୁଦ୍ରାସ୍ଫୀତି ହାର ଯଥାକ୍ରମେ ୨.୫୭ ପ୍ରତିଶତ ଓ ୨.୨୫ ପ୍ରତିଶତ ଥିଲା। ଜାତୀୟ ସ୍ତରରେ ଖୁଚୁରା ମୁଦ୍ରାସ୍ଫୀତି ହାର ୬ ବର୍ଷରେ ସର୍ବନିମ୍ନ ସ୍ତର ୨.୮୨ ପ୍ରତିଶତକୁ ହ୍ରାସ ପାଇଛି। ଓଡ଼ିଶାର ସ୍ଥିତି ଜାତୀୟ ହାରଠାରୁ ଉନ୍ନତ ରହିଛି। ୨୦୨୪ ଜୁନ୍‌ରେ ରାଜ୍ୟର ଖୁଚୁରା ମୁଦ୍ରାସ୍ଫୀତି ହାର ଏହାର ସର୍ବୋଚ୍ଚ ସ୍ତର ୭.୨୨ ପ୍ରତିଶତକୁ ବୃଦ୍ଧି ପାଇଥିଲା। ଦରଦାମ୍ ସ୍ଥିତି ପ୍ରାୟ ଡିସେମ୍ବର ପର୍ଯ୍ୟନ୍ତ ବେଲଗାମ ରହିଥିଲା। ୨୦୨୫ ଆରମ୍ଭ ପରଠାରୁ ସ୍ଥିତିରେ ଲଗାତାର ଭାବେ ସୁଧାର ହେଉଛି। ଖାଦ୍ୟ ଓ ପାନୀୟ ଦାମ୍ ଲଗାତାର ଭାବେ ହ୍ରାସ ପାଉଥିବାରୁ ଦରଦାମ୍ ସ୍ଥିତିରେ ସୁଧାର ଘଟୁଛି। ଗତ ମେ'ରେ ଶସ୍ୟ, ପନିପରିବା ଫଳ, ଡାଲି ଆଦିର ଦାମ୍ କମ୍ ହୋଇଛି। ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ୪ ପ୍ରତିଶତରୁ କମ୍ ରହିବ ବୋଲି ରିଜର୍ଭ ବ୍ୟାଙ୍କ ଆକଳନ କରିଛି। ତେଣୁ ଏବର୍ଷ ଲୋକମାନଙ୍କୁ ଦରଦାମ୍ ଏତେଟା କଲବଲ କରିବ ନାହିଁ ବୋଲି ଅନୁମାନ କରାଯାଉଛି। କିନ୍ତୁ ଫସଲ ଅମଳ, ଘରୋଇ ନିବେଶ, ଅର୍ଥନୈତିକ କାର୍ଯ୍ୟକଳାପ ତ୍ୱରାନ୍ୱିତ ହେବା ଭଳି ବିଭିନ୍ନ କାରକ ଉପରେ ଦରଦାମ୍ ନିର୍ଭର କରୁଛି। ଅନ୍ତର୍ଜାତୀୟ ସ୍ତରରେ ଘଟୁଥିବା ଘଟଣାଗୁଡ଼ିକର ପ୍ରଭାବ ମଧ ବଜାର ଉପରେ ରହିଛି।

## ସରକାର ଆଣିବେ ମାର୍ଗଦର୍ଶିକା: ଏସି ତାପମାତ୍ରା ୨୦ ଡିଗ୍ରିରୁ କମିବନି



ନୂଆଦିଲ୍ଲୀ, ୧୩।୬: ଏୟାର କଣ୍ଡିସନର (ଏସି) ତାପମାତ୍ରା ଲାଗି ଏକ ନୂଆ ମାନକ ଜାରି କରାଯିବ। ଏସିରେ ତାପମାତ୍ରା ୨୦-୨୮ ଡିଗ୍ରି ମଧ୍ୟରେ ସୀମିତ ରହିବ। ତାହା ୨୦ ଡିଗ୍ରିରୁ କମିବ ନାହିଁ ଓ ୨୮ ଡିଗ୍ରିରୁ ବଢ଼ିବ ନାହିଁ। ପିକ୍ ବିଦ୍ୟୁତ୍ ଚାହିଦା ହ୍ରାସ କରିବାରେ ତାହା ସହାୟକ ହେବ ବୋଲି ଶକ୍ତି ମନ୍ତ୍ରୀ ମନୋହର ଲାଲ କହିଛନ୍ତି। ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସି (ବିଇଇ) ଏହି ମାନକ ବିକାଶ କରୁଛି। ଅନ୍ତତଃ ଘରେ ବ୍ୟବହାର ହେଉଥିବା ଏସି ଲାଗି ତାହାକୁ ଲାଗୁ କରାଯିବ ଏବଂ କମର୍ସିଆଲ୍ ୟୁନିଟ୍‌ଗୁଡ଼ିକୁ ମଧ ସେଥିରେ ସାମିଲ କରାଯାଇପାରେ। ମନ୍ତ୍ରୀ ଶ୍ରୀ ଲାଲ କହିଛନ୍ତି ଯେ ସାଧାରଣତଃ ୨୦ ଡିଗ୍ରିରୁ କମ୍ ତାପମାତ୍ରାରେ କେହି ଶୁଅନ୍ତି ନାହିଁ। ସେଥିପାଇଁ ସର୍ବନିମ୍ନ ତାପମାତ୍ରାକୁ ୨୪ ଡିଗ୍ରି ରଖିବା ଲାଗି ପରାମର୍ଶ ରହିଛି। କିନ୍ତୁ ଲୋକମାନଙ୍କ ବ୍ୟକ୍ତିଗତ ପସନ୍ଦକୁ ଦୃଷ୍ଟିରେ ରଖି ସର୍ବନିମ୍ନ ତାପମାତ୍ରା ୨୦ ଡିଗ୍ରି ରଖିବାକୁ ବିଚାର ଚାଲିଛି। ନିକଟରେ ହୋଇଥିବା ଏକ ସର୍ବେକ୍ଷଣ ଉପରେ ଆଲୋକପାତ କରି ଶକ୍ତି ସଚିବ ପଙ୍କଜ ଅଗ୍ରୱାଲ କହିଛନ୍ତି ଯେ ଶୀତଳତା ପ୍ରଦାନ କରୁଥିବା ଆପ୍ଲାଏନ୍‌ସେସ୍ ପାଇଁ ୫୦ ଗିଗାୱାଟ୍ ବିଦ୍ୟୁତ୍ ଶକ୍ତି ଦରକାର ହେଉଛି। ଏହା ଭାରତର ପିକ୍ ବିଦ୍ୟୁତ୍ ଶକ୍ତି ଚାହିଦାରେ ପ୍ରାୟ ଏକ ପଞ୍ଚମାଂଶ। ଏସି ତାପମାତ୍ରା ଗୋଟିଏ ଡିଗ୍ରି ବଢ଼ିଲେ ୬ ପ୍ରତିଶତ ବିଦ୍ୟୁତ୍ ସଞ୍ଚୟ ହେବ। ଦେଶରେ ୧୦ କୋଟି ଏସି ଥିବା ବେଳେ ପ୍ରତିବର୍ଷ ଦେଢ଼ କୋଟି ନୂଆ ଏସି ଲାଗୁଛି। ଏସି ଲୋଡ୍‌କୁ ପରିଚାଳନା କରିବା ଗ୍ରିଡ୍ ଅପରେଟରମାନଙ୍କ ପାଇଁ କଷ୍ଟକର ବ୍ୟପାର ହୋଇଛି। ତାପଜ ବିଦ୍ୟୁତ୍ କେନ୍ଦ୍ର କ୍ଷେତ୍ର ବଢ଼ୁନଥିବା ବେଳେ ଅକ୍ଷୟ ଶକ୍ତି କ୍ଷମତା ବଢ଼ୁଛି। ଏଭଳି ପରିସ୍ଥିତିରେ ରାତି ବେଳା ଅଧିକ ବିଦ୍ୟୁତ୍ ଚାହିଦା ପୂରଣ କରିବା କଷ୍ଟକର ହେଉଛି।

## ବୋଇଂର ସେୟାର ମୂଲ୍ୟ ୫% ଖସିଲା

ନୂଆଦିଲ୍ଲୀ, ୧୩।୬: ବୋଇଂ କମ୍ପାନି ଦ୍ୱାରା ନିର୍ମିତ ୭୮୭-୮ ଡ୍ରିମଲାଇନର୍ ବିମାନର ଭୟଙ୍କର ଦୁର୍ଘଟଣା ଅହମଦାବାଦରେ ହେବାର ପ୍ରଭାବ କମ୍ପାନିର ସେୟାର ମୂଲ୍ୟ ଉପରେ ମଧ ପଡ଼ିଛି। ଆମେରିକାରେ ଏହି କମ୍ପାନିର ସେୟାର ମୂଲ୍ୟ ଆଜି ୫ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। ଆମେରିକାର ଏସ୍ ଆଣ୍ଡ ପି ୫୦୦ ସୂଚକାଙ୍କରେ ବୋଇଂ ସେୟାର ମୂଲ୍ୟ ସର୍ବାଧିକ କମିଛି। ବୁଧବାର ଏହି କମ୍ପାନିର ସେୟାର ମୂଲ୍ୟ ୦.୮ ପ୍ରତିଶତ ହ୍ରାସ ଘଟି ୨୧୪ ଡଲାରରେ ରହିଥିଲା। ଦୁଇ ଦିନ ହେଲା ବୋଇଂର ସେୟାର ମୂଲ୍ୟ କମୁଛି। ଦୁର୍ଘଟଣା ଖବର ମିଳିବା ପରେ ବୋଇଂ କହିଛି ଯେ, ଆମେ ପ୍ରାରମ୍ଭିକ ରିପୋର୍ଟ ନେଇ ଅବଗତ ଅଛୁ। ଅଧିକ ସୂଚନା ସଂଗ୍ରହ ପାଇଁ ଉଦ୍ୟମ କରାଯାଉଛି। ଏପଟେ ଭାରତରେ ମଧ ବିମାନସେବା ପ୍ରଦାନକାରୀ କମ୍ପାନିଗୁଡ଼ିକର ସେୟାର ଦର ଆଜି ହ୍ରାସ ଘଟିଛି। ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜରେ ଇଣ୍ଡିଗୋର ସେୟାର ମୂଲ୍ୟ ୧୮୭ ଟଙ୍କା ବା ୩.୩୨ ପ୍ରତିଶତ ଖସି ୫୪୪୪ ଟଙ୍କାରେ ରହିଛି। ସେହିଭଳି ସ୍ପାଇସଜେଟ୍‌ର ସେୟାର ମୂଲ୍ୟ ୨.୬ ପ୍ରତିଶତ କମି ୪୪ ଟଙ୍କା ୬୮ ପଇସାରେ ରହିଛି।



# ବିକ୍ରିରେ ରେକର୍ଡ କରୁଛି ମାରୁତିର ଡିଜାୟାର, ବ୍ରେଜା ଏବଂ ଏର୍ଟିଗାର



ନୂଆଦିଲ୍ଲୀ, ୧୩।୬: ଦେଶର ସର୍ବବୃହତ କାର୍ ନିର୍ମାତା ମାରୁତି ସୁଜୁକିର ମେ ମାସର ବିକ୍ରୟ ଫଳାଫଳ ଆସିଛି। କିଛି କାରର ବିକ୍ରୟ ବୃଦ୍ଧି ପାଇଛି ଯେତେବେଳେ କିଛି କାରର ବିକ୍ରୟ ହ୍ରାସ ପାଇଛି। ମାରୁତିର ପାରିବାରିକ ସେଡାନ୍ କାର ଡିଜାୟାରର ବିକ୍ରୟ ବହୁତ ଭଲ ହୋଇଛି। ଏହା ସହିତ, ଅନ୍ୟ ୨ଟି କାରର ବିକ୍ରୟ ମଧ ଆଶାଠାରୁ ଭଲ ଥିଲା। ବିଶେଷ କଥା ହେଉଛି ଏହି ତିନୋଟି କାର ବିଭିନ୍ନ ସେଗମେଣ୍ଟରୁ ଆସିଛି। ଏଠାରେ ଆମେ ଆପଣଙ୍କୁ ମାରୁତି ସୁଜୁକିର ଏହି ୩ଟି କାର ବିଷୟରେ କହୁଛୁ ଯାହା ଗତ ମାସରେ ବିକ୍ରୟରେ ଶୀର୍ଷରେ ରହିଛି।

ଗତ ମାସରେ (ମେ) ମାରୁତି ସୁଜୁକିର ୧୭ଟି କାର ବିକ୍ରି ହୋଇଥିଲା। କିନ୍ତୁ ଡିଜାୟାର, ବ୍ରେଜା ଏବଂ ଏର୍ଟିଗାର ବିକ୍ରୟ ଶୀର୍ଷରେ ରହିଛି। ଗତ ମାସରେ ବ୍ରେଜାର ୧୮,୦୮୪ ୟୁନିଟ୍ ବିକ୍ରି ହୋଇଥିଲା, ଯେତେବେଳେ ଗତ ବର୍ଷ କମ୍ପାନୀ ଏହି କାରର ୧୬,୦୬୧ ୟୁନିଟ୍ ବିକ୍ରି କରିଥିଲା। ଏଥର କମ୍ପାନୀ ଏହି କାରର ୨୦୨୩ଟି ଅଧିକ ୟୁନିଟ୍ ବିକ୍ରି କରିବାରେ ସଫଳ ହୋଇଛି। ଏହା ବ୍ୟତୀତ, ଯଦି ଆମେ ଏର୍ଟିଗାରେ ବିଷୟରେ କଥା ହେବା, ତେବେ ଗତ ମାସରେ ଏହି କାରର ୧୬୧୪୦ ୟୁନିଟ୍ ବିକ୍ରି ହୋଇଥିଲା ଯେତେବେଳେ ଗତ ବର୍ଷ ସମାନ ସମୟରେ ଏହି ସଂଖ୍ୟା ୧୩୮୯୨ ୟୁନିଟ୍ ଥିଲା। ଡିଜାୟାର ୧୮୦୮୪ ୟୁନିଟ୍ ବିକ୍ରି ସହିତ ବିକ୍ରୟରେ ଆଗରେ ଥିଲା, ଗତ ବର୍ଷ ସମାନ ସମୟରେ ଏହାର ୧୬୦୬୧ ୟୁନିଟ୍ ବିକ୍ରି ହୋଇଥିଲା। ଗତ ବର୍ଷ ମାରୁତି ସୁଜୁକି ଡିଜାୟାରକୁ ଜି ଏନକ୍ୟାପ ଦ୍ୱାରା କ୍ରାସ୍ ଟେଷ୍ଟରେ ୫ ଷ୍ଟାର ରେଟିଂ ମିଳିଥିଲା ଏବଂ ଏବେ ଡିଜାୟାର ଭାରତ ଏନକ୍ୟାପ କ୍ରାସ୍ ଟେଷ୍ଟରେ ମଧ ପାସ୍ କରିଛି। ଡିଜାୟାରକୁ ପୁଣି ଥରେ ୫ ଷ୍ଟାର ରେଟିଂ ମିଳିଛି। ଏହି କାରରେ ବୟସ୍କ ଏବଂ ପିଲାମାନେ ସମସ୍ତେ ସୁରକ୍ଷିତ ରହିବେ। ବୟସ୍କଙ୍କ ସୁରକ୍ଷା ପାଇଁ, ଏହାକୁ ୩୨ ରୁ ୨୯.୪୬ ମାର୍କ ମିଳିଛି ଯେତେବେଳେ ପିଲାମାନଙ୍କ ସୁରକ୍ଷା ପାଇଁ, ଏହାକୁ ୪୯ ରୁ ୪୧.୫୭ ମାର୍କ ମିଳିଛି। ସୁରକ୍ଷା ପାଇଁ, ଡିଜାୟାରରେ ୬ ଟି ଏୟାରବ୍ୟାଗ୍, ଇବିଡ଼ି ସହିତ ଆଣ୍ଟି-ଲକ୍ ବ୍ରେକିଂ ସିଷ୍ଟମ୍, ଇଏସ୍ପି, ହିଲ୍ ହୋଲ୍ଡ ଆସିଷ୍ଟ, ୩୬୦ ଭ୍ୟୁ କ୍ୟାମେରା, ଅଟୋ ଡୋର୍ ଲକ୍, ସିଟ୍ ବେଲ୍ଟ ରିମାଇଣ୍ଡର୍ ଏବଂ ଟାୟାର ପ୍ରେସର୍ ମନିଟରିଂ ସିଷ୍ଟମ୍ ଭଳି ବୈଶିଷ୍ଟ୍ୟ ରହିଛି।

## ସୁନା ରୁପା ଦର



ଆଜି ପୁଣି ବଢ଼ିଲା ସୁନା ଦର। ଆନ୍ତର୍ଜାତୀୟ ସ୍ତରରେ ସୁନାର ଦର ବୃଦ୍ଧି ପାଉଥିବାରୁ ଏହାର ପ୍ରଭାବ ଭାରତୀୟ ବଜାରରେ ଅନୁଭୂତ ହେଉଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୦୧,୪୦୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୨ ହଜାର ୯୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୦୧,୪୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୨ ହଜାର ୯୫୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୦୧,୦୧,୪୦୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୨, ୯୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୦୧, ୦୧,୫୫୦ ଟଙ୍କା ଓ ୨୨ କ୍ୟାରେଟ୍ ୯୩,୧୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୦୧, ୦୧,୪୦୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୨, ୯୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୦୧, ୦୧,୪୦୦ ଓ ୯୨, ୯୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୧୦ , ୦୦୦ ଟଙ୍କା ହୋଇଛି।

## ପେଟ୍ରୋଲ, ଡିଜେଲ ଦର



ଆଜି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୩୯ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ଡାଇରିଆକୁ ନିୟନ୍ତ୍ରଣ କରିବା ଦାବିରେ ଏସ୍‌ୟୁସିଆଇର ବିକ୍ଷୋଭ



**ଯାଜପୁର,୧୩।୬ (ସଂଚାର ବ୍ୟୁରୋ):** ଆଜି ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଯାଜପୁର ଜିଲ୍ଲାରେ ଧର୍ମଶାଳା, ବଡ଼ଚଣା, ଯାଜପୁର, କୋରାଇ, ଦାନଗଦି, ସୁକିନ୍ଦା, ବରୀ, ବିଞ୍ଝାରପୁର, ମଙ୍ଗଳପୁର ପ୍ରଭୃତି ବ୍ଲକରେ ଝାଡ଼ା ବାନ୍ତିରେ ସଂକ୍ରମିତ ଲୋକମାନଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଉନ୍ନତମାନର ଚିକିତ୍ସା ଯୋଗାଇ ଦେବା, ସଂକ୍ରମିତ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣରେ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟ କର୍ମୀ ରଖି ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା, ଜିଲ୍ଲାର ସମସ୍ତ ଡାକ୍ତରଖାନାରେ ଦିବାରାତ୍ର ଚିକିତ୍ସା ଯୋଗାଇ ଦେବା, ସଂକ୍ରମିତ ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା, ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଦେବା ଏବଂ ପ୍ରୟୋଜନ ମୁତାବକ ସମସ୍ତ ଘରକୁ ହେଲୋଜେନ ବଟିକା ଓ ବ୍ଲିଚିଙ୍ଗ ପାଉଡର ଯୋଗାଇ ଦେବା ପ୍ରଭୃତି ଦାବୀରେ ଜିଲ୍ଲାପାଳ ଅଫିସ ସମ୍ମୁଖରେ ଏକ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏସ୍‌ୟୁସିଆଇ (ସି) ଯାଜପୁର ଜିଲ୍ଲା କମିଟିର ସମ୍ପାଦକ କମ୍ରେଡ଼ ସୁରେନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ କମ୍ରେଡ଼ ରାଧାବଲ୍ଲଭ ମଲ୍ଲିକ, ସୁଲୋଚନା ପ୍ରଧାନ, ନିରୁପମା ବେହେରା, ପ୍ରଭାତି ମଲ୍ଲିକ ପ୍ରଭୃତି ଏଡିଏମ୍ ଓ ସିଡିଏମ୍‌ଓଙ୍କୁ ଏକ ୫ ଦଫା ଦାବୀ ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା।

ଜିଲ୍ଲା କମିଟି ସଭ୍ୟ କମ୍ରେଡ଼ ସୁବାସ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପତିବାଦ ସଭାରେ ବକ୍ତାମାନେ ଚିକିତ୍ସାରେ ଅବହେଳା ଓ ପ୍ରଶାସନିକ ନିଷ୍କ୍ରିୟତା ଫଳରେ ରୋଗୀମାନେ ମୃତ୍ୟୁ ହୋଇଛି ବୋଲି ଦୃଢ଼ ନିନ୍ଦା କରିଥିଲେ। ଯୁଦ୍ଧକାଳୀ ଭିତ୍ତିରେ ସରକାର ଏହି ଭଳି ମହାମାରୀ ପରିସ୍ଥିତିରେ ଉନ୍ନତମାନର ଚିକିତ୍ସା ଯୋଗାଇ ଦେବା ସଂଗେ ସଂଗେ ରୋଗୀମାନଙ୍କୁ ମୃତ୍ୟୁ ମୁଖରୁ ରକ୍ଷା କରନ୍ତୁ। ନହେଲେ ଆଗାମୀ ଦିନରେ ଦୁର୍ବାର ଗଣଆନ୍ଦୋଳନ ଗଢ଼ିତୋଳା ଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଯୁବଗୋଷ୍ଠୀଙ୍କୁ ସୁଇମିଂପୁଲ୍ ପ୍ରଶିକ୍ଷଣ ଦେଉଛନ୍ତି ଅବସରପ୍ରାପ୍ତ ନାଭାଲ ଡ୍ରାଇଭର

**ନବରଂଗପୁର,୧୩।୬ (ସଂଚାର ବ୍ୟୁରୋ):** କର୍ମଚାରୀରୁ ସନ୍ତରଣ ପ୍ରଶିକ୍ଷକ। ଦିନେ ଭାରତୀୟ ନୌସେନା କର୍ମଚାରୀ ଭାବେ କାର୍ଯ୍ୟକରି ସୁନାମ ଲାଭ କରିଥିବା ବେଳେ ବର୍ତ୍ତମାନ ନିଜ ଅଭିଜ୍ଞତା କୁ କାର୍ଯ୍ୟରେ ଲଗାଇ ନିଜେ ଏକ ସ୍ୱିମିଙ୍ଗ ପୋଲ ନିର୍ମାଣ କରି ଏଜିଆର ଡିଫେନ୍ସ ଫିଜିକାଲ ଏକାଡେମୀ ନାମରେ ଏକ ସଂସ୍ଥା ଖୋଲି ସନ୍ତରଣ ଶିକ୍ଷା ଦେଇ ଯୁବଗୋଷ୍ଠୀକୁ ଆଗାମୀ ଭବିଷ୍ୟତରେ ସୁସ୍ଥ ଜୀବନ ଯାପନ ସହ ଜଣେ ସୁରକ୍ଷା କର୍ମଚାରୀ ଭାବେ ଗଢିବା ପାଇଁ ପ୍ରଶିକ୍ଷଣ ଦେଉଛନ୍ତି।

ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରର ଜି ଗୋଲଡ଼ ସ୍ମିଥ ନିଜ ଯୁବ ବୟସରେ ସେନା ବାହିନୀରେ ଯୋଗ ଦେବା ପାଇଁ ବହୁ କଷ୍ଟ ସ୍ୱୀକାର କରିଥିଲେ ସବୁ ଯୋଗ୍ୟତା ଥାଇ ମଧ ଉପଯୁକ୍ତ ତାଲିମ ଓ ମାର୍ଗ ଦର୍ଶନ ଅଭାବ ରୁ ଟିକିଏ ବିଳମ୍ବରେ ସୁଯୋଗ ମିଳିଥିଲା ଭାରତୀୟ ନୌସେନାରେ ତେଣୁ ସେ ନୌସେନାରୁ ଅବସର ନେବା ପରେ ଚିନ୍ତା କଲେ ନବରଙ୍ଗପୁର ଜିଲ୍ଲାରେ ଏକ ସ୍ୱିମିଙ୍ଗ ପୁଲ ନିର୍ମାଣ ସହ ଆଗ୍ରହୀଙ୍କୁ ମାଗଣାରେ ରହିବା ବ୍ୟବସ୍ଥା କରି ସେନାବାହିନୀ ରେ ଯୋଗ ଦେବା ପାଇଁ ଶାରୀରିକ ଓ ମାନସିକ ସ୍ତରରେ ପ୍ରସ୍ତୁତ କରୁଛନ୍ତି। ଏହି ପ୍ରୟାସ ଯୋଗୁଁ ଅନେକ ପିଲା ଶିକ୍ଷା ଲାଭ କରିବା ସହ ଛୋଟ ପିଲା ମଧ୍ୟ ସନ୍ତରଣ ଶିଖୁଛନ୍ତି ଏଥି ପାଇଁ କିଛି ନିର୍ଦ୍ଦିଷ୍ଟ ପାଉଣା ନେଉ ନାହାନ୍ତି କେବଳ ସ୍ୱିମିଙ୍ଗ ପୁଲ ର ରକ୍ଷଣ ବେକ୍ଷଣ ପାଇଁ ଅତି ଅଳ୍ପ ଫିଜ ନେଉଛନ୍ତି କିଛି କ୍ଷେତ୍ରରେ ମାଗଣା ଶିକ୍ଷା ପ୍ରଦାନ ମଧ କରୁଛନ୍ତି।




ଦେଶର ସୁରକ୍ଷା ବାହିନୀ କର୍ମଚାରୀ ଭାବେ କାର୍ଯ୍ୟକରିବା ପାଇଁ ହେଲେ ସନ୍ତରଣର ଆବଶ୍ୟକତା ରହିଛି । କିନ୍ତୁ ଉପାନ୍ତ ନବରଙ୍ଗପୁର ଜିଲ୍ଲାରେ ସନ୍ତରଣ ପ୍ରଶିକ୍ଷଣ କେନ୍ଦ୍ର ନ ଥିବା ବେଳେ ସୁରକ୍ଷା ବାହିନୀ ର ପଦପଦବୀରେ ଚାକିରୀ ପାଇବା ପାଇଁ ଏକ ବଡ଼ ବାଧକ ସାଜିଥିଲା । ସମସ୍ତ ଯୋଗ୍ୟତା ଥାଇ ମଧ ସନ୍ତରଣ ପ୍ରଶିକ୍ଷଣ ଅଭାବରୁ ଅନେକ ଯୁବ ଗୋଷ୍ଠୀ ସୁରକ୍ଷା ବାହିନୀ ପଦବୀରୁ ବଞ୍ଚିତ ହେଉଛନ୍ତି । ଏହାକୁ ହୃଦୟଙ୍ଗମ କରି ଭବିଷ୍ୟତରେ ଯୁବ ଗୋଷ୍ଠୀକୁ ମଧ ଆଗାମୀ ଦିନରେ ସୁସ୍ଥ ଜୀବନ ଯାପନ ସହ ଜଣେ ସୁରକ୍ଷା କର୍ମଚାରି ଭାବେ ଗଢିବା ଲକ୍ଷ୍ୟ ନେଇ ସୁଇମିଂପୁଲ୍ ପ୍ରଶିକ୍ଷଣ ଦେଉଛନ୍ତି ନବରଙ୍ଗପୁର ଜିଲ୍ଲା ଉମରକୋଟର ଅବସରପ୍ରାପ୍ତ ନାଭାଲ ଡ୍ରାଇଭର ଜି .ଗୋଲଡ଼ ସ୍ମିଥ। ଏହିଠାରେ ପ୍ରଶିକ୍ଷଣ ନେଇ ଅନେକ ଯୁବକ ନିଜକୁ ସେନାବାହିନୀ ପାଇଁ ପ୍ରସ୍ତୁତ କରୁଛନ୍ତି। ଗୋଲଡ଼ ସ୍ମିଥ ଙ୍କ ଏହି ପ୍ରୟାସ କୁ ନେଇ ସ୍ଥାନୀୟ ବାସିନ୍ଦା ପ୍ରଶଂସା କରୁଛନ୍ତି।

### ଆଶାକର୍ମୀଙ୍କୁ ଦୁଷ୍କର୍ମ ଉଦ୍ୟମ ଘଟଣା

## ପୁଲିସର ତଦନ୍ତରେ ଅସନ୍ତୋଷ ପ୍ରକାଶ କରି ସଂଘ ପକ୍ଷରୁ ଥାନାର ଦ୍ୱାରସ୍ଥ




**ଭବାନୀପାଟଣା,୧୩।୬ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ କାର୍ଯ୍ୟରତ ଜୈନିକା ଆଶାକର୍ମୀ ସଂଯୁକ୍ତା ନାଏକଙ୍କୁ ଡାକ୍ତରଖାନା ମହିଳା ଶୌଚାଳୟରେ ଜଣେ ଅସାମାଜିକ ଯୁବକ ବଳାତ୍କାର ଉଦ୍ୟମ କରିଥିବା ନେଇ ପିଡିତା ଆଶାକର୍ମୀ ଗତ ୪ ତାରିଖରେ କୋକସରା ଥାନାର ଦ୍ୱାରସ୍ଥ ହୋଇ ଅଭିଯୁକ୍ତ ଯୁବକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଲିଖିତ ଅଭିଯୋଗ କରିଥିଲେ। ତେବେ ଘଟଣାର ୯ ଦିନ ପରେ ମଧ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଶୁକ୍ରବାର ପିଡିତା ଆଶାକର୍ମୀଙ୍କୁ ନ୍ୟାୟ ପ୍ରଦାନ ଓ କାର୍ଯ୍ୟାନୁଷ୍ଠାନ ଦାବିରେ କୋକସରା ବ୍ଲକ ଆଶାକର୍ମୀ ସଙ୍ଘ ନେତ୍ରୀଙ୍କ ନେତୃତ୍ୱରେ ଶତାଧିକ ଆଶାକର୍ମୀ ପୁଣିଥରେ ଥାନାର ଦ୍ୱାରସ୍ଥ ହୋଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଏନେଇ କୋକସରା ଆଇଆଇସି ସ୍ମିତା ରାଣି ସୁନାଙ୍କ ପ୍ରତିକ୍ରିୟା ନେବାରୁ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି, ଅଭିଯୁକ୍ତକୁ ଧରିବା ପାଇଁ ପ୍ରୟାସ ଜାରି ରହିଛି, ଶୀଘ୍ର ଅଭିଯୁକ୍ତ କୁ ଗିରଫ କରାଯିବ ବୋଲି କହିଛନ୍ତି। ଅନ୍ୟପଟେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଶାକର୍ମୀ ସଙ୍ଘ ପକ୍ଷରୁ କଳାହାଣ୍ଡି ସିଡିଏମଓଙ୍କୁ ମଧ ଲିଖିତ ଅଭିଯୋଗ କରାଯାଇଛି।

### ଶିଶୁ ଓ ଗର୍ଭବତୀ ମହିଳାଙ୍କ ଖାଦ୍ୟ ଯୋଗାଣରେ ଅନିୟମିତତା

## ତାଲା ମାରି ପ୍ରତିବାଦ କଲେ ହିତାଧିକାରୀ



**ଭବାନୀପାଟଣା,୧୩।୬ (ସଂଚାର ବ୍ୟୁରୋ):** କୋକସରା ବ୍ଲକ ମହିମା ପଞ୍ଚାୟତ ଘଣ୍ଟିଗୁଡ଼ା ଠାରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ କାର୍ଯ୍ୟରତ ଅଙ୍ଗନବାଡି ଦିଦି ଶିଶୁ, ପ୍ରସୂତି ଓ ଗର୍ଭବତୀ ମହିଳା ମାନଙ୍କ ପାଇଁ ଆସୁଥିବା ଖାଦ୍ୟକୁ ବାଟ ମାରଣା କରୁଥିବା ନେଇ ଅଭିଯୋଗ କରି ଆଜି ଘଣ୍ଟିଗୁଡା ଗ୍ରାମର ମହିଳା ହିତାଧିକାରୀ।ମାନେ ଅଙ୍ଗନବାଡି କେନ୍ଦ୍ରରେ ତାଲା ମାରି ପ୍ରତିବାଦ କରିଛନ୍ତି। ଅଭିଯୋଗ ମତେ ଅଙ୍ଗନବାଡି କର୍ମୀ ସୁଶିଳା ଧଙ୍ଗଡା ମାଝୀ ଶିଶୁ, ପ୍ରସୂତି ଓ ଗର୍ଭବତୀ ମାନଙ୍କ ପାଇଁ ଆସୁଥିବା ଛତୁଆ, ଅଣ୍ଡା, ସୁଷମ ଖାଦ୍ୟ ସାମଗ୍ରୀ ଯୋଗାଣରେ ଅନିୟମିତତା କରି ଆସୁଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ କଲେ ଓଲଟା କର୍ମୀ ଦୁର୍ବ୍ୟବହାର କରୁଥିବା ଅଭିଯୋଗ କରିଛନ୍ତି। ଏନେଇ ଆଜି ପୁଷ୍ପାଞ୍ଜଳି ଧ.ମାଝୀ, ଦମୟନ୍ତୀ ଦାସ, ତରୁଣୀ ସହିନି, ଦେବକ୍ତି ଚଳାନ, ମୁକ୍ତା ଚଳାନ, ସନ୍ତୋଶିନି ଦଣ୍ଡସେନା, ଅଞ୍ଜଳି ଦାସ, ସସ୍ମିତା ଚଳାନ, ଦେବାଞ୍ଜଳି ମାଝୀ, ଲଳିତା ପ୍ରଧାନି, ମାଧବୀ ଧ .ମାଝୀ, ଯୋଶୋଦା ଦଣ୍ଡସେନା, ପ୍ରତିମା ଧ.ମାଝୀ, କବିତା ଚାଳନ, ଭାନୁ ମାଝୀ ପ୍ରମୁଖ ହିତାଧିକାରୀମାନେ ଅଭିଯୋଗ କରିଛନ୍ତି।

## ଡୁଡୁକାଠେଙ୍ଗା ପଞ୍ଚାୟତରେ ପହଞ୍ଚିଲା ବିକାଶ ବାହନ ରଥ




**ଭବାନୀପାଟଣା,୧୩।୬ (ସଂଚାର ବ୍ୟୁରୋ):** ରାଜ୍ୟରେ ବିଜେପି ସରକାର ୧ ବର୍ଷ ଆଜି ପୂରଣ ହୋଇଥିବା ବେଳେ ଏହି ସ୍ମରଣୀୟ ଦିନକୁ ପାଳନ ପାଇଁ ପ୍ରତି ବ୍ଲକ ସ୍ତରରେ ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କ ୧ ବର୍ଷର ଉପଲବ୍ଧି ଲୋକାଭିମୁଖୀ ଯୋଜନାକୁ ଗାଁ ଗାଁରେ ପହଞ୍ଚିବା ପାଇଁ ବିକାଶ ବାହାନ ରଥର ଶୁଭାରମ୍ଭ ହୋଇଛି। କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତରେ ଶୁକ୍ରବାର ଏହି ରଥ ପହଞ୍ଚିଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ହରିପ୍ରିୟା ନାଗଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରତିନିଧି ତ୍ରିନାଥ ଶବର, ମୁଖ୍ୟ ବକ୍ତା ଭାବେ ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର,ସମିତି ସଭ୍ୟା ପାର୍ବତୀ ବାଗ, ସମାଜସେବି ବନମାଳୀ ବାଗ ନାଏବ ସରପଞ୍ଚ ଖଗେଶ୍ୱର ବାଣୁଆ ମଞ୍ଚ ରେ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଉପରେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଯୋଗ୍ୟ ହିତାଧିକାରୀ ଙ୍କୁ ଅନ୍ତୋଦୟ ଗୃହ ଯୋଜନା ରେ ଆବାସ ଘର କାର୍ଯ୍ୟାଦେଶ, ନୂତନ ରାସନ କାର୍ଡ଼,ବୟୋ ବନ୍ଦନା କାର୍ଡ, ନିର୍ମାଣ ଶ୍ରମିକ ଶ୍ରମ କାର୍ଡ,ଭତ୍ତା କାର୍ଡ ଉପସ୍ଥିତ ଅତିଥିମାନେ ବଣ୍ଟନ କରିଥିଲେ।

# ଶିଶୁ ଶ୍ରମିକ ନିୟୋଜନ ନିଷେଧ ସଚେତନତା ରଥର ଶୁଭାରମ୍ଭ



**ସୁବର୍ଣ୍ଣପୁର,୧୩।୬ (ସଂଚାର ବ୍ୟୁରୋ):** ଶିଶୁ ଶ୍ରମ ମୁକ୍ତ ଓଡିଶା ଆମ ସମସ୍ତଙ୍କ ଲକ୍ଷ୍ୟ ହେଉ, ଏହି ପରିପ୍ରେକ୍ଷୀରେ ଜିଲ୍ଲାରେ ଶିଶୁ ଶ୍ରମିକ ନିୟୋଜନକୁ ନିଷେଧ କରିବା ଉଦେଶ୍ୟରେ ଆଜି ଜିଲ୍ଲାପାଳ ସୁବର୍ଣ୍ଣପୁରଙ୍କ କାର୍ଯ୍ୟାଳୟ ପରିସରରେ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା, ଜିଲ୍ଲାପାଳ ଅନ୍ୟା ଦାସ ଶିଶୁ ଶ୍ରମିକ ନିୟୋଜନ ନିଷେଧ ସଚେତନତା ରଥକୁ ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରିଛନ୍ତି।

ଏହି ସଚେତନତା ରଥ ଜିଲ୍ଲାର ବିଭିନ୍ନ ସହରାଞ୍ଚଳ ସହିତ ସୋନପୁର ମ୍ୟୁନିସିପାଲିଟି ଅଞ୍ଚଳ ପରିକ୍ରମା କରି ଜନସାଧାରଣଙ୍କୁ ଶିଶୁ ଶ୍ରମିକ ନିୟୋଜନ ଉପରେ ସଚେତନତା କରାଇବ। ସଚେତନତା କାର୍ଯ୍ୟକ୍ରମକୁ ଲୋକାଭିମୁଖୀ କରାଇବା ଉଦେଶ୍ୟରେ ଜିଲ୍ଲା ଶ୍ରମ ବିଭାଗ, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ତରଫରୁ ଆଜି ଠାରୁ ଆଗାମୀ ୨୬ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯିବାର ସ୍ଥିର ହୋଇଥିବା ଜିଲ୍ଲା ଶ୍ରମ ଅଧିକାରୀ ଖାକା ସୂଚନା ପ୍ରଦାନ କରିଛନ୍ତି। ଏହିପରିପ୍ରେକ୍ଷୀରେ ୧୬ ତାରିଖରେ ଏକ ସଚେତନତା ଶୋଭାଯାତ୍ରା ସହ ଶପଥ ପାଠ ସମାରୋହ ଅନୁଷ୍ଠିତ ହେବ।




## କର୍ମନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ସମ୍ପର୍କିତ ସଚେତନତା ରାଲି

**ସୁବର୍ଣ୍ଣପୁର,୧୩।୬ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ କଳାପଥର ଗ୍ରାମ ପଂଚାୟତରେ ଆଜି ଓଡିଶା ରାଜ୍ୟ ସାମାଜିକ ସମୀକ୍ଷା, ଉତ୍ତରଦାୟିତ୍ୱ ଓ ସ୍ୱଚ୍ଛତା ସମିତି ତଥା ଜିଲ୍ଲା ପରିଷଦ ସୁବର୍ଣ୍ଣପୁର ତରଫରୁ କଳାପଥର ଗ୍ରାମରେ ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ସମ୍ପର୍କିତ ଏକ ସଚେତନତା ରେଲି କୁ ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟକାନ୍ତି ମେହେର ଉଦଘାଟନ କରିଥିଲେ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରୁ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲା ଏଥିରେ ଉଭୟ ଯୋଜନା ବିଷୟରେ ସଚେତନତା କରାଯାଇଥିଲା କାର୍ଯ୍ୟକ୍ରମକୁ ଜିଲ୍ଲା ସାମାଜିକ ସମୀକ୍ଷକ ହୃଷିକେଶ ମହାକୁର,କାର୍ଯ୍ୟନିର୍ବାହୀ ଅଧିକାରୀ ଗୀତାଞ୍ଜଳି ପାଣିଗ୍ରାହୀ, କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ଛତ୍ରିଆ, ସାମାଜିକ କର୍ମୀ ଗୋପାଳ ପଧାନ, ମନରେଗା ସହାୟକ ରମାକାନ୍ତ ମିଶ୍ର ଏଥିରେ ବ୍ଲକ ସାମାଜିଜ ସମୀକ୍ଷକ ସୋନପୁର ସୁଦାମ ଗାଈଗରିଆ, ଉଲୁଣ୍ଡା ବି ଏସ ଏ ମୋନଜ ସେଠି, ଡୁଙ୍ଗୁରିପାଲି ବି ଏସ ଏ,ସଞ୍ଜୟ ବଡ଼ମାଳି, ବିରମହାରାଜପୁର ବି ଏସ ଏ ଚୈତନ୍ୟ ମଲ୍ଲିକ ଯୋଗ ଦେଇଥିବାବେଳେ ବ୍ଲକ ର ସମସ୍ତ ଗ୍ରାମ ସମ୍ବଳ କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟା, ସି ଆର ପି ଅଣକୁଶଳୀ ଶ୍ରମିକ, ପଂଚାୟତ ଜନ ପ୍ରତିନିଧି ଉପସ୍ଥିତ ଥିଲେ।

# ପ୍ରଶାସନ ନୁହେଁ ସ୍ଥାନୀୟ ଯୁବକ ଧରିଲେ ବାଲିଗାଡ଼ି

**ବିଞ୍ଝାରପୁର,୧୩।୬ (ସଂଚାର ବ୍ୟୁରୋ):** ବିଞ୍ଝାରପୁର ଅଞ୍ଚଳରେ ଦିନକୁ ଦିନ ବଢ଼ି ଚାଲିଛି ବାଲି ଚାଲାଣ। ପ୍ରାକୃତିକ ସମ୍ପଦ କୁ ପୈତୃକ ସଂପତ୍ତି ଭାବି ମାଫିଆ କରୁଛନ୍ତି ବାଲି ଲୁଟ। ସବୁ ଜାଣି ପ୍ରଶାସନ ଆଖି ବୁଜି ଦେଇଥିବା ଅଭିଯୋଗ ଆସିଛି। ଜିଲ୍ଲା ଖଣି ବିଭାଗ କଥା ନକହିବା ଭଲ। ବିଞ୍ଝାରପୁର ତହସିଲ ଅଧିନରେ ଅନେକ ଗୁଡ଼ିଏ ବେଆଇନ୍ ବାଲି ଘାଟ ଚାଲୁଥିବା ବେଳେ ତହସିଲ ବିଭାଗ ପାଖରେ କୌଣସି ତଥ୍ୟ ନଥିବା ଅଭିଯୋଗ ଆସିଛି। ଶେଷରେ ଏହି ବେଆଇନ୍ ବାଲି ହାଇୱା ଗାଡ଼ି ଗୁଡ଼ିକୁ ପ୍ରଶାସନ ରୋକ୍ ଲଗାଇବାରେ ବିଫଳ ହେବା ବେଳେ ଗତ ରାତିରେ ବିଞ୍ଝାରପୁର ଅଞ୍ଚଳର କିଛି ଯୁବକ ଅଗକୁ ଆସି ଏହାକୁ




ରୋକିବାକୁ ଚେଷ୍ଟା କରିଥିଲେ। ବିଞ୍ଝାରପୁର ଥାନା ନିକଟରୁ ଓଡ଼ି ୩୪ ଭି ୮୧୮୫ ନମ୍ବର ର ଏକ ଓଭର ଲୋଡ଼ିଂ ବାଲି ହାଇୱା କୁ ଧରି ଥାନା କୁ ହସ୍ତାନ୍ତର କରିଥିଲେ। ଯାହାକୁ ପ୍ରଶାସନ ନିଜ ପକେଟ୍ ଗରମ କରି ମାଫ ଦେଉଥିଲା ତାହାକୁ କିଛି ଯୁବକ କରି ଦେଖାଇଥିବାକୁ ନେଇ ପ୍ରଶାସନର ପାରିବାପଣିଆ ଏବେ ପଦାରେ ପଡିଛି। ସେପଟେ ଅନେକ ଗୁଡ଼ିଏ ବାଲି ଘାଟରୁ ସାନ୍ଧ୍ୟରୁ ଭୋର୍ ପର୍ଯ୍ୟନ୍ତ ବେଆଇନ୍ ଭାବେ ହାଇୱା ସାହାଯ୍ୟ ରେ ବାଲି ବୁହା ଚାଲୁଥିବା ବେଳେ ଏହାକୁ ପ୍ରଶାସନ ରୋକ୍ ନଲଗାଇବା ରେ ବିଫଳ ଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ତେବେ ହସ୍ତାନ୍ତର ହେଇଥିବା ହାଇୱା ଓ ବାଲି ର କାଗଜ ପତ୍ର କୁ ପୋଲିସ ଯାଞ୍ଚ କରୁଥିବା ବେଳେ ଖରସ୍ରୋତା ନଦୀ ଘଣ୍ଟିଆଳି ଅଞ୍ଚଳ ରୁ ବାଲି ଆସୁଥିବା ସୂଚନା ମିଳିଛି।

## ଶ୍ରମଜୀବୀ ମହିଳାଙ୍କ ଶିଶୁ ସୁରକ୍ଷା ପାଇଁ 'ଆମ କଳିକା କେନ୍ଦ୍ର'ର ଶୁଭାରମ୍ଭ




**ସୁନ୍ଦରଗଡ,୧୩।୬ (ସଂଚାର ବ୍ୟୁରୋ):** ଶ୍ରମଜୀବୀ ମହିଳାମାନଙ୍କ ଶିଶୁମାନଙ୍କର ସୁରକ୍ଷା, ସେବା ଓ ମୂଲ୍ୟବାନ ଯତ୍ନ ନିଶ୍ଚିତ କରିବା ପାଇଁ 'ଆମ କଳିକା କେନ୍ଦ୍ର' ପ୍ରତିଷ୍ଠା କରାଯାଇଛି । ଜିଲ୍ଲା ସମାଜ ମଙ୍ଗଳ ବିଭାଗ ତତ୍ତ୍ୱାବଧାନରେ ବ୍ଲକ ସ୍ତରରେ ୭୬୧ଟି କେନ୍ଦ୍ର ପ୍ରତିଷ୍ଠା ହେବାକୁ ଯାଉଛି। ଏହି କେନ୍ଦ୍ରମାନଙ୍କ ଦ୍ୱାରା ଶ୍ରମଜୀବୀ ମହିଳାଙ୍କ ୬ ମାସରୁ ୩ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ଉପଯୁକ୍ତ ଯତ୍ନ ସଙ୍ଗେ ସଙ୍ଗେ ଏକ ସୁରକ୍ଷିତ ଏବଂ ଏକ ନିରାପଦ ପରିବେଶ ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ଜିଲ୍ଲା ସମାଜ ମଙ୍ଗଳ ବିଭାଗର ତତ୍ତ୍ୱାବଧାନରେ ଓମ୍ବାସିଡି ଓ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ସହାୟତାରେ ସୁନ୍ଦରଗଡ ଜିଲ୍ଲାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସେବକ' ପ୍ରତ୍ୟକ୍ଷ ଭାବେ ୬ଟି ବ୍ଲକରେ ସମସ୍ତ କଳିକା କେନ୍ଦ୍ର ପରିଚାଳନା ଦାୟିତ୍ୱ ବହନ କରିଛି । ଏହି କ୍ରମରେ ସେବକ ତରଫରୁ ଶୁକ୍ରବାର ୬ଟି ବ୍ଲକର ବିଭିନ୍ନ ସ୍ଥାନରେ ଅନୁଷ୍ଠାନିକ ଭାବେ ଆମ କଳିକା କେନ୍ଦ୍ର ସବୁ ଉଦଘାଟିତ ହୋଇଯାଇଛି । 'ଆମ କଳିକା କେନ୍ଦ୍ର' ଦ୍ୱାରା ଶିଶୁମାନେ ସୁଷମ ଓ ପୁଷ୍ଟିକର ଖାଦ୍ୟ ଦ୍ୱାରା ସ୍ୱାସ୍ଥ୍ୟ ସୁରକ୍ଷିତ ହେବେ । ସହଜ ଓ ସାର୍ବଜନୀନ ଶିଶୁ ସେବା ଦ୍ୱାରା ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ଉପରେ ଗୁରୁତ୍ୱ ଦିଆଯିବ । ଏହି କେନ୍ଦ୍ର ଦ୍ୱାରା ଶ୍ରମଜୀବୀ ମହିଳାମାନେ ତାଙ୍କ କାର୍ଯ୍ୟକ୍ଷେତ୍ରରେ ନିର୍ବିଧା ଭାବେ ଅନୁଗତ ହୋଇପାରିବେ।

## ଅତାବିରା ବ୍ଲକ ଅଞ୍ଚଳରେ ମିଳିତ ସ୍କ୍ୱାଡର ଚଢ଼ାଉ

**ବରଗଡ଼,୧୩।୬ (ସଂଚାର ବ୍ୟୁରୋ):** ଅତାବିରା ବ୍ଲକ ଅଞ୍ଚଳରେ ବରଗଡ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ପୁଲିସ ବିଭାଗ ଏବଂ ଅବକାରୀ ବିଭାଗ ପକ୍ଷରୁ ଏକ ମିଳିତ କାର୍ଯ୍ୟକାରୀ ସ୍କ୍ୱାର୍ଡ ଗଠିତ ହୋଇ (ତମାଖୁ ନୀୟନ୍ତ୍ରଣ) ନିୟମ ଭଙ୍ଗକରି ସର୍ବସାଧାରଣ ସ୍ଥାନମାନଙ୍କରେ ତମାଖୁ ଉତ୍ପାଦ ବିକ୍ରି କରୁଥିବା ୩୧ ଜଣ ନିୟମ ଖିଲାପକାରୀଙ୍କ ଠାରୁ ସମୁଦାୟ ୫୧୬୦ ଟଙ୍କା ଜୋରିମାନା ଆଦାୟ କରାଯିବା ସହ ଖାଦ୍ୟରେ ରଂଗ ବ୍ୟବହାର ନ କରିବା, ଖବରକାଗଜରେ ଖାଦ୍ୟ ସାମଗ୍ରୀ ନ ଦେବା, ଭେଷଜ ବ୍ୟବସାୟୀମାନଙ୍କର ଔଷଧକୁ ଯାଞ୍ଚ ଏବଂ ତମାଖୁ ବ୍ୟବହାରର କ୍ଷତି ବିଷୟରେ ସଚେତନ କରାଯାଇଛି। ଉକ୍ତ ମିଳିତ ସ୍କ୍ୱାର୍ଡରେ ସ୍ୱାସ୍ଥ୍ୟ ବିଭାଗରୁ ଜିଲ୍ଲା ଭେଷଜ ନିରୀକ୍ଷକ ସୁନିତା ନାଗ, ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ପରମେଶ୍ୱର ନାଏକ, ଜିଲ୍ଲା ପରାମର୍ଶଦାତା ସ୍ୱାଗତିକା ବେହେରା, ଅବକାରୀ ବିଭାଗରୁ ଏସଆଇ ଅନନ୍ତି ମିଣ୍ଟ ଓ ଟିମ ଏବଂ ପୁଲିସ ବିଭାଗରୁ ଏଏସଆଇ ଟି.କେ ସେନାପତି ଓ ଟିମ ଉପସ୍ଥିତଥିଲେ ।





## ବିକଶିତ କୃଷି ସଂକଳ୍ପ ଅଭିଯାନ ଉଦ୍‌ଯାପିତ

**ବଲାଙ୍ଗିର,୧୩।୬ (ସଂଚାର ବ୍ୟୁରୋ):** ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ବାରପୁଡୁଗିଆ ଗ୍ରାମ ପଂଚାୟତର କର୍ଲାପିଟା, ଅଘରିଆପାଲିଠାରେ ମହାସମାରୋହରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଉଦ୍‌ଯାପିତ ହୋଇଯାଇଛି। ଏହା ଭାରତ ସରକାରଙ୍କ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ଗତ ମଇ ୨୯ ତାରିଖରୁ ଆରମ୍ଭ ହୋଇ ୧୨ ଜୁନ ପର୍ଯ୍ୟନ୍ତ କୃଷି ବୈଜ୍ଞାନିକମାନେ ଗାଁକୁ ଗାଁ ଯାଇ କୃଷକଙ୍କୁ ନୂତନ କୃଷି ବୈଜ୍ଞାନିକ ପଦ୍ଧତିରେ ଚାଷ କରିବା ପାଇଁ ଏବଂ କୃଷକଙ୍କ ମତାମତ ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର କୃଷି ବିଜ୍ଞାନ କେନ୍ଦ୍ରର କୃଷି ବୈଜ୍ଞାନିକ ଦେବଶ୍ରୀ ସରକାର, ସୁନନ୍ଦା ସାହୁ, ସାଗରିକା ମୁନା, ସ୍ଥାନୀୟ ସରପଂଚ ଜନ୍ମଜୟ ମେହେର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ କୃଷି ଅଧିକାରୀ ବିଶ୍ୱରଂଜନ ପାଙ୍ଗଯୋଶୀ ଅଧକ୍ଷତା କରିଥିବା ବେଳେ ଅତିରିକ୍ତ କୃଷି ଅଧିକାରୀ ସୁଜାତା ଛତ୍ରିଆ, ଅତିରିକ୍ତ ଉଦ୍ୟାନ ବିଭାଗ ଅଧିକାରୀ ସୁଚିସ୍ମିତା ମେହେର, କୃଷି ଓଭରସିୟର ପୂର୍ଣ୍ଣିମା ମିଶ୍ର, କୃଷି ବୈଷୟିକ ପରାମର୍ଶ ଦାତା ଅକ୍ଷୟ କୁମାର ଘିଭେଲା, ଗୁଣାକାର ବାରିକ ଯୋଗ ଦେଇ କୃଷକ ବନ୍ଧୁମାନଙ୍କୁ ବିଭିନ୍ନ ପଦ୍ଧତି ଉପରେ ଆଲୋଚନା କରିଥିଲେ । ରୋଗ ପୋକ ନିୟନ୍ତ୍ରଣ, ଉନ୍ନତ ବିହନ, ଉନ୍ନତ କୃଷି ଯନ୍ତ୍ରପାତି, ଉଦ୍ୟାନ, ବିହନ ସଂଗ୍ରହ ଉପରେ ମତ ବିନିମୟ ହୋଇଥିଲା ଏବଂ ସରକାରଙ୍କ ଯୋଜନା ଅନୁଯାୟୀ ସବ୍‌ସିଡି ଉପରେ ଲୋକଙ୍କୁ ସଚେତନ କରିଥିଲେ ।

# ମନରେଗା କର୍ମନିଯୁକ୍ତି ନାମରେ ହରିଲୁଟ ଅଭିଯୋଗ




**ବୈଶିଙ୍ଗା,୧୩।୬ (ସଂଚାର ବ୍ୟୁରୋ):** ସରକାରଙ୍କ ତରଫରୁ ଆଦିବାସୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା ର ସର୍ବାଙ୍ଗୀନ ଉନ୍ନତି ପାଇଁ ଗଢ଼ିଥିବା 'ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା' ଜରିଆରେ ଠିକାଦାର, ସଂସ୍ଥାର ଅଧିକାରୀ ଏବଂ ଲୋକ ପ୍ରତିନିଧି ଏହି ତିନି ଜଣଙ୍କ ବ୍ୟତୀତ ଆଉ କେହି ଉପକୃତ ହେଉଥିବାର ଲକ୍ଷ୍ୟ କରାଯାଇନାହିଁ । ଆଶ୍ରମ ସ୍କୁଲ ଗୁଡିକରେ ଉନ୍ନତି, ଜାହିରାର ଉନ୍ନତି, ବସ୍ତିରେ ରାସ୍ତା ଓ ଘରର ଉନ୍ନତି ଏକ ଧୂଆଁ ବାଣ ସାଜିଛି । ପାଞ୍ଚବର୍ଷରୁ ଅଧିକ ହେବ ଇନ୍ଦିରା ଆବାସ ବା ପ୍ରଧାନମନ୍ତ୍ରୀ ପକ୍କା ଘର ଏବେବି ଅଧାପନ୍ତରିଆ ହୋଇ ପଡି ରହିଛି। ହିତାଧିକାରୀ ଯେଉଁ କୁଡିଆକୁ ସେହି କୁଡିଆରେ ଜୀବନ ବିତାଉଛି। ଜାହିରା ଉନ୍ନତି କଥା କହିଲେ ନ ସରେ । କେବଳ ପଚାଶ ଫୁଟର ପାଚେରୀ କରି ଗେଟଟିଏ କରିଦେଇ କେତେ ଲୁଟ ହୋଇଛି ତାର ହିସାବ ନାହିଁ । ଆଶ୍ରମ ସ୍କୁଲ ଗୁଡିକରେ ନିର୍ମାଣ ନାମରେ ଜାଲି ବିଲ୍ କରି ପିଏ ମହାଶୟ ମାଲାମାଲ ହୋଇଥିବା ଅସମର୍ଥିତ ସୂତ୍ରରୁ ଖବର ମିଳିଛି ।

ସଦ୍ୟ ଉଦାହରଣ ପାଲଟିଛି ବୈଶିଙ୍ଗା ପଞ୍ଚାୟତ ଅଧିନ ଜାମନଣ୍ଡା ଗ୍ରାମର ପକ୍କା ଡ୍ରେନ ନିର୍ମାଣ। ଅତି ନିମ୍ନମାନର ନିର୍ମାଣ କାର୍ଯ୍ୟ ହେଉଥିବାର ଅଭିଯୋଗ କରାଯାଇଥିଲେ ମଧ ଜେଇ କିମ୍ବା ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ନ ରହିବା ଅଧିକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ବୈଶିଙ୍ଗା ପଞ୍ଚାୟତର ଡାହିବାଡି ହାଟ ଉନ୍ନତିକରଣ ପାଇଁ ମାନ୍ୟବର ବିଧାୟକ ସନାତନ ବିଜୁଲିଙ୍କ କରକମଳରେ ଗତ ମାର୍ଚ୍ଚ ୨୩ ତାରିଖରେ କାର୍ଯ୍ୟନିର୍ବାହୀ ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ବାରିପଦା ଜରିଆରେ ଭୂମି ପୂଜନ କରାଯାଇଥିଲା । ମହାତ୍ମାଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନାରେ ଜବ୍ କାର୍ଡଧାରୀଙ୍କ ଉଦ୍ଦେଶ୍ୟରେ ଏହି କାର୍ଯ୍ୟ କରାଯାଉଥିବାର ଲାଗିଥିବା କାର୍ଯ୍ୟ ଫଳକରୁ ଜଣାଯାଇଛି। ପାଞ୍ଚ ଗୋଟି ଫଳକରେ ୧୦୭୮୪୮୦୧ ରେ ୯ ଲକ୍ଷ,୪୮୧୨ ରେ ୯ ଲକ୍ଷ,୪୮୧୩ ରେ ୯ ଲକ୍ଷ,୪୮୧୪ ରେ ୯ ଲକ୍ଷ ଏବଂ ୪୮୧୫ରେ ୯ ଲକ୍ଷ ଟଙ୍କା ଭାବେ ମୋଟ ୪୫ ଲକ୍ଷ ଟଙ୍କା ମଞ୍ଜୁରୀ ପ୍ରଦାନ କରାଯାଇଥିବା ଜଣାଯାଇଛି । ଏଠାରେ ପ୍ରଶ୍ନ ଉଠୁଛି ଏତେ ଗୁଡାଏ ଟଙ୍କା ବିନା ଟେଣ୍ଡରରେ କେମିତି ମଞ୍ଜୁରି ମିଳିଲା, ଏଥିପାଇଁ ସମାଜସେବୀ ସୀତାକାନ୍ତ ମହାପାତ୍ର ମୟୂରଭଞ୍ଜ ଜିଲ୍ଲାପାଳ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଶ୍ରୀ ମହାପାତ୍ର ତାଙ୍କ ଅଭିଯୋଗରେ ଅତି ନିମ୍ନମାନର ଲୁହା ରଡ, ସିମେଣ୍ଟ, ଇଟା, ବାଲି ଆଦି ବ୍ୟବହାର ହେବା ସହିତ ମନରେଗା ଯୋଜନାରେ ଜବ କାର୍ଡଧାରୀଙ୍କୁ କାମ ଦିଆ ନ ଯାଇ ମେସିନରେ କାର୍ଯ୍ୟ ଚାଲିଛି ବୋଲି ଦର୍ଶାଇଛନ୍ତି । ଏଥିପାଇଁ ଖୋଦ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେବାକୁ ସାଧାରଣରେ ଅନୁରୋଧ କରାଯାଇଛି।



# ପରିବେଶ



## ବିଶ୍ୱର ପ୍ରଥମ କାଠ ଉପଗ୍ରହ

ଜାପାନ ଦ୍ୱାରା ନିର୍ମିତ ବିଶ୍ୱର ପ୍ରଥମ କାଠ ଉପଗ୍ରହ ଆସନ୍ତା ସେପ୍ଟେମ୍ବର ମାସରେ ମହାକାଶରେ ସ୍ଥାପିତ ଆନ୍ତର୍ଜାତିକ ମହାକାଶ ଗବେଷଣା କେନ୍ଦ୍ର (ଆଇଏସ୍ଏସ୍) ଅଭିମୁଖେ ଯାତ୍ରା କରିବ। 'ଲିଗ୍ନୋସାଟ୍' ନାମକ ଏହି ପରୀକ୍ଷାମୂଳକ କୃତ୍ରିମ ଉପଗ୍ରହକୁ ଜାପାନର କ୍ୟୋଟୋ ବିଶ୍ୱବିଦ୍ୟାଳୟର ଗବେଷକ ଏବଂ ଜାପାନୀ କାଷ୍ଠ କମ୍ପାନି ସୁମିଟୋମୋ ଫରେଷ୍ଟ୍ରି ଦ୍ୱାରା ମିଳିତ ଭାବରେ ନିର୍ମାଣ କରାଯାଇଛି। ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ଏହା ପହଞ୍ଚିଲା ପରେ ତାହାକୁ ଅନ୍ୟ ଏକ କକ୍ଷପଥରେ ସ୍ଥାନିତ କରାଯିବ। ମାତ୍ର ୪ ଇଞ୍ଚ ବା ୧୦ ସେ.ମି. ବାହୁ ବିଶିଷ୍ଟ ଘନାକୃତି 'ଲିଗ୍ନୋସାଟ୍'ର ଓଜନ ହେଉଛି ୨ ପାଉଣ୍ଡ ବା ୦.୯ କିଲୋଗ୍ରାମ୍। ବଡ଼ ହେଉ ବା ଛୋଟ, କୃତ୍ରିମ ଉପଗ୍ରହଗୁଡ଼ିକ ସାଧାରଣତଃ ଆଲୁମିନିଅମ୍ ଧାତୁରେ ନିର୍ମାଣ କରାଯାଉଥିବା ବେଳେ ଏହି ଅଭିନବ ଉପଗ୍ରହକୁ ମାଗ୍ନୋଲିଆ କାଠରେ ଗଢ଼ାଯାଇଛି। ମହାକାଶ ପରିବେଶରେ ଚେରି, ବିର୍ଚ୍ଚ ଓ ମାଗ୍ନୋଲିଆ ପରି କାଠର ଦୃଢ଼ତା ଓ କାର୍ଯ୍ୟକ୍ଷମତା ଉପରେ ନାନା ପରୀକ୍ଷାନିରୀକ୍ଷା ପରେ ମାଗ୍ନୋଲିଆ କାଠକୁ ବଛାଯାଇଥିଲା। ଏକ ସ୍ୱତନ୍ତ୍ର ଜାପାନୀ କଳାକୌଶଳରେ ଖୋଦେଇ କରାଯାଇଥିବା ଏହି କ୍ଷୁଦ୍ର ଯନ୍ତ୍ରାଂଶରେ କୌଣସି କଣ୍ଟା ବା ଅଠା ବ୍ୟବହାର କରାଯାଇନାହିଁ। ଏହାର ବାହାର ଭାଗକୁ ସୌର ପ୍ୟାନେଲ ଦ୍ୱାରା ଆଚ୍ଛାଦିତ କରାଯାଇଛି। ୨୦୨୦ ଏପ୍ରିଲ ମାସରେ ଏହାକୁ ବିକଶିତ କରାଯାଇ ଏହାର ନିରାପତ୍ତା ଓ କାର୍ଯ୍ୟଦକ୍ଷତା ସମ୍ପର୍କରେ ପରୀକ୍ଷାନିରୀକ୍ଷା ଚାଲିଛି। ଘୂର୍ଣ୍ଣାୟମାନ ମହାକାଶ କେନ୍ଦ୍ରରେ 'ଲିଗ୍ନୋସାଟ୍' ପହଞ୍ଚିବାର ମାସକ ପରେ ମହାକାଶର ପରିବର୍ତ୍ତିତ ତାପମାତ୍ରା ଓ ଚାପ ପରିବେଶରେ ତାହାର ସମ୍ପ୍ରସାରଣ, ସଂକୋଚନ ଓ ଅଧୋପତନ ସମ୍ପର୍କରେ ବୈଜ୍ଞାନିକମାନେ ପରୀକ୍ଷାନିରୀକ୍ଷା କରିବେ। ଯଦି 'ଲିଗ୍ନୋସାଟ୍'ର କାର୍ଯ୍ୟଦକ୍ଷତା ଆଶାନୁରୂପ ରହେ, ତେବେ କୃତ୍ରିମ ଉପଗ୍ରହଗୁଡ଼ିକ ପୃଥିବୀର ବାୟୁମଣ୍ଡଳକୁ ପୁନଃପ୍ରବେଶ କରିବାର ପ୍ରଭାବ ସମ୍ପର୍କରେ ପୁନର୍ବିଚାର କରାଯିବ। କାରଣ ଅଦ୍ୟାବଧି ଧାତବ ଉପଗ୍ରହଗୁଡ଼ିକ ପୁନଃପ୍ରବେଶ ବେଳେ ବାୟୁମଣ୍ଡଳରେ ଜଳିଯାଇ ଅନେକ ବିଷାକ୍ତ ଧାତବ କଣିକା ଛାଡ଼ି ଚାଲିଛନ୍ତି। ଭବିଷ୍ୟତରେ ଚନ୍ଦ୍ର ଓ ମଙ୍ଗଳ ପୃଷ୍ଠରେ ମନୁଷ୍ୟ ପାଇଁ କାଷ୍ଠ ବାସଗୃହ ନିର୍ମାଣରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ଗବେଷକମାନେ ଆଶାବାଦୀ ଅଛନ୍ତି।

**ମହାକାଶ କେନ୍ଦ୍ରରେ 'ଲିଗ୍ନୋସାଟ୍' ପହଞ୍ଚିବା ପରେ ମହାକାଶର ପରିବର୍ତ୍ତିତ ତାପମାତ୍ରା ଓ ଚାପ ପରିବେଶରେ ତାହାର ସମ୍ପ୍ରସାରଣ, ସଂକୋଚନ ଓ ଅଧୋପତନ ସମ୍ପର୍କରେ ବୈଜ୍ଞାନିକମାନେ ପରୀକ୍ଷାନିରୀକ୍ଷା କରିବେ।**



**ପାଣିପାଗ ପରିବର୍ତ୍ତନ ବଢ଼ାଇପାରେ ଓଜୋନ୍ ସ୍ତର**

## ବଢ଼ିବ ଶ୍ୱାସରୋଗର ଆଶଙ୍କା



ଜଳବାୟୁ ପରିବର୍ତ୍ତନ ଦ୍ୱାରା ଉତ୍ପ୍ରେରିତ ଉଷ୍ମ ତାପମାତ୍ରା ୨୦୫୦ ମସିହା ସୁଦ୍ଧା ଭୂପୃଷ୍ଠରେ ଓଜୋନ୍ ସ୍ତରକୁ ଉଲ୍ଲେଖନୀୟ ଭାବେ ବଢ଼ାଇଦେବ ବୋଲି ଆମେରିକାର ଏକ ନୂତନ ଅନୁଧାନରୁ ଜଣାଯାଇଛି। ବାୟୁମଣ୍ଡଳରେ ଏହି ବର୍ଦ୍ଧିତ ଓଜୋନ୍ ସ୍ତର ବାୟୁର ଗୁଣବତ୍ତାକୁ ହ୍ରାସ କରି ଫୁସ୍ଫୁସ୍ ଓ ଶ୍ୱାସକ୍ରିୟାରେ ସମସ୍ୟା ସୃଷ୍ଟି କରିବ ବୋଲି ଉତ୍ତର କାରୋଲିନା ବିଶ୍ୱବିଦ୍ୟାଳୟର ଗବେଷକମାନେ ସତର୍କ କରାଇ ଦେଇଛନ୍ତି। ସୂର୍ଯ୍ୟଙ୍କ ଠାରୁ ଆସୁଥିବା ଅତିବାଇଗଣୀ ରଶ୍ମିର କୁପ୍ରଭାବରୁ ବାୟୁମଣ୍ଡଳରେ ଥିବା ପ୍ରାକୃତିକ ଓଜୋନ୍ ସ୍ତର ଆମକୁ ରକ୍ଷା କରିଥାଏ ବୋଲି ଆମେ ଜାଣୁ। ତେବେ ଭୂପୃଷ୍ଠରେ ନାଇଟ୍ରୋଜେନ୍ ଅକ୍ସାଇଡ୍ ସହ ମିଶି କିଛି ଅସ୍ଥିର ଜୈବ ଯୌଗିକ ବା ଭୋଲାଟାଇଲ୍ ଅର୍ଗାନିକ କମ୍ପାଉଣ୍ଡ (ଭିଓସି) ଓଜୋନ୍ ବାଷ୍ପ ସୃଷ୍ଟି କରିଥା'ନ୍ତି। ଏହି ଭିଓସିଗୁଡ଼ିକ ସାଧାରଣତଃ ବିଭିନ୍ନ ପ୍ରକାର ରାସାୟନିକ ରଙ୍ଗ, କୀଟନାଶକ, ନିର୍ମାଣ ସାମଗ୍ରୀ ଓ ସଫେଇ ସାମଗ୍ରୀରୁ ନିର୍ଗମନ ହୋଇଥାଏ। ଜୀବାଶ୍ମ ଇନ୍ଧନ ଜଳିବା ଦ୍ୱାରା ନାଇଟ୍ରୋଜେନ୍ ଅକ୍ସାଇଡ୍ ସୃଷ୍ଟି ହୋଇଥାଏ। ବିଶେଷ କରି ବାହାର ଅପେକ୍ଷା ଘର ଭିତରେ ଏହି ଭିଓସିର ମାତ୍ରା କ୍ରମାଗତ ଭାବରେ ଅଧିକ ବୋଲି ଜଣାଯାଇଛି। ସୁତରାଂ ଆମ ସ୍ୱାସ୍ଥ୍ୟ ଉପରେ ଏହାର ସ୍ୱଳ୍ପମିଆଦୀ ଓ ଦୀର୍ଘମିଆଦୀ ପ୍ରଭାବ ପଡ଼ି ଆସୁଛି। ସାଧାରଣତଃ ବାୟୁ ପ୍ରଦୂଷଣର ମାତ୍ରା ଅଧିକ ଥିବା ଇଲାକାରେ ତାପମାତ୍ରା ବଢ଼ିବା ସହ ଓଜୋନ୍ ସ୍ତର ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଇଛି। ଜଳବାୟୁ ପରିବର୍ତ୍ତନ ସହ ଓଜୋନ୍ ପ୍ରଦୂଷଣ ବୃଦ୍ଧି ଜଡ଼ିତ ବୋଲି ପୂର୍ବ ଅଧ୍ୟୟନମାନଙ୍କରୁ ସ୍ପଷ୍ଟ ହୋଇଥିବା ବେଳେ ଏହି ନୂତନ ଗବେଷଣା ଭୂପୃଷ୍ଠସ୍ତରୀୟ ବାୟୁମଣ୍ଡଳରେ ଓଜୋନ୍ ମାତ୍ରାର ଉପସ୍ଥିତି ସହ ମାନବ ସ୍ୱାସ୍ଥ୍ୟ ଉପରେ ତାହାର କୁପ୍ରଭାବ ସମ୍ପର୍କରେ ଆଲୋକପାତ କରିଛି।

**ପ୍ରାକୃତିକ ଓଜୋନ୍ ସ୍ତର ସୂର୍ଯ୍ୟଙ୍କ ଅତିବାଇଗଣୀ ରଶ୍ମିର କୁପ୍ରଭାବରୁ ଆମକୁ ରକ୍ଷା କରିଥାଏ ବୋଲି ଆମେ ଜାଣୁ। କିନ୍ତୁ ଭୂପୃଷ୍ଠର ନିକଟବର୍ତ୍ତୀ ହେଲେ ଓଜୋନ୍ ଗ୍ୟାସ୍ ମାରାତ୍ମକ ହୋଇଥାଏ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଭୂପୃଷ୍ଠରେ ଓଜୋନ୍ ମାତ୍ରା ବଢୁଥିବାରୁ ଶ୍ୱାସରୋଗର ଆଶଙ୍କା ବୃଦ୍ଧି ପାଇବ ବୋଲି କୁହାଯାଉଛି।**

## ଚଳନ୍ତି ବୃକ୍ଷକୁ ବିରଳ ସମ୍ମାନ



ନିଉଜିଲାଣ୍ଡର 'ଚଳନ୍ତି ବୃକ୍ଷ' ଭାବେ ବିବେଚିତ ଲୋକପ୍ରିୟ 'ରାଟା' ଗଛକୁ ଚଳିତବର୍ଷର ସମ୍ମାନଜନକ 'ଟ୍ରି ଅଫ୍ ଦି ଇଅର' ସମ୍ମାନ ମିଳିଛି। ନିଉଜିଲାଣ୍ଡର ଆବୋରିକଲ୍ଚରାଲ୍ ସଂଘ ପକ୍ଷରୁ ପ୍ରତିବର୍ଷ ଚିତ୍ତାକର୍ଷକ ଜୀବନ ବୃତ୍ତାନ୍ତ ଥିବା ବିରଳ ବୃକ୍ଷକୁ ଏହି ସମ୍ମାନ ପ୍ରଦାନ କରାଯାଇଥାଏ। ନିଉଜିଲାଣ୍ଡର କାରାମିଆଠାରେ ବଢ଼ି ଉଠିଥିବା ଏହି ରାଟା ବୃକ୍ଷର ଉଚ୍ଚତା ୩୨ ମିଟର। 'ଟ୍ରି ଅଫ୍ ଦି ଇଅର' ପ୍ରତିଯୋଗିତା ପାଇଁ ସୁପାରିସ ହୋଇଥିବା ଅନ୍ୟାନ୍ୟ ବିଭିନ୍ନ ବୃକ୍ଷ ମଧ୍ୟରେ 'ରାଟା'କୁ ସର୍ବାଧିକ ୪୨ ପ୍ରତିଶତ ଅଙ୍କ ମିଳିଥିଲା। ସେହିପରି ୱାନାକା ହ୍ରଦ କୂଳରେ ବଢ଼ିଥିବା ଏକ ୱିଲୋ ବୃକ୍ଷକୁ ଦେଶର ସର୍ବାଧିକ ଫଟୋ ଉଠାଯାଇଥିବା ଗଛର ମାନ୍ୟତା ମିଳିଛି। ସୂଚନାଯୋଗ୍ୟ, ୧୮୭୫ ମସିହା ବେଳେ କାରାମିରାରେ ବସତି ସ୍ଥାପନ ପାଇଁ ଆସିଥିବା ପେଟ୍ କରିଙ୍କ ପରିବାର ସେଠାରେ ଚାଷବାସ ପାଇଁ ଆଖପାଖ ସମସ୍ତ ଗଛ ଓ ଗୁଳ୍ମ ସଫା କରି ଜାଳି ଦେଉଥିବା ବେଳେ ଏହି ରାଟା ଗଛକୁ ଅକ୍ଷୁଣ୍ଣ ଛାଡ଼ିଦେଇଥିଲେ। ଏହାର କିଛି ବୈଶିଷ୍ଟ୍ୟ ରହିଥିବ ବୋଲି ସେମାନେ ଆଶା କରିଥିଲେ। ତେବେ ସେମାନଙ୍କର ସେହି ପରିକଳ୍ପନା ସତ ହୋଇଛି ଏବଂ ସ୍ଥାନୀୟ ପରିବେଶରେ ଏହି ପ୍ରାଚୀନ ବୃକ୍ଷର ସଂରକ୍ଷଣ ଗୁରୁତ୍ୱ ରଖୁଛି ବୋଲି ବିଶେଷଜ୍ଞମାନେ ମତ ରଖିଛନ୍ତି। ସୁତରାଂ ବର୍ଷସାରା ଏହି 'ଚଳନ୍ତି ବୃକ୍ଷ'ର ସାନ୍ନିଧ ଲଭିବା ପାଇଁ ସରକାରଙ୍କ ସମେତ ସ୍ଥାନୀୟ ଲୋକେ ମଧ ବହିରାଗତ ଅତିଥିମାନଙ୍କୁ ଆମନ୍ତ୍ରଣ କରିଥା'ନ୍ତି।

## ପରିବେଶ ସନ୍ତୁଳନ ରକ୍ଷା କରୁଛି ଶିମିଳିପାଳର ବନ୍ୟ କୁକୁଡ଼ା

ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ଅବସ୍ଥିତ ଶିମିଳିପାଳ ଜୈବ ପରିବେଶ ଏହି ଅଂଚଳର ସମୃଦ୍ଧ ଭୂଗୋଳ ଓ ଜୈବ ବିବିଧତାର ପ୍ରମାଣ। ପକ୍ଷୀ ବିବିଧତା ଏହାର ଅନ୍ୟତମ ସ୍ୱାତନ୍ତ୍ର୍ୟ। ଏଠାରେ ୨୩୦ରୁ ଅଧିକ ପକ୍ଷୀ ପ୍ରଜାତି ବାସ କରନ୍ତି। ସେ ଭିତରୁ ଭାରତୀୟ କୋଚିଲା ଖାଇ (ପାଇଡ୍ ହର୍ନବିଲ୍), ଜଙ୍ଗଲୀ ବଣି (ହିଲ ମଇନା), ଘରୋଇ କୁକୁଡ଼ା (ରେଡ ଜଙ୍ଗଲ ଫୋଲ୍), ମୟୂର (କମନ ପିଫୋଲ୍), ରେଡ୍ ସ୍ପରଫୋଲ୍, ପେଂଟେଡ୍ ସ୍ପର୍ଫୋଲ୍ ଓ ବିଭିନ୍ନ ରାପ୍ଟର୍ ଅନ୍ୟତମ।

ସ୍ଥାନୀୟ ମୟୂର (କମନ୍ ପିଫୋଲ୍) ପ୍ରଜାତି ଯୋଗୁଁ ଶିମିଳିପାଳ ଅଭୟାରଣ୍ୟର ଶୋଭା ବର୍ଦ୍ଧିତ ହୋଇଥାଏ। ଏହି ପକ୍ଷୀମାନେ ବିହନ ବିସ୍ତାର ଓ କୀଟ ନିୟନ୍ତ୍ରଣରେ ସହଯୋଗ କରି ପରିବେଶ ସନ୍ତୁଳନ ରକ୍ଷାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଏଠାକାର ଅନ୍ୟ ଏକ ଆକର୍ଷଣୀୟ ପକ୍ଷୀ ହେଲା ଘରୋଇ କୁକୁଡ଼ା (ରେଡ୍ ଜଙ୍ଗଲଫାଉଲ୍)। ଏମାନଙ୍କ ଉପସ୍ଥିତି ଶିମିଳିପାଳର ଆକର୍ଷଣ ବଢ଼ାଏ। ପୁରୁଷ କୁକୁଡ଼ାର ନାଲି, ସୁନେଲି ଓ ସବୁଜ ରଙ୍ଗର ମିଶ୍ରିତ ପର ଖୁବ୍ ଆକର୍ଷଣୀୟ। ଏହା ବ୍ୟତୀତ ବୃକ୍ଷ ପୁନଃନିର୍ମାଣରେ ଏହି କୁକୁଡ଼ାମାନଙ୍କର ମୁଖ୍ୟ ଭୂମିକା ରହିଛି। ଏମାନେ ତାଙ୍କ ଅଣ୍ଡ ମାଧ୍ୟମରେ ବିହନ ବିସ୍ତାର କରି ଅଙ୍କୁରୋଦଗମରେ ସାହାଯ୍ୟ କରିଥାନ୍ତି। ଏହି ପ୍ରଜାତିର କୁକୁଡ଼ାଙ୍କ ଯୋଗୁ କୀଟମାନଙ୍କ ସଂଖ୍ୟା ମଧ ନିୟନ୍ତ୍ରିତ ହୋଇଥାଏ ଏବଂ ଜଙ୍ଗଲ ଜୀବନର ସୂକ୍ଷ୍ମ ସନ୍ତୁଳନ ସୁରକ୍ଷିତ ରହେ। ଶିମିଳିପାଳର ଚିତ୍ରିତ 'ପେଂଟେଡ୍ ସ୍ପର୍ଫୋଲ୍'ର କେତେକ ପୃଥକ୍ ବୈଶିଷ୍ଟ୍ୟ ଏହି ଅଂଚଳର ଜୈବବିବିଧତା ପାଇଁ ଉପଯୋଗୀ ହୋଇଥାଏ। ଭିନ୍ନ ମୁଖଚିହ୍ନ ତଥା କ୍ଷୁଦ୍ର ଓ ସାମାନ୍ୟ ବକ୍ର ଥଣ୍ଟଧାରୀ 'ପେଂଟେଡ୍ ସ୍ପର୍ଫୋଲ୍' ଅନ୍ୟ ଫାଉଲ୍ ପକ୍ଷୀ ଠାରୁ ଭିନ୍ନ। ଏମାନେ ମଞ୍ଜି, କୀଟପତଙ୍ଗ ଆଦି ଖାଦ୍ୟ ଅନ୍ୱେଷଣରେ ଘନ ଜଙ୍ଗଲରେ ବିଚରଣ କରନ୍ତି। ତାଙ୍କର ଏହି ଖାଦ୍ୟ ଅଭ୍ୟାସ କୀଟଙ୍କୁ ମଧ ନିୟନ୍ତ୍ରଣ କରିଥାଏ। ଘରୋଇ କୁକୁଡ଼ାଙ୍କ ପରି ଏହି ପ୍ରଜାତି ମଧ ଶିମିଳିପାଳର ଆଖପାଖରେ ରହୁଥିବା ଅନୁସୂଚିତ ଜନଜାତିଙ୍କ ସଂସ୍କୃତିର ଏକ ପ୍ରତୀକ।



ରେଡ୍ ସ୍ପର୍ଫୋଲ୍ ମଧ ଏକ ବନ୍ୟ କୁକୁଡ଼ା ପ୍ରଜାତିର ପକ୍ଷୀ ଯାହା କି ଶିମିଳିପାଳର ଘନ ପାହାଡ଼ ଜଙ୍ଗଲରେ ଦେଖିବାକୁ ମିଳେ। ଏମାନେ ସାଧାରଣତଃ ଲାଜକୁଳା ସ୍ୱଭାବର। ତାଙ୍କ ଆଖି ପତାର ଚାରିପଟେ ନାଲି ରଙ୍ଗର ଚର୍ମ ଥାଏ, ତେଣୁ ସେମାନେ ରେଡ୍ ସ୍ପର୍ଫୋଲ୍ ନାମରେ ନାମିତ। ଉଭୟ ପୁରୁଷ ଓ ମହିଳା ରେଡ୍ ସ୍ପର୍ଫୋଲ୍ ଦେଖିବାକୁ ଏକାପରି। ଏହି ପ୍ରଜାତିର କୁକୁଡ଼ାମାନେ ତାଙ୍କର ଉଚ୍ଚ ଓ ସ୍ୱତନ୍ତ୍ର ପ୍ରକାରର ଡାକ ପାଇଁ ପ୍ରସିଦ୍ଧ। ଉପରବର୍ଣ୍ଣିତ ପକ୍ଷୀମାନଙ୍କ ପରି ଏମାନେ ମଧ ବିହନ ବିସ୍ତାର କରନ୍ତି ଓ କୀଟପତଙ୍ଗ ଜନସଂଖ୍ୟାକୁ ନିୟନ୍ତ୍ରଣ କରି ପରିବେଶର ସନ୍ତୁଳନ ରକ୍ଷା କରିଥାନ୍ତି। ବାସସ୍ଥାନ ନଷ୍ଟ, ଶିକାର ଓ ଅନ୍ୟାନ୍ୟ କାରଣରୁ ଶିମିଳିପାଳର ବନ୍ୟ କୁକୁଡ଼ା ପ୍ରଜାତିଙ୍କ ଉପରେ ବିପଦ ସୃଷ୍ଟି ହେଉଛି। ତେଣୁ ଏମାନଙ୍କ ସଂରକ୍ଷଣର ପ୍ରୟାସ ଅତ୍ୟନ୍ତ ଜରୁରୀ।

**-ଡକ୍ଟର ପଙ୍କଜିନୀ ବଳ**
**ଗବେଷିକା, ବନସ୍ପତି ଅନୁସନ୍ଧାନ ସଂସ୍ଥାନ, ଲକ୍ଷ୍ନୌ**

**ପରିବେଶ ଯୋଦ୍ଧା**

## ଗଛ ପାଇଁ ସମର୍ପିତ ଢଁସର ସବୁଜ ବାହିନୀ

ମାମୁ-ଭଣଜା ମୁଣ୍ଡିଆ ଓ ରଣନଦୀ ମଝିରେ ରହିଛି କଟକ ଜିଲ୍ଲା ବାଙ୍କୀ ସବ୍ଡିଭିଜନ୍ର ବ୍ଲକ୍-୧ ଓ ୨କୁ ସଂଯୋଗ କରୁଥିବା ଢଁସର ଗ୍ରାମ। ପ୍ରକୃତିର ସୌନ୍ଦର୍ଯ୍ୟବେଷ୍ଟିନୀରେ ଥିବା ଏହି ଗାଁର ଲୋକେ ସ୍ୱଭାବତଃ ପରିବେଶପ୍ରେମୀ। ବୃକ୍ଷରୋପଣ, ବନ୍ୟପ୍ରାଣୀ ସୁରକ୍ଷା, ମୃତ୍ତିକା ସଂରକ୍ଷଣ ଓ ବୃକ୍ଷପୂଜା ଆଦି ଗାଁର ତରୁଣ ଓ ଯୁବପିଢ଼ିଙ୍କ ଜୀବନଧାରାର ଅଂଶ କହିଲେ ଅତ୍ୟୁକ୍ତି ହେବନାହିଁ। ଗାଁ ମାଟିର ପୁଅ ସୁରେନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ସେମାନେ ଗଢ଼ିଛନ୍ତି 'ଢଁସର ସବୁଜବାହିନୀ'। ୯୦ ଦଶକରୁ ଅଣସଂଗଠିତ ଭାବେ ସକ୍ରିୟ ଥିବା ସବୁଜ ବାହିନୀ ମାମୁ-ଭଣଜା ମୁଣ୍ଡିଆର ୪୦୦ ହେକ୍ଟର ଅଞ୍ଚଳ ସହ ରଣନଦୀର ବନ୍ଧ ଓ ଗାଁର ସୀମାନ୍ତ ଅଞ୍ଚଳରେ ବୃକ୍ଷରୋପଣ କରୁଛନ୍ତି। ପ୍ରାଥମିକ ଅବସ୍ଥାରେ ଗାଁର ବୟୋଜ୍ୟେଷ୍ଠ ବ୍ରଜେନ୍ଦ୍ର ପ୍ରଧାନ ପ୍ରେରଣା ସାଜିଥିଲେ। ସେ ଗାଁର ଯୁବପିଢ଼ିଙ୍କୁ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିବାକୁ ସର୍ବଦା ସଚେତନ କରାଉଥିଲେ। ବ୍ରଜେନ୍ଦ୍ରବାବୁଙ୍କ ଦେହାନ୍ତ ପରେ ଗାଁର ସମମନସ୍କ ଏକାଠି ହୋଇ ଗଢ଼ିଥିଲେ 'ସବୁଜ ବାହିନୀ' ଏବଂ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ ସାଜିଲେ ସବୁଜସୈନିକ। ବର-ଓସ୍ତ ବାଟିକା ସୃଷ୍ଟି ଲକ୍ଷ୍ୟରେ ଏହି ବାହିନୀ ପ୍ରଥମେ ବର ଓ ଓସ୍ତ ଗଛ ଲଗାଇବା ଆରମ୍ଭ କରିଥିଲେ। ଏହି ଗଛ ସବୁ ଏବେ ବଡ଼ ହୋଇଯାଇଥିବାରୁ ଏଥିରେ ଦୋଳି ବାନ୍ଧି ଗାଁରେ ବର୍ତ୍ତମାନ ରଜ ମହୋତ୍ସବ ପାଳନ କରାଯାଉଛି। ଏଥିସହ ମାଙ୍କଡ଼ମାନଙ୍କୁ ଜଙ୍ଗଲ ଅଭିମୁଖୀ କରିବାକୁ ଜଙ୍ଗଲରେ ଏବେ ଫଳ ଗଛ ଲଗାଯାଉଛି। ଗ୍ରାମ୍ୟ ସୀମାରେ ମୃତ୍ତିକା ସଂରକ୍ଷଣ ପାଇଁ ତାଳ ଗଛ ଲଗାଯାଉଛି। ପୁଣି ସବୁଜ ବାହିନୀ ପକ୍ଷରୁ ଗାଁ ଗାଁରେ ଫଳ ଚାରା ବଣ୍ଟନ କରାଯାଉଛି। ସବୁଜ ବାହିନୀର ସମ୍ପାଦକ ସନ୍ତୋଷ ଜେନା ଅନ୍ୟ କିଛି ଶିକ୍ଷକଙ୍କ ସହ ମିଶି ନିଜର ଛାତ୍ରଙ୍କୁ ମାଟିରେ ଫଳମଞ୍ଜି ପୋତି ଗଜା କରାଇବା କାର୍ଯ୍ୟରେ ଲଗାଉଛନ୍ତି। ମଞ୍ଜିରୁ ଗଜା ଫିଟିବା ପରେ ତାହାକୁ ବିତରଣ କରାଯାଉଛି। ପୁଣି ଗାଁରେ ଫୋପାଡ଼ି ଦିଆଯାଉଥିବା ଖପର, ଆଟିକା, ଟାଇଲ, ପ୍ୟାନ୍ ଓ ପାଇପ୍ ଆଦିକୁ ନେଇ ଜଙ୍ଗଲରେ ଏକ ଗୁମ୍ଫା ନିର୍ମାଣ କରିଛି ସବୁଜ ବାହିନୀ। ଫଳରେ ଜଙ୍ଗଲରେ ନିଆଁ ଲାଗିଲେ, କିଛି ଜୀବଜନ୍ତୁ ଏହା ଭିତରେ ପଶି ଆତ୍ମରକ୍ଷା କରିପାରୁଛନ୍ତି। ସବୁଜ ବାହିନୀ ସଭାପତି ସୁରେନ୍ଦ୍ର କହନ୍ତି, "ପିଲାଦିନୁ ଆମେ ପ୍ରକୃତି କୋଳରେ ବଢ଼ିଛୁ। ଢଁସର ଏକ କୃଷିପ୍ରଧାନ ଗାଁ ହୋଇଥିବାରୁ ଗଛର ମୂଲ୍ୟ ବୁଝିଛୁ। ଏଣୁ ପରିବେଶ ଓ ବୃକ୍ଷଲତାର ସୁରକ୍ଷା ପାଇଁ ଯାହା ଆବଶ୍ୟକ ଆମେ ତାହା କରୁଛୁ।"

**ସୁରେନ୍ଦ୍ର କହନ୍ତି, ପିଲାଦିନୁ ଆମେ ପ୍ରକୃତି କୋଳରେ ବଢ଼ିଛୁ। ଆମ ଗାଁ ଏକ କୃଷିପ୍ରଧାନ ଗାଁ ହୋଇଥିବାରୁ ଗଛର ମୂଲ୍ୟ ବୁଝିଛୁ। ଏଣୁ ପରିବେଶ ଓ ପରିବେଶର ଶୀତଳତା ପାଇଁ ଯାହା ଆବଶ୍ୟକ ଆମେ ସବୁଜ ବାହିନୀ ମାଧ୍ୟମରେ ତାହା କରୁଛୁ।**







## ଜଳବାୟୁ ପରିବର୍ତ୍ତନ ଆଣିପାରେ ଖାଦ୍ୟ ସଙ୍କଟ

**୨୧ ବର୍ଷର ଐତିହାସିକ ତଥ୍ୟକୁ ବିଶ୍ଳେଷଣ କରି ଗବେଷକମାନେ ପତଙ୍ଗମାନଙ୍କର ବାସସ୍ଥାନ ନଷ୍ଟ ହେବାର ପରିଣାମ, ଖଣ୍ଡବିଖଣ୍ଡିତ ଭୂମିରୂପ ଓ ପରାଗଣ ସେବାରେ ଉଦ୍ଭିଦ ସମାବେଶର ପରିବର୍ତ୍ତନ ବାବଦରେ ଆଲୋକପାତ କରିଛନ୍ତି।**

ଜଳବାୟୁ ପରିବର୍ତ୍ତନ ଯୋଗୁଁ ଉଦ୍ଭିଦମାନଙ୍କର ପୁଷ୍ପରେଣୁ ବା ପରାଗ ଉତ୍ପାଦନ ହ୍ରାସ ପାଇବାରେ ଲାଗିଛି ଏବଂ ଏହି କାରଣରୁ ପରାଗ ବିବିଧତା ମଧ ବ୍ୟାପକ ଭାବେ କମିଚାଲିଛି। ସୁତରାଂ କୀଟପତଙ୍ଗମାନଙ୍କ ଦ୍ୱାରା ପରାଗଣ ଉପରେ ନିର୍ଭର କରୁଥିବା ଖାଦ୍ୟଶସ୍ୟ ଓ ଅନ୍ୟାନ୍ୟ ଫଳମୂଳ ଉତ୍ପାଦନ ଭୀଷଣ ଭାବରେ ପ୍ରଭାବିତ ବୋଲି ଆମେରିକାର ଆର୍ଲିଂଟନ୍ସ୍ଥିତ ଟେକ୍ସାସ୍ ବିଶ୍ୱବିଦ୍ୟାଳୟ ଓ ଭର୍ଜିନିଆର ରିନୋସ୍ଥିତ ନେଭାଡ଼ା ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ସଦ୍ୟ ଅନୁସନ୍ଧାନରୁ ଜଣାଯାଇଛି। ଫୁଲ ଧରିବାର ସମୟ ଓ ପାଣିପାଗରେ ଚରମ ପରିବର୍ତ୍ତନ କିପରି ପରାଗଣକାରୀ କୀଟପତଙ୍ଗଙ୍କ ଗୁରୁତ୍ୱପୂର୍ଣ୍ଣ ଖାଦ୍ୟ ଉତ୍ସର ଉପଲବ୍ଧତା ଉପରେ ପ୍ରଭାବ ପକାଇଥାଏ, ତାହା ଏଥିରୁ ସ୍ପଷ୍ଟ ହୋଇଛି। ଗବେଷକମାନେ ସେମାନଙ୍କ ଅନୁଧାନକୁ ପ୍ରଶାନ୍ତ ମହାସାଗରୀୟ ଝଡ଼, ବର୍ଷା ଓ ବରଫପାତ ଠାରୁ ଦୂରେଇ ରହୁଥିବା ଗ୍ରେଟ୍ ବେସିନ୍ ଓ ସିଏରା ନେଭାଡା ପର୍ବତମାଳା ଉପରେ କେନ୍ଦ୍ରୀଭୂତ କରିଥିଲେ। ଉକ୍ତ ଇଲାକାରେ ବାସ କରୁଥିବା ୨୦୦ରୁ ଅଧିକ ପ୍ରଜାପତି ପରାଗଣକାରୀ ଭାବରେ ଫୁଲର ପୁରୁଷ ଅଙ୍ଗରୁ ପୁଷ୍ପରେଣୁକୁ ବହନ କରି ମାଈ ଅଙ୍ଗରେ ପହଞ୍ଚାଇ ଫଳଧାରଣ ସକ୍ଷମ କରିଥା'ନ୍ତି। ୨୦୦୦ ମସିହାରୁ ୨୦୨୧ ମସିହା ଯାଏ ସଂପୃକ୍ତ ଅଞ୍ଚଳରେ ୧୯ଟି ସ୍ଥାନରୁ ସଂଗୃହୀତ ପ୍ରଜାପତିମାନଙ୍କର ବ୍ୟାପକ ନମୁନାର ୨୧ ବର୍ଷର ଐତିହାସିକ ତଥ୍ୟକୁ ବିଶ୍ଳେଷଣ କରି ଗବେଷକମାନେ ଏହି ପତଙ୍ଗମାନଙ୍କର ବାସସ୍ଥାନ ନଷ୍ଟ ହେବାର ପରିଣାମ, ଖଣ୍ଡବିଖଣ୍ଡିତ ଭୂମିରୂପ ଓ ପରାଗଣ ସେବାରେ ଉଦ୍ଭିଦ ସମାବେଶର ପରିବର୍ତ୍ତନ ବାବଦରେ ଆଲୋକପାତ କରିଛନ୍ତି। ସେମାନଙ୍କର ଏହି ଅନୁଧାନ ମାନବ ବ୍ୟବହାର ଓ ବଞ୍ଚିବା ପାଇଁ ଖାଦ୍ୟ ଉତ୍ପାଦନକୁ ବଜାୟ ରଖିବାରେ ପରାଗଣକାରୀଙ୍କ ଗଭୀର ଗୁରୁତ୍ୱକୁ ପ୍ରତିପାଦନ କରୁଛି। ଫଳପ୍ରଦ ପରାଗଣ ବିନା ବିଶ୍ୱର ଖାଦ୍ୟ ଯୋଗାଣ ପାଇଁ ଗୁରୁତ୍ୱପୂର୍ଣ୍ଣ ଅନେକ ଫସଲ ବିଫଳ ହୋଇପାରେ ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି। ତେଣୁ ବିଶ୍ୱ ଉତ୍ତପ୍ତୀକରଣ ସମୟରେ ପରାଗଣକାରୀଙ୍କ ସୁରକ୍ଷା ଓ ଅତ୍ୟାବଶ୍ୟକ ପରାଗଣ ସେବା ବଜାୟ ରଖିବା ପାଇଁ ଆବଶ୍ୟକ ଉନ୍ନତ ସଂରକ୍ଷଣ ନୀତି ପ୍ରସ୍ତୁତ କରିବା ଉପରେ ସେମାନେ ଗୁରୁତ୍ୱାରୋପ କରିଛନ୍ତି। ଏହାଦ୍ୱାରା ଜୈବବିବିଧତା ହ୍ରାସକୁ ରୋକାଯାଇ ପ୍ରାକୃତିକ ଜୈବପ୍ରଣାଳୀ ଓ ମାନବ କୃଷି ପାଇଁ ଜରୁରୀ ପାରିପାର୍ଶ୍ୱିକ ସନ୍ତୁଳନ ରକ୍ଷା କରାଯାଇପାରିବ ବୋଲି ସେମାନେ ମତ ରଖିଛନ୍ତି।



# ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଦ୍ୱାରା ୮ଟି ପ୍ରକଳ୍ପର ଶିଳାନ୍ୟାସ

**ବାରିପଦା,୧୩ା୬ (ସଂଚାର ବ୍ୟୁରୋ):** ଆଜି ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ତା'ଙ୍କ କରକମଳରେ ବାରିପଦା ସହରରେ ୮ଗୋଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି।

ଏହି ଅବସରରେ ମନ୍ତ୍ରୀ କହିଥିଲେ ଯେ ବାରିପଦା ସହରବାସୀଙ୍କ ପାଇଁ ଏଗୁଡିକର ଅତ୍ୟନ୍ତ ଆବଶ୍ୟକତା ଥିବାରୁ ଏହି ପ୍ରକଳ୍ପକାର୍ଯ୍ୟ ଗୁଡିକ ହାତକୁ ନିଆଯାଇଛି। ଯେପରିକି ସହରରେ ବର୍ଷା ଜଳ ନିଷ୍କାସନକୁ ସୁବ୍ୟବସ୍ଥିତ କରିବା ପାଇଁ ଶ୍ରମ କାର୍ଯ୍ୟାଳୟ ନିକଟ, ତୁଳସୀ ଚଉରା,ଷ୍ଟେସନ ବନ୍ଧ ନିକଟ, ଦୋଳି ପଡିଆ ଏବଂ ଭଂଜପୁର ଷ୍ଟେସନ ନିକଟରେ ନାଳ ନିର୍ମାଣ ଓ ଶବ ସତ୍କାର ପାଇଁ ଦାରୋଗାଡାହି, ବାରୁଣୀ ଓ ବେଲଗଡିଆ ଠାରେ ଶ୍ମଶାନ ନିର୍ମାଣ କରାଯିବ। ୧୦ କୋଟି ୫୦ ଲକ୍ଷରୁ ଉର୍ଦ୍ଧ ମୂଲ୍ୟର ଏହି ୮ ଗୋଟି ପ୍ରକଳ୍ପର ଆଜି ଶିଳାନ୍ୟାସ କରାଗଲା। ଖୁବ ଶୀଘ୍ର ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ମନ୍ତ୍ରୀ କହିଥିଲେ । ଏହାପରେ ମନ୍ତ୍ରୀ ବାରିପଦା ପୌରପାଳିକା କଲ୍ୟାଣ ମଣ୍ଡପ ଠାରେ ବାରିପଦା ସହରର ବିଭିନ୍ନ ୱାର୍ଡ ର ଅତ୍ୟନ୍ତ ଗରିବ ଶ୍ରେଣୀ ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୯୩ ଜଣ ହିତାଧିକାରୀକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ବାରିପଦା ପୌର ପାଳିକାର ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଉପାଧ୍ୟକ୍ଷା ସୀମା ଦାସ ପ୍ରମୁଖ ଯୋଗ ଦେଇଥିବା ବେଳେ ବିଭିନ୍ନ ୱାର୍ଡର କାଉନସିଲର ମାନେ ଉପସ୍ଥିତ ଥିଲେ। ବାରିପଦା ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ ଙ୍କ ତତ୍ତ୍ୱାବଧାନ ରେ ଉକ୍ତ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



## ହଟିବ ସାମୁଦ୍ରିକ କଟକଣା

# ସମୁଦ୍ରକୁ ଯିବ ନାବ, ସଜବାଜ ସାଗର ସୌଦାଗର

**ବାଲିଆପାଳ,୧୩ା୬ (ସଂଚାର ବ୍ୟୁରୋ):** ଦୀର୍ଘ ଦୁଇ ମାସର ପରେ ହଟିବ ସାମୁଦ୍ରିକ କଟକଣା। ଦରିଆକୁ ଯିବା ପାଇଁ ଜାଲ, ନାବ ସଜବାଜ ହେଲାଣି । ବାଲିଆପାଳର ସମୁଦ୍ର କୂଳିଆ ଅଞ୍ଚଳବାସୀଙ୍କ ପାଟିରେ ବାଜିବ ଲୁଣି ମାଛର ସ୍ୱାଦ । ସେପଟେ ସମୁଦ୍ରକୁ ମାଛ ଧରିବାକୁ ଯିବାକୁ ପ୍ରସ୍ତୁତ ହେଲେଣି ସାଗର ସୌଦାଗର ବାଲିଆପାଳର ପ୍ରମୁଖ ମାଛ ଧରା କେନ୍ଦ୍ର ଡଗରା, ଚୈମୁଖ, କଙ୍କଡା ପାଳ, ହଂସ୍କାରା ଜେଟି ଚଳଚଞ୍ଚଳ ହୋଇ ଉଠିଲାଣି । ଜେଟି ନିକଟରେ ଥିବା ଲଞ୍ଚ, ଭୁଟଭୁଟି ସବୁ ମରାମତି କରି ରଙ୍ଗ ସରିଲାଣି, ଡଙ୍ଗାର ଯନ୍ତ୍ରପାତି ଭଲ ଭାବରେ ସଜାଡ଼ି ମାଛ ଧରା ଜାଲ ମରାମତି ଶେଷ ହୋଇଛି । କେବଳ ଭଲ ଦିନ ଓ ମୁହୂର୍ତ୍ତକୁ ଅପେକ୍ଷା ।

ବିବରଣୀରୁ ପ୍ରକାଶ, ସମୁଦ୍ରରୁ ମାଛଧରା କଟକଣା ମତ୍ସ୍ୟଜୀବୀଙ୍କୁ ବହୁ ଅସୁବିଧାରେ ପକାଇଥିଲା । ମାଛ, କଙ୍କଡ଼ାଙ୍କ ପ୍ରଜନନ ଋତୁ ପାଇଁ ସରକାରଙ୍କ ପକ୍ଷରୁ ଏପ୍ରିଲ ୧୫ରୁ ଜୁନ୍ ୧୫ ଦୁଇ ମାସ ସମୁଦ୍ରରେ ମାଛ ମାରିବା ଉପରେ କଟକଣା ଲଗାଇଥିଲେ। ଏହି ସମୟରେ ମାଛମାନେ ଗଭୀର ଜଳରୁ କୂଳକୁ ଆସତି ଅଣ୍ଡା ଦେବାକୁ। ସେଥିପାଇଁ ଯନ୍ତ୍ରଚାଳିତ ଡଙ୍ଗା ଉପରେ ସରକାର ରୋକ ଲଗାଇଥିଲେ। ରବିବାରରୁ ମତ୍ସ୍ୟଜୀବୀ ସମୁଦ୍ରକୁ ଯିବେ। ଏଥିପାଇଁ ଟ୍ରଲର ମାଲିକଙ୍କଠୁ ଆରମ୍ଭ କରି ଡଙ୍ଗା କର୍ମଚାରୀ ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ ତତ୍ପରତା ବଢ଼ିଯାଇଛି। ଚୈମୁଖ ଓ ହଂସ୍କାରା ଜେଟି ଏବେ ବେଶ୍ ଚଳଚଞ୍ଚଳ। ଲୁଣି ମାଛ ବିନା ମଧୁର ମାଛର ଆକାଶଛୁଆଁ ଦର ଖାଉଟିଙ୍କୁ ବହୁ ଅସୁବିଧାରେ ପକାଉଥିଲା । ତେବେ ଏହି ୨ ମାସ ବାଲିଆପାଳ ପ୍ରାୟ ୨ହଜାରରୁ ଅଧିକ ମତ୍ସ୍ୟଜୀବୀ ପରିବାର ସେମାନଙ୍କର ଜୀବୀକା ହରାଇ ଅସହାୟ ହୋଇପଡ଼ିଥିଲେ। ସାତ ତାଳ ପାଣି, ପ୍ରତିକୂଳ ପାଗକୁ ସାମ୍ନା କରି ସାଗରର ସୌଦାଗର, ମାଛର ମହାଜନ ସାଜିଥିଲେବି ଭୋକ ଉପାସରେ କାଟୁଥିଲା ସେମାନଙ୍କର ଦିନ । ବାଲିଆପାଳ ବ୍ୟତୀତ ଜଳେଶ୍ୱର, ଭୋଗରାଇ, ବସ୍ତା ଅଞ୍ଚଳର ସହସ୍ରାଧିକ ମତ୍ସ୍ୟଜୀବୀ ପରିବାର ଏଠାକୁ ଆସି ମାଛ ଧରିଥା'ନ୍ତି । ଆଜି ଯାଏଁ ଠିକ୍ ଭାବେ ସେମାନଙ୍କ ପରିସଂଖ୍ୟାନ ହୋଇନି କି ସମସ୍ତଙ୍କୁ ବାୟୋମେଟ୍ରିକ କାର୍ଡ଼ (ପରିଚୟ ପତ୍ର) ମିଳିପାରି ନାହିଁ। ମାତ୍ର ସରକାରଙ୍କ ସାବତ ପୁଅ ସାଜିଥିବା ଏହି ମତ୍ସ୍ୟଜୀବୀମାନେ ୨ମାସ ଧରି ହାତ ବାନ୍ଧି ବସିଥିବାରୁ ଏବେ ସେମାନଙ୍କ ମନରେ ଆନନ୍ଦର ଲହରି ଦେଖିବାକୁ ମିଳୁଛି ।

ଜୁନ ୧୫ ତାରିଖ ପାଖରୁ ଭଲ ଦିନ, ଭଲ ମୁହୂର୍ତ୍ତ ଦେଖୁ ସମୁଦ୍ରକୁ ମାଛ ଧରିବାକୁ ଯିବା ପାଇଁ ଦିନ ଗଣୁଛନ୍ତି। ମାଛ ବେପାରୀ ତଥା ଖାଉଟିଙ୍କ ମନରେ ମଧ ଆନନ୍ଦ ବୃଦ୍ଧି ପାଉଛି । କାରଣ ବେପାରୀମାନେ ୨ମାସ ଧରି ସେମାନଙ୍କର ବେପାର ଠପ୍ ହୋଇଥିବା ବେଳେ ଖାଉଟିମାନେ ଲୁଣି ମାଛ ପାଇପାରୁ ନଥିଲେ ।





# ଅରବିନ୍ଦ କୋଚିଂ ସେଣ୍ଟରରେ 'ରଜ ମହୋତ୍ସବ' ପାଳିତ

**ଜଗତସିଂହପୁର,୧୩ା୬ (ସଂଚାର ବ୍ୟୁରୋ):** ଏରସମା ବ୍ଲକ ଢ଼ିଙ୍କିଆ ଗ୍ରାମ ପଞ୍ଚାୟତର ଅରବିନ୍ଦ କୋଚିଂ ସେଣ୍ଟରରେ ପ୍ରିୟ ଓଡ଼ିଆ ଫାଉଣ୍ଡେସନ ଟ୍ରଷ୍ଟ, କୁଜଙ୍ଗ ସୌଜନ୍ୟରୁ ଆମ ସଂସ୍କୃତି ଆମ ପରମ୍ପରାରେ "ରଜ ମହୋତ୍ସବ"ପାଳନ କରାଯାଇଛି। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଓଡିଶାର ସଂସ୍କୃତି ପରମ୍ପରା ପର୍ବପର୍ବାଣି ଆଧାରରେ ଗୀତ, ନୃତ୍ୟ,ଚିତ୍ରାଙ୍କନ, ବକ୍ତୃତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଉକ୍ତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥି ଭାବରେ ଶିକ୍ଷକ ତଥା ସମାଜସେବୀ ମୃତ୍ୟୁଞ୍ଜୟ ଜୟସିଂହ, ଅରବିନ୍ଦ କୋଚିଂ ସେଣ୍ଟର ର ଅଧ୍ୟକ୍ଷ ଅରବିନ୍ଦ ସ୍ୱାଇଁ, ପ୍ରିୟ ଓଡ଼ିଆ ଫାଉଣ୍ଡେସନ, କୁଜଙ୍ଗ ର ସଭାପତି ରମେଶ କୁମାର ବେହେରା, ଶିକ୍ଷକ ସନାତନ ବେହେରା ଛାତ୍ରଛାତ୍ରୀ ମାନଙ୍କୁ ଓଡିଶା ର ସଂସ୍କୃତି, ପର୍ବପର୍ବାଣୀ ର ଉପାଦେୟତା ସହ ପରିଚିତ କରାଇବା ସହ ଜଣେ ଜଣେ ଭଲ ମଣିଷ ହେବାର ଉପଦେଶ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବକ୍ତୃତା ରେ ବରିଷ୍ଠ ଓ କନିଷ୍ଠ ବିଭାଗ ରେ ଯଥାକ୍ରମେ ସୁଚିତ୍ରା ମଣ୍ଡଳ, ଅନୁରାଧା ସ୍ୱାଇଁ,ଗୀତ ରେ ଅର୍ପିତା ଲେଙ୍କା, ଆଭାରଣୀ ନାୟକ ନୃତ୍ୟ ରେ ସୁଶ୍ରୀ ଶୁଭଶ୍ରୀ ଭୋଳ, ଲିପ୍ସା ସ୍ୱାଇଁ ଚିତ୍ରାଙ୍କନ ରେ ପଦ୍ମିନୀ ମହାନ୍ତି, ଆୟୁଷ ବେହେରା ଓ ସାଧାରଣଜ୍ଞାନ ପ୍ରତିଯୋଗିତା ରେ ପୂଜା ମଣ୍ଡଳ, ଶୁଭଶ୍ରୀ ଗୋଛାୟତ ପ୍ରଥମ ସ୍ଥାନ ଅଧିକାର କରିବା ସହ ଅନ୍ୟ ଛାତ୍ରଛାତ୍ରୀ ମାନଙ୍କ ପାଇଁ ପ୍ରେରଣା ସୃଷ୍ଟି କରି ପାରିଥିଲେ।

## ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସରେ ସମ୍ବର୍ଦ୍ଧିତ ହେଲେ

# ଶିଶୁ ଶ୍ରମିକରୁ ଉଚ୍ଚଶିକ୍ଷା ଲାଭ କରୁଥିବା ୨ ଛାତ୍ର

**ବାରିପଦା,୧୩ା୬ (ସଂଚାର ବ୍ୟୁରୋ):** ଦିନେ ପରିବାରର ପ୍ରତିପୋଷଣ ପାଇଁ ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ବାଧ ହୋଇଥିଲେ ଏହି ଦୁଇ ଶିଶୁ । ମାତ୍ର ଆଜି ସେମାନେ ଉଚ୍ଚ ଶିକ୍ଷା ଲାଭ କରି ସମାଜରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି । ଏହିଭଳି ଅନେକ ଶିଶୁ ବିଭିନ୍ନ ସ୍ଥାନରେ ଶ୍ରମିକ ଭାବେ ନିୟୋଜିତ ଥିବା ବେଳେ ତତ୍କାଳୀନ ମୟୁରଭଞ୍ଜ ଜିଲ୍ଲାପାଳ ରାଜେଶ ପ୍ରଭାକର ପାଟିଲଙ୍କ ନେତୃତ୍ୱରେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା । ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ବିଭିନ୍ନ ବିଦ୍ୟାଳୟରେ ହଷ୍ଟେଲ ଖୋଲାଯାଇ ଥଇଥାନ ମଧ କରାଯାଇଥିଲା ।

ତନ୍ମଧ୍ୟରୁ ସାରସକଣା ବ୍ଲକ ଅନ୍ତର୍ଗତ ଡୁମୁରିଆ ଗ୍ରାମର ସୋମନାଥ ନାଏକ ଓ ଶାନ୍ତିଲତା ନାଏକଙ୍କ ପୁତ୍ର ମାନସ ଏବଂ ଖୁଣ୍ଟା ବ୍ଲକ ଅନ୍ତର୍ଗତ ବାଙ୍ଗରା ଗ୍ରାମର ଚୈତନ ମହାନ୍ତ ଓ ଯମୁନା ମହାନ୍ତଙ୍କ ପୁତ୍ର ଶ୍ରୀକାନ୍ତ ପାରିବାରିକ ଦୁରାବସ୍ଥା ପାଇଁ ଅଧାରୁ ପାଠ ଛାଡି ଶିଶୁ ଶ୍ରମିକ ଭାବେ ନିୟୋଜିତ ହୋଇଥିଲେ । ଜିଲ୍ଲା ପ୍ରଶାସନ ଦ୍ୱାରା ଉଦ୍ଧାର କରାଯାଇ ଉଭୟଙ୍କୁ ପୁଣି ଥରେ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ବାରିପଦାସ୍ଥିତ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ହଷ୍ଟେଲରେ ରଖାଯାଇଥିଲା । ପରବର୍ତ୍ତୀ ସମୟରେ ଉଭୟେ ମ୍ୟାଟ୍ରିକ ପାସକରିବା ପରେ ମାନସ ସରକାରୀ ବହୁଶିଳ୍ପ ଅନୁଷ୍ଠାନ, ଟିକରପଡା, ଶ୍ୟାମାଖୁଣ୍ଟାରେ ଇଲେକଟ୍ରିକଲ ଇଞ୍ଜିନିୟରିଙ୍ଗ ଏବଂ ଶ୍ରୀକାନ୍ତ ଯୁକ୍ତ ଦୁଇ ପରେ ପି ଆର ଏମ ମେଡିକାଲ କଲେଜରେ ପାଥୋଲଜି କୋର୍ସ କରୁଛନ୍ତି । ଶିଶୁ ଶ୍ରମିକରୁ ଉଚ୍ଚ ଶିକ୍ଷାଲାଭ ଲାଭ କରୁଥିବା ଏହି ଦୁଇ ଛାତ୍ର ସମାଜରେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି । ସେମାନଙ୍କର ଏହି ସଫଳତା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଆୟୋଜିତ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳନ ଅବସରରେ ଉଭୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଉଭୟ ବିଦ୍ୟାର୍ଥୀ ଆଗକୁ ଆହୁରି ଅଧିକ ଶିକ୍ଷା ଲାଭ କରିବାକୁ ଆଶା ରଖିଛନ୍ତି ବୋଲି ପ୍ରକାଶ କରିଥିଲେ ।






# ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

**ବେତନଟୀ,୧୩ା୬ (ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ଓଡ଼ିଶା ଜୀବିକା ମିଶନ ଏବଂ ମିଶନ ଶକ୍ତି ପକ୍ଷରୁ ଆଜି ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମକୁ ଅନୁଷ୍ଠିତ ହୋଇଛି । ବେତନଟୀ ବ୍ଲକ ଓଡ଼ିଶା ଜୀବିକା ମିଶନ ସଂଯୋଜିକା ଡ଼. ସୁଶ୍ରୀ ମଧୁଛନ୍ଦା ବେହେରାଙ୍କ ମଞ୍ଚ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ମିଶନଶକ୍ତି ବେତନଟୀ ବ୍ଲକ ସଂଯୋଜକ ରବୀନ୍ଦ୍ର କୁମାର ଚାନେ ସଂଯୋଜନା ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ମାନ୍ୟବର ବଡ଼ସାହି ବିଧାୟକ ଶ୍ରୀଯୁକ୍ତ ବିଜୁଳିଙ୍କ ସମେତ ବିଡ଼ିଓ ସୁଶାନ୍ତ କୁମାର ସୁତାର, ଏବିଡ଼ିଓ ଗଗନ ବିହାରୀ ବେହେରା, ୩୫ନଂ ଜୋନ ମଣ୍ଡଳ ସଭାପତି ଜୀବନ ପରିଡା, ୩୭ନଂ ଜୋନ ମଣ୍ଡଳ ସଭାପତି ଶାନ୍ତନୁ ପଣ୍ଡା, ୩୬ ନମ୍ବର ମଣ୍ଡଳ ସଭାପତି ରାଜୀବ ନନ୍ଦୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ସୌମ୍ୟଶ୍ରୀ ଭୋଇ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମଦନ ସିଂ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରୁଦ୍ରନାରାୟଣ ସିଂହ ପ୍ରମୁଖ ଅତିଥି ଅଧିକାରୀଗଣ ମଞ୍ଚାସିନ ଥିଲେ । ଏହି ଅବସରରେ ବେତନଟୀ ବ୍ଲକଅଧୀନ ବିଭିନ୍ନ ପଞ୍ଚାୟତରୁ ୨୦ଟି ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀ ଅଂଶଗ୍ରହଣ କରିଥିଲେ । ପ୍ରଥମସ୍ଥାନ ଅଧିକାର କରିଥିବା ରଘୁପୁର ପଞ୍ଚାୟତର ମା'ବୁଢ଼ୀ ବ୍ରାହ୍ମଣୀ ଏସଏଚଜି ଗ୍ରୁପକୁ ୫ହଜାର ଟଙ୍କା ଏବଂ ଆଗ୍ରିଆ ପଞ୍ଚାୟତର ମା'ଗାୟତ୍ରୀ ଏସଏଚଜି ଗ୍ରୁପକୁ ୪ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା ।

# ବିସ୍ଫୋରକ ଜବତ ଘଟଣା, ଜଣେ ଗିରଫ



**କଳାହାଣ୍ଡି,୧୩ା୬ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଜାମଚୁଆଁ-ଲାଖବାହିଲି ଶ୍ରୀ ଜଗନ୍ନାଥ କ୍ରସରରୁ ବିସ୍ଫୋରକ ସାମଗ୍ରୀ ଜବତ ଘଟଣାରେ ବିକ୍ରମ ଗୁପ୍ତା ନାମକ ବ୍ୟବସାୟୀଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ ଗତ ୪ ତାରିଖ କ୍ରସର୍ ପରିସରରୁ ପ୍ରାୟ ସାଢ଼େ ୬ ଟନ୍ ବିସ୍ଫୋରକ ଓ ୧୧୫ ଟି ଡିଟୋନେଟରର ଜବତ ହୋଇଥିଲା । କଣ୍ଟାବାଞ୍ଜିରୁ ୨ଟି ଗାଡ଼ିରେ ଏସବୁ ସାମଗ୍ରୀ ଆସିଥିଲା। ଏହି ଘଟଣାରେ ଜୟପାଟଣା ପୁଲିସ ପୂର୍ବରୁ କ୍ରସରର ୨କର୍ମଚାରୀଙ୍କ ସମେତ ୨ଗାଡି ଚାଳକଙ୍କୁ ଗିରଫ କରିଥିଲା । ତେବେ କ୍ରସର ଲିଜଧାରୀଙ୍କୁ ପୁଲିସ ଖୋଜୁଥିଲା । ଏଥିପାଇଁ ଜୟପାଟଣା ପୁଲିସ କୋକସରା ଓ ଜୁନାଗଡ଼ ଅଞ୍ଚଳରେ ଏକାଧିକବାର ଚଢ଼ଉ କରିଥିଲେ ମଧ କାହାକୁ ଗିରଫ କରିବାରେ ସକ୍ଷମ ହୋଇନଥିଲା । କୌଣସି ସୂତ୍ରରୁ ଖବରପାଇ କଳାହାଣ୍ଡି ପୁଲିସ ଏକ ସ୍ୱତନ୍ତ୍ର ଟିମ୍ ବିଶାଖାପାଟଣାରେ ବିକ୍ରମ ଗୁପ୍ତାକୁ ଧରିବାରେ ସକ୍ଷମ ହୋଇଛି । ବିକ୍ରମ ସମ୍ପୃକ୍ତ କ୍ରସରକୁ ଲିଜ ନେଇ ପରିଚାଳନା କରିଥିବା ପୁଲିସ ପୂର୍ବରୁ ପ୍ରମାଣ ପାଇଥିଲା । ବିକ୍ରମଙ୍କୁ ଜୟପାଟଣା ଜେଏମଏଫସି କୋର୍ଟରେ ହାଜର କରିବା ପରେ ଜାମିନ ନାମଞ୍ଜୁର ହୋଇଥିଲା । ଏହି ଘଟଣାରେ ସଂପୃକ୍ତି ଅଭିଯୋଗରେ ପୁଲିସ ବିକ୍ରମଙ୍କ ଅନ୍ୟ ଜଣେ ଭାଇଙ୍କୁ ଖୋଜୁଛି । କିଛିଦିନ ତଳେ ଏହି ବ୍ୟକ୍ତିଙ୍କ ଜୁନାଗଡ଼ ସ୍ଥିତ ଘରେ ପୁଲିସ ଚଢ଼ଉ କରିବାର କିଛି ସମୟ ପୂର୍ବରୁ ସେ ଫେରାର ହେଇଥିବା ପୁଲିସ ଜାଣି ପାରିଥିଲା । ଅଭିଯୁକ୍ତଙ୍କ ଭାଇ ଓ ତାଙ୍କୁ ଖସାଇ ଥିବା ଜୁନାଗଡ଼ର ଜଣେ ମିଲ ମାଲିକ ତଥା ଲୁଗା ବ୍ୟବସାୟୀ ମଧ ପୁଲିସ ସ୍କାନରରେ ଥିବା ଜଣାପଡ଼ିଛି ।

# ଦକ୍ଷିଣ ଓଡିଶା ରେଳ ଓ ସାମୂହିକ ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ ତରଫରୁ ରଥ ପରିକ୍ରମା

**ହିଞ୍ଜିଳିକାଟୁ,୧୩ା୬ (ସଂଚାର ବ୍ୟୁରୋ):** ଗୋପାଳପୁର -ସମ୍ବଲପୁର(ରେଢ଼ାଖୋଲ) ରେଳପଥ ନିର୍ମାଣ ଦାବିରେ ସଚେତନତା ରଥ ପରିକ୍ରମା । ଦକ୍ଷିଣ ଓଡିଶା ରେଳପଥ ଓ ସାମୁହିକ ଭିତିଭୂମି ବିକାଶ ମିଳିତ କ୍ରିୟାନୁଷ୍ଠାନ କମିଟି ଦ୍ୱାରା ହିଂଜିଳି ଠାରୁ ଆରମ୍ଭ କରି ଆସିକା, ଭଂଜନଗର, ଫୁଲବାଣୀ ପର୍ଯ୍ୟନ୍ତ ଏବଂ ଗ୍ରାମ ପଂଚାୟତ, ସଦର ମହକୁମା, ସହର ତଥା ଜିଲ୍ଲା ପର୍ଯ୍ୟନ୍ତ ଜନସାଧାରଣଙ୍କୁ ସଚେତନତାର ବାର୍ତ୍ତା ପ୍ରଚାର କରି ପ୍ରଶାସନ ଏବଂ ଶାସନ କଳରେ ବିକାଶର ଦାବି ପହଁଚାଇବା ଅଭିପ୍ରାୟରେ ଏହି ଯାତ୍ରା ଆରମ୍ଭ କରାଯାଇଥିବା ଜଣାପଡିଛି। ଦକ୍ଷିଣ ଓଡ଼ିଶାରେ ଭରପୂର ପ୍ରାକୃତିକ ସମ୍ପଦ ରହିଥିଲେ ମଧ୍ୟ ଆଜି ଦକ୍ଷିଣ ଓଡ଼ିଶା ବାସୀ ପ୍ରତ୍ୟେକ କ୍ଷେତ୍ରରେ ଅବହେଳିତ ଓ ନିଷ୍ପେସିତ।ଦକ୍ଷିଣ ଓଡ଼ିଶାରେ ବସବାସ କରୁଥିବା ଆଦିବାସୀ ଓ ଅଧିବାସୀ ମାନଙ୍କର ସର୍ବନିମ୍ନ ମୌଳିକ ଆବଶ୍ୟକତା ଆଜିସୁଦ୍ଧା ପୂରଣ ହୋଇ ପାରିଲାନାହିଁ।ଭାରତ ସ୍ୱାଧୀନ ହେବାର ପ୍ରାୟ ଅଶୀ ବର୍ଷ ଅତିକ୍ରାନ୍ତ ହେବା ପରେ ମଧ୍ୟ ଦକ୍ଷିଣ ଓଡ଼ିଶାରେ କୌଣସି କ୍ଷେତ୍ରରେ ବିଶେଷ ଉଲ୍ଲେଖନୀୟ ବିକାଶ ହୋଇନାହିଁ। ଏହି ପରିପ୍ରେକ୍ଷୀରେ ହିଞ୍ଜିଳି ସ୍ଥିତ ତହସିଲ ଅଫିସ ସମ୍ମୁଖରେ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିକାଶ ମୂଳକ ଅଭିଯାନ ଭାବେ ଆରମ୍ଭ କରାଯାଇଛି।ଅବହେଳିତ ଦକ୍ଷିଣ ଓଡିଶାର ବିକାଶର ବାର୍ତ୍ତା ଆସନ୍ତା ୧୩ ଓ ୧୪ ଦୁଇଦିନ ହିଂଜିଳି ଠାରୁ ଆରମ୍ଭ ହୋଇଛି।ଦକ୍ଷିଣ ଓଡିଶା ରେଳପଥ ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ କମିଟିର ଆବାହକ ସରୋଜ ରଞ୍ଜନ ପଟ୍ଟନାୟକ, ଦକ୍ଷିଣ ଓଡିଶା ସାମୂହିକ ଭିତିଭୂମି ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ କମିଟିର ସଭାପତି ଡ଼.ବାଳକୃଷ୍ଣ ପଣ୍ଡା, ସମାଜସେବୀ ବିନୋଦ ଠାକୁର,ଓଡିଶା ଡେଭେଲପ୍ମେଣ୍ଟ ଫୋରମର ସମ୍ପାଦକ ପ୍ରିତିଶ କୁମାର ପାଣିଗ୍ରାହୀ, ହିଞ୍ଜିଳି ଓକିଲ ସଂଘ ସଭାପତି ମୁକ୍ତିରାମ ସାବତ ଓ ବରିଷ୍ଠ ଆଇନଜୀବୀ ଦ୍ୱିତୀକୃଷ୍ଣ ସାବତ ପ୍ରମୁଖ ଯାତ୍ରାରେ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭

# ବିକଶିତ ଓଡ଼ିଶା ପାଇଁ ବିକଶିତ ଜିଲ୍ଲା ପରାମର୍ଶ କର୍ମଶାଳା ଆୟୋଜିତ

**ଜଗତସିଂହପୁର,୧୩ା୬ (ସଂଚାର ବ୍ୟୁରୋ):** ଆଜି ଅପରାହ୍ନ ରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଜିଲ୍ଲା ସ୍ତରୀୟ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭, ବିକଶିତ ଓଡ଼ିଶା ପାଇଁ ବିକଶିତ ଜିଲ୍ଲା ପରାମର୍ଶ କର୍ମଶାଳା ଆୟୋଜିତ ହୋଇଯାଇଛି।ଏହି କର୍ମଶାଳା ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମାନ୍ୟବର ମନ୍ତ୍ରୀ ଶିଳ୍ପ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସରକାର ଙ୍କ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଦ୍ୱାରା ଆଜି ରାଜ୍ୟ ସହ ଜିଲ୍ଲା ର ବିକାଶ ଘଟିଛି ବୋଲି କହିଥିଲେ। ସବକା ସାଥ ସବକା ବିକାଶ ନ୍ୟାୟରେ ୨୦୩୬ ସୁଦ୍ଧା ରାଜ୍ୟ ର ଅର୍ଥନୀତି କୁ ୫୦୦ ବିଲିଅନ ଡଲାର ରେ ପହଞ୍ଚାଇ ବିକାଶ ର ବେଗକୁ ତ୍ୱରାନ୍ୱିତ କରିବା ପାଇଁ ସେ ଆଶା ପୋଷଣ କରିଥିଲେ। ତୃଣମୂଳ ସ୍ତରରୁ ବିକାଶ ହେଲେ ଯାଇ ସାମଗ୍ରିକ ବିକାଶ ସମ୍ଭବ ବୋଲି ସେ କହିଥିଲେ।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାନ୍ୟବର ସାଂସଦ ଜଗତସିଂହପୁର ଶ୍ରୀ ବିଭୁ ପ୍ରସାଦ ତରାଇ ବିକାଶ ର ମୂଳଦୁଆ ଗ୍ରାମୀଣ କ୍ଷେତ୍ର ରୁ ହୋଇଥାଏ ବୋଲି ମନ୍ତବ୍ୟ ରଖିଥିଲେ। ଗ୍ରାମ ରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ବ୍ୟବସ୍ଥା ଆଦିର ଉନ୍ନତି ହେଲେ ଜିଲ୍ଲା ର ଉନ୍ନତି ସମ୍ଭବ ବୋଲି କହିଥିଲେ।ସଭାରେ ଉପସ୍ଥିତ ମାନ୍ୟବର ବିଧାୟକ ଜଗତସିଂହପୁର ଶ୍ରୀ ଅମରେନ୍ଦ୍ର ଦାସ ଜିଲ୍ଲା ର ଯୁବ ଶକ୍ତି ର ବିକାଶ ହେଲେ ଜିଲ୍ଲା ର ଉନ୍ନତି ସମ୍ଭବ ବୋଲି କହିଥିଲ। ଉପଯୁକ୍ତ ଶିକ୍ଷା, ଦକ୍ଷତା ବିକାଶ ସେଣ୍ଟର୍ ମିଳିଲେ ଜିଲ୍ଲା ର ଯୁବକ ମାନେ କୁଶଳୀ ହୋଇପାରିବେ। ଇଣ୍ଟିଗ୍ରେଟେଡ ସଭାରେ ଯୋଗ ଦେଇ ମାନ୍ୟବର ବିଧାୟକ ବାଲିକୁଦା ଏରସମା ଶ୍ରୀ ସାରଦା ପ୍ରସନ୍ନ ଜେନା ଜିଲ୍ଲା ରେ କୃଷି, ଶିଳ୍ପ, ମତ୍ସ୍ୟ ଆଦି କ୍ଷେତ୍ର ରେ ଥିବା ସମ୍ଭାବ୍ୟ ଉନ୍ନତି ବିଷୟରେ ଆଲୋକପାତ କରିଥିଲେ। ମାନ୍ୟବର ବିଧାୟକ ତିର୍ତ୍ତୋଲ ଡ଼ଃ ରମାକାନ୍ତ ଭୋଇ ଜିଲ୍ଲା ର ବିକାଶ ଗ୍ରାମର ବିକାଶରେ ରହିଛି ବୋଲି କହିଥିଲେ।

ଜଗତସିଂହପୁର ଜିଲ୍ଲାର ବେକାର ଯୁବକ ଯୁବତୀଙ୍କୁ ଦକ୍ଷତା ବିକାଶ ଶିକ୍ଷା ସହ କର୍ମ ସଂସ୍ଥାନ ଯୋଗାଇ ଦିଆଯାଇ ପାରିଲେ ଜିଲ୍ଲାର ଉନ୍ନତି ସମ୍ଭବ ବୋଲି ସେ କହିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ମନୋଜ କୁମାର ଭୋଇ, ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଅର୍ଚ୍ଚନା ସିଂହ, ପାରାଦ୍ୱୀପ ପୌର ପରିଷଦର ଅଧ୍ୟକ୍ଷ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ମଧ ବିକଶିତ ଓଡ଼ିଶା ପାଇଁ ବିକଶିତ ଜିଲ୍ଲା ତଥା ବିକଶିତ ଗ୍ରାମ ର ଭାଗିଦାରୀ ବିଷୟ ରେ ମତ ପ୍ରକାଶ କରିଥିଲେ। ମଞ୍ଚ ରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ଶ୍ରୀ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଶ୍ରୀ ରବି ନାରାୟଣ ଜେଠୀ ଉପସ୍ଥିତ ରହିଥିଲେ। ପରେ ପରେ ଅର୍ଥନୀତିଜ୍ଞ ମାନଙ୍କ ଦ୍ୱାରା ସତତ ବିକାଶ ଓ ଓଡ଼ିଶା ର ଭବିଷ୍ୟତ ବିଷୟ ରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଶେଷ ରେ ଡି ଡି ପ୍ଲାନିଂ ସବିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଅନ୍ତର୍ଜାତୀୟ ଶିଶୁ ଶ୍ରମିକ ନିବାରଣ ଦିବସ ପାଳିତ



**ଯାଜପୁର ରୋଡ଼,୧୩ା୬ (ସଂଚାର ବ୍ୟୁରୋ):** ତାଲୁକ ଲିଗାଲ ସର୍ଭିସ କମିଟି ଯାଜପୁର ରୋଡ ପକ୍ଷରୁ କୋରେଇ ବ୍ଲକ ତଳଗଡ ପଂଚାୟତ କାର୍ଯ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଶିଶୁ ଶ୍ରମିକ ନିବାରଣ ଦିବସ ପାଳିତ ହୋଇଛି। ଅତିଥି ଭାବେ ଯାଜପୁର ରୋଡ ସ୍ଥିତ ଜେ.ଏମ.ଏଫ.ସି.ର ସବ ଜଜ ଦେବୀଜ୍ୟୋତି ମହାପାତ୍ର ଶିଶୁ ଶ୍ରମିକ ଦେଶର ଏକ ମୁଖ୍ୟ ସମସ୍ୟା, ଏହାର ନିରାକରଣ ଆମ ସମସ୍ତଙ୍କ ଦାୟିତ୍ୱ ଓ ସେମାନେ ଆମର ଭବିଷ୍ୟତ ବୋଲି କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ସବଜଜ ପ୍ରିୟ ଦର୍ଶିନୀ କୁମ୍ବାର ଶିକ୍ଷାର ପ୍ରସାର, ସଚେତନତା ଓ ଦାରିଦ୍ର ଦୂରୀକରଣ ଫଳରେ ଶିଶୁ ଶ୍ରମିକ ରୋକାଯାଇ ପାରିବ ଓ ଏହା ଆଜି ବିଶ୍ୱ ସମସ୍ୟା ହୋଇଛି । ଏହାର ନିରାକରଣ ପାଇଁ ସମସ୍ତଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱ ବୋଲି କହିଥିଲେ । ବରିଷ୍ଠ ଆଇନଜୀବି ମାନସ ଗୋସ୍ୱାମୀ, ସରପଂଚ ସନ୍ତୋଷ କୁମାର ସ୍ୱାଇଁ, ସାମ୍ବାଦିକ ପବିତ୍ର ମୋହନ ରାଉତ ରାୟ, ହେମନ୍ତ ଜେନା, ବିଦୁଭୂଷଣ ମଲ୍ଲିକ, ଅଞ୍ଜନ କୁମାର ନାୟକ ଓ ଶ୍ୟାମ ସୁନ୍ଦର ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ବରିଷ୍ଠ ଆଇନଜୀବି ସରୋଜ କୁମାର ପଣ୍ଡା ସଭା ପରିଚାଳନା କରିଥିଲେ ।

# କୁଡୁମୀ ମହାନ୍ତଙ୍କୁ ଆଦିବାସୀ ମାନ୍ୟତା ଦାବି

**ବୈଶିଙ୍ଗା,୧୩ା୬ (ସଂଚାର ବ୍ୟୁରୋ):** ପୂର୍ବ ଭାରତର ୭ ରାଜ୍ୟରେ ମହାନ୍ତ ଭାଷାଭାଷି ଅଞ୍ଚଳରେ କୁଡୁମୀ ସମ୍ପ୍ରଦାୟ ଦୀର୍ଘ ଦିନ ଧରି ତାଙ୍କୁ ଆଦିବାସୀ ମାନ୍ୟତା ଦେବାକୁ ଦାବୀ କରି ଆସୁଛନ୍ତି। ଦେଶ ସ୍ୱାଧୀନ ହେବାପରେ ସମାଜରେ ଆଦିବାସୀ ମାନ୍ୟତା ପାଇ ଆସୁଥିବା ବେଳେ ୧୯୫୮ ମସିହାଠାରୁ ତତ୍କାଳୀନ କେନ୍ଦ୍ର ସରକାର ତାଙ୍କୁ ସାଧାରଣ ବର୍ଗ ଭାବେ ଆଇନ ପରିଣତ କରିଥିବା ଅଭିଯୋଗ କରୁଛନ୍ତି। ସେଥିପାଇଁ ମହାନ୍ତ ମହାସଭା ,କୁଡୁମୀ ସମାଜ ନାମରେ ସଙ୍ଗଠନ କରି ତାଙ୍କୁ ପୁଣି ଆଦିବାସୀ ମାନ୍ୟତା ଦେବାପାଇଁ ଆନ୍ଦୋଳନ କରି ଆସୁଛନ୍ତି। ଏହାକୁ ଅଧିକ ତୀବ୍ରତର କରିବା ପାଇଁ ବେତନଟୀ ଅଞ୍ଚଳର ସଂଗ୍ରାମୀ ଯୁବକ ଜୈମୁନୀ କୁମାର ମହାନ୍ତ "କୁଡୁମୀ ସେନା" ନାମରେ ଏକ ଆନ୍ତଃରାଜ୍ୟ ସଙ୍ଗଠନ ଗଠନ କରି ଏହାର ରାଜ୍ୟ ସଭାପତି ଭାବେ କାର୍ଯ୍ୟ କରି ବିଭିନ୍ନ ପ୍ରାନ୍ତ ବୁଲି ବୁଲି ସଙ୍ଗଠନକୁ ମଜବୁତ୍ କରିବାରେ ଲାଗି ପଡି ଥିବାର ଲକ୍ଷ୍ୟ କରାଯାଇଛି।

ଇତି ମଧ୍ୟରେ ଏହି ସଙ୍ଗଠନର ୧୩ତମ ପ୍ରତିଷ୍ଠା ଦିବସ ଜୁନ ୩ ତାରିଖରେ ପାଳିତ ହୋଇ ଯାଇଛି । ଓଡ଼ିଶା ସମେତ ପଶ୍ଚିମବଙ୍ଗ , ବିହାର, ଝାଡଖଣ୍ଡ, ଆସାମ, ମଧ୍ୟପ୍ରଦେଶ, ଛତିଶଗଡ ଆଦି ରାଜ୍ୟର ବିଭିନ୍ନ ସ୍ଥାନରେ ବୈଠକ ମାନ କରି ମହାନ୍ତ ସମ୍ପ୍ରଦାୟଙ୍କୁ ଏକଜୁଟ କରିବାରେ ଲାଗି ପଡ଼ିଛନ୍ତି।ଶହ ଶହ କୁଡୁମୀ ସେନାର ସଦସ୍ୟଙ୍କ ଗହଣରେ ଦିଲ୍ଲୀ ଓ ଭୁବନେଶ୍ୱର ସମେତ ଉପରୋକ୍ତ ୭ଟି ରାଜ୍ୟର ରାଜଧାନୀରେ ବହୁ ବାର ବିକ୍ଷୋଭ ପ୍ରଦର୍ଶନ ମଧ କରିଥିବାର ରାଜ୍ୟ ସଭାପତି ଜୈମୁନୀ ମହାନ୍ତ ପ୍ରକାଶ କରିଛନ୍ତି । ଆଦିବାସୀ ମାନ୍ୟତା ସାଙ୍ଗକୁ କୁଡୁମାଲି ଭାଷାକୁ ମାନ୍ୟତା ଦେବା ସହିତ ତାଙ୍କର ରିତିନୀତି, ପର୍ବପର୍ବାଣୀ, ସଂସ୍କୃତି, ପରମ୍ପରା କୁ ବଜାୟ ରଖିବା ଲକ୍ଷ୍ୟରେ ବିଭିନ୍ନ ସ୍ଥାନରେ ବୈଠକ କରି ଜୈମୁନି ମହାନ୍ତି ସଙ୍ଗଠନକୁ ସୁଦୃଢ଼ କରି ପାରିଛନ୍ତି। କେନ୍ଦ୍ର ସରକାର ଏହି କୁଡୁମୀ ସମ୍ପ୍ରଦାୟ ଙ୍କୁ ଆଦିବାସୀ ମାନ୍ୟତା ଦେବାର ଚିନ୍ତା କରୁଥିବା ଆଶା କରାଯାଉଛି।







# ବେତନଟୀ ରୋଗୀକଲ୍ୟାଣ ସମିତି ବୈଠକ

**ବେତନଟୀ,୧୩ା୬ (ସଂଚାର ବ୍ୟୁରୋ):** ବେତନଟୀ ଡାକ୍ତରଖାନା ସଭାଗୃହରେ ରୋଗୀକଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡାକ୍ତରଖାନା ଅଧିକାରୀ ସିପୁନ କୁମାର ପଣ୍ଡା ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି, ସମ୍ମାନିତ ଅତିଥି ଭାବେ ବେତନଟୀ ବିଡ଼ିଓ ସୁଶାନ୍ତ କୁମାର ସୁତାର ମଞ୍ଚାସୀନ ଥିଲେ। ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ର ଆବଶ୍ୟକ ଭିତିଭୂମିର ବିକାଶ, ଜମି ବିବାଦର ସମାଧାନ , ଗୃହ ନିର୍ମାଣ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂସଦ ପ୍ରତିନିଧି ପ୍ରଦୀପ କୁମାର ପରିଡ଼ା, ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡା, ରୋଗୀ କଲ୍ୟାଣ ସମିତିର ସଦସ୍ୟ ଚୂଡ଼ାମଣି ମହାପାତ୍ର, ଛତିଶଚନ୍ଦ୍ର ପାତ୍ର, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ମଞ୍ଜୁଶ୍ରୀ ଦାସ, ବିପିଓ ସସ୍ମିତା ଦାଶ, ଅମିତାଭ ଦାଶ, ସନ୍ତୋଷ ଗିରି , କେଶବ ନାଥ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।